# ନିତିଦିନ NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

TUESDAY 28 OCTOBER 2025
ମଙ୍ଗଳବାର ୨୮ ଅକ୍ଟୋବର ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 162 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୧୬୨ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର








## ମାଡ଼ି ଆସୁଛି ‘ମୋନ୍ଥା’

### ଦେଖାଇଲାଣି ତୋଡ଼..ଗର୍ଜିଲାଣି ସମୁଦ୍ର.. ଘୋଟିଲାଣି କଳାମେଘ

# ଲ୍ୟାଣ୍ଡ୍‌ଫଲ୍ କାଉଣ୍ଟ୍‌ଡାଉନ୍ ଆରମ୍ଭ

**ଭୁବନେଶ୍ୱର,୨୭।୧୦/ଏନ୍‌ଏନ୍‌ଏସ୍:**



- ଘଣ୍ଟାପ୍ରତି ୧୮ କିମି ବେଗରେ ଗତି କରୁଛି ‘ମୋନ୍ଥା’
- ମଙ୍ଗଳବାର ସନ୍ଧ୍ୟା କିମ୍ବା ରାତିରେ କରିବ ଲ୍ୟାଣ୍ଡ୍‌ଫଲ୍
- ମଛଲିପଟ୍ଟନମ୍-କଳିଙ୍ଗପଟ୍ଟନମ୍ ମଝି କାକିନାଡ଼ାରେ ସ୍ଥଳଭାଗ ଛୁଇଁବ
- ଲ୍ୟାଣ୍ଡ୍‌ଫଲ୍‌ବେଳେ ପବନର ସର୍ବାଧିକ ବେଗ ରହିବ ୧୧୦ କିମି
- ଦକ୍ଷିଣ ଓଡ଼ିଶା ଦେଇ ଛତିଶଗଡ଼ ମୁହାଁଇବ ‘ମୋନ୍ଥା’
- ଓଡ଼ିଶାରେ ପହଞ୍ଚିଲାବେଳକୁ ହୋଇସାରିଥିବ ଦୁର୍ବଳ: ଆଇଏମ୍‌ଡି ଡିଜି
- ଦକ୍ଷିଣ ଓଡ଼ିଶାର ୮ଜିଲ୍ଲାରେ ୩୦ ଯାଏଁ ସ୍କୁଲ୍ ଛୁଟି ଘୋଷଣା

ଗଭୀର ସମୁଦ୍ରରେ ବଳ ଗୋଟାଉଛି ବାତ୍ୟା ‘ମୋନ୍ଥା’। ଆସନ୍ତାକାଲି ଅର୍ଥାତ ମଙ୍ଗଳବାର ସନ୍ଧ୍ୟାରୁ ଲ୍ୟାଣ୍ଡ୍‌ଫଲ୍ ନେଇ ଆଜିଠୁ ଆରମ୍ଭ ହୋଇଯାଇଛି କାଉଣ୍ଟ୍‌ଡାଉନ୍। ସ୍ଥଳଭାଗରେ ୧୧୦ କିମି ବେଗରେ ମାଡ଼ ହେବ ସାମୁଦ୍ରିକ ଝଡ଼। ଆଇଏମ୍‌ଡିର ଅନୁମାନ ବାତ୍ୟା ଦକ୍ଷିଣ ଓଡ଼ିଶା ଦେଇ ଛତିଶଗଡ଼ ମୁହାଁ ହେବ। ଅଶାନ୍ତ ସମୁଦ୍ରରୁ ମାଡ଼ି ଆସୁଛି ବାତ୍ୟା। ମଝିରେ ଆଉ ମାତ୍ର ୨୪ ଘଣ୍ଟା ବାକି। ଆରମ୍ଭ ହେଲାଣି ‘ମୋନ୍ଥା’ର ଲ୍ୟାଣ୍ଡ୍‌ଫଲ୍ କାଉଣ୍ଟ୍‌ଡାଉନ୍। ବଙ୍ଗୋପସାଗରରେ ଭୀଷଣ ରୂପ ଧରି ସ୍ଥଳଭାଗ ମୁହାଁ ସାଇକ୍ଲୋନ୍‌ର ଏବେ ଘଣ୍ଟା ପ୍ରତି ବେଗ ୧୮ କିମି। କାକାଡ଼ିନାଡ଼ା ଠାରୁ ୫୦୦ ଓ ଗୋପାଳପୁର ଠାରୁ ୭୦୦ କିମି ଦୂର ଗଭୀର ସମୁଦ୍ରରେ ଆହୁରି ବଳ ଗୋଟାଉଛି, ଘଣ୍ଟା ପ୍ରତି ୮୦ କିମି ବେଗରେ ପବନ ବହୁଛି। ଭୀଷଣ ବାତ୍ୟାର ରୂପ ନେଇ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗ ମୁହାଁ ହୋଇ ସ୍ଥଳଭାଗ ଛୁଇଁବ। ଭାରତୀୟ ପାଣିପାଗ ବିଭାଗର ପୂର୍ବ ଆକଳନ ମୁତାବକ ମଙ୍ଗଳବାର ସନ୍ଧ୍ୟାରୁ ମଧ୍ୟରାତ୍ରୀ ଭିତରେ ଆନ୍ଧ୍ରପ୍ରଦେଶର ମଛଲିପଟ୍ଟନମ୍ ଓ କଳିଙ୍ଗପଟ୍ଟନମ୍ ମଝି କାକିନାଡ଼ା ବାଟେ ଅତିକ୍ରମ କରିବ।

ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇ କହିଛନ୍ତି ଯେ କାକିନାଡ଼ାରେ ବାତ୍ୟା ଲ୍ୟାଣ୍ଡ୍‌ଫଲ୍‌ବେଳେ ପବନର ସର୍ବାଧିକ ବେଗ ଘଣ୍ଟାପ୍ରତି ୯୦ରୁ ୧୦୦ କିମି, ଏପରିକି ଅତିବେଶୀରେ ୧୧୦ କିମି ଛୁଇଁପାରେ। କାକିନାଡ଼ା ଜିଲ୍ଲା ପ୍ରଶାସନ ଡେରା ପକାଇ ସ୍ଥିତି ଉପରେ କଡ଼ା ନଜର ରଖିଛି। ମତ୍ସ୍ୟଜୀବୀଙ୍କୁ ସ୍ଥାନ ଛାଡ଼ି ଚାଲିଯିବାକୁ ପରାମର୍ଶ ଦେବା ସହ ବାତ୍ୟା ମୁକାବିଲା ପାଇଁ ଆବଶ୍ୟକୀୟ ସାମଗ୍ରୀ ମହଜୁଦ କରୁଛି। ତେବେ ଲ୍ୟାଣ୍ଡ୍‌ଫଲ ବେଳେ କେଉଁ ଦିଗକୁ ମୋଡ଼ି ହେବ ‘ମୋନ୍ଥା’? କେତେ ପର୍ଯ୍ୟନ୍ତ ରହିବ କୋପ ?ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ଅଧିକ ସୂଚନା ଦେଇ କହିଛନ୍ତି ଯେ

▶▶ ୫

#### ସରକାରଙ୍କ ଲକ୍ଷ୍ୟ

## ଜିରୋ କାଜୁଆଲିଟି

**ଭୁବନେଶ୍ୱର,୨୭।୧୦/ଏନ୍‌ଏନ୍‌ଏସ୍:**



କେହି ଭୟଭୀତ ହୁଅନ୍ତୁ ନାହିଁ, ଜିରୋ କାଜୁଆଲିଟି ଆମର ଲକ୍ଷ୍ୟ। ସରକାର ଜନଜୀବନ ହାନୀ ନହେବା ଉପରେ ସର୍ବାଧିକ ଗୁରୁତ୍ୱାରୋପ କରୁଛନ୍ତି। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ପୂର୍ବ ପ୍ରସ୍ତୁତି ସମ୍ପର୍କିତ ବୈଠକ ପରେ ଏହା କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ।ଆଜି ଶ୍ରୀ ପୂଜାରୀ, ଉନ୍ନୟନ କମିଶନର ଅନୁ ଗର୍ଗ, ସ୍ୱତନ୍ତ୍ର ରିଲିଫ୍‌କମିଶନର ଦେଓରଞ୍ଜନ କୁମାର ସିଂ, ଅଗ୍ନିଶମ ଡି.ଜି. ସୁଧାଂଶୁ ଷଡଙ୍ଗୀଙ୍କ ସମେତ ଅନ୍ୟ ସମସ୍ତ ବିଭାଗର ଶାସନ ସଚିବ, ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହିତ ବାତ୍ୟା ପ୍ରସ୍ତୁତି ସଂପର୍କରେ ଆଲୋଚନା କରିଛନ୍ତି। ଏହି ବିଭାଗଗୁଡ଼ିକ ସେମାନଙ୍କର ଜିଲ୍ଲାୱାରୀ ସମୀକ୍ଷା ବୈଠକ ଓ ବାତ୍ୟା ପୂର୍ବପ୍ରସ୍ତୁତି ସଂପର୍କରେ ରାଜସ୍ୱ ମନ୍ତ୍ରୀଙ୍କୁ

▶▶ ୫

### ● ନିର୍ବାଚନ ଆୟୋଗଙ୍କ ବଡ଼ ଘୋଷଣା

## ୧୨ ପ୍ରଦେଶରେ ଲାଗୁ ହେବ ଏସ୍‌ଆଇଆର୍

**ନୂଆଦିଲ୍ଲୀ,୨୭।୧୦/ଏଜେନ୍ସି:**



ଦ୍ୱିତୀୟ ପର୍ଯ୍ୟାୟ ସ୍ୱତନ୍ତ୍ର ପୁଙ୍ଖାନୁପୁଙ୍ଖ ପୁନଃନିରୀକ୍ଷଣ ବା ଏସ୍‌ଆଇଆର୍-୨.୦ ଖୁବ୍‌ଶୀଘ୍ର ଆରମ୍ଭ ହେବ। ଏସ୍‌ଆଇଆର୍‌ର ଏହା ଦ୍ୱିତୀୟ ପର୍ଯ୍ୟାୟ ହୋଇଥିବାରୁ ଏହାକୁ ଏସ୍‌ଆଇଆର୍-୨.୦ ଭାବେ ନାମିତ କରାଯାଉଛି। ଏହି ପର୍ଯ୍ୟାୟ ପାଇଁ ୧୨ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ମନୋନୀତ କରାଯାଇଛି। ତେବେ ଏହି ୧୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରୁ ଆସନ୍ତା ବର୍ଷ ବିଧାନସଭା ନିର୍ବାଚନର ସମ୍ମୁଖୀନ ହେବାକୁ ଥିବା ୫ ରାଜ୍ୟ ମଧ୍ୟରୁ ୪ ରାଜ୍ୟ ସାମିଲ ରହିଛନ୍ତି। କେବଳ ଆସାମ୍‌କୁ ଏବେ ଏହି ପ୍ରକ୍ରିୟାରୁ ବାଦ୍ ଦିଆଯାଇଛି।

ଭାରତର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ଏ ନେଇ ସୂଚନା ଦେଇଛନ୍ତି। ଜ୍ଞାନେଶ କୁମାର କହିଛନ୍ତି, ଯେଉଁ ୧୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏସ୍‌ଆଇଆର୍ କାର୍ଯ୍ୟକାରୀ କରାଯିବ ସେଥିମଧ୍ୟରେ ଆଣ୍ଡାମାନ ନିକୋବର, ଛତିଶଗଡ଼, ଗୋଆ, ଗୁଜରାଟ, କେରଳ, ଲାକ୍ଷାଦ୍ୱୀପ, ମଧ୍ୟପ୍ରଦେଶ, ପୁଡୁଚେରୀ, ରାଜସ୍ଥାନ, ତାମିଲନାଡ଼ୁ, ଉତ୍ତର ପ୍ରଦେଶ ଏବଂ ପଶ୍ଚିମବଙ୍ଗ ଆଦି ସାମିଲ ଅଛନ୍ତି। ପ୍ରକାଶ, ପୂର୍ବରୁ ଆସାମକୁ ମଧ୍ୟ ଏହି ପର୍ଯ୍ୟାୟ ପାଇଁ ସାମିଲ କରାଯାଇପାରେ ବୋଲି ଅନୁମାନ କରାଯାଉଥିଲା। କିନ୍ତୁ ନିର୍ବାଚନ କମିଶନ ଆସାମ୍‌କୁ ବର୍ତ୍ତମାନ ସମୟ ପାଇଁ ବାଦ୍ ଦେଇଛନ୍ତି। ଏସମ୍ପର୍କରେ ପଚରାଯିବାରୁ, ନିର୍ବାଚନ ଆୟୁକ୍ତ ଜ୍ଞାନେଶ କହିଛନ୍ତି ଯେ

▶▶ ୫

#### ସମ୍ପତ୍ତି ବିବରଣୀ ଦାଖଲ ନକଲେ

## ହେବନି ପଦୋନ୍ନତି

**ଭୁବନେଶ୍ୱର,୨୭।୧୦/ଏନ୍‌ଏନ୍‌ଏସ୍:**

ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବାର୍ଷିକ ସମ୍ପତ୍ତି ବିବରଣୀ ଦାଖଲ ନକଲେ କର୍ମଚାରୀମାନେ ପଦୋନ୍ନତି ପାଇଁ ଯୋଗ୍ୟ ହେବେ ନାହିଁ ବୋଲି ଓଡ଼ିଶା ସରକାର ସ୍ପଷ୍ଟ କରିଛନ୍ତି। ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ,

### ସରକାରୀ ବାବୁଙ୍କୁ ଛାଟ

ଆରଡିସି ଏବଂ ଜିଲ୍ଲାପାଳଙ୍କୁ ଏ ସମ୍ପର୍କରେ ଏକ ନିର୍ଦ୍ଦେଶ ଜାରି କରାଯାଇଛି। ଅନେକ ସରକାରୀ କର୍ମଚାରୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ୨୦୨୪ବର୍ଷର ସେମାନଙ୍କର ବାର୍ଷିକ ସମ୍ପତ୍ତି ବିବରଣୀ ଦାଖଲ କରିନାହାନ୍ତି। ସମ୍ପତ୍ତି ବିବରଣୀ ଦାଖଲ କରିବାର ଶେଷ ତାରିଖ ବୃଦ୍ଧି କରାଯିବ ନାହିଁ। ବହୁ ସଂଖ୍ୟକ କର୍ମଚାରୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏଚ୍‌ଆର୍‌ଏମ୍‌ଏସ୍ ପୋର୍ଟାଲ୍ ମାଧ୍ୟମରେ ସେମାନଙ୍କର ବାର୍ଷିକ ସମ୍ପତ୍ତି

▶▶ ୫






### ମୁମ୍ବାଇରେ ଭାରତ ସାମୁଦ୍ରିକ ସପ୍ତାହ-୨୦୨୫

## ୫୦ ହଜାର କୋଟି ଟଙ୍କାର ଏମ୍‌ଓୟୁ



**ଭୁବନେଶ୍ୱର,୨୭।୧୦/ଏନ୍‌ଏନ୍‌ଏସ୍:**

ଦୃଢ଼ ବନ୍ଦର-ଭିତ୍ତିକ ଅର୍ଥନୀତି ନିମନ୍ତେ ଓଡ଼ିଶା ସରକାର ପ୍ରତିବଦ୍ଧ। ଆଗାମୀ ୨୫ ବର୍ଷ ପାଇଁ ଭାରତର ଅଭିବୃଦ୍ଧି ଯାତ୍ରାକୁ ଆଗାଇ ନେବା ଉଦ୍ଦେଶ୍ୟରେ ବନ୍ଦରଗୁଡ଼ିକୁ ବାଣିଜ୍ୟ, ଶିଳ୍ପ ଓ ନିଯୁକ୍ତିର ଇଞ୍ଜିନରେ ଭାବେ ପରିଣତ କରିବାକୁ ପଡ଼ିବ। ୨୦୪୭ ସୁଦ୍ଧା ଓଡ଼ିଶାର ବନ୍ଦର କ୍ଷମତା ୫୦୦ ନିୟୁତ ଟନ୍ ହେବା ନେଇ ଲକ୍ଷ୍ୟ ରହିଛି। ସେଥିପାଇଁ ବିଭିନ୍ନ କମ୍ପାନୀ ସହିତ ୫୦ ହଜାର କୋଟି ଟଙ୍କାର ବୁଝାମଣା ପତ୍ର ସ୍ୱାକ୍ଷର (ଏମ୍‌ଓୟୁ) ହୋଇଛି। ସେଥିମଧ୍ୟରେ ହଜାରେ କୋଟିର କ୍ରୁଜ୍ ଟର୍ମିନାଲ ବିକାଶ ଓ କ୍ରୁଜ୍ ଟର୍ମିନାଲ ପାଇଁ ହୋଇଥିବା ଏମଓୟୁ ଅନ୍ୟତମ।ମୁମ୍ବାଇରେ ଅନୁଷ୍ଠିତ ଭାରତ ସାମୁଦ୍ରିକ ସପ୍ତାହ (ଆଇଏମ୍‌ଡବ୍ଲ୍ୟୁ) ୨୦୨୫ ଉଦ୍‌ଘାଟନୀ

### ୨୦୪୭ ସୁଦ୍ଧା ଓଡ଼ିଶାର ବନ୍ଦର କ୍ଷମତା ୫୦୦ ନିୟୁତ ଟନ୍ : ମୁଖ୍ୟମନ୍ତ୍ରୀ

ଅଧିବେଶନରେ ଯୋଗ ଦେଇ ସୋମବାର ଏହା କହିଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

କେନ୍ଦ୍ର ସ୍ୱରାଷ୍ଟ୍ର ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ ଆଜି ମହାରାଷ୍ଟ୍ରର ମୁମ୍ବାଇଠାରେ ‘ଇଣ୍ଡିଆ ମାରିଟାଇମ୍ ୱିକ୍ - ୨୦୨୫’ (ଭାରତ ସାମୁଦ୍ରିକ ସପ୍ତାହ) ଉଦଘାଟନ କରିଛନ୍ତି। ଏହି ଅବସରରେ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ୍, ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, ଗୋଆର ମୁଖ୍ୟମନ୍ତ୍ରୀ ଡକ୍ଟର ପ୍ରମୋଦ ସାୱନ୍ତ, ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଓ ଅଜିତ ପାୱାର ଏବଂ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କ ସମେତ ଅନ୍ୟ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ଏବଂ ଭାରତୀୟ

▶▶ ୫

# ପ୍ରଚାର ମୈଦାନରେ ଜୟ ଢୋଲକିଆଙ୍କ ମା’

**ନୂଆପଡ଼ା, ଭୁବନେଶ୍ୱର,୨୭।୧୦/ଏନ୍ଏନ୍ଏସ୍:** ପୂର୍ବତନ ମନ୍ତ୍ରୀ ତଥା ଦିବଙ୍ଗତ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ସ୍ୱର୍ଗବାସ ପରେ ବର୍ତ୍ତମାନ ନୂଆପଡ଼ାରେ ଚାଲିଛି ବିଧାନସଭା ଉପନିର୍ବାଚନ। ନିର୍ବାଚନୀ ମଇଦାନରେ ରାଜେନ୍ଦ୍ରଙ୍କ ପୁଅ ଜୟ ଢୋଲକିଆ ବିଜେପି ପକ୍ଷରୁ ପ୍ରାର୍ଥୀ ହୋଇଛନ୍ତି। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କଠୁଁ ଆରମ୍ଭ କରି ଅନେକ ନେତା, ମନ୍ତ୍ରୀ ଓ ସାଂସଦ ବର୍ତ୍ତମାନ ନୂଆପଡ଼ାରେ କରୁଛନ୍ତି ନିର୍ବାଚନୀ ପ୍ରଚାର। ଏହା ବ୍ୟତୀତ ଆଜି ନିର୍ବାଚନୀ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି ଜୟଙ୍କ ମାତା କଳ୍ପନା ଢୋଲକିଆ। ସାଂସଦ ନବଚରଣ ମାଝୀ, ବିଜେପି ରାଜ୍ୟ ସମ୍ପାଦକ ଭଗବାନ ମହାନ୍ତିଙ୍କ ସହ ମିଶି ନୂଆପଡ଼ା ବ୍ଲକ୍ ସାହିପଲକ୍ଷ ଗ୍ରାମପଞ୍ଚାୟତରେ ନିର୍ବାଚନ ପ୍ରଚାର କରିଛନ୍ତି। ନିର୍ବାଚନୀ ସଭାରେ ବ୍ୟାପକ ଜନସମାଗମ ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ବିଜେପିର ବିଧାୟକ ପ୍ରାର୍ଥୀ ଜୟ ଢୋଲକିଆଙ୍କ ସମର୍ଥନରେ ରାଜ୍ୟ ସଭାପତି ଠୁ ଆରମ୍ଭ କରି ମନ୍ତ୍ରୀ, ସାଂସଦ, ବିଧାୟକ ନୂଆପଡ଼ାରେ ଡେରା ପକାଇଛନ୍ତି । ସକାଳୁ ରାତି ଯାଏଁ ଚାଲିଛି ପ୍ରଚାର । ବିଭିନ୍ନ ଢଙ୍ଗରେ ପ୍ରଚାର କରୁଛନ୍ତି ପ୍ରାର୍ଥୀ ଓ ତାଙ୍କ ସମର୍ଥକ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର୍ ଟୁଡୁ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଟିଟିଲାଗଡ଼ ବିଧାୟକ ନବୀନ ଜେନ, ଭଟଲି ବିଧାୟକ ଇରାଶିଷ୍ ଆଚାର୍ଯ୍ୟ ପ୍ରମୁଖ ପଦଯାତ୍ରା କରି ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ସପକ୍ଷ ଭୋଟ ଭିକ୍ଷା କରିଛନ୍ତି।

# ବାତ୍ୟା ‘ମୋନ୍ଥା’: ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଦ୍ୱାରା ବ୍ୟାପକ ପ୍ରସ୍ତୁତି

**ଭୁବନେଶ୍ୱର,୨୭।୧୦/ଏନ୍ଏନ୍ଏସ୍:** ବଙ୍ଗୋପସାଗର ଉପରେ ଘୂର୍ଣ୍ଣିଝଡ଼ ମୋନ୍ଥାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଯାତ୍ରୀ ଏବଂ ରେଳ ସମ୍ପତ୍ତିର ନିରାପତ୍ତା ଏବଂ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବ୍ୟାପକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛି। ପରିସ୍ଥିତିର ନିକଟତର ତଦାରଖ ପାଇଁ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଏହାର ମୁଖ୍ୟାଳୟରେ ୨୪ ଘଣ୍ଟିଆ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷକୁ ସକ୍ରିୟ କରିଛି। ସମନ୍ୱୟ ଏବଂ ବାସ୍ତବ-ସମୟ ମୂଲ୍ୟାଙ୍କନ ପାଇଁ ରେଳପଥର ମୁଖ୍ୟାଳୟ ରେଳ ସଦନରେ ବିପର୍ଯ୍ୟୟ ପରିଚାଳନା ସେଲ୍ ଚବିଶ ଘଣ୍ଟିଆ କାର୍ଯ୍ୟ କରୁଛି। ଘୂର୍ଣ୍ଣିଝଡ଼ ସମୟରେ ନିରନ୍ତର ସଂଯୋଗ ବଜାୟ ରଖିବା ପାଇଁ ସାଟେଲାଇଟ୍ ଯୋଗାଯୋଗ ବ୍ୟବସ୍ଥାକୁ ପ୍ରସ୍ତୁତ ରଖାଯାଇଛି। ପୂର୍ବତଟ ରେଳପଥ ଅତିରିକ୍ତ ମହାପ୍ରବନ୍ଧକ ବି. ଶ୍ରୀକୃଷ୍ଣ ରାଜକୁମାର ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠୀଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକର ଅଧ୍ୟକ୍ଷତା କରି ପ୍ରସ୍ତୁତି ପଦକ୍ଷେପ ସମୀକ୍ଷା କରିଛନ୍ତି। ସେ ଯାତ୍ରୀମାନଙ୍କ ପ୍ରତି ଶୂନ୍ୟ ବିପଦ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିବାବେଳେ ସମସ୍ତ କ୍ଷେତ୍ର ୟୁନିଟ୍‌କୁ ସର୍ବାଧିକ ସତର୍କତା ନଜରରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଘୂର୍ଣ୍ଣିଝଡ଼ ପ୍ରଭାବ ପରେ ଟ୍ରାକ୍, ସିଗନାଲିଂ ସିଷ୍ଟମ୍, ଓଏଚ୍ଇ ଏବଂ ବିଦ୍ୟୁତିକରଣ ଭିତ୍ତିଭୂମିର ତୁରନ୍ତ ପୁନରୁଦ୍ଧାର ପାଇଁ ସ୍ୱତନ୍ତ୍ର ଦଳଗୁଡ଼ିକୁ ନିୟୋଜିତ କରାଯାଇଛି। ରେଳ ପରିସର ନିକଟରେ ସମସ୍ତ ହୋର୍ଡିଂ, ଲୁଜ୍ ସିଟ୍ ଏବଂ ନିର୍ମାଣ ସାମଗ୍ରୀକୁ ସୁରକ୍ଷିତ ରଖାଯାଇଛି। ଫୁଟ ଓଭର ବ୍ରିଜ୍ ଏବଂ ସିଓପି ଛାତ ସିଟ୍‌ଗୁଡ଼ିକୁ ପବନ ପ୍ରତିରୋଧକ ସହିତ ବାନ୍ଧି ଦିଆଯାଉଛି। ବାଧା ଏଡ଼ାଇବା ପାଇଁ ରେଳ ଟ୍ରାକ୍ ନିକଟରେ ଥିବା ଗଛଗୁଡ଼ିକୁ କଟାଯାଉଛି। ସୁଗମ ଜଳ ନିଷ୍କାସନ ମାର୍ଗ ପାଇଁ ଡ୍ରେନେଜ୍ ଲାଇନ୍ ସଫା କରି ନିମ୍ନଭାଗ ଏବଂ ଜଳ ଜମା-ପ୍ରବଣ ଅଞ୍ଚଳଗୁଡ଼ିକୁ କଡ଼ାକଡ଼ି ତଦାରଖ କରାଯାଉଛି। ବାତ୍ୟା ପ୍ରଭାବିତ ଅଞ୍ଚଳରେ ପବନର ତୀବ୍ରତା ଏବଂ ଟ୍ରାକ୍ ସୁରକ୍ଷା ଉପରେ ନିର୍ଭର କରି ଟ୍ରେନ ସେବା ବାତିଲ, ଆଂଶିକ ବାତିଲ, ଡାଇଭର୍ଟ କିମ୍ବା ନିୟନ୍ତ୍ରିତ କରାଯିବ। ବିଦ୍ୟୁତ ବିଭ୍ରାଟ ହେଲେ ଟ୍ରେନ ଚଳାଚଳ ସୁନିଶ୍ଚିତ କରିବା ପାଇଁ ଡିଜେଲ ଲୋକୋମୋଟିଭ୍ ମହଜୁଦ ରଖାଯାଇଛି। ୨୭ ତାରିଖରେ ବିଶାଖାପାଟଣାରୁ ଏବଂ ୨୮ ତାରିଖରେ ବ୍ରହ୍ମପୁରରୁ ୧୮୫୨୬/୧୮୫୨୫ ବିଶାଖାପାଟଣା-ବ୍ରହ୍ମପୁର-ବିଶାଖାପାଟଣା ଏକ୍ସପ୍ରେସ ବାତିଲ ରହିବ। ୨୭ ତାରିଖରେ ବିଶାଖାପାଟଣାରୁ ଏବଂ ୨୯ ତାରିଖରେ ଅମୃତସରରୁ ୨୦୮୦୫/୨୦୮୦୬ ବିଶାଖାପାଟଣା-ଅମୃତସର-ବିଶାଖାପାଟଣା ଏକ୍ସପ୍ରେସ ବାତିଲ ରହିବ। ୨୮ ଅକ୍ଟୋବର ୨୦୨୫ରେ ଉଭୟ ପାର୍ଶ୍ୱରୁ ୬୭୨୮୯/୬୭୨୯୦ ବିଶାଖାପାଟଣା-ପଲାସା-ବିଶାଖାପାଟଣା ମେମୁ ଏବଂ ୫୮୫୩୧/୫୮୫୩୨ ବ୍ରହ୍ମପୁର-ବିଶାଖାପାଟଣା-ବ୍ରହ୍ମପୁର ପାସେଞ୍ଜର ବାତିଲ ରହିବ। ୨୮ ତାରିଖରେ କଟକରୁ ଏବଂ ୨୯ ଅକ୍ଟୋବର ୨୦୨୫ ରେ ଗୁଣୁପୁରରୁ ୬୮୪୩୩/୬୮୪୩୪ କଟକ-ଗୁଣୁପୁର-କଟକ ମେମୁ ବାତିଲ ରହିବ। ୨୮ ଅକ୍ଟୋବର ୨୦୨୫ରେ ଭୁବନେଶ୍ୱରରୁ ଛାଡୁଥିବା ୧୮୪୬୩ ଭୁବନେଶ୍ୱର-ବେଙ୍ଗାଲୁରୁ ପ୍ରଶାନ୍ତି ଏକ୍ସପ୍ରେସ, ୧୭୦୧୫ ଭୁବନେଶ୍ୱର-ସିକନ୍ଦରାବାଦ ବିଶାଖା ଏକ୍ସପ୍ରେସ୍ ଏବଂ ୨୦୮୫୧ ଭୁବନେଶ୍ୱର-ପୁଡୁଚେରୀ ଏକ୍ସପ୍ରେସ୍ ବାତିଲ ରହିବ। ୨୭ ଅକ୍ଟୋବର ୨୦୨୫ରେ ଭୁବନେଶ୍ୱରରୁ ଛାଡ଼ିବାକୁ ଥିବା ୧୮୪୪୭ ଭୁବନେଶ୍ୱର-ଜଗଦଳପୁର ହୀରାଖଣ୍ଡ ଏକ୍ସପ୍ରେସ୍ ରାୟଗଡ଼ା ପର୍ଯ୍ୟନ୍ତ ଚଳାଚଳ କରିବ ଏବଂ ରାୟଗଡାରୁ ଜଗଦଳପୁର ପର୍ଯ୍ୟନ୍ତ ବାତିଲ ରହିବ।

ଟ୍ରାକ୍ ସୁରକ୍ଷା ଉପରେ ନଜର ରଖିବା ପାଇଁ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ପାଟ୍ରୋଲିଂ କର୍ମୀଙ୍କୁ ୨୪ ଘଣ୍ଟା ନିୟୋଜିତ କରାଯାଇଛି। ପ୍ରବଳ ବର୍ଷା ସମୟରେ ପାଟ୍ରୋଲିଂ ବ୍ୟବସ୍ଥା କରିବାକୁ ବିଭାଗୀୟ ଗ୍ୟାଙ୍ଗମ୍ୟାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଚିହ୍ନିତ ଡିପୋରେ ପର୍ଯ୍ୟାପ୍ତ ପରିମାଣର ଘୂର୍ଣ୍ଣିବାତ୍ୟା / ମୌସୁମୀ ସଂରକ୍ଷିତ ସାମଗ୍ରୀ ଯେପରିକି ପଥର, ବାଲାଷ୍ଟ, ବାଲି ଏବଂ ଖଣି ଧୂଳି ମହଜୁଦ ରଖାଯାଇଛି। ଜରୁରୀକାଳୀନ ବ୍ୟବହାର ପାଇଁ ଇଞ୍ଜିନିୟରିଂ ରିଲିଫ୍ ଭ୍ୟାନ୍, ସିସି କ୍ରିବ୍ ଏବଂ ରିଲିଫ୍ ଗାର୍ଡରଗୁଡ଼ିକୁ ପ୍ରସ୍ତୁତ ରଖାଯାଇଛି। ଦ୍ରୁତ ପୁନରୁଦ୍ଧାର କାର୍ଯ୍ୟ ପାଇଁ ରଣନୈତିକ ସ୍ଥାନରେ ଡିଜେଲ ଲୋକୋମୋଟିଭ୍, ଟାୱାର ୱାଗନ୍ ଏବଂ ଅନ୍ୟାନ୍ୟ ଭାରୀ ଯନ୍ତ୍ରପାତିଗୁଡ଼ିକୁ ପୂର୍ବରୁ ରଖାଯାଇଛି। ଖୋର୍ଦ୍ଧା ରୋଡ୍ ନିୟନ୍ତ୍ରଣ କାର୍ଯ୍ୟାଳୟ ପାଣିପାଗ ବିଭାଗ, ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ କ୍ଷେତ୍ର କର୍ମଚାରୀଙ୍କ ସହିତ ବାସ୍ତବ-ସମୟ ଅପଡେଟ୍ ପାଇଁ ନିରନ୍ତର ଯୋଗାଯୋଗ ବଜାୟ ରଖିଛି।

# କିଟ୍‌ରେ ପାରମ୍ପରିକ ଉତ୍ସାହ ସହ ଛଟ୍ ପୂଜା



**ଭୁବନେଶ୍ୱର,୨୭।୧୦/ଏନ୍ଏନ୍ଏସ୍:** କିଟ୍ ବିଶ୍ୱବିଦ୍ୟାଳୟରେ ଭକ୍ତି ଓ ପାରମ୍ପରିକ ଉତ୍ସାହ ସହିତ ସୋମବାର ଉତ୍ତର ଭାରତର ଗଣପର୍ବ ପବିତ୍ର ଛଟ୍ ପୂଜା ପାଳିତ ହୋଇଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବିହାର ଓ କିଟ୍ ବିଶ୍ୱବିଦ୍ୟାଳୟରେ ପଢୁଥିବା ଉତ୍ତର ଭାରତର ଛାତ୍ରଛାତ୍ରୀମାନେ ଯୋଗଦେଇ ଛଠି ମାତାଙ୍କ ଆରାଧନା କରିଥିଲେ। ପାରମ୍ପରିକ ପୋଷାକ ପିନ୍ଧି ସେମାନେ ସୂର୍ଯ୍ୟ ଭଗବାନଙ୍କୁ ପୂଜା କରିଥିଲେ। ଏହା ଏକ ସ୍ପନ୍ଦନଶୀଳ ଏବଂ ଭକ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି କରିଥିଲା। କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଛଟ୍ ଅଭିନନ୍ଦନ ଜଣାଇ ଛଠି ମାଆ ସମସ୍ତଙ୍କୁ ସୁସ୍ଥ ରଖିବା ସହ ସୂର୍ଯ୍ୟଦେବ ସମସ୍ତଙ୍କ ଜୀବନରେ ଭଲପାଇବା, ଖୁସି, ଶାନ୍ତି ଓ ସମୃଦ୍ଧିରେ ଆଲୋକିତ କରନ୍ତୁ ବୋଲି କାମନା କରିଥିଲେ। ଶ୍ରୀ ସାମନ୍ତ କହିଥିଲେ ଯେ ସାରା ଭାରତରେ ଛଟ୍ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନା ସହ ପାଳନ କରାଯାଏ। ନିର୍ବାସନରୁ ଫେରିବା ପରେ ମାତା ସୀତା ମଧ୍ୟ ଛଟ୍ ପାଳନ କରିଥିଲେ। ଏହି ପର୍ବ ଗଭୀର ସାଂସ୍କୃତିକ ଓ ଆଧାତ୍ମିକ ଗୁରୁତ୍ୱକୁ ପ୍ରତିଫଳିତ କରେ। ମୁଁ ଖୁସି ଯେ କିଟ୍‌ର ଛାତ୍ରଛାତ୍ରୀମାନେ ଏହି ଉତ୍ସବକୁ ହୃଦୟର ସହିତ ଗ୍ରହଣ କରି ଛଟ୍ ପର୍ବ ପାଳନ କରୁଛନ୍ତି ବୋଲି ଶ୍ରୀ ସାମନ୍ତ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ପ୍ରଫେସର ରାଜୁ କେ. ଡି., କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତିଙ୍କ ସମେତ କିଟ୍ ବିଶ୍ୱବିଦ୍ୟାଳୟର ବହୁ ଅଧିକାରୀ, ଅଧ୍ୟାପକ ଏବଂ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

# ଜିଲ୍ଲାପାଳ, ଏସ୍‌ପିଙ୍କ ବିରୋଧରେ ସିଇଓଙ୍କୁ ବିଜେଡିର ଫେରାଦ

## ମୁକ୍ତ ଓ ଅବାଧ ନିର୍ବାଚନ ନେଇ ଆଶଙ୍କା ପ୍ରକଟ

**ଭୁବନେଶ୍ୱର,୨୭।୧୦/ଏନ୍ଏନ୍ଏସ୍:** ନୂଆପଡ଼ା ଉପନିର୍ବାଚନରେ ପ୍ରଚାର ସରଗରମ ହୋଇଥିବା ବେଳେ ସିଇଓଙ୍କୁ ଜିଲ୍ଲାପାଳ, ଏସ୍‌ପିଙ୍କ ବିରୋଧରେ ଫେରାଦ ହୋଇଛି ବିଜେଡି। ବିଜେପିକୁ ସମର୍ଥନ କରିବା ପାଇଁ ଏମାନେ ବିଜେଡି କର୍ମୀଙ୍କ ଉପରେ ଚାପ ପ୍ରୟୋଗ କରୁଛନ୍ତି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ କମିସନରଙ୍କ ଆଗରେ ଅଭିଯୋଗ କରିଛି ବିଜୁ ଜନତା ଦଳ। ସୋମବାର ବିଜୁ ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ମୁଖ୍ୟ ନିର୍ବାଚନ କମିସନରଙ୍କୁ ଭେଟି ଏକ ସ୍ମାରକପତ୍ର ଦେଇଛନ୍ତି। ଏହି ସ୍ମାରକପତ୍ରରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ଓ ନୂଆପଡ଼ା ଏସପି ଅମ୍ରିତପାଲ ସିଂଙ୍କ ବିରୋଧରେ ବିଜେପି ସପକ୍ଷରେ ଲୋକଙ୍କୁ ପ୍ରବର୍ତ୍ତାଉଛନ୍ତି ବୋଲି ଅଭିଯୋଗ କରିଛି। ଉଭୟ ଜିଲ୍ଲାପାଳ ଓ ଏସପି ନିଜ ସରକାରୀ ପଦବୀର ଅପବ୍ୟବହାର କରି, କିଛି ବିଜେଡି କର୍ମୀ ଓ ସମର୍ଥକଙ୍କୁ ବିଜେପିକୁ ସମର୍ଥନ କରିବା ପାଇଁ ଚାପ ପ୍ରୟୋଗ କରୁଛନ୍ତି ବୋଲି ଅଭିଯୋଗ କରାଯାଇଛି। ଜିଲ୍ଲାପାଳ ନିଜେ ନିର୍ବାଚନ ଅଧିକାରୀ ହୋଇଥିବା ବେଳେ, ମୁକ୍ତ ଓ ଅବାଧ ନିର୍ବାଚନ ପାଇଁ ଉଭୟ ଜିଲ୍ଲାପାଳ ଓ ଏସ୍ପିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଉଭୟ ଜିଲ୍ଲାପାଳ ଓ ଏସ୍ପିଙ୍କ ଭୂମିକା ସନ୍ଦେହଘେରରେ ଆସିଥିବା ବେଳେ ଏଠାରେ ମୁକ୍ତ ଓ ଅବାଧ ନିର୍ବାଚନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍ମାରକପତ୍ରରେ ଏହି ଦୁଇ ଅଧିକାରୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବା ସହିତ ମୁକ୍ତ ଓ ଅବାଧ ନିର୍ବାଚନ କିପରି ହୋଇପାରିବ, ସେନେଇ ଉପଯୁକ୍ତ ପଦକ୍ଷେପ ନେବାକୁ ବିଜେଡି ତରଫରୁ ଦାବି କରାଯାଇଛି। ବିଜେଡି ପ୍ରତିନିଧି ମଣ୍ଡଳୀରେ ସୁଲତା ଦେଓ, ଡ଼ ଲେନିନ ମହାନ୍ତି, ମିହିର ରାୟ, ତୁମ୍ବନାଥ ପଣ୍ଡା, ସୋଫିଆ ଆଲାମ, ଜ୍ୟୋତ୍ସ୍ନା ପରିଡା, ରୀତାଞ୍ଜଳି ପ୍ରଧାନ ଇତ୍ୟାଦି ସାମିଲ ଥିଲେ।

## ଶିଶୁ ମହୋତ୍ସବ ‘ସୁରଭି’କୁ ସମର୍ଥନ

# ଗ୍ରାମାଞ୍ଚଳରେ ଯୁବ ପ୍ରତିଭାର ବିକାଶ



**ଭୁବନେଶ୍ୱର,୨୭।୧୦/ଏନ୍ଏନ୍ଏସ୍:** ବେଦାନ୍ତ ଆଲୁମିନିୟମ, ସୁନ୍ଦରଗଡ଼ ଜିଲ୍ଲାରେ ‘ସୁରଭି’ ଶିଶୁ ମହୋତ୍ସବକୁ ସମର୍ଥନ କରିଛି। ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଏବଂ ଗଣ ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସୃଜନଶୀଳତା ଏବଂ ପ୍ରତିଭା ଚିହ୍ନଟ କରିବା ପାଇଁ ଏକ ପୋଷଣ ପ୍ଲାଟଫର୍ମ ଭାବରେ ପରିକଳ୍ପନା କରାଯାଇଛି। ହେମଗିରି ଏବଂ ଲଖନପୁର ବ୍ଲକ ଅନ୍ତର୍ଗତ ଛଅଟି ପଞ୍ଚାୟତକୁ ପ୍ରତିନିଧିତ୍ୱ କରୁଥିବା ୪୨ଟି ବିଦ୍ୟାଳୟର ୧୫୦୦ରୁ ଅଧିକ ଛାତ୍ରଛାତ୍ରୀ ଏହି ଉତ୍ସବରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ସୃଜନଶୀଳତା, କଳ୍ପନା ଏବଂ ଶିକ୍ଷଣର ଏକ ଉତ୍ସବ ଭାବରେ କାର୍ଯ୍ୟ କରିଥିଲା, ଯେଉଁଥିରେ କଳା ଏବଂ ଶିଳ୍ପ, ସଂଗୀତ ଏବଂ ନୃତ୍ୟ, ବିତର୍କ, ବକ୍ତବ୍ୟ ଏବଂ ସୃଜନଶୀଳ ଲେଖାକୁ ଅନ୍ତର୍ଭୁକ୍ତ କରି ୩୦ଟି ବିବିଧ ପ୍ରତିଯୋଗିତା ପ୍ରଦର୍ଶିତ ହୋଇଥିଲା। ଏହି ସ୍ତରର ବିଜେତାମାନେ ଏବେ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ସେମାନଙ୍କ ବିଦ୍ୟାଳୟଗୁଡ଼ିକର ପ୍ରତିନିଧିତ୍ୱ କରିବେ। ଏହି ଉତ୍ସବରେ କ୍ଲଷ୍ଟର ରିସୋର୍ସ ସେଣ୍ଟର (ସିଆରସିସି) ର ସଂଯୋଜକ ଆଶିଷ ପଟେଲ, ଅନ୍ୟ ବିଶିଷ୍ଟ ଅତିଥି, ଶିକ୍ଷକ ଏବଂ ଗୋଷ୍ଠି ସଦସ୍ୟମାନେ ଯୋଗ ଦେଇଥିଲେ। ସିଆରସିସି ଆଶିଷ ପଟେଲ କହିଥିଲେ ଯେ ‘ସୁରଭି’ କେବଳ ଏକ ପ୍ରତିଯୋଗିତା ନୁହେଁ, ବରଂ ପିଲାମାନଙ୍କ ସୃଜନଶୀଳତା ଏବଂ ସାମର୍ଥ୍ୟର ଏକ ଉତ୍ସବ। ଶିକ୍ଷା ଏବଂ ଗୋଷ୍ଠୀ ବିକାଶ ପ୍ରତି ବେଦାନ୍ତର ପ୍ରତିବଦ୍ଧତା ଉପରେ ଆଲୋକପାତ କରି ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି ଯେ ବେଦାନ୍ତରେ ଆମେ ବିଶ୍ୱାସ କରୁ ଯେ ପରବର୍ତ୍ତୀ ପିଢ଼ିକୁ ସଶକ୍ତ କରିବା ସହିତ ପ୍ରକୃତ ପ୍ରଗତି ଆରମ୍ଭ ହୁଏ। ‘ସୁରଭି’ ଶିଶୁ ମହୋତ୍ସବ ଭଳି ପଦକ୍ଷେପ ପିଲାମାନଙ୍କୁ ସେମାନଙ୍କ ପ୍ରତିଭାର ଅନ୍ୱେଷଣ କରିବା, ଆତ୍ମବିଶ୍ୱାସ ସୃଷ୍ଟି କରିବା ଏବଂ ପରିପୂର୍ଣ୍ଣ ବ୍ୟକ୍ତିତ୍ୱରେ ବିକଶିତ ହେବାର ସୁଯୋଗ ପ୍ରଦାନ କରିଥାଏ।

# ପୁରୀ-ଖୋର୍ଦ୍ଧା ରୋଡ୍-ପୁରୀ ମେମୁ ଦଶପଲ୍ଲା ପର୍ଯ୍ୟନ୍ତ ସମ୍ପ୍ରସାରିତ

**ଭୁବନେଶ୍ୱର,୨୭।୧୦/ଏନ୍ଏନ୍ଏସ୍:** କାର୍ତ୍ତିକ ପୂର୍ଣ୍ଣିମା ପର୍ବ ସମୟରେ ଅଧିକ ଯାତ୍ରୀ ସମ୍ଭାବନାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ଯାତ୍ରୀମାନଙ୍କ ସୁବିଧା ପାଇଁ ୬୮୪୦୪/୬୮୪୦୩ ପୁରୀ-ଖୋର୍ଦ୍ଧା ରୋଡ୍-ପୁରୀ ମେମୁକୁ ସାମୟିକ ଭାବେ ଦଶପଲ୍ଲା ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ନିଷ୍ପତ୍ତି ନେଇଛି। ତଦନୁସାରେ ୨୬ ଅକ୍ଟୋବରରୁ ୫ ନଭେମ୍ବର ପର୍ଯ୍ୟନ୍ତ ପୁରୀରୁ ଛାଡ଼ିଥିବା ଟ୍ରେନ ନମ୍ବର ୬୮୪୦୪ ପୁରୀ-ଖୋର୍ଦ୍ଧା ରୋଡ୍ ମେମୁକୁ ଦଶପଲ୍ଲା ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଛି। ପୁରୀରୁ ଛାଡ଼ିଥିବା ଏହି ଟ୍ରେନ୍ ଖୋର୍ଦ୍ଧା ରୋଡ୍‌ଠାରେ ପହଞ୍ଚିବା ପରେ ରାତ୍ରୀ ୧୨ଟା ୩୫ରେ ଦଶପଲ୍ଲା ଯାତ୍ରା କରିବ। ଟ୍ରେନ୍ ନମ୍ବର ୬୮୪୦୩ ଖୋର୍ଦ୍ଧା ରୋଡ୍-ପୁରୀ ମେମୁ ୨୭ ଅକ୍ଟୋବରରୁ ୬ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ଦଶପଲ୍ଲାଠାରୁ ଭୋର ୩ଟା ୩୦ରେ ଏହାର ଯାତ୍ରା ଆରମ୍ଭ କରି ପୁରୀ ଅଭିମୁଖେ ଚଳାଚଳ କରିବ। କାର୍ତ୍ତିକ ପୂର୍ଣ୍ଣିମା ସମୟରେ ଯାତ୍ରୀଙ୍କ ଅତିରିକ୍ତ ଭିଡ଼କୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ପକ୍ଷରୁ ଏହି ଅସ୍ଥାୟୀ ସମ୍ପ୍ରସାରଣ ଯୋଜନା କରାଯାଇଛି। ଏହି ପାର୍ବଣ ଋତୁରେ ଯାତ୍ରୀଙ୍କ ସୁଗମ ଯାତାୟାତ ଏବଂ ଯାତ୍ରା ଚାହିଦାକୁ ତର୍ଜମା କରାଯାଇ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ ଜନସାଧାରଣଙ୍କ ପାଇଁ ଉତ୍ତମ ସଂଯୋଗ ଏବଂ ଯାତ୍ରା ସୁବିଧା ସୁନିଶ୍ଚିତ କରିବା ପାଇଁ ଏହି ସକ୍ରିୟ ପଦକ୍ଷେପ ନେଇଛି।

# ସଫଳ ହେଲା ଓଡ଼ିଶାର ପ୍ରଥମ ଟେଲିସର୍ଜରୀ

**ଭୁବନେଶ୍ୱର,୨୭।୧୦/ଏନ୍ଏନ୍ଏସ୍:** ଶାନ୍ତି ମେମୋରିଆଲ୍ ହସ୍ପିଟାଲ୍ ପକ୍ଷରୁ ପ୍ରଫେସର ଡା. ଶ୍ରୀଜୟ ପଟ୍ଟନାୟକଙ୍କ ନେତୃତ୍ୱରେ ସର୍ଜିକାଲ୍ ରୋବୋଟିକ୍ ସିଷ୍ଟମର ବ୍ୟବହାର କରି ଓଡିଶାର ପ୍ରଥମ ଏବଂ ପୂର୍ବ ଭାରତର ଦ୍ୱିତୀୟ ଟେଲିସର୍ଜରୀକୁ ସଫଳତାର କରିଛନ୍ତି। ଏହି ସଫଳତା ସମ୍ପର୍କରେ ପ୍ରଫେସର ଡଃ ଶ୍ରୀଜୟ ପଟ୍ଟନାୟକ କହିଛନ୍ତି, ଏହା କେବଳ ଏକ ବୈଷୟିକ ସଫଳତା ନୁହେଁ ବରଂ ଏକ ମାନବିକ ସଫଳତା। ରୋଗୀ ଜଣଙ୍କ ଜରୁରୀକାଳିନ ଅସ୍ତ୍ରୋପଚାର ଆବଶ୍ୟକ କରୁଥିଲେ ଏବଂ ଟେଲିସର୍ଜିକାଲ ପଦ୍ଧତି ଆମକୁ ତତ୍କାଳ ଦକ୍ଷ ଚିକିତ୍ସା ପ୍ରଦାନ କରିବା ପାଇଁ ଅନୁମତି ଦେଇଥିଲା। ସେହିପରି ସିଇଓ ଡକ୍ଟର ସୁଧୀର ଶ୍ରୀବାସ୍ତବ କହିଛନ୍ତି, ସ୍ୱଦେଶୀ ରୋବୋଟିକ ସର୍ଜିକାଲ ଟେକ୍ନୋଲୋଜି ବିକଶିତ କରିବା କ୍ଷେତ୍ରରେ ବିଶ୍ୱର ନେତୃତ୍ୱ ନେଉଛି। ଏହି ହସ୍ପିଟାଲ୍‌ର ଏସଏସଆଇ ମନ୍ତ୍ରା ପ୍ଲାଟଫର୍ମର ବ୍ୟବହାର କରି ଏହାର ୧୦୦ତମ ରୋବୋଟିକ ସର୍ଜରୀର ସଫଳ ସମ୍ପାଦନକୁ ପାଳନ କରିଛି।

# ଦୁର୍ନୀତି ନିବାରଣ ସପ୍ତାହରେ ସୂଚନା ଓ ଲୋକସମ୍ପର୍କ ବିଭାଗ କର୍ମଚାରୀଙ୍କ ଶପଥ ପାଠ



**ଭୁବନେଶ୍ୱର,୨୭।୧୦/ଏନ୍ଏନ୍ଏସ୍:** ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଦୁର୍ନୀତି ଓ ଅନ୍ୟାୟ ବିରୋଧରେ ସାମାଜିକ ପ୍ରତିବଦ୍ଧତାର ପ୍ରଦର୍ଶନ ନେଇ ଆଜି ଶପଥ ପାଠ କରିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ ଶପଥ ପାଠ କରିଥିଲେ। ଆର୍ଥିକ, ରାଜନୈତିକ ଓ ସାମାଜିକ ପ୍ରଗତିରେ ଦୁର୍ନୀତି ଏକ ବଡ଼ ପ୍ରତିବନ୍ଧକ ହୋଇଥିବାରୁ ଅଧିକାରୀ ଓ କର୍ମଚାରୀମାନେ ନିଷ୍ଠାପର ଭାବେ ଆଇନ ଅନୁମୋଦିତ କାର୍ଯ୍ୟ କରିବେ ବୋଲି ଶପଥ ନେଇଥିଲେ। ନିଜ ଆଚରଣ ଓ କର୍ତ୍ତବ୍ୟ ସମ୍ପାଦନରେ ସାଧୁତା ଅବଲମ୍ବନ ସହ ଦୁର୍ନୀତି ଓ ଲାଞ୍ଚ ଦେବାନେବା ଭଳି ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବେ ବୋଲି ସମସ୍ତେ ସଂକଳ୍ପ ନେଇଥିଲେ। ଆଜିର ଏହି ଶପଥ ପାଠ ଉତ୍ସବରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ଗୁରବୀର ସିଂହ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ, ଯୁଗ୍ମ ନିର୍ଦ୍ଦେଶକ ବିତ୍ତ ପରାମର୍ଶଦାତା ପୃଥ୍ୱୀରାଜ ପାଣି, ଉପଶାସନ ସଚିବ ସେକ କଲାମ ଉଦ୍ଦିନ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଅଶ୍ୱିନୀ କୁମାର ଭୋଇଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଶପଥ ପାଠ କରିଥିଲେ।

# ବର୍ଷା ସମୟରେ ସୁରକ୍ଷା ନିୟମ ମାନିବାକୁ ଅନୁରୋଧ କଲା ଟିପିସିଓଡିଏଲ୍

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ

**ଭୁବନେଶ୍ୱର,୨୭।୧୦/ଏନ୍ଏନ୍ଏସ୍:** ଭାରତୀୟ ପାଣିପାଗ ବିଭାଗ ବାତ୍ୟା ‘ମୋନ୍ଥା’ କାରଣରୁ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଭୀଷଣ ବର୍ଷା ହେବାର ପୂର୍ବାନୁମାନ କରିଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ନିଜ ଟିମ୍‌କୁ ସଜାଗ ରଖିବା ସହିତ ବର୍ଷା ସମୟରେ ବିଦ୍ୟୁତ୍ ସମ୍ବନ୍ଧୀୟ ଦୁର୍ଘଟଣା ରୋକିବା ପାଇଁ ସାର୍ବଜନୀନ ସୁରକ୍ଷା ସଚେତନତା ଜାରି କରିଛି। ଟିପିସିଓଡିଏଲ୍ ତାର ବିଦ୍ୟୁତ୍ ବଣ୍ଟନ ନେଟୱାର୍କ ଉପରେ ଯେକୌଣସି ସମ୍ଭାବ୍ୟ ପ୍ରଭାବକୁ ମୁକାବିଲା କରିବା ପାଇଁ ୨୪ ଘଣ୍ଟା ତଦାରଖ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହିତ ସମନ୍ୱୟ ରକ୍ଷା କରି କାମ କରୁଛି। ବର୍ଷା ପୂର୍ବରୁ ନେଟୱାର୍କ ନିର୍ଭରଯୋଗ୍ୟତାକୁ ସୁଦୃଢ଼ କରିବା ପାଇଁ ପ୍ରମୁଖ ସବଷ୍ଟେସନ୍ ଏବଂ ବିତରଣ ଲାଇନଗୁଡ଼ିକରେ ପ୍ରତିଷେଧମୂଳକ ରକ୍ଷଣାବେକ୍ଷଣ ଏବଂ ବ୍ୟାପକ ଗଛ କାଟିବା କାର୍ଯ୍ୟ କରାଯାଇଛି। ଟିପିସିଓଡିଏଲ୍ ସେବା ଯୋଗାଉଥିବା ଅଞ୍ଚଳଗୁଡ଼ିକରେ ଜରୁରୀକାଳୀନ-ରେସପନ୍ସ ଟିମ୍ ନିୟୋଜିତ କରିଛି। ବିଶେଷକରି କେନ୍ଦ୍ରାପଡ଼ା, ମାର୍ଶାଘାଇ, ପାରାଦ୍ୱୀପ, ଜଗତସିଂହପୁର, ପୁରୀ, ନିମାପଡ଼ା, ନୟାଗଡ଼ ଓ ବାଲୁଗାଁ ବିଦ୍ୟୁତ୍ ଡିଭିଜନକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ସେହିଭଳି ହସ୍ପିଟାଲ, ଜଳ ଯୋଗାଣ କେନ୍ଦ୍ର ଓ ବିପର୍ଯ୍ୟୟ ପ୍ରତିକ୍ରିୟା କେନ୍ଦ୍ର ଭଳି ମୁଖ୍ୟ ସଂସ୍ଥାଗୁଡ଼ିକୁ ଅବିଚ୍ଛିନ୍ନ ବିଦ୍ୟୁତ ଯୋଗାଣ ପାଇଁ ବିଶେଷ ବ୍ୟବସ୍ଥା କରାଯାଇଛି। ଯେକୌଣସି ଆବଶ୍ୟକ ପୁନରୁଦ୍ଧାର ପ୍ରୟାସକୁ ତ୍ୱରାନ୍ୱିତ କରିବା ପାଇଁ ଟିପିସିଓଡିଏଲ୍ ପକ୍ଷରୁ ଆବଶ୍ୟକୀୟ ଉପକରଣ ଯଥା ତାର, କଣ୍ଡକ୍ଟର୍ ଟ୍ରାନ୍ସଫର୍ମର୍ ଓ ଖୁଣ୍ଟ ଇତ୍ୟାଦି ମହଜୁଦ ରଖାଯାଇଛି, ଯାହା ଦ୍ୱାରା ପୁନରୁଦ୍ଧାର କାମ ଶୀଘ୍ର କରାଯାଇପାରିବ। ସମସ୍ତ ଡିଭିଜନରେ ଭାରୀ ଯନ୍ତ୍ରପାତି, ଯାନ୍ତ୍ରିକ ଗଛ କାଟିବା ଉପକରଣ, ଯାନବାହାନ, ଟିଆଣ୍ଡପି ଏବଂ ସୁରକ୍ଷାମୂଳକ ପିପିଇ ସାମଗ୍ରୀ ସହିତ ବିଶେଷଜ୍ଞ ଦଳକୁ ପ୍ରସ୍ତୁତ ରଖାଯାଇଛି। ଏହା ସହିତ, ଟିପିସିଓଡିଏଲ୍ ଜଳବନ୍ଦୀ ହେବାର ସମ୍ଭାବନା ଥିବା ଅଞ୍ଚଳଗୁଡ଼ିକୁ ଚିହ୍ନଟ କରିଛି ଏବଂ ବିଦ୍ୟୁତ୍ ଭିତ୍ତିଭୂମି ଉପରେ ପ୍ରଭାବକୁ କମ୍ କରିବା ଏବଂ ଉଚିତ ସମୟରେ ପୁନରୁଦ୍ଧାର ସୁନିଶ୍ଚିତ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଛି। ଟିପିସିଓଡିଏଲ୍‌ର ୩୫୦ ରୁ ଅଧିକ ଜରୁରୀକାଳୀନ ବ୍ରେକଡାଉନ୍ ଯାନ ଏବଂ ଏହାର ସମସ୍ତ ଡିଭିଜନରେ ପ୍ରାୟ ୧୦,୦୦୦ ମାନବଶକ୍ତି (ଟିପିସିଓଡିଏଲ୍ ଏବଂ ବିଏର ମିଳିତ) ନିୟୋଜିତ ଅଛନ୍ତି। ବିଦ୍ୟୁତ୍ ସମ୍ବନ୍ଧୀୟ ଜରୁରୀକାଳୀନ ରିପୋର୍ଟ କରିବାକୁ ଟିପିସିଓଡିଏଲ୍‌ର ୨୪ ଘଣ୍ଟିଆ ଟୋଲ୍-ଫ୍ରି ହେଲ୍ପଲାଇନ୍ ନମ୍ବର: ୧୯୧୨ / ୧୮୦୦-୩୪୫-୭୧୨୨କୁ କଲ୍ କରିବା ଲାଗି କୁହାଯାଇଛି। ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ କହିଛନ୍ତି ଯେ ପ୍ରବଳ ବର୍ଷା ଯୋଗୁଁ ଉପୁଜିବାକୁ ଥିବା ଯେକୌଣସି ପରିସ୍ଥିତିର ମୁକାବିଲା କରିବାକୁ ଆମେ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛୁ। ଉପଭୋକ୍ତାଙ୍କ ସୁରକ୍ଷା ଏବଂ ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ଆମର ସର୍ବୋଚ୍ଚ ପ୍ରାଥମିକତା।

# ସ୍ୱଚ୍ଛତା ପାଇଁ ଶପଥ ନେଲେ ପୂର୍ବତଟ ରେଳପଥ କର୍ମଚାରୀ



**ଭୁବନେଶ୍ୱର,୨୭।୧୦/ଏନ୍ଏନ୍ଏସ୍:** ସତ୍ୟ ନିଷ୍ଠାର ସଂସ୍କୃତିରୁ ରାଷ୍ଟ୍ରର ସମୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ବି. ଏସ୍. କେ. ରାଜକୁମାର ଆଜି ପୂର୍ବାହ୍ନରେ ରେଳପଥର ମୁଖ୍ୟାଳୟରେ ରେଳ କର୍ମଚାରୀ ଏବଂ ଅଧିକାରୀମାନଙ୍କୁ ସତ୍ୟନିଷ୍ଠ ଓ ଅଖଣ୍ଡତାର ଶପଥ ଗ୍ରହଣ କରାଇଛନ୍ତି। ଏହି ସଚେତନତା ସପ୍ତାହ ରେଳବାଇ କାର୍ଯ୍ୟର ସମସ୍ତ କ୍ଷେତ୍ରରେ ସ୍ୱଚ୍ଛତା ଏବଂ ନୈତିକ ଆଚରଣକୁ ଲକ୍ଷ୍ୟ କରି ଭିଜିଲାନ୍ସ ସଚେତନତା ସପ୍ତାହ ୨୦୨୫ର ପ୍ରାରମ୍ଭକୁ ସୂଚିତ କରୁଛି।

ସତର୍କତା ସଚେତନତା ଶପଥ ଗ୍ରହଣ ସମାରୋହରେ ରେଳ କର୍ମଚାରୀମାନେ ସେମାନଙ୍କର ବୃତ୍ତିଗତ ତଥା ବ୍ୟକ୍ତିଗତ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସମ୍ଭାବ୍ୟତା ଏବଂ ଆଇନ ଶୃଙ୍ଖଳା ରକ୍ଷା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଶପଥଗ୍ରହଣ ଉତ୍ସବରେ ଲାଞ୍ଚ କାରବାର ନକରିବା, ସଚ୍ଚୋଟତା ସହିତ ସମସ୍ତ କାର୍ଯ୍ୟ କରିବା, ଜନସାଧାରଣଙ୍କ ସ୍ୱାର୍ଥରେ କାର୍ଯ୍ୟ କରିବା ଏବଂ ଅଖଣ୍ଡତା ପ୍ରଦର୍ଶନ କରିବାରେ ଉଦାହରଣ ଦେଇ ଆଗେଇ ନେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କର୍ମଚାରୀମାନଙ୍କୁ ମଧ୍ୟ ଉପଯୁକ୍ତ ଅଧିକାରୀଙ୍କୁ ଦୁର୍ନୀତି ଘଟଣା ଜଣାଇବାକୁ ଉତ୍ସାହିତ କରାଯାଇଥିଲା। ସତର୍କତା ସଚେତନତା ସମାବେଶକୁ ସମ୍ବୋଧିତ କରି ଶ୍ରୀ ରାଜକୁମାର ଦର୍ଶାଇଛନ୍ତି ଯେ ଦେଶର ଅର୍ଥନୈତିକ, ରାଜନୈତିକ ଏବଂ ସାମାଜିକ ପ୍ରଗତି ପାଇଁ ଦୁର୍ନୀତି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିବନ୍ଧକ ହୋଇ ରହିଛି। ଦୁର୍ନୀତିର ପ୍ରଭାବଶାଳୀ ମୁକାବିଲା ପାଇଁ ସରକାରୀ ଏବଂ ବେସରକାରୀ କ୍ଷେତ୍ର ତଥା ନାଗରିକଙ୍କ ସମେତ ବିଭିନ୍ନ ହିତାଧିକାରୀଙ୍କ ମଧ୍ୟରେ ସହଯୋଗର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସେ କହିଛନ୍ତି ଯେ ପ୍ରତ୍ୟେକ ନାଗରିକ ସର୍ବୋଚ୍ଚ ସଚ୍ଚୋଟତା ଏବଂ ଅଖଣ୍ଡତା ପ୍ରତି ପ୍ରତିବଦ୍ଧ ହେବା ଆବଶ୍ୟକ, ଯାହାଦ୍ୱାରା ଦୁର୍ନୀତି ବିରୋଧରେ ସାମୂହିକ ସଂଗ୍ରାମକୁ ମୁକାବିଲା କରାଯାଇହେବ। ଅକ୍ଟୋବର ୨୭ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଥିବା ଭିଜିଲାନ୍ସ ସଚେତନତା ସପ୍ତାହରେ ରେଳ କର୍ମଚାରୀ, ଜନସାଧାରଣ ଏବଂ ରେଳ ବ୍ୟବହାରକାରୀଙ୍କୁ ଅଖଣ୍ଡତାର ଗୁରୁତ୍ୱ ବିଷୟରେ ସଚେତନତା କରାଇବା ଉଦ୍ଦେଶ୍ୟରେ ଏକ ବ୍ୟାପକ ସଚେତନତା ଅଭିଯାନ ଆୟୋଜନ କରାଯାଇଛି। ସତର୍କତା ସଚେତନତା ସପ୍ତାହରେ ସେମିନାର ଆୟୋଜନ ସହ ସର୍ବସାଧାରଣ କେନ୍ଦ୍ରରେ ବ୍ୟାନର ଏବଂ ପୋଷ୍ଟର ଲଗାଇ ସଚେତନତା ସୃଷ୍ଟି କରାଯିବ। ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା ସୃଷ୍ଟି କରାଯିବ। ଏହି ଶପଥ ଗ୍ରହଣ ସମାରୋହରେ ପୂର୍ବତଟ ରେଳପଥର ମୁଖ୍ୟ ଭିଜିଲାନ୍ସ (ସତର୍କତା) ଅଧିକାରୀ ତଥା ବରିଷ୍ଠ ଉପ ମହାପ୍ରବନ୍ଧକ ଅରୁଣ କୁମାର ଚତୁର୍ବେଦୀ, ରେଳପଥର ସମସ୍ତ ବିଭାଗର ପ୍ରମୁଖ ଅଧିକାରୀ, ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ବାତ୍ୟାର ପ୍ରାକ୍ ପ୍ରସ୍ତୁତି

ବଳ ଗୋଟାଇ ମାଡ଼ି ଆସୁଛି 'ମୋନ୍ଥା'। ତେବେ ଏହାର ପ୍ରାକ୍ ପ୍ରଭାବ ସ୍ୱରୂପ ସାରା ରାଜ୍ୟରେ ଆରମ୍ଭ ହେଲାଣି ବର୍ଷା, ବଢ଼ିଲାଣି ପବନ। ଏବେଠୁ କାକିନାଡ଼ାରେ ପଡ଼ିଲାଣି ବାତ୍ୟା ପ୍ରଭାବ। ସମୁଦ୍ର ଅଶାନ୍ତ ହେବା ସହିତ ବର୍ଷା ବି ଆରମ୍ଭ ହୋଇଗଲାଣି। ଆସନ୍ତାକାଲି ସକାଳୁ ପବନର ବେଗ ବଢ଼ିପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଏପଟେ ଓଡ଼ିଶାରେ ବି 'ମୋନ୍ଥା'ର ପ୍ରଭାବ ଦେଖିବାକୁ ମିଳିଲାଣି । ଓଡ଼ିଶାର କେତେକ ସ୍ଥାନରେ ବର୍ଷା ଆରମ୍ଭ ହୋଇଛି। ବାଲେଶ୍ୱରରୁ ଖୋର୍ଦ୍ଧା ସବୁଠି ମେଘାଚ୍ଛନ୍ନ ରହିଛି ଆକାଶ। ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ନେଇ ସବୁ ପଦକ୍ଷେପ ନିଆଯାଉଛି।

### ଗ୍ରାଉଣ୍ଡରେ ଟିମ୍ ତୟାର୍

## ଭୂସ୍ଖଳନ ଡର: ହାଇଆଲର୍ଟରେ ୧୩୦ ଅଗ୍ନିଶମ ଟିମ୍







**ଭୁବନେଶ୍ୱର,୨୭।୧୦/ଏନ୍ଏନ୍ଏସ୍:** ବାତ୍ୟା ପ୍ରଭାବରେ ରାଜ୍ୟରେ ଭୂସ୍ଖଳନ ଆଶଙ୍କା ରହିଛି। ମୁକାବିଲା ପାଇଁ ପ୍ରସ୍ତୁତ ରହିଛି ଅଗ୍ନିଶମ ବାହିନୀ। ଅଧିକ ବର୍ଷା ଥିବାରୁ ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ଆଶଙ୍କା ଥିବା ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି। ଗଜପତି ଜିଲ୍ଲାରେ ୩/୪ଟି ବ୍ଲକ୍ ରେ ଭୂସ୍ଖଳନ ଆଶଙ୍କା ରହିଛି। ରାୟଗଡ଼ା, ମାଲକାନଗିରିରେ ମଧ ଭୂସ୍ଖଳନ ହୋଇପାରେ। ପାହାଡ଼ ପାଦ ଦେଶରେ ଥିବା ଲୋକେ ଆଶ୍ରୟସ୍ଥଳକୁ ଯାଆନ୍ତୁ। ମାଟି ଓଦା ଥିବାରୁ ଅଧିକ ବର୍ଷା ହେଲେ ମାଟି ଧସିପାରେ। ଆମ ପାଇଁ ଏଥର ପବନ ଅପେକ୍ଷା ବର୍ଷା ଅଧିକ ଚ୍ୟାଲେଞ୍ଜ। ୧୩୦ଟି ଟିମ୍ ପ୍ରସ୍ତୁତ ହୋଇ ରହିଛି, ପରିସ୍ଥିତିକୁ ମୁକାବିଲା କରିବୁ ବୋଲି ଅଗ୍ନିଶମ ଡିଜି କହିଛନ୍ତି। ଏହାଛଡ଼ା ସେ କହିଛନ୍ତି ଯେ ଆମ ପାଇଁ ଏଥର ପବନ ଅପେକ୍ଷା ବର୍ଷା ଅଧିକ ଚ୍ୟାଲେଞ୍ଜ୍।

ଅଗ୍ନିଶମ ବିଭାଗ ବାତ୍ୟାକୁ ନେଇ ଯଥେଷ୍ଟ ତତ୍ପରତା ଦେଖାଇଛି। ଚଳିତ ବାତ୍ୟାର ବଡ଼ ଆହ୍ୱାନ ହେଉଛି ପାହାଡ଼ରୁ ମାଟି ଅତଡ଼ା ଖସିବା। ଯାହାକୁ ନେଇ ସତର୍କ ରହିବାକୁ ପଡ଼ିବ। ବିଶେଷ କରି ଗଜପତି ଜିଲ୍ଲା ଉଦୟଗିରିର ଗୁମା, ମୋହନ ରାୟଗଡା ବ୍ଲକରେ ମାଟି ଅତଡ଼ା ଖସିବାର ସମ୍ଭାବନା ରହିଛି। ମାଲକାନଗିରି ଖଇରୀପୁଟ ବଣ୍ଡା ଘାଟିରେ ସମେତ ଚିତ୍ରକୁଣ୍ଡା, କଳାହାଣ୍ଡିର କଳିଙ୍ଗଘାଟି, ଦାରିଙ୍ଗବାଡ଼ି ଅଂଚଳରେ ପାହାଡରୁ ଅତଡ଼ା ଖସିବାରେ ସମ୍ଭାବନା ରହିଛି। ତେଣୁ ସେଠାରେ ସତର୍କ ରହିବା ଆବଶ୍ୟକ। ସାଧାରଣ ଜନତା ଯେଉଁମାନେ ପାହାଡ ନିକଟରେ ଘର କରି ରହିଛନ୍ତି ସେମାନେ ଆଶ୍ରୟସ୍ଥଳକୁ ଯିବା ପାଇଁ ଅଗ୍ନିଶମ ବିଭାଗ ପରାମର୍ଶ ଦେଇଛି । ବିଭାଗ କହିଛି, ଯଦି କୌଣସି ଅସୁବିଧା ହୁଏ ତେବେ ତୁରନ୍ତ ପ୍ରଶାସନର ସହଯୋଗ ନିଅନ୍ତୁ । ଅଧିକ ବର୍ଷା ପାଇଁ ଡଙ୍ଗା ରହିଛି। ପମ୍ପ ମଧ ଯୋଗାଇ ଦିଆଯାଉଛି। ଅନେକ ଅଗ୍ନିଶମ କର୍ମଚାରୀଙ୍କୁ ଦକ୍ଷିଣ ଓଡିଶାକୁ ପଠାଇ ଦିଆଯାଇଛି । ଗଜପତି, ବ୍ରହ୍ମପୁର, ମାଲକାନଗିରି, କୋରାପୁଟ ଅଂଚଳକୁ ୧୩୦ ଟିମ ଯାଇଛନ୍ତି। ସମସ୍ତ ପ୍ରସ୍ତୁତି ସରିଛି ବୋଲି ଅଗ୍ନିଶମ ବିଭାଗର ଡିଜି ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି।

## ୧୦୭୩ ମହିଳାଙ୍କୁ ମାତୃଗୃହ, ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର

**ଭୁବନେଶ୍ୱର,୨୭।୧୦/ଏନ୍ଏନ୍ଏସ୍:** ବାତ୍ୟା 'ମୋନ୍ଥା'ର ମୁକାବିଲା ନିମନ୍ତେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଜିଲ୍ଲା ଚିକିତ୍ସାଳୟ, ମେଡିକାଲ କଲେଜ୍ ଓ ହସପିଟାଲ ଏବଂ ବିଭିନ୍ନସ୍ତରରେ ଥିବା ହସ୍ପିଟାଲ ଓ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କର ପ୍ରସ୍ତୁତି ବିଷୟରେ ଆଜି ସନ୍ଧ୍ୟାରେ ବିଭାଗୀୟ ଶାସନ ସଚିବ ଅଶ୍ୱତୀ ଏସ. ଭିଡିଓ କନଫରେନସିଂ ମାଧମରେ ସମୀକ୍ଷା କରିଥିଲେ।ଆସନ୍ନପ୍ରସବା ମହିଳାମାନଙ୍କୁ ମାତୃ ଗୃହ, ସ୍ୱାସ୍ଥ୍ୟକେନ୍ଦ୍ର ଓ ହସ୍ପିଟାଲମାନଙ୍କୁ ସ୍ଥାନାନ୍ତର, ହସ୍ପିଟାଲରେ ଡି.ଜି ସେଟ୍, ଇନଭର୍ଟର ସ୍ଥାପନ, ଯଥେଷ୍ଟ ପରିମାଣର ଔଷଧ, ସାପ କାମୁଡ଼ା ଇଞ୍ଜେକ୍ସନ, ସାଲାଇନ୍ ଓ ଓଆର୍ଏସ୍, ହାଲୋଜେନ୍ ବଟିକା, ବ୍ଲିଚିଂ ପାଉଡର୍ ଏବଂ ଅନେକ ଜୀବନ ରକ୍ଷାକାରୀ ଔଷଧ ମହଜୁଦ, ଆମ୍ବୁଲାନ୍ସ ପାଇଁ ଆବଶ୍ୟକୀୟ ଡିଜେଲ ତେଲ, ରୋଗୀମାନଙ୍କ ନିମନ୍ତେ ଆବଶ୍ୟକୀୟ ପଥ୍ୟ ଓ ଶୁଖିଲା ଖାଦ୍ୟ ଆଦିର ଆଗୁଆ ମହଜୁଦ, ଆବଶ୍ୟକୀୟ ମାନବ ସମ୍ବଳ ମୁତୟନ ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯାଇଥିଲା । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କ୍ଷେତ୍ରସ୍ତରୀୟ ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରମୁଖ ନିଜ ନିଜ ଅଞ୍ଚଳର ପ୍ରସ୍ତୁତି ବିଷୟରେ ବାସ୍ତବ ସ୍ଥିତି ଜଣାଇଥିଲେ। ସମସ୍ତ ଡାକ୍ତର ଫାର୍ମାସିଷ୍ଟ ଏବଂ ସ୍ୱାସ୍ଥ୍ୟକର୍ମୀମାନେ ଯେ କୌଣସି ସ୍ଥିତିର ମୁକାବିଲା ପାଇଁ ପୂର୍ଣ୍ଣ ସଜାଗ ଓ ସକ୍ରିୟ ଅଛନ୍ତି। ପ୍ରତ୍ୟେକ ଜିଲ୍ଲାରେ ତୁରନ୍ତ ସହାୟତା ନିମନ୍ତେ ରାପିଡ ଆକ୍ସନ ଟିମ୍ ଗଠନ କରାଯାଇଛି ଏବଂ ସେମାନଙ୍କୁ ଗାଡ଼ି, ସରଞ୍ଜାମ ଓ ସହାୟକ ଆଦି ଯୋଗାଇ ଦିଆଯାଇଛି। ଆଜି ଅପରାହ୍ଣ ସୁଦ୍ଧା ବିଭିନ୍ନ ଜିଲ୍ଲାରେ ୪୫୧୧ ଜଣ ଆସନ୍ନ ପ୍ରସବା ମହିଳାମାନଙ୍କୁ ଚିହ୍ନଟ କରାଯାଇଛି ଏବଂ ସେମାନଙ୍କ ସହ ସ୍ୱାସ୍ଥ୍ୟକର୍ମୀମାନେ ସିଧାସଳଖ ଯୋଗାଯୋଗରେ ଅଛନ୍ତି। ଏମାନଙ୍କ ମଧ୍ୟରେ ରେଡ ଓ୍ୱାର୍ଣ୍ଣିଂଥିବା ୮ଟି ଜିଲ୍ଲାର ୩୮୨୩ ମହିଳା ଅନ୍ତର୍ଭୁକ୍ତ। ତଳୁଆ, ସମ୍ବେଦନଶୀଳ ଏବଂ ଅତ୍ୟଧିକ ବର୍ଷା ହେତୁ ରାସ୍ତା ସଂଯୋଗ ବିଚ୍ଛିନ୍ନ ସମ୍ଭାବନା ଥିବା ସ୍ଥାନଗୁଡିକରୁ ଆଜି ସନ୍ଧ୍ୟା ସୁଦ୍ଧା ୧୦୭୩ ଜଣ ମହିଳାଙ୍କୁ ମାତୃଗୃହ ଏବଂ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କୁ ସ୍ଥାନାନ୍ତର କରାଯାଇଛି। ସମ୍ବେଦନଶୀଳ ଅଞ୍ଚଳରୁ ଚିହ୍ନିତ ମହିଳାମାନଙ୍କର ଶତ ପ୍ରତିଶତ ସ୍ଥାନାନ୍ତର ନିଶ୍ଚିତ କରିବାକୁ ଶାସନ ସଚିବ ଅଶ୍ୱତୀ ଏସ ନିର୍ଦ୍ଦେଶ ଦେଇଥିଲେ । ସ୍ଥାନାନ୍ତର ହୋଇଥିବା ମହିଳାମାନଙ୍କ ମଧ୍ୟରୁ ୨୦୨ ଜଣ ନିରାପଦ ମାତୃତ୍ୱ ଲାଭ କରିଛନ୍ତି। ଜିଲ୍ଲା ଜରୁରୀକାଳୀନ ୟୁନିଟ ସହ ବରାବର ଯୋଗାଯୋଗ କରି ଆବଶ୍ୟକୀୟ ସ୍ଥାନମାନଙ୍କରେ ଆଗୁଆ ଆମ୍ବୁଲାନ୍ସ ସବୁ ପ୍ରସ୍ତୁତ ରଖିବା ପାଇଁ ମଧ ନିର୍ଦ୍ଦେଶ ଦିଆଯାଇଥିଲା। ମେଡିକାଲ କଲେଜ୍ ଓ ହସପିଟାଲ ଗୁଡିକର ସୁପରିଟେଣ୍ଡମାନଙ୍କୁ ପୂର୍ଣ୍ଣ ପ୍ରସ୍ତୁତ ରହିବା ଏବଂ ସେମାନଙ୍କ ପାଖାପାଖି ଜିଲ୍ଲାର ମୁଖ୍ୟ ଚିକିତ୍ସା ଅଧିକାରୀମାନଙ୍କୁ ସମସ୍ତ ପ୍ରକାର ସହଯୋଗ ଯୋଗାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସ୍ୱତନ୍ତ୍ର ଶାସନ ସଚିବ ଡ଼ାକ୍ତର ବିଜୟ କୁମାର ମହାପାତ୍ର, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ରଙ୍କ ସମେତ ବିଭିନ୍ନ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର ବରିଷ୍ଠ ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

**ନିରାପଦ ମାତୃତ୍ୱ ଲାଭ କରିଛନ୍ତି ୨୦୨**




## ପର୍ଯ୍ୟଟକଙ୍କୁ ଗୋପାଳପୁର ବେଳାଭୂମି ମନା



**ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ**

**ବ୍ରହ୍ମପୁର,୨୭।୧୦/ଏନ୍ଏନ୍ଏସ୍:** ସମ୍ଭାବ୍ୟ ବାତ୍ୟା 'ମୋନ୍ଥା'ର ପ୍ରଭାବ ଗଞ୍ଜାମ ଜିଲ୍ଲାରେ ଅନୁଭୂତ ହେବ। ଏହାକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲାପାଳ ଆଜି ଗୋପାଳପୁର ବେଳାଭୂମି ପରିଦର୍ଶନ କରିଥିଲେ। ବେଳାଭୂମିକୁ ଆସୁଥିବା ପର୍ଯ୍ୟଟକଙ୍କୁ ବାରଣ କରାଯିବା ସହ ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳରେ ଥିବା ସମସ୍ତ ଲଜ୍‌ଗୁଡିକରେ ପର୍ଯ୍ୟଟକଙ୍କ ପାଇଁ ବୁକ୍ ନ ରଖିବାକୁ କୁହାଯାଇଛି। ପାଣିପାଗ ବିଭାଗର ପୂର୍ବାନୁମାନ ପ୍ରକାରେ ଆସନ୍ତା ଦୁଇଦିନ ଧରି ସମ୍ଭାବ୍ୟା ବାତ୍ୟା 'ମୋନ୍ଥା'ର ପ୍ରଭାବ ଗଞ୍ଜାମ ଜିଲ୍ଲାରେ ଅନୁଭୂତ ହେବ। ଗଞ୍ଜାମ ଜିଲ୍ଲାକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ପବନ ବୋହିବା ସହ ପ୍ରବଳରୁ ଅତି ପ୍ରବଳ ମାତ୍ରାରେ ବର୍ଷା ହେବାର ସମ୍ଭାବନା ରହିଛି। ଆଜି ସକାଳେ ସାମାନ୍ୟ ବର୍ଷା ହେବା ସହ ପାଗ ମେଘୁଆ ରହିଥିଲା। ସେପଟେ ଗୋପାଳପୁର ସମୁଦ୍ର ମଧ ଅଶାନ୍ତ ରହିଥିଲା। ପର୍ଯ୍ୟଟକଙ୍କୁ ବେଳାଭୂମିକୁ ମନା କରାଯାଇଛି। ଆଜି ବେଳାଭୂମିକୁ ବୁଲିବାକୁ ଆସିଥିବା କିଛି ପର୍ଯ୍ୟଟକଙ୍କୁ ସେଠାରେ ନିୟୋଜିତ ଲାଇଫ୍ ଗାର୍ଡ ଓ ପୁଲିସ୍ ପକ୍ଷରୁ ବାରଣ କରାଯାଇଥିଲା। ଗଞ୍ଜାମ ଜିଲ୍ଲା ଗୋପାଳପୁର ବେଳାଭୂମି ବୁଲି ଦେଖିବା ପରେ ନିକଟବର୍ତ୍ତୀ ଅଞ୍ଚଳରେ ଥିବା ବାତ୍ୟା ଆଶ୍ରୟସ୍ଥଳି ପରିଦର୍ଶନ କରିଥିଲେ। ୩ ନମ୍ବର ଓ୍ୱାର୍ଡ ଅନ୍ତର୍ଗତ ଆଶ୍ରୟସ୍ଥଳି ଗୁଡିକରେ ବିଦ୍ୟୁତ୍ ସହ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସୁଯୋଗ ରହିଛି କି ନାହିଁ ତାହା ପଚାରି ବୁଝିଥିଲେ ଜିଲ୍ଲାପାଳ। ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳର କଚ୍ଚା ଘରେ ଏବଂ ତଳିଆ ଅଞ୍ଚଳରେ ରହୁଥିବା ଲୋକଙ୍କୁ ଆଶ୍ରୟସ୍ଥଳିକୁ ସ୍ଥାନାନ୍ତର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡିଛି। ଅନ୍ୟପକ୍ଷରେ ମତ୍ସ୍ୟଜୀବୀଙ୍କୁ ମାଛ ମାରିବା ପାଇଁ ସମୁଦ୍ରକୁ ନ ଯିବା ଲାଗି କୁହାଯାଇଛି।

## କଳିଙ୍ଗା ଘାଟି ସିଲ୍ କଲା ପ୍ରଶାସନ

**କନ୍ଧମାଳ,୨୭।୧୦/ଏନ୍ଏନ୍ଏସ୍:** ବାତ୍ୟା 'ମୋନ୍ଥା' ର ପ୍ରଭାବକୁ ଦେଖି କନ୍ଧମାଳ ଜିଲ୍ଲା ପାଇଁ ପାଣିପାଗ ବିଭାଗ ରେଡ ଓ୍ୱାର୍ଣ୍ଣିଂ ଜାରି କରିଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ କଳିଙ୍ଗା ଘାଟିକୁ ସଂପୂର୍ଣ୍ଣ ଭାବରେ ସିଲ୍ କରିଦେଇଛି ପ୍ରଶାସନ। ବିପଦ ସଙ୍କୁଳ ଅବସ୍ଥାରେ ରହିଥିବା ଭୂସ୍ଖଳନ ସ୍ଥାନରେ ପୁଣି ଭୂସ୍ଖଳନ ହେବା ସମ୍ଭାବନା ସହିତ ଅନ୍ୟ ସ୍ଥାନରେ ମଧ ଭୂସ୍ଖଳନ ହେବାର ଆଶଙ୍କା ଯୋଗୁଁ ପ୍ରଶାସନ ପକ୍ଷରୁ କଳିଙ୍ଗା ପୂର୍ତ୍ତ ବିଭାଗ ଡାକବଙ୍ଗଳା ନିକଟରେ ନାକା କରି ସିଲ୍ କରାଯାଇଛି। ଘାଟିରେ ଚାଲିଥିବା ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବା ସହିତ ଘାଟି ଉପରକୁ ଯିବାକୁ ବାରଣ କରାଯାଇଛି। ସୂଚନାଯୋଗ୍ୟ, ପାଣିପାଗ ବିଭାଗ ପକ୍ଷରୁ ଜିଲ୍ଲାରେ ୨୮ ଓ ୨୯ ତାରିଖରେ ଭାରୀ ବର୍ଷା ସହ ୬୦ରୁ ୯୦ କି.ମି. ବେଗରେ ପବନ ବହିବାର ସମ୍ଭାବନା ରହିଛି। ପାହାଡ଼ିଆ ଅଞ୍ଚଳ, ବିଶେଷକରି କଳିଙ୍ଗା ଘାଟି ଅଞ୍ଚଳକୁ ସର୍ବାଧିକ ସତର୍କ ଅଞ୍ଚଳ ଭାବେ ଘୋଷଣା କରାଯାଇଛି।

## ଘୋଡ଼ାହାଡ଼ ଡ୍ୟାମରୁ ଛଡ଼ାଗଲା ପାଣି

**ସାନଖେମୁଣ୍ଡି,୨୭।୧୦/ଏନ୍ଏନ୍ଏସ୍:** ସୋମବାର ସକାଳୁ ଗଜପତି ଜିଲ୍ଲା ସମେତ ଦିଗପହଣ୍ଡି ସାନଖେମୁଣ୍ଡି ଅଞ୍ଚଳରେ ପ୍ରବଳ ବର୍ଷା ହୋଇଛି। ବର୍ଷା ଯୋଗୁଁ ଜଳସମ୍ପଦ ବିଭାଗ ଅଧିନ ଦିଗପହଣ୍ଡି ସ୍ଥିତ ଘୋଡ଼ାହାଡ଼ ଡ୍ୟାମରୁ ସ୍ପିଲ୍ ଓ୍ୱେ ମୁଖ୍ୟ ଫାଟକର ୨ଟି ଗେଟ୍ ଦେଇ ଘୋଡ଼ାହାଡ଼ ନଦୀ ମଧ୍ୟକୁ ପାଣି ଛଡ଼ାଯାଉଥିବା ଜଳସମ୍ପଦ ବିଭାଗ ଉପ ନିର୍ବାହୀ ଯନ୍ତ୍ରୀ ଇଂ. ନିରଞ୍ଜନ ସାହୁ ସୂଚନା ଦେଇଛନ୍ତି। ନଦୀ ତଟବର୍ତ୍ତୀ ସାନଖେମୁଣ୍ଡି ଦିଗପହଣ୍ଡି ବ୍ଲକର ଗୋଲଣ୍ଡା, ମଧୁବନ, ସେବକ ଟିକରପଡ଼ା, କଇଠଖଣ୍ଡି, ବୁରିପଦର, ପେଣ୍ଠା, ତଲାସିଙ୍ଗି, ଗୁମା, ପନାଡ, ଜକମେରିପଲ୍ଲୀ, ଜଲମେରିପଲ୍ଲୀ, ଧେରେଣ୍ଡୀ, ମଳାଭଞ୍ଜା, ଆମ୍ବ ଗାଁ, ତିଳେଶ୍ୱର, ମହାନଳା, ପଳାଶପୁର, ନୂଆଗଡ଼, ଖୁଲଡି, ଜଲମରା, ଭୁଇପଲ୍ଲୀ, ପାଟପୁର, ଗ୍ରାମବାସୀଙ୍କୁ ନଦୀ ମଧକୁ ନଯିବା ସହ କୌଣସି ଗୃହପାଳିତ ପ୍ରାଣୀମାନଙ୍କୁ ନଛାଡିବା ପାଇଁ ଡାକବାଜି ଯନ୍ତ୍ର ମାଧମରେ ସତର୍କ ସୂଚନା ଜାରି କରାଯାଇଛି। ଡ୍ୟାମର ଜଳଧାରଣ କ୍ଷମତା ୧୧୭.୮୦ ମିଟର ରହିଥିବା ବେଳେ ସୋମବାର ସକାଳ ସୁଦ୍ଧା ଜଳଭଣ୍ଡାରରେ ୮୭.୫ ଭାଗ ଅର୍ଥାତ୍ ୧୧୬.୫୦ ମିଟର ପାଣି ଗଚ୍ଛିତ ରହିଥିଲା। ଡ୍ୟାମରୁ ନଦୀଗର୍ଭକୁ ପାଣି ଛଡ଼ାଯାଇଥିବା ସମ୍ପର୍କରେ ଜଳସମ୍ପଦ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ନିକଟସ୍ଥ ଥାନା ଓ ଦମକଳ କେନ୍ଦ୍ର ଗୁଡ଼ିକୁ ସୂଚନା ଦିଆଯାଇଥିବା ଜଣାପଡିଛି। ସନ୍ଧ୍ୟା ସୁଦ୍ଧା ଡ୍ୟାମ ଇଲାକାରେ ମାତ୍ର ୫ ମିଲି ମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

## ଖୋର୍ଦ୍ଧା ଜିଲ୍ଲାରେ ୨ ଦିନ ସ୍କୁଲ୍,ଅଙ୍ଗନବାଡ଼ି ଛୁଟି

**ଭୁବନେଶ୍ୱର,୨୭।୧୦/ଏନ୍ଏନ୍ଏସ୍:** ବାତ୍ୟା ପାଇଁ ଖୋର୍ଦ୍ଧା ଜିଲ୍ଲାରେ ୨ ଦିନ ସ୍କୁଲ ଛୁଟି ଘୋଷଣା କରାଯାଇଛି। ସ୍କୁଲ ସହ ଅଙ୍ଗନୱାଡ଼ି କେନ୍ଦ୍ର ଆସନ୍ତାକାଲି ତଥା ୨୮ତାରିଖ ଏବଂ ୨୯ରେ ଛୁଟି ନେଇ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଦକ୍ଷିଣ ଓଡ଼ିଶାର ୮ ଜିଲ୍ଲାରେ ସ୍କୁଲ ଛୁଟି ଘୋଷଣା ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍କୁଲ ଛୁଟି ଘୋଷଣା କରାଯାଇଛି। ଆସନ୍ତାକାଲିଠୁ ୩୦ ଯାଏ ୮ ଜିଲ୍ଲାରେ ସ୍କୁଲ ବନ୍ଦ ରହିବ। ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁରରେ ସ୍କୁଲ ବନ୍ଦ ରହିବ। ଏହା ସହିତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି।

### କୃଷି ବିଭାଗର ପ୍ରସ୍ତୁତି ବୈଠକ

## ୩୧ଯାଏଁ ସମସ୍ତ କୃଷି ଅଧିକାରୀଙ୍କ ଛୁଟି ବାତିଲ୍



**ଭୁବନେଶ୍ୱର,୨୭।୧୦/ଏନ୍ଏନ୍ଏସ୍:** ସମ୍ଭାବ୍ୟ ବାତ୍ୟା 'ମୋନ୍ଥା'କୁ ଦୃଷ୍ଟିରେ ରଖି କୃଷି ବିଭାଗ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅକ୍ଟୋବର ୩୧ ତାରିଖ ଯାଏଁ କୌଣସି କୃଷି ଅଧିକାରୀ ଛୁଟି ନେଇପାରିବେ ନାହିଁ ବୋଲି ବିଭାଗୀୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ଅବମାନନା କ୍ଷେତ୍ରରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ମଧ ନିଆଯାଇପାରେ। ଏହାବ୍ୟତୀତ, କୃଷି ବିଭାଗ ଦ୍ୱାରା ଜାରୀ ହୋଇଥିବା ପରାମର୍ଶକୁ ଚାଷୀଙ୍କ ନିକଟକୁ ସମସ୍ତ ପ୍ରକାର ମାଧମରେ ପହଞ୍ଚାଇବା ଜରୁରୀ। ଯଥା ଅମଳ ସରିଥିବା ଫସଲକୁ ଉଚ୍ଚ ତଥା ସୁରକ୍ଷିତ ସ୍ଥାନରେ ଘୋଡ଼ାଇ ରଖିବା, ଜମିରୁ ଜଳ ନିଷ୍କାସନ ଇତ୍ୟାଦି। ବାତ୍ୟା ପରବର୍ତ୍ତୀ ପଦକ୍ଷେପ ଅନୁଯାୟୀ, ଜମିରୁ ପାଣି ଛାଡ଼ିଗଲା ମାତ୍ରେ, କୃଷି ଅଧିକାରୀମାନେ ତୁରନ୍ତ ବିଲକୁ ଯାଇ ଫସଲ କ୍ଷୟକ୍ଷତିର ଆକଳନ କରିବେ। ଉପମୁଖ୍ୟମନ୍ତ୍ରୀ କେ ଭି ସିଂହଦେଓଙ୍କ ନିର୍ଦ୍ଦେଶ ଅନୁଯାୟୀ ଫସଲ କ୍ଷୟକ୍ଷତି ଆକଳନରେ କୌଣସି ବି କ୍ଷତିଗ୍ରସ୍ତଚାଷୀ ବାଦ ନ ପଡ଼ିବା ଆବଶ୍ୟକ। ତଥ୍ୟ ଅନୁଯାୟୀ, ରାଜ୍ୟରେ ୧୪.୧୭ ଲକ୍ଷ ହେକ୍ଟର ଚାଷଜମି ବୀମାଭୁକ୍ତ ଅଟେ। ପ୍ରଧାନମନ୍ତ୍ରୀ ଫସଲ ବୀମାରେ ଅନୁବନ୍ଧିତ ଚାଷୀ ବୀମା ବାବଦରେ ଏନସିଆଇପି ପୋର୍ଟାଲରେ ଆବେଦନ କରିପାରିବେ, କିମ୍ବା ଟୋଲ ଫ୍ରି ନମ୍ବର ୧୪୪୪୭ ରେ କଲ କରିପାରିବେ କିମ୍ବା ୭୦୬୫୫୧୪୪୪୭ ରେ ଯୋଗାଯୋଗ କରିପାରିବେ । କୃଷି ବିଭାଗ ପକ୍ଷରୁ କଣ୍ଟ୍ରୋଲ ରୁମର ପ୍ରସ୍ତୁତି ମଧ ଶେଷ ହୋଇଛି। ସମସ୍ତ ପ୍ରକାର ମୁକାବିଲା ପାଇଁ କୃଷି ବିଭାଗ ସଜାଗ ରହିଛି। ଏହି ବୈଠକରେ କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ଅତିରିକ୍ତ ସଚିବ ଡ଼ ଗଣେଶ୍ୱର ଜେନା, ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ସମେତ ରାଜ୍ୟର ସମସ୍ତ ଜିଲ୍ଲାରୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଉଦ୍ୟାନ କୃଷି ଅଧିକାରୀମାନେ ଭିଡ଼ିଓ କନଫରେନ୍ସ ମାଧମରେ ଯୋଗଦେଇଥିଲେ।



ନିତିଦିନ NITIDIN

### ଜେଡିୟୁ ପରେ ଏବେ ବିଜେପି

# ୪ ନେତା ୬ ବର୍ଷ ପାଇଁ ଦଳରୁ ବହିଷ୍କୃତ


**ପାଟନା, ୨୭।୧୦/ଏନେଜ୍ସି:** ଆଗକୁ ବିହାର ବିଧାନସଭା ନିର୍ବାଚନ ଥିବା ବେଳେ ଜେଡିୟୁ ଏବଂ ବିଜେପି ପକ୍ଷରୁ ଦଳଗତ ଶୃଙ୍ଖଳା ଭଙ୍ଗ ଅଭିଯୋଗରେ ଏବେ ନିଜ ନେତାମାନଙ୍କୁ ଦଳରୁ ବହିଷ୍କାର କରାଯାଉଥିବାର ଦେଖିବାକୁ ମିଳିଛି। ଦିନକ ପୂର୍ବେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗ ଆଧାରରେ ପ୍ରାୟ ୧୬ଜଣ ନେତାଙ୍କୁ ଦଳରୁ ବହିଷ୍କାର କରିଥିଲେ ଯେଉଁଥିରେ କିଛି ଏବେର ବିଧାୟକ ଏବଂ ପୂର୍ବତନ ମନ୍ତ୍ରୀ ମଧ୍ୟ ସାମିଲ ଥିବା ଜଣାପଡିଛି। ସେହିପରି ନୀତୀଶଙ୍କ ଏପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଦିନକ ପରେ ବିଜେପି ମଧ୍ୟ ଦଳ ବିରୋଧୀ ଆଭିମୁଖ୍ୟ ପ୍ରଦର୍ଶନ ଦେଖାଉଥିବା ଏବଂ ଦଳରେ ବିଶୃଙ୍ଖଳିତ ଆଚରଣ, ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ରହିବା ଆଦି ଅଭିଯୋଗ ଆଧାରରେ ଦଳର ୪ଜଣ ନେତାଙ୍କୁ ୬ ବର୍ଷ ପାଇଁ ବହିଷ୍କାର କରିଛି। ଏମାନେ ହେଲେ କହଲଗାଓଁ ବିଧାନସଭା ଆସନରୁ ପବନ ଯାଦବ, ବାହାଦୁରଗଞ୍ଜ ଆସନରୁ ବରୁଣ ସିଂହ, ଗୋପାଳଗଞ୍ଜ ଆସନରୁ ଅନୁପ କୁମାର ଶ୍ରୀବାସ୍ତବ ଏବଂ ବରହରା ଆସନରୁ ସୂର୍ଯ୍ୟ ଭାନ ସିଂହ ପ୍ରମୁଖ।

ବିଧାନସଭା ନିର୍ବାଚନ ସମୟ ପାଖେଇ ଆସୁଥିବା ବେଳେ ଉଭୟ ଦଳ ପକ୍ଷରୁ ଏପ୍ରକାର କାର୍ଯ୍ୟାନୁଷ୍ଠାନ କେତେକଙ୍କୁ ଆଶ୍ଚର୍ଯ୍ୟଚକିତ କରିଥିବା ବେଳେ ଉଭୟ ଦଳ କହିଛନ୍ତି ଯେ କୌଣସି ପରିସ୍ଥିତିରେ ମଧ୍ୟ କେହି ଦଳୀୟ ଶୃଙ୍ଖଳାରୁ ଉର୍ଦ୍ଧ୍ୱରେ ନୁହଁନ୍ତି। ଉଲ୍ଲେଖନୀୟ ଯେ ଆଗାମୀ ବିହାର ବିଧାନସଭା ନିର୍ବାଚନ ପାଇଁ ଟିକଟ ବଣ୍ଟନକୁ ନେଇ ସମସ୍ତ ଦଳ ମଧ୍ୟରେ ଅସନ୍ତୋଷ ଦେଖାଯାଉଛି। ଯେଉଁମାନଙ୍କୁ ଏଥର ଟିକଟ ଦିଆଯାଇନାହିଁ ମୁଖ୍ୟତଃ ସେହି ନେତାମାନେ ହିଁ ଦଳ ବିରୋଧରେ ଯାଇ ନିଜ ନିଜ ଆସନରେ ସ୍ୱାଧୀନ ପ୍ରାର୍ଥୀ ଭାବରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ନିଷ୍ପତ୍ତି ନେଉଛନ୍ତି। ବିଜେପି ଏହି ପ୍ରସଙ୍ଗରେ କଠୋର ଆଭିମୁଖ୍ୟ ଗ୍ରହଣ କରି ସ୍ପଷ୍ଟ ବାର୍ତ୍ତା ଦେଇଛି ଯେ କେହି ଦଳୀୟ ଶୃଙ୍ଖଳାରୁ ଉର୍ଦ୍ଧ୍ୱରେ ନୁହଁନ୍ତି।

### ଦୁର୍ଘଟଣା ନୁହେଁ, ଲିଭ୍-ଇନ୍ ପାର୍ଟନରଙ୍କୁ ଯୋଜନାବଦ୍ଧ ହତ୍ୟା

# ଅଭିଯୁକ୍ତା ପ୍ରେମିକା, ଏକ୍ସ ବୟଫ୍ରେଣ୍ଡ୍ ସହ ୪ ଗିରଫ

**ନୂଆଦିଲ୍ଲୀ,୨୭।୧୦/ଏଜେନ୍ସି:** ଦିଲ୍ଲୀର ତିମାରପୁର ପୁଲିସ୍ ଷ୍ଟେଶନ ଅଞ୍ଚଳରେ ଏକ ଚାଞ୍ଚଲ୍ୟକର ହତ୍ୟା ଘଟଣାର ପର୍ଦ୍ଦାଫାସ ହୋଇଛି। ଅକ୍ଟୋବର ୬ରେ ଗାନ୍ଧୀ ବିହାର ଅଞ୍ଚଳର ଏକ ଫ୍ଲାଟ୍‌ରେ ଜଣେ ଯୁବକଙ୍କ ପୋଡ଼ିଯାଇଥିବା ମୃତଦେହ ମିଳିଥିଲା। ପ୍ରାରମ୍ଭରେ ପୁଲିସ ଏହି ମାମଲାକୁ ଏକ ଦୁର୍ଘଟଣା ଭାବରେ ଗ୍ରହଣ କରିଥିଲେ ମଧ୍ୟ ତଦନ୍ତ ଜାରି ରଖିଥିଲା। ତେବେ ତଦନ୍ତରୁ ଏବେ ଏକ ବଡ଼ ସୂଚନା ସାମ୍ନାକୁ ଆସିଛି। ବାସ୍ତବରେ ଏହା ଏକ ଦୁର୍ଘଟଣାଜନିତ ମୃତ୍ୟୁ ନଥିଲା, ଏହା ଏକ ସୁଚିନ୍ତିତ ଏବଂ ୱେଲ୍ ପ୍ଲାନ୍ଡ ମର୍ଡର ଥିଲା। ଯୁବକଙ୍କ ହତ୍ୟାକାରୀ ଆଉ କେହି ନୁହଁନ୍ତି ବରଂ ତାଙ୍କ ସହ ଲିଭ୍-ଇନ୍‌ରେ ରହୁଥିବା ତାଙ୍କ ପ୍ରେମିକା ହିଁ ଏସବୁ ପଛରେ ମାଷ୍ଟରମାଇଣ୍ଡ ରହିଥିବା ପୁଲିସ୍ ଜାଣିବାକୁ ପାଇଛି।



ପୁଲିସ୍ ରିପୋର୍ଟ ଅନୁସାରେ ମୃତ ଯୁବକଙ୍କ ନାମ ରାମକେଶ ମୀନା ଏବଂ ସେ ରାଜସ୍ଥାନର ଅଲୱାରର ବାସିନ୍ଦା ଥିଲେ। ତେବେ ସେ ଦିଲ୍ଲୀର ଏନ୍‌ଏସ୍‌ଆଇଟି ନାମକ ଏକ ଇନ୍‌ଷ୍ଟିଚ୍ୟୁଟ୍‌ରୁ ବି.ଟେକ୍ ଡିଗ୍ରୀ ହାସଲ କରିବା ପରେ ସିଭିଲ ସର୍ଭିସେସ ପରୀକ୍ଷା ପାଇଁ ଏଠାରେ ରହି ପ୍ରସ୍ତୁତ ହେଉଥିଲେ। କିନ୍ତୁ ଏହି ସମୟରେ ଅମ୍ରିତା ନାମ୍ନୀ ଜଣେ ଯୁବତୀ ତାଙ୍କ ସଂସ୍ପର୍ଶରେ ଆସିଥିଲେ ଏବଂ ଉଭୟ ଗୋଟିଏ ଫ୍ଲାଟ୍‌ରେ ଲିଭ୍-ଇନ୍‌ରେ ରହୁଥିଲେ। ତେବେ ଏଠାରେ ରହିବା ମଧ୍ୟରେ ଉଭୟଙ୍କ ମଧ୍ୟରେ ଏକାଧିକ ତର ଶାରୀରିକ ସମ୍ପର୍କ ମଧ୍ୟ ହୋଇଥିଲା ଯାହାର ସବୁ ଭିଡିଓକୁ ନିଜ ମୋବାଇଲ୍‌ରେ ରେକର୍ଡ କରି ରଖିଥିଲେ ରାମକେଶ ମୀନା। ତେବେ ଏସବୁ ଜାଣିବା ପରେ ଯେତେବେଳେ ଅମ୍ରିତା, ରାମକେଶଙ୍କୁ ଏସବୁ ଡିଲିଟ୍ କରିଦେବାକୁ ବାରମ୍ବାର ଅନୁରୋଧ କରୁଥିଲେ ମଧ୍ୟ ରାମକେଶ ଏପରି କରିନଥିଲେ ଓଲଟା ଅମ୍ରିତାଙ୍କୁ ବ୍ଲାକ୍‌ମେଲ୍ କରୁଥିଲେ। ଅନ୍ୟ ଉପାୟ ନପାଇ ଅମ୍ରିତା, ନିଜ ପୂର୍ବତନ ବୟଫ୍ରେଣ୍ଡ୍‌ଙ୍କ ସହ କଥା ହୋଇ ରାମକେଶଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲେ।

ଅମ୍ରିତା ନିଜର ପୂର୍ବତନ ପ୍ରେମିକ ଏବଂ ଅନ୍ୟ କିଛି ବନ୍ଧୁଙ୍କ ସହିତ ମିଶି ପ୍ରଥମେ ରାମକେଶଙ୍କୁ ସେହି ଫ୍ଲାଟ୍‌ରେ ହିଁ ଗଳାକାଟି ହତ୍ୟା କରିଥିଲେ ଏବଂ ତା'ପରେ ଘିଅ, ମଦ ଏବଂ ତେଲ ଆଦି ଢ଼ାଳି କୋଠରୀରେ ନିଆଁ ଲଗାଇ ଦେଇ ସେଠାରୁ ସମସ୍ତେ ଫେରାର ହୋଇଯାଇଥିଲେ। ପୁଲିସ୍ ଉଭୟ ଅମ୍ରିତା ଏବଂ ତାଙ୍କ ପୂର୍ବତନ ପ୍ରେମିକ ଏବଂ ଅନ୍ୟ ଦୁଇ ଯୁବକଙ୍କୁ (ହତ୍ୟାକାଣ୍ଡରେ ସହଯୋଗ କରିଥିବା) ଗିରଫ କରିଛି ଏବଂ ଉଭୟ ରାମକେଶଙ୍କ ହତ୍ୟା କରିଥିବା ମଧ୍ୟ ସ୍ୱୀକାର କରିଛନ୍ତି।

### ବୁଲା କୁକୁର ମାମଲା

# ସତ୍ୟପାଠ ଦାଖଲ ହୋଇନଥିବାରୁ ରାଜ୍ୟ ଉପରେ ବର୍ଷିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୭।୧୦/ଏଜେନ୍ସି:** ଦେଶରେ ବୁଲା କୁକୁର ସମସ୍ୟାର ସମାଧାନ ପାଇଁ କୁକୁରଙ୍କୁ ବନ୍ଧ୍ୟାକରଣ କରିବା ପରେ ଛାଡିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ସୁପ୍ରିମକୋର୍ଟ। କେବଳ ସେତିକି ନୁହେଁ ଏହା ଉପରେ କେଉଁ ପ୍ରକାର କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ବା ରାଜ୍ୟୱାରୀ ଏପର୍ଯ୍ୟନ୍ତ କେତେ ବୁଲା କୁକୁରଙ୍କ ବନ୍ଧ୍ୟାକରଣ କରାଯାଇଛି, ସେନେଇ ଏକ ବିସ୍ତୃତ ରିପୋର୍ଟ ସହ ଏକ ସତ୍ୟପାଠ ମଧ୍ୟ ଦାଖଲ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶନାମା ଗତ ଅଗଷ୍ଟ ୨୨ ତାରିଖରେ ଆସିଥିଲା ଏବଂ ଏହା ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ପାଇଁ ଉଦ୍ଦିଷ୍ଟ ଥିଲା। ତେବେ ବର୍ତ୍ତମାନ ସୁଦ୍ଧା କେବଳ ପଶ୍ଚିମବଙ୍ଗ, ତେଲେଙ୍ଗାନା ଏବଂ ଦିଲ୍ଲୀ ନଗର ନିଗମ ଏପର୍ଯ୍ୟନ୍ତ ବୁଲା କୁକୁର ମାମଲାରେ ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରିଛନ୍ତି। ଅନ୍ୟ ରାଜ୍ୟଙ୍କ ପକ୍ଷରୁ ଏନେଇ କୌଣସି ସତ୍ୟପାଠ ଏପର୍ଯ୍ୟନ୍ତ ଦାଖଲ ହୋଇନଥିବାରୁ ସୋମବାର ସୁପ୍ରିମକୋର୍ଟ ଅତ୍ୟନ୍ତ କଡା ଶବ୍ଦରେ ରାଜ୍ୟ ସରକାରମାନଙ୍କୁ ଭର୍ତ୍ସନା କରିଛନ୍ତି।




ଜଷ୍ଟିସ୍ ବିକ୍ରମ ନାଥ, ସନ୍ଦୀପ ମେହେଟ୍ଟା ଏବଂ ଜଷ୍ଟିସ୍ ଏନ୍ ଭି ଅଞ୍ଜାରିଆଙ୍କୁ ନେଇ ଗଠିତ ତିନି ଜଣିଆ ଖଣ୍ଡପୀଠ ପଶ୍ଚିମବଙ୍ଗ ଏବଂ ତେଲେଙ୍ଗାନା ବ୍ୟତୀତ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବମାନଙ୍କୁ ନଭେମ୍ବର ୩ ତାରିଖରେ ବ୍ୟକ୍ତିଗତ ଉପସ୍ଥିତିରେ ନିର୍ଦ୍ଦେଶ ଦେଇଛନ୍ତି, ଯେଉଁମାନେ ଏପର୍ଯ୍ୟନ୍ତ କାହିଁକି ଅନୁପାଳନ ଶପଥପତ୍ର ଦାଖଲ କରାଯାଇ ନାହିଁ ତାହା ଖଣ୍ଡପୀଠଙ୍କ ସମ୍ମୁଖରେ ସ୍ପଷ୍ଟୀକରଣ ରଖିବେ। ଶୁଣାଣି ଅବସରରେ ଜଷ୍ଟିସ୍ ନାଥ କହିଛନ୍ତି, 'ସମସ୍ତ ମୁଖ୍ୟ ସଚିବ ବ୍ୟକ୍ତିଗତ ଭାବରେ ଉପସ୍ଥିତ ରହିବାକୁ ପଡ଼ିବ। ନଚେତ୍, ଆମେ (ଏକ) ଅଡିଟୋରିୟମ୍‌ରେ କୋର୍ଟ କରିବୁ। ଯଦି ରାଜ୍ୟଗୁଡ଼ିକର ମୁଖ୍ୟ ସଚିବମାନେ ହାଜର ନ ହୁଅନ୍ତି, ତେବେ ସେମାନଙ୍କୁ ଜରିମାନା ଲଗାଯିବ କିମ୍ବା କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।' ସେହିପରି ଖଣ୍ଡପୀଠ ଦିଲ୍ଲୀ ମୁଖ୍ୟ ସଚିବଙ୍କୁ ମଧ୍ୟ ସମନ କରିଛନ୍ତି। କୋର୍ଟ ଉଲ୍ଲେଖ କରିଛନ୍ତି ଯେ ଦିଲ୍ଲୀ ନଗର ନିଗମ ଏକ ସତ୍ୟପାଠ ଦାଖଲ କରିଥିଲେ ମଧ୍ୟ ଦିଲ୍ଲୀ ସରକାର ଏପର୍ଯ୍ୟନ୍ତ ଏହାର ଜବାବ ଦାଖଲ କରିନାହାଁନ୍ତି। ଫଳସ୍ୱରୂପ, କୋର୍ଟ ନଭେମ୍ବର ୩ରେ ପରବର୍ତ୍ତୀ ଶୁଣାଣି ସମୟରେ ଦିଲ୍ଲୀ ମୁଖ୍ୟ ସଚିବଙ୍କ ଉପସ୍ଥିତି ଚାହୁଁଛନ୍ତି।

ପ୍ରକାଶ, ବୁଲା କୁକୁର ସମସ୍ୟା କେବଳ ଦିଲ୍ଲୀ-ଏନସିଆର ପର୍ଯ୍ୟନ୍ତ ସୀମିତ ଥିଲା। କିନ୍ତୁ ଅଗଷ୍ଟ ୨୨ ତାରିଖରେ ସୁପ୍ରିମକୋର୍ଟ ଏହାକୁ ସମଗ୍ର ଭାରତର ସମସ୍ୟା ବୋଲି କହିଥିଲେ ଏବଂ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ କୁହାଯାଇଥିଲା।

# ମୁମ୍ବାଇରୁ ୬ ଆଫଗାନ୍ ନାଗରିକ ଗିରଫ




**ମୁମ୍ବାଇ, ୨୭।୧୦/ଏଜେନ୍ସି:** ମୁମ୍ବାଇ ପୁଲିସ ସୋମବାର ୬ ସନ୍ଦିଗ୍ଧ ଆଫଗାନ ନାଗରିକଙ୍କୁ ଗିରଫ କରିଛି। ଏମାନେ ସମସ୍ତେ ଜାଲ କାଗଜପତ୍ର ଆଧାରରେ ଭାରତକୁ ଆସିଥିବା ବେଳେ ମୁମ୍ବାଇରେ ରହୁଥିଲେ। ତେବେ ସ୍ଥାନୀୟ କିଛି ଲୋକଙ୍କର ଏମାନଙ୍କ ଉପରେ ବେଶ୍ କିଛି ଦିନ ଧରି ସନ୍ଦେହ ହେବାରୁ ପୁଲିସ୍‌ରେ ସୂଚନା ଦେଇଥିଲେ। ପୁଲିସ୍ ଯେତେବେଳେ ଏମାନଙ୍କୁ ଆସି ପଚରାଉଚରା କରିଥିଲା ଏବଂ ସେମାନଙ୍କ ନାଗରିକତା ପ୍ରମାଣପତ୍ର ଦେଖାଇବାକୁ କହିଥିଲା ସେମାନେ କୌଣସି ବୈଧ କାଗଜପତ୍ର ଦେଖାଇପାରିନଥିଲେ, ଯାହା ଫଳରେ ପୁଲିସ ସେମାନଙ୍କୁ ଗିରଫ କରିଛି। ତେବେ ସମସ୍ତ ଆଫଗାନ ନାଗରିକଙ୍କୁ ଚିହ୍ନଟ କରାଯାଇଛି ଏବଂ ଏମାନଙ୍କୁ ଖୁବ୍‌ଶୀଘ୍ର ସେମାନଙ୍କ ଦେଶ ଆଫଗାନିସ୍ତାନକୁ ପଠାଇ ଦିଆଯିବ ବୋଲି ପୁଲିସ କହିଛି। ପୁଲିସ ଅନୁସାରେ ଅଭିଯୁକ୍ତମାନେ କାନ୍ଦାହାରର ସ୍ଥାୟୀ ବାସିନ୍ଦା ଅବଦୁଲ ସମଦ୍ ହାଜି ଅହମଦ ଜାଇ ନାଓରୋଜି (୪୭), ମହମ୍ମଦ ରସୁଲ କମାଲୁଦ୍ଦିନ ଖାକସର (୨୪), ଜିଆ ଉଲ ହକ୍ ଅହମଦି (୩୬), ଅସଦ୍ ଖାନ ତାରାକାଇ (୩୬), ମହମ୍ମଦ ଇବ୍ରାହିମ ଗଜନଭି (୩୬) ଏବଂ ଜାବୁଲ ପ୍ରଦେଶର ବାସିନ୍ଦା ଅମିଲ ଉଲ୍ଲା (୪୮) ବୋଲି ଚିହ୍ନଟ ହୋଇଛନ୍ତି।

### ଭାରତକୁ ଉସୁକାଇବାକୁ ଚେଷ୍ଟା କରୁଛନ୍ତି ୟୁନୁସ୍

# ଉତ୍ତର-ପୂର୍ବ ରାଜ୍ୟକୁ ନିଜର ଦର୍ଶାଇଲା ବାଂଲାଦେଶ

**ନୂଆଦିଲ୍ଲୀ, ଢାକା, ଇସଲାମାବାଦ୍, ୨୭।୧୦/ଏଜେନ୍ସି:** ବାଂଲାଦେଶ ସରକାରଙ୍କ ଆନ୍ତରୀଣ ମୁଖ୍ୟ ମହମ୍ମଦ ୟୁନୁସ୍, ଉଦ୍ଦେଶ୍ୟମୂଳକ ଭାବେ ଭାରତ ସହ ବିବାଦୀୟ ପରିସ୍ଥିତି ଉତ୍ପନ୍ନ କରୁଛନ୍ତି। ଏବେ ସେ ପୁଣିଥରେ ଭାରତର ସାର୍ବଭୌମତ୍ୱ ପ୍ରତି ସିଧାସଳଖ ଆହ୍ୱାନ ଦେଇଛନ୍ତି। ରିପୋର୍ଟ ଅନୁସାରେ ମହମ୍ମଦ ୟୁନୁସ୍, ପାକିସ୍ତାନ ସେନା ମୁଖ୍ୟ ଜେନେରାଲ୍ ସାହିର୍ ଶମସାଦ୍ ମିର୍ଜାଙ୍କୁ ଏକ ବିବାଦୀୟ ମାନଚିତ୍ର ଉପହାର ଦେଇଛନ୍ତି, ଯେଉଁଥିରେ ଭାରତର ଆସାମ ଓ ଅନ୍ୟ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକୁ ବାଂଲାଦେଶର ଅଂଶ ଭାବେ ଦର୍ଶାଯାଇଛି। ଏସମ୍ପର୍କରେ ଜଣାପଡିବା ପରେ ଭାରତ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ବ୍ୟକ୍ତ କରାଯାଇଛି।




ଗତ ସପ୍ତାହ ଶେଷରେ ଜେନେରାଲ୍ ମିର୍ଜା ଢାକା ଗସ୍ତରେ ଆସି ୟୁନୁସ୍‌ଙ୍କୁ ଭେଟିଥିଲେ। ଏହି ସାକ୍ଷାତକାର ଏପରି ସମୟରେ ହୋଇଥିଲା ଯେତେବେଳେ କି ବାଂଲାଦେଶ ଓ ପାକିସ୍ତାନ ମଧ୍ୟରେ ସମ୍ପର୍କ ସୁଧୁରୁଥିବା ଉଭୟ ଦେଶ ପକ୍ଷରୁ ଦାବି କରାଯାଉଛି। ୧୯୭୧ ମୁକ୍ତି ଯୁଦ୍ଧ ପରେ ଉଭୟ ଦେଶ ମଧ୍ୟରେ ତିକ୍ତତା ରହିଥିଲା। ତେବେ ସପ୍ତାହ ଶେଷରେ ଜେନେରାଲ୍ ମିର୍ଜାଙ୍କ ସହ ହୋଇଥିବା ସାକ୍ଷାତକାର ସମୟର ଫଟୋକୁ ରବିବାର ୟୁନୁସ ନିଜର ସୋସିଆଲ୍ ମିଡିଆରେ ପୋଷ୍ଟ କରିଥିଲେ, ଯାହାଫଳରେ ଏସମ୍ପର୍କରେ ଜଣାପଡିଛି। ଏହି ଫଟୋରେ ୟୁନୁସ୍ 'ଆର୍ଟ ଅଫ୍ ଟ୍ରାୟମ୍ଫ' ନାମକ ଏକ ପୁସ୍ତକ ମିର୍ଜାଙ୍କୁ ଉପହାର ଦେଉଥିବାର ଦେଖାଯାଇଛି, ଯାହାର କଭର ପୃଷ୍ଠାରେ ବାଂଲାଦେଶର ଏକ ବିକୃତ ମାନଚିତ୍ର ରହିଛି। ବାସ୍ତବରେ ବାଂଲାଦେଶ ଏହି ମାନଚିତ୍ରରେ ଭାରତର ଉତ୍ତର ପୂର୍ବ ରାଜ୍ୟଗୁଡ଼ିକୁ ନିଜର ବୋଲି ଦର୍ଶାଇଛି।

ତେବେ ଏହା ପ୍ରଥମ ଥର ନୁହେଁ ଯେ ୟୁନୁସ ଭାରତର ଉତ୍ତର-ପୂର୍ବାଞ୍ଚଳକୁ ନେଇ ବିବାଦ ସୃଷ୍ଟି କରିଛନ୍ତି। ଗତ କିଛି ମାସ ମଧ୍ୟରେ ସେ ବିଦେଶୀ ମଞ୍ଚରେ ବାରମ୍ବାର ଏହି ଅଞ୍ଚଳଗୁଡ଼ିକୁ ବାଂଲାଦେଶର ବୋଲି ଦାବି କରିଛନ୍ତି। ସେହିପରି ଚଳିତ ବର୍ଷ ଏପ୍ରିଲ୍ ମାସରେ ଚୀନ୍ ଗସ୍ତ ସମୟରେ ମଧ୍ୟ ୟୁନୁସ ଦାବି କରିଥିଲେ ଯେ ଉତ୍ତର-ପୂର୍ବ ଭାରତ ସମୁଦ୍ରଠାରୁ ଦୂରରେ ଥିବାରୁ, ବାଂଲାଦେଶ ହିଁ ଏହି ଅଞ୍ଚଳ ପାଇଁ 'ସମୁଦ୍ରର ଏକମାତ୍ର ଅଭିଭାବକ'। ସେ ଚୀନ୍‌କୁ ଏହି ଅଞ୍ଚଳରେ ଅଧିକ ପ୍ରଭାବ ବିସ୍ତାର କରିବାକୁ ଉତ୍ସାହିତ କରିଥିଲେ, ଯାହାକୁ ନେଇ ନୂଆଦିଲ୍ଲୀ କ୍ଷୁବ୍ଧ ହୋଇଥିଲା। ମୋଟାମୋଟି ୟୁନୁସ, ଭାରତ ସହ ସମ୍ପର୍କକୁ ଖରାପ କରି ଚୀନ୍ ଏବଂ ପାକିସ୍ତାନ ସହ ନିକଟତର ହେବାକୁ ଚେଷ୍ଟା କରୁଛନ୍ତି।

ଗୋଟିଏ ପଟେ ଚୀନ୍, ଭାରତର ଅରୁଣାଚଳପ୍ରଦେଶ ଏବଂ ଲଦାଖର ଅକ୍ସାଇ ଚୀନ୍ ଅଞ୍ଚଳ ଉପରେ ନିଜର ସାର୍ବଭୌମତ୍ୱ ଦାବି କରୁଥିବା ବେଳେ ପାକିସ୍ତାନ ଭାରତର କାଶ୍ମୀର ଉପରେ ଏହାର ଅଧିକାର ବୋଲି ଦର୍ଶାଇବାକୁ ଚେଷ୍ଟା କରୁଛି। ଏଦୁଇ ଦେଶଙ୍କ ସହ ଏବେ ବାଂଲାଦେଶ ମଧ୍ୟ ଯୋଡି ହୋଇଯାଇଛି ଏବଂ ଭାରତର ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ଉପରେ ଦାବି କରିବା ଆରମ୍ଭ କରିଦେଇଛି।

# ଏମ୍‌ସିଏଲ୍‌ରେ ସତର୍କତା ସଚେତନତା ସପ୍ତାହ-୨୦୨୫ ଉଦ୍‌ଘାଟିତ



**ସମ୍ବଲପୁର, ୨୭।୧୦/ଏଜେନ୍ସି:** ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ୨୭ ଅକ୍ଟୋବର ୨୦୨୫ରୁ ୨ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ 'ସତର୍କତା: ଆମର ସହଭାଗୀ ଦାୟିତ୍ୱ' ବିଷୟବସ୍ତୁ ଉପରେ ସତର୍କତା ସଚେତନତା ସପ୍ତାହ -୨୦୨୫ ପାଳନ କରୁଛି।

ଏମ୍‌ସିଏଲ୍‌ର ମୁଖ୍ୟ ସତର୍କତା ଅଧିକାରୀ ପି କେ ପଟେଲ, ଏମ୍‌ସିଏଲ୍‌ର ନିର୍ଦ୍ଦେଶକ (ଅପରେସନ୍ସ/ ପ୍ରୋଜେକ୍ଟ / ଯୋଜନା) ଏସ୍‌କେ ଝା'ଙ୍କ ଉପସ୍ଥିତିରେ ସମ୍ବଲପୁର କର୍ପୋରେଟ୍ ମୁଖ୍ୟାଳୟରେ ଏମ୍‌ସିଏଲ୍‌ର କର୍ମଚାରୀମାନଙ୍କୁ ସଚ୍ଚୋଟତାର ଶପଥ ପାଠ କରାଇଥିଲେ। ଏହି ଅବସରରେ, ମହିଳା କର୍ମଚାରୀମାନେ ସତର୍କତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ଏବେ ନିକଟବର୍ତ୍ତୀ ସହର ଏବଂ ଗ୍ରାମଗୁଡିକରେ ପରିକ୍ରମା କରି ସଚ୍ଚୋଟତା ଏବଂ ସତର୍କତାର ବାର୍ତ୍ତା ପ୍ରସାର କରିବ। ସପ୍ତାହ ମଧ୍ୟରେ ସଚେତନତା ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ପ୍ରସାର କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସୂଚନା ଦିଆଯାଇଛି।



ବିହାର ଠାରୁ ଆରମ୍ଭ କରି ଦେଶର ପ୍ରତ୍ୟେକ ରାଜ୍ୟ ଏପରିକି ବିଦେଶରେ ମଧ୍ୟ ଆଜି ପବିତ୍ର ଛଠ୍ ପୂଜା ମହା ଆଡମ୍ବରସହକାରେ ପାଳନ କରାଯାଇଛି। ଅଷ୍ଟ୍ରେଲିଆ, ଆମେରିକା ଭଳି ଦେଶରେ ପ୍ରବାସୀ ଭାରତୀୟମାନେ ବିଧିବଦ୍ଧ ଭାବେ ଏକତାପୂର୍ଣ୍ଣ ସହକାରେ ସୂର୍ଯ୍ୟ ଭଗବାନ୍‌ଙ୍କ ପୂଜା କରିଛନ୍ତି।


(ଅଷ୍ଟ୍ରେଲିଆର ମେଲବର୍ଣ୍ଣ ସହରରେ ପ୍ରବାସୀ ଭାରତୀୟଙ୍କ ଛଠ୍ ପୂଜା)

### ବିହାର ବିଧାନସଭା ନିର୍ବାଚନ

# ୨୯ରେ ଏକାଠି ଗର୍ଜିବେ ରାହୁଲ-ତେଜସ୍ୱୀ

**ପାଟନା,୨୭।୧୦/ଏଜେନ୍ସି:** ବିରୋଧୀ ମେଣ୍ଟ (ଇଣ୍ଡିଆ ମେଣ୍ଟ) ପାଇଁ ଷ୍ଟାର ପ୍ରଚାରକ ରାହୁଲ ଗାନ୍ଧୀଙ୍କୁ ଏବେ ଆଉ ଦେଖିବାକୁ ମିଳୁନଥିବା ନେଇ ସମ୍ବାଦ ଚର୍ଚ୍ଚାରେ ରହିଛି। ତେବେ ଏସବୁ ମଧ୍ୟରେ ସୋମବାର ଏକ ବଡ଼ ଖବର ସାମ୍ନାକୁ ଆସିଛି। ରିପୋର୍ଟ ଅନୁସାରେ ଉଭୟ ରାହୁଲ ଏବଂ ତେଜସ୍ୱୀଙ୍କୁ ମିଳିତ ଭାବେ ଶକ୍ତି ପ୍ରଦର୍ଶନ କରିବାର ଦେଖିବାକୁ ମିଳିବ। ସୋମବାର ବିହାର ସମେତ ଦେଶ ଓ ବିଦେଶରେ ମଧ୍ୟ ଛଠ୍ ପୂଜା ପାଳନ ହୋଇଯାଇଛି। ଛଠ୍ ପୂଜା ପରେ ହିଁ ରାହୁଲ ଏବଂ ତେଜସ୍ୱୀ ମିଳିତ ଭାବେ ସର୍ବପ୍ରଥମେ ମୁଜାଫରପୁର ଏବଂ ଦରଭଙ୍ଗା ଠାରେ ନିର୍ବାଚନୀ ପ୍ରଚାର କରିବେ ବୋଲି ଜଣାପଡିଛି। ଅକ୍ଟୋବର ୨୯ରେ ହିଁ ଏହି ଦୁଇ ନେତାଙ୍କୁ ଏକତ୍ର ଦେଖିବାକୁ ମିଳିପାରେ।

### ଆଜି ପ୍ରିୟଙ୍କାଙ୍କ ସାଧାରଣ ସଭା ଓ ରାଲି; ଘୋଷଣା ହୋଇପାରେ ଇସ୍ତାହାର




ପ୍ରକାଶ ଏବେ ଯେତେବେଳେ ବିହାରରେ ନିର୍ବାଚନୀ ପ୍ରଚାର ପର୍ବ ଜୋରସୋରରେ ଜାରି ରହିଛି ସେତେବେଳେ ରାହୁଲଙ୍କ ଅନୁପସ୍ଥିତିକୁ ତେଜସ୍ୱୀଙ୍କ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀତ୍ୱ ସହ ମଧ୍ୟ ଯୋଡାଯାଉଛି। ତେଜସ୍ୱୀଙ୍କୁ ଇଣ୍ଡିଆ ମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରାଯିବା ନେଇ ରାହୁଲ କୌଣସି ସୂଚନା ଦେଇନଥିଲେ ମଧ୍ୟ ନିଜେ ନିଜେ ତେଜସ୍ୱୀ କହିବୁଲୁଥିଲେ। ତେବେ ଏହି ସମୟରେ ରାହୁଲଙ୍କୁ ବିହାରରେ ନିୟମିତ ଭାବେ ନିର୍ବାଚନୀ ପ୍ରଚାର ଓ ସାଧାରଣ ସଭାରେ ଦେଖିବାକୁ ମିଳୁଥିଲା। କିନ୍ତୁ ଯେତେବେଳେ ଶେଷରେ ତେଜସ୍ୱୀଙ୍କ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀତ୍ୱ ନେଇ ସବୁକିଛି ସ୍ପଷ୍ଟ ଭାବେ ଘୋଷଣା କରାଗଲା ତା' ପରଠାରୁ ରାହୁଲଙ୍କୁ ଆଉ ଦେଖିବାକୁ ମିଳିନଥିଲା। ଏହାକୁ ନେଇ ଚର୍ଚ୍ଚା ଜୋର ଧରିଥିଲା।

ବିହାର ନିର୍ବାଚନ ୨୦୨୫ ପାଇଁ ଏପର୍ଯ୍ୟନ୍ତ କେବଳ ବରିଷ୍ଠ ଏନ୍‌ଡିଏ ନେତାମାନେ ଆକ୍ରମଣାତ୍ମକ ପ୍ରଚାର କରୁଥିବାର ଦେଖିବାକୁ ମିଳିଛି। ତେବେ ଛଠ୍ ସମାପ୍ତ ହେବା ମାତ୍ରେ ବିରୋଧୀ ଇଣ୍ଡିଆ ମେଣ୍ଟର ବରିଷ୍ଠ ନେତାମାନେ ମଧ୍ୟ ବିହାରରେ ନିର୍ବାଚନ ପ୍ରଚାରକୁ ଜୋରଦାର କରିବେ। ସେହିପରି ପ୍ରିୟଙ୍କା ଗାନ୍ଧୀ ମଧ୍ୟ ଆଜି (ମଙ୍ଗଳବାର) ବିହାରର କେତେକ ପ୍ରାନ୍ତରେ ନିର୍ବାଚନୀ ପ୍ରଚାର କରିପାରନ୍ତି ବୋଲି କୁହାଯାଉଛି। ଏତଦ୍‌ବ୍ୟତୀତ ଆସନ୍ତା କାଲି ହିଁ ବିରୋଧୀ ଇଣ୍ଡିଆ ମେଣ୍ଟ ନିଜ ନିର୍ବାଚନୀ ଇସ୍ତାହାର ମଧ୍ୟ ଜାରି କରିବ ବୋଲି ଦଳୀୟ ସୂତ୍ରରୁ ଜଣାପଡିଛି।

ରିପୋର୍ଟ ଅନୁସାରେ ବିହାରରେ ଚଳିତ ଥର ୨ଟି ପର୍ଯ୍ୟାୟରେ ଭୋଟ୍ ଗ୍ରହଣ କରାଯିବ। ପ୍ରଥମ ପର୍ଯ୍ୟାୟ ଭୋଟ୍ ନଭେମ୍ବର ୬ ତାରିଖରେ ଗ୍ରହଣ କରାଯିବାକୁ ଅଛି। ଗୋଟିଏ ପଟେ ଇଣ୍ଡିଆ ମେଣ୍ଟ ତେଜସ୍ୱୀଙ୍କୁ ମୁଖ୍ୟମନ୍ତ୍ରୀ ମୁହଁ ଭାବରେ ଘୋଷଣା କରିସାରିଥିବା ବେଳେ ଅନ୍ୟତମ ସହଯୋଗୀ ଦଳ ଭିଆଇପି ମୁଖ୍ୟ ମୁକେଶ ସାହାନିଙ୍କୁ ଉପ-ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରାଯାଇଛି। ତେବେ କଂଗ୍ରେସ ନିଜର କୌଣସି ନେତାଙ୍କୁ ଉପ-ମୁଖ୍ୟମନ୍ତ୍ରୀ ଘୋଷଣା କରିନାହିଁ। କୁହାଯାଉଛି ଯେ ଯଦି ନିର୍ବାଚନ ପରେ ମହାଗଠବନ୍ଧନ ସରକାର ଗଠନ କରିବାର ସ୍ଥିତିରେ ଥାଏ, ତେବେ କଂଗ୍ରେସ ଜଣେ ଦଳିତ କିମ୍ବା ମୁସଲିମଙ୍କୁ ଉପ-ମୁଖ୍ୟମନ୍ତ୍ରୀ ଭାବରେ ଘୋଷଣା କରିପାରେ।

# ପାକିସ୍ତାନ୍-ଆଫଗାନ୍ ୯ ଘଣ୍ଟିଆ ଆଲୋଚନା ବିଫଳ

### ଟ୍ରମ୍ପ୍‌ଙ୍କ ମୁହଁ ଫୁଟାଣି: "ମୁଁ କରିକି ଦେଖାଇବି"



**ଇସ୍ତାନବୁଲ୍, ୨୭।୧୦/ଏଜେନ୍ସି:** ତୁର୍କୀ ରାଜଧାନୀ ଇସ୍ତାନବୁଲ୍‌ରେ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ଆୟୋଜିତ ହୋଇଥିବା ଦ୍ୱିପାକ୍ଷିକ ବୈଠକ ଶେଷରେ ବିଫଳ ସାବ୍ୟସ୍ତ ହୋଇଛି। ଆଲୋଚନାରେ ପାକିସ୍ତାନ ତରଫରୁ ଆଫଗାନିସ୍ତାନକୁ ଆତଙ୍କବାଦୀ ସମାପ୍ତ କରିବା ପାଇଁ ଏକ ତଥ୍ୟ ଭିତ୍ତିକ ଯୋଜନା ପ୍ରଦାନ କରାଯାଇଥିବା ବେଳେ ଆଫଗାନିସ୍ତାନ ଏହାକୁ ସ୍ୱୀକାର କରିନଥିଲା। ତେବେ ଏହି ଆଲୋଚନା ଦୀର୍ଘ ୯ ଘଣ୍ଟା ଧରି ଚାଲିଥିଲା। ପାକିସ୍ତାନ ଓ ତାଲିବାନ ସରକାର ତରଫରୁ ହୋଇଥିବା ଏହି ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ପାକିସ୍ତାନ ତରଫରୁ ୭ ସଦସ୍ୟ ବିଶିଷ୍ଟ ପ୍ରତିନିଧିମଣ୍ଡଳୀ ଏଥିରେ ଭାଗ ନେଇଥିଲେ। ଏହି ପ୍ରତିନିଧିମଣ୍ଡଳୀ ତରଫରୁ ଆଫଗାନିସ୍ତାନରେ ଥିବା ଆତଙ୍କବାଦୀ କ୍ୟାମ୍ପ ଓ ଆତଙ୍କବାଦୀଙ୍କୁ ସମାପ୍ତ କରିବା ଦାବି ଦୋହରାଯାଇଥିଲା। ପାକିସ୍ତାନ ଏନେଇ ଏକ ବିସ୍ତୃତ ବିବରଣୀ ତାଲିବାନକୁ ଦେଇଥିଲା, ଯାହାକୁ ତାଲିବାନ କର୍ତ୍ତୃପକ୍ଷଙ୍କ ତରଫରୁ ସମୀକ୍ଷା କରାଯାଉଛି।

ସୀମା ପାର ସୁରକ୍ଷା ଓ ଆତଙ୍କବାଦ ଗତିବିଧି ରୋକିବା ଏହି ଆଲୋଚନାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ତେବେ ଆଲୋଚନା ସଫଳ ହୋଇନଥିବାରୁ ଆଗାମୀ ଦିନରେ ଏହା ଉପରେ ଅଧିକ ଚର୍ଚ୍ଚା ହେବା ଅନୁମାନ କରାଯାଉଛି। ଯଦିଓ ବର୍ତ୍ତମାନ ସୁଦ୍ଧା ଉଭୟ ଦେଶ ଅସ୍ଥାୟୀ ଶାନ୍ତିରେ ଏକମତ ହୋଇଛନ୍ତି; କିନ୍ତୁ ଏ ପର୍ଯ୍ୟନ୍ତ ସ୍ଥାୟୀ ସମାଧାନର ବାଟ ମିଳିପାରିନି। ବୈଠକରେ ଇସଲାମାବାଦ ଉଭୟ ଦେଶ ମିଶି ସୀମା ପାର୍ ଗତିବିଧି ଉପରେ ନଜର ରଖିବା ସହ ମିଳିତ ପେଟ୍ରୋଲିଂ ଆରମ୍ଭ କରିବା ଉପରେ ପ୍ରସ୍ତାବ ବାଢିଥିଲା; କିନ୍ତୁ ତାଲିବାନ ଏହାକୁ ଅସ୍ୱୀକାର କରିଥିଲା। ପାକିସ୍ତାନ ଆଫଗାନ୍ ଶରଣାର୍ଥୀଙ୍କୁ ବାହାର କରିବା ନେଇ ଚେତାବନୀ ଦେଇଥିଲା। ଆଫଗାନ୍ ପ୍ରତିନିଧି ଏହାକୁ ଅମାନବୀୟ ବୋଲି ଦର୍ଶାଇବା ସହ ଏହା ଉଭୟ ଦେଶ ପାଇଁ ଆର୍ଥିକ ସଙ୍କଟ ସୃଷ୍ଟି କରିବ ବୋଲି କହିଥିଲେ। ଅନ୍ୟପକ୍ଷେ ଏବେ ଯେତେବେଳେ ଉଭୟ ଦେଶ ମଧ୍ୟରେ ଆଲୋଚନା ବିଫଳ ହୋଇସାରିଛି ସେତେବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କିନ୍ତୁ ନିଜ ମୁହଁ ବଡ଼ାଣିଆ ଛାଡିନାହାନ୍ତି। ଟ୍ରମ୍ପ୍ କହିଛନ୍ତି, ସେ ଏହାକୁ ନେଇ ହାରିଯିବେ ନାହିଁ, ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ସେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ କରାଇବା ପାଇଁ ବଦ୍ଧ ପରିକର। ସେ ଏହାକୁ କରିକି ଦେଖାଇବେ। ସେ ଅନେକ ଦେଶ-ଦେଶ ମଧ୍ୟରେ ରହିଥିବା ତିକ୍ତତା ଓ ବିବାଦକୁ ସମାଧାନ କରିସାରିଛନ୍ତି। ଆଫଗାନ-ପାକିସ୍ତାନ ବିବାଦର ମଧ୍ୟ ସମାଧାନ ହେବ।

# ଦେଉଳିମଠରେ ପହଞ୍ଚିଲା 'ନନ୍ଦିଘୋଷ ରଥଚକ'



**କୁଣ୍ଢେଇ,୨୭।୧୦/ଏନ୍ଏନ୍ଏସ୍:** ଆଜି ସୋମବାର ଅପରାହ୍ଣରେ ପୁରୀ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମହାପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଏକ ଚକ ପର୍ଯ୍ୟଟନସ୍ଥଳୀ ଦେଉଳିମଠ ତଥା ଜଗନ୍ନାଥଙ୍କ ଏଣ୍ଟୁଡ଼ିଶାଳ ଦେଉଳିମଠକୁ ଅଣାଯାଇଛି। ନବକଳେବର ସହିତ ଶ୍ରୀ ଜଗନ୍ନାଥ ସଂସ୍କୃତି ସହ ଜଡିତ ତଥା ମହାପ୍ରଭୁଙ୍କ ଆଦ୍ୟକ୍ଷେତ୍ର ଭାବେ ପରିଚିତ ପ୍ରାଚୀ ନଦୀ ତଟ ବାସିନୀ ମା' ମଙ୍ଗଳାଙ୍କ କ୍ଷେତ୍ରକୁ ନନ୍ଦିଘୋଷ ରଥଚକା ଆସିବା ଘଟଣା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ହୋଇଥିଲେ ମଧ୍ୟ ଏଭଳି ଏକ ପଦକ୍ଷେପରେ ମା' ମଙ୍ଗଳା ମନ୍ଦିର ପ୍ରଶାସନ କିମ୍ବା ମା' ମଙ୍ଗଳା ମନ୍ଦିରର ସେବକମାନଙ୍କୁ ଉପେକ୍ଷା କରାଯିବା ଘଟଣା ପାଇଁ ସେବକ ସଙ୍ଘ ପକ୍ଷରୁ ଗଭୀର ଅସନ୍ତୋଷ ବ୍ୟକ୍ତ କରାଯାଇଛି। ପରମ୍ପରା ଅନୁଯାୟୀ ମହାପ୍ରଭୁଙ୍କ ନବକଳେବର ପାଇଁ ଦାରୁ ସଂଗ୍ରହ ନିମନ୍ତେ ଦଇତାପତି ସେବକମାନେ ଦେଉଳି ମଠରେ ଅଧିଆ ପଡ଼ିନ୍ତି। ମା' ମଙ୍ଗଳାଙ୍କ ସ୍ୱପ୍ନାଦେଶ ହେଲେ ମା'ଙ୍କ ଅଜ୍ଞ୍ୟାମାଳ ନେଇ ଦଇତାପତି ସେବକମାନେ ଦାରୁ ସଂଗ୍ରହ ପାଇଁ ଯାଇଥାନ୍ତି। ଶ୍ରୀମନ୍ଦିର ସେବକ ଓ ମା' ମଙ୍ଗଳା ମନ୍ଦିର ସେବକଙ୍କ ମଧ୍ୟରେ ବହୁ ପ୍ରାଚୀନ ସମ୍ପର୍କ ଥିବା ବେଳେ ଏଭଳି ଏକ ମହତ କାର୍ଯ୍ୟରେ ମା' ମଙ୍ଗଳା ମନ୍ଦିରକୁ ଉପେକ୍ଷା କରାଯିବା ଘଟଣାକୁ ବୁଦ୍ଧିଜୀବୀମାନେ ମଧ୍ୟ ନିନ୍ଦା କରିଛନ୍ତି। ଏହି ଘଟଣାରେ ସଂପୃକ୍ତ ଜନୈକ ଠିକାଦାର ଓ ତାଙ୍କ ସରପଞ୍ଚ ପୁତ୍ର ନିକଟରେ ଏକ ରାଜନୈତିକ ଦଳ ଛାଡି ଶାସକ ଦଳରେ ସାମିଲ ହୋଇଛନ୍ତି। ସେଥିପାଇଁ ନିଜର ବ୍ୟବସାୟ ଓ ରାଜନୈତିକ ଫାଇଦା ଉଦ୍ଦେଶ୍ୟ ରଖି ନିଜର ପତିଆରା ଜାହିର ପାଇଁ ନିଜେ ମୋଟା ଅଙ୍କର ଟଙ୍କା ଖର୍ଚ୍ଚ କରି ଶାସକ ଦଳର ନିର୍ଦ୍ଦିଷ୍ଟ କିଛି ରାଜନେତାଙ୍କୁ ଏହି ରଥଚକ ଯାତ୍ରାରେ ସାମିଲ କରିଥିଲେ। କାକଟପୁରର ବରିଷ୍ଠ ନାଗରିକ, ସେବାୟତ ନିଯୋଗ,ସାମ୍ବାଦିକ ସଂଘମାନଙ୍କୁ ଉପେକ୍ଷା କରିବା ସହିତ କିଭଳି ଭାବେ ଏବଂ କାହା ପ୍ରରୋଚନାରେ ମା' ମଙ୍ଗଳାଙ୍କ ସେବାୟତଙ୍କୁ ଅଣଦେଖା କରାଯାଇ ରଥଚକ ଯାତ୍ରାରେ ସାମିଲ କରାଗଲା ନାହିଁ ଏ ନେଇ ସେବାୟତଙ୍କ ମହଲରେ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଛି। ଆଗାମୀ ନବକଳେବର ସମୟରେ ଦଇତାପତି ସେବକ ମାନଙ୍କୁ ମା' ମଙ୍ଗଳା ସେବାୟତ ମାନଙ୍କ ପକ୍ଷରୁ କୌଣସି ପ୍ରକାର ସାହାଯ୍ୟ ଏବଂ ସହଯୋଗ କରାଯିବ ନାହିଁ ଏବଂ ଶ୍ରୀମନ୍ଦିର ପ୍ରଶାସନର ଏତାଦୃଶ କାର୍ଯ୍ୟକୁ ନିନ୍ଦା କରାଯିବା ସହିତ ଆଗାମୀ ନବକଳେବର ସମୟରେ ସମ୍ପୃକ୍ତ ଠିକାଦାର ଦଇତାପତିମାନଙ୍କୁ ସେବା ଯୋଗାଇବେ ବୋଲି ସେବାୟତ ନିଯୋଗ ସଭାପତି ମନୋରଞ୍ଜନ ପଣ୍ଡା, ସମ୍ପାଦକ ପବିତ୍ର କୁମାର ଦୀକ୍ଷିତ, ଉପସଭାପତି ତଥା କାକଟପୁର ପ୍ରେସ୍ କ୍ଲବ୍‌ର ସଭାପତି କମଳଲୋଚନ ଦୀକ୍ଷିତ, ମଙ୍ଗଳା ମନ୍ଦିର ଉପଦେଷ୍ଟା କମିଟି ସଦସ୍ୟ ତୁଷାରରଞ୍ଜନ ଦୀକ୍ଷିତ ପ୍ରମୁଖ ପ୍ରକାଶ କରିଛନ୍ତି।

# ସ୍ୱତନ୍ତ୍ର ଟ୍ରେନ୍ ବ୍ୟବସ୍ଥାକୁ ନେଇ ଯାତ୍ରୀ ମହଲରେ ଉତ୍ସୁକତା




**ନୟାଗଡ଼,୨୭।୧୦/ଏନ୍ଏନ୍ଏସ୍:** ଧର୍ମ ମାସ କାର୍ତ୍ତିକରେ ନୟାଗଡ଼ ଜିଲ୍ଲାରୁ ବହୁ ଭକ୍ତ ଓ ହବିଷ୍ୟାଳି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ପାଇଁ ପୁରୀ ଯାଉଥିବା ବେଳେ ଟ୍ରେନ୍‌ରେ ନାହିଁ ନଥିବା ଭିଡ଼ ଲାଗି ରହୁଛି। ଏହାକୁ ଦୃଷ୍ଟିରେ ରଖି ଦକ୍ଷିଣ-ପୂର୍ବ ରେଳ କର୍ତ୍ତୃପକ୍ଷ ଦଶପଲ୍ଲାରୁ ପୁରୀକୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ରେଳ ବିଭାଗ ସୂଚନା ଅନୁଯାୟୀ, ୬୮୪୦୩ ନଂ. ସ୍ୱତନ୍ତ୍ର ଟ୍ରେନ୍ ଦଶପଲ୍ଲାରୁ ରାତି ୩ଟାରେ ବାହାରି ସକାଳ ୭ଟା ୧୫ ମିନିଟ୍‌ରେ ପୁରୀରେ ପହଞ୍ଚିବ। ସେହିଭଳି ୬୮୪୦୪ ସ୍ୱତନ୍ତ୍ର ଟ୍ରେନ୍ ପୁରୀରୁ ରାତି ୧୧ଟା ୫ମିନିଟରେ ବାହାରି ରାତି ୨ଟା ୧୫ମିନିଟ୍‌ରେ ଦଶପଲ୍ଲାରେ ପହଞ୍ଚିବ। ଏହି ସ୍ୱତନ୍ତ୍ର ଟ୍ରେନ ସେବା ସୋମବାର ଠାରୁ ଆରମ୍ଭ ହୋଇଥିଲା ବେଳେ ଆସନ୍ତା ନଭେମ୍ବର ୫ ତାରିଖ ଯାଏଁ ଚାଲିବ। ଦୈନିକ ଚାଲିବାକୁ ଥିବା ଏହି ସ୍ୱତନ୍ତ୍ର ଟ୍ରେନ୍ ନିର୍ଦ୍ଧାରିତ ସମୟରେ ଚାଲିବ ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ। ପୂର୍ବରୁ ଦଶପଲ୍ଲାରୁ ପୁରୀକୁ ଗୋଟିଏ ଟ୍ରେନ ନିୟମିତ ଯାତାୟାତ କରୁଥିବା ବେଳେ ଏହି ଟ୍ରେନ୍‌ଟି ପୂର୍ବ ପରି ନିର୍ଦ୍ଧାରିତ ସମୟରେ ଯାତାୟାତ ଅବ୍ୟାହତ ରହିବ। ଉଲ୍ଲେଖଯୋଗ୍ୟ କାର୍ତ୍ତିକ ମାସରେ ପୁରୀକୁ ଭକ୍ତମାନଙ୍କ ଭିଡ଼ ଲାଗି ରହୁଥିବା ବେଳେ ପଞ୍ଚୁକରେ ସ୍ୱତନ୍ତ୍ର ଟ୍ରେନ୍‌ର ବ୍ୟବସ୍ଥା କରିବାକୁ ହବିଷ୍ୟାଳୀ ଓ ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ରେଳ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରାଯାଇଥିଲା। ଭକ୍ତ ତଥା ଯାତ୍ରୀମାନଙ୍କ ଦାବିକୁ ଗୁରୁତ୍ୱ ଦେଇ ରେଳ ବିଭାଗ ଏହି ସ୍ୱତନ୍ତ୍ର ଟ୍ରେନ ବ୍ୟବସ୍ଥା କରିଥିବାରୁ ଯାତ୍ରୀମାନଙ୍କ ମଧ୍ୟରେ ଉତ୍ସୁକତା ଦେଖା ଦେଇଥିଲା ବେଳେ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

# ବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ଶିବିର ଉଦ୍‌ଘାଟିତ




**ବଳଙ୍ଗା,୨୭।୧୦/ଏନ୍ଏନ୍ଏସ୍:** ସ୍ଥାନୀୟ ବଳଙ୍ଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅନ୍ତର୍ଗତ ଯୁଗ୍ମ ଜାତୀୟ ସେବା ଯୋଜନା ଶାଖା ପକ୍ଷରୁ ସ୍ୱତନ୍ତ୍ର ସେବା ଶିବିର ଉଦ୍ଘାଟିତ ହୋଇଯାଇଛି। ପୁରାତନ ସ୍ୱେଚ୍ଛାସେବୀ ତଥା ବର୍ତ୍ତମାନର ପୁରୁଣା ମହିଳା ସ୍ୱେଚ୍ଛାସେବୀ ଓ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ବଳଭଦ୍ର ରଥଙ୍କ ସମେତ ୫୬ ଜଣକୁ ନେଇ ଶିଶିର ଉଦ୍ଘାଟିତ ହୋଇଯାଇଛି।ଅଧ୍ୟକ୍ଷ ପ୍ରଭାତ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାର ମୁଖ୍ୟ ଅତିଥି ଥିଲେ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ମଧ୍ୟସ୍ଥ ଏନ୍ ଏସ ଏସ ପ୍ରଶିକ୍ଷଣ ସଂସ୍ଥାନର ସଂଯୋଜକ ଶ୍ରୀଯୁକ୍ତ ନିରଦ ଚରଣ ଖୁଣ୍ଟିଆ, ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ ଜ୍ଞାନଦେବୀ ଡିଗ୍ରୀ ମହାବିଦ୍ୟାଳୟ କୁଅଁରପୁରର ଅଧ୍ୟକ୍ଷ ହେମନ୍ତ ବାରିକ ଓ ସମ୍ମାନିତ ଅତିଥି ଭାବେ ଯୋଗଦେ ଥିଲେ ଜାଗେଶ୍ୱରୀ ଯୁବକ ସଂଘର ସଂପାଦକ ତଥା ଭଗବତୀ ନୋଡାଲ ଉଚ୍ଚ ବିଦ୍ୟାଳୟ ରୂପଦେଇପୁରର କ୍ରୀଡା ଶିକ୍ଷକ ନକୁଳ ସ୍ୱାଇଁ। ଅତିଥିମାନେ ଏନ୍‌ଏସଏସକୁ ନିଜର କ୍ୟାରିୟର କରି କିଭଳି ଚରିତ୍ର ସୁଧାର କରିପାରି ରାଷ୍ଟ୍ର ନିର୍ମାଣରେ ସହାୟକ ହୋଇପାରିବେ, ନେତୃତ୍ୱ ବିକାଶ ଓ ବ୍ୟକ୍ତିତ୍ୱ ବିକାଶର କରାଯାଇପାରିବ ତାର କୈଶଳ ଉପସ୍ଥାପନ କରିଥିଲେ। ଅଧ୍ୟାପିକା ରଶ୍ମୀ ସାହୁ, ରାଜଲକ୍ଷ୍ମୀ ମହାପାତ୍ର, ସୁଶ୍ରୀ ମୋନିକା ମିଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷା ବିଭାଗୀୟ ମୁଖ୍ୟ ଡଃ ପ୍ରଦୋଷ କୁମାର ପତି ମଞ୍ଚ ସଞ୍ଚାଳନା କରିଥିବା ବେଳେ ଅଧ୍ୟାପକ ବ୍ରଜବନ୍ଧୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ମନ୍ଦାରିଆପାଟଣାକୁ ରାଜସ୍ୱ ଗ୍ରାମ ଘୋଷଣା ନିମନ୍ତେ ତହସିଲଦାରଙ୍କ ସୀମା ତଦାରଖ

**ବାଲିଅନ୍ତା,୨୭।୧୦/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ଅନ୍ତର୍ଗତ ଜୟର ଶାସନ ମୌଜାର ମନ୍ଦାରିଆପାଟଣା ଗ୍ରାମକୁ ରାଜସ୍ୱ ଗ୍ରାମ ଘୋଷଣା କରିବା ନିମନ୍ତେ ମନ୍ଦାରିଆପାଟଣା ଗ୍ରାମବାସୀ ଜିଲ୍ଲାପାଳ ଖୋର୍ଦ୍ଧାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏ ସମ୍ପର୍କିତ ଶୁଣାଣି ଗତ ଅକ୍ଟୋବର ୯ରେ ବାଲିଅନ୍ତା ତହସିଲ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ତହସିଲଦାର, ୧୬ନମ୍ବର ଜୋନ୍ ଜିଲ୍ଲାପରିଷଦ ସଦସ୍ୟ, ଜଗନ୍ନାଥପୁର ସରପଞ୍ଚ, ନାଏବ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ କି କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ମୂଳ ରାଜସ୍ୱ ଗ୍ରାମ ଠାରୁ ପଡା ଗ୍ରାମର ଦୂରତା ୫୦୦ ମିଟର ହୋଇଥିବା ଆବଶ୍ୟକ ତତ୍‌ସହିତ ୨୫୦ ଲୋକସଂଖ୍ୟା ଥିବା ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା ପାଇଁ ନିର୍ଦ୍ଦେଶ ଜାରିକରିଥିଲେ। ଫଳରେ ସରକାରୀ ସୁବିଧା ତୃଣମୂଳ ସ୍ତରରେ ସହଜରେ ପହଞ୍ଚିପାରିବ। ଏଠାରେ ସୂଚେଇ ଦେଉଛୁ କି ଜଗନ୍ନାଥପୁର ପଞ୍ଚାୟତର ମନ୍ଦାରିଆପାଟଣାର ଭୋଟର ସଂଖ୍ୟା ୧୨୭୨ ଅଟେ। ତତ୍ ସହିତ ଭୌଗୋଳିକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଦୁଇ କିଲୋମିଟର ବ୍ୟାପି ଗ୍ରାମର ପରିସୀମା। ତାହା ସହିତ ରାଜସ୍ୱ ଗ୍ରାମ ପାଇଁ ଆବଶ୍ୟକ ସୁବିଧା ମନ୍ଦାରିଆପାଟଣାରେ ଉପଲବ୍ଧ ରହିଛି ପ୍ରାଥମିକ ବିଦ୍ୟାଳୟ, ମଧ୍ୟ ଇଂରାଜୀ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ମହାଦେବ ମନ୍ଦିର, ଗ୍ରାମଦେବତୀ ମନ୍ଦିର, ଭାଗବତଘର, ଗ୍ରାମ ଶ୍ମଶାନ ବିରାଟ ପୁଷ୍କରିଣୀ ରହିଛି। ଏତଦ୍‌ବ୍ୟତୀତ ଦେଖିବାକୁ ଗଲେ ମୂଳ ରାଜସ୍ୱ ଗ୍ରାମ ଜୟରଶାସନ ଫୁଲନଖରା-ନିଆଳି ୬୦ ନମ୍ବର ରାଜ୍ୟ ରାଜପଥର ଏବଂ ପ୍ରାଚୀ ଡିଭିଜନ ଫୁଲନଖରା ଡିଷ୍ଟ୍ରିବ୍ୟୁଟାରି କେନାଲର ଡାହାଣ ପାର୍ଶ୍ୱରେ ଅବସ୍ଥିତ ଥିବା ବେଳେ ମନ୍ଦାରିଆପାଟଣା ବାମ ପାର୍ଶ୍ୱରେ ଅବସ୍ଥିତ। ଏହା ସହିତ ରାଜସ୍ୱ ନକ୍ସା ମଧ୍ୟ ଅଲଗା ମନ୍ଦାରିଆପାଟଣାର ନକ୍ସା ୧ନମ୍ବର ହୋଇ ଥିବା ବେଳେ ମୂଳ ରାଜସ୍ୱ ଗ୍ରାମର ନକ୍ସା ୨ ନମ୍ବର ଅଟେ। ଜନସଂଖ୍ୟା ଦୃଷ୍ଟିରୁ ମୂଳ ରାଜସ୍ୱ ଗ୍ରାମର ଜନସଂଖ୍ୟା ଓ ଭୋଟର ସଂଖ୍ୟାର ଦୁଇଗୁଣ ହେଉଛି ମନ୍ଦାରିଆପାଟଣାର ଜନସଂଖ୍ୟା ଓ ଭୋଟର ସଂଖ୍ୟା। ତେଣୁ ଉପରୋକ୍ତ ସମସ୍ତ ବିଷୟକୁ ଯାଞ୍ଚ କରାଯାଇ ମନ୍ଦାରିଆପାଟଣାକୁ ରାଜସ୍ୱ ଗ୍ରାମ ଘୋଷଣା କରିବାକୁ ଦାବି କରିଥିଲେ। ଏହାକୁ ଉପଲକ୍ଷ କରି ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପାଇଁ ତହସିଲଦାର ବାଲିଅନ୍ତା ଲୀଲନ ପ୍ରସାଦ ସାହୁ ରାଜସ୍ୱ ସୁପରଭାଇଜର ବାଲିଅନ୍ତା, ରାଜସ୍ୱ ନିରୀକ୍ଷକ ବାଲିଅନ୍ତା ମିଳିତ ଭାବରେ ବୁଧବାର ଜଗନ୍ନାଥପୁର ପଞ୍ଚାୟତର ଜୟରଶାସନ ମୌଜାର ତିନୋଟି ପଡ଼ା ମନ୍ଦାରିଆପାଟଣା, ମହାନ୍ତିପାଟଣା, ମୁସଲମାନ ବସ୍ତିକୁ ଯାଇ ଗ୍ରାମର ସୀମା ତଦାରଖ କରିଥିଲେ।

# ବରିଷ୍ଠ ସମ୍ବାଦିକଙ୍କ ପିତୃ ବିୟୋଗ

**ଅସ୍ତରଙ୍ଗ,୨୭।୧୦/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍‌ର ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ କୁମାର ବାରିକଙ୍କ ପିତା ହୃଦାନନ୍ଦ ବାରିକ(୮୪)ଙ୍କର ଅସ୍ତରଙ୍ଗ ସ୍ଥିତ ବାସଭବନରେ ରବିବାର ବିଳମ୍ବିତ ରାତ୍ରରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ନିକଟରେ ତିନି ପୁତ୍ର, ପୁତ୍ରବଧୂ ଓ ଝିଅ, ଜ୍ୱାଇଁ, ନାତି ନାତୁଣୀ, ବନ୍ଧୁ ପରିବାର, ଗ୍ରାମବାସୀ ଉପସ୍ଥିତ ଥିଲେ। ଖବର ପାଇ ପୁରୀଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ପୁରୀ ଜିଲ୍ଲା କର୍ମଜୀବି ସାମ୍ବାଦିକ ସଂଘ, ଅସ୍ତରଙ୍ଗ ପ୍ରେସ୍ କ୍ଲବ୍‌ର ସଭ୍ୟ ବୃନ୍ଦ , ବ୍ଲକ୍ ବିଜୁ ଯୁବ ଜନତା ଦଳର ବରିଷ୍ଠ ବ୍ୟକ୍ତି ବିଶେଷ, ସବୁଜ ଶାଖାର ଉପଦେଷ୍ଟା ଦିବାକର ଛାଟୋଇ ଓ ସଭ୍ୟମାନେ ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

# ଦୁର୍ନୀତି ନିବାରଣ ସପ୍ତାହ ଉପଲକ୍ଷେ ଶପଥ ପାଠ

**ନୟାଗଡ଼,୨୭।୧୦/ଏନ୍ଏନ୍ଏସ୍:** ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୭ ରିଖ ଠାରୁ ୨ ତାରିଖ ପର୍ଯ୍ୟନ୍ତ ପାଳନ ଅବସରରେ ଆଜି ଦିବା ୧୧ଘଟିକା ସମୟରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସଙ୍କ ଅଧ୍ୟକ୍ଷତାରେ ଏକ ଶପଥ ପାଠ କାର୍ଯ୍ୟକ୍ରମ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କାର୍ଯ୍ୟାଳୟର ଡେପୁଟୀ କଲେକ୍ଟର ତପତୀ ରାଜ, ଡେପୁଟୀ କଲେକ୍ଟର ତରୁଣ କୁମାର ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟଙ୍କ ସମେତ ଅନ୍ୟ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମ ଜିଲ୍ଲା ତଥା ସମସ୍ତ ବ୍ଲକ ଅନ୍ତର୍ଗତ ବିଭାଗୀୟ କାର୍ଯ୍ୟାଳୟରେ ମଧ୍ୟ ଅନୁଷ୍ଠିତ ହୋଇଛି।

# ଏକ ଅନନ୍ୟ ପରମ୍ପରା 'ଶଗଡ଼ ଶୋଭାଯାତ୍ରା'



**ସାକ୍ଷୀଗୋପାଳ,୨୭।୧୦/ଏନ୍ଏନ୍ଏସ୍:** ଆଧୁନିକ ଯୁଗରେ ଲୋକେ ଯନ୍ତ୍ରଚାଳିତ ଯାନବାହନ ଉପରେ ନିର୍ଭରଶୀଳ ହୋଇଗଲେଣି। ପରିବେଶ ପ୍ରଦୂଷଣ ରୋକିବାକୁ ଇ-ବାଇକ୍ ମଧ୍ୟ ପ୍ରଚଳନ ହେଲାଣି। ବିଗତ ଦିନରେ ପରିବହନର ମାଧ୍ୟମ ପାରମ୍ପରିକ ଶଗଡ଼ ଗାଡ଼ି ପ୍ରାୟ ୨ରୁ ୩ ଦଶନ୍ଧି ଧରି ଆଉ ଦେଖିବାକୁ ମିଳୁନି। ଏବେ ଗ୍ରାମାଞ୍ଚଳରେ କାଁ ଭାଁ କେଉଁଠି ଶଗଡ଼ ଗାଡିଟିଏ ଦେଖିବାକୁ ମିଳୁଛି। ପୁରୀ ଜିଲ୍ଲାର ପିଲିପିଲା, କରଡ଼ି, ଜଗନ୍ନାଥ ବିଦ୍ୟାଧରପୁର, ମଠସାହି ଭଳି ଗାଁର ଲୋକେ ଆଜି ମଧ୍ୟ ସେହି ପାରମ୍ପରିକ ଶଗଡ଼ ରଖିଛନ୍ତି। ପ୍ରତି ବର୍ଷ ଭଳି ବିଭିନ୍ନ ଗାଁର ୩୦ରୁ ଅଧିକ ସୁସଜ୍ଜିତ ଶଗଡ଼ ୩୧୬ ନଂ ପୁରୀ ଭୁବନେଶ୍ୱର ଜାତୀୟ ରାଜପଥରେ ପଟ୍ଟନାୟିକିଆ-ସୁଆଣ୍ଡୋ ରାସ୍ତାରେ ଶୋଭା ଯାତ୍ରାରେ ଦେଖିବାକୁ ମିଳିଥିଲା। ଶଗଡ଼କୁ ସଜ୍ଜିତ କରିବା ସହିତ ବଳଦକୁ ମଧ୍ୟ ସଜାଇଥିଲେ। ଶଗଡରେ ସମସ୍ତ ଜିନିଷ ଲଦି ସତ୍ୟବାଦୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଳପୁର ଗ୍ରାମର ପ୍ରସିଦ୍ଧ ଶୈବପୀଠ ହରି ସହଦେବ ପୀଠକୁ ଶଗଡ଼ିଆ ମାନେ ଯାତ୍ରା କରିଥିଲେ। ବିଶ୍ୱାସ ରହିଛି ଗୋମାତାଙ୍କ ରକ୍ଷକ ହେଉଛନ୍ତି ହରିସହଦେବ। ତେଣୁ ଗୋମାତାଙ୍କ ସୁରକ୍ଷା ନିମନ୍ତେ ସାଙ୍ଗରେ ଆଣିଥିବା ଦେଶୀଗାଈ କ୍ଷୀର, ପାଚିଲା କଦଳୀ,ଗୋଲ ମରିଚ,ନବାତ ସହିତ ବଟା ଭାଙ୍ଗ ମିଶାଇ ଦୁଧ କୁଶୁମା ଭୋଗଲାଗି କରିଥିଲେ। ସେଠାରେ ଗୋଟିଏ ଦିନ ରହଣି ପରେ ପରଦିନ ସକାଳୁ ପୁଣି ଥରେ ଗାଁକୁ ଫେରି ଯାଇଛନ୍ତି। ଏକ ପଟୁଆରରେ ଯାଉଥିବା ଶଗଡ଼କୁ ରାଜପଥରେ ଯିଏ ଦେଖିଲା ଘଡିଏ ଅଟକି ରହୁଥିଲା। ଜାତୀୟ ରାଜପଥରେ ଏହି ଶଗଡ଼ ଗାଡ଼ିର ଶୋଭାଯାତ୍ରା ଦେଖିବା ପାଇଁ ପଥଚାରୀ ମାନେ ନିଜ ନିଜର ଗାଡି ଅଟକାଇ ଫଟୋଚିତ୍ର ଉଠାଇଥିଲେ। ଠାକୁରଙ୍କ ପୀଠରେ ଏହି ଶୋଭାଯାତ୍ରା ଦେଖିବା ପାଇଁ ପ୍ରବଳ ଗହଳି ପରିଲକ୍ଷିତ ହୋଇଥିଲା।

# ବୟାଳିଶମୌଜା ଶାନ୍ତି କମିଟିର ବୈଠକ

**ବୟାଳିଶମୌଜା,୨୭।୧୦/ଏନ୍ଏନ୍ଏସ୍:** କଟକ ସଦର ୪୨ ମୌଜା କଳପଡ଼ା ସ୍ଥିତ କଦମ୍ବେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅଗ୍ରଣୀ ଅନୁଷ୍ଠାନ ୪୨ ମୌଜା ଶାନ୍ତି କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶାନ୍ତି କମିଟିର ସଭାପତି ଶରତ ଚନ୍ଦ୍ର ରାୟ ସଭାପତିତ୍ୱ କରିଥିଲେ। ଆଗାମୀ ଦିନରେ ଅନୁଷ୍ଠାନର କଳେବର ବୃଦ୍ଧି ପାଇଁ ୪୨ ମୌଜାର ସମସ୍ତ ଗ୍ରାମରୁ ଜଣେ ଜଣେ ସଦସ୍ୟଙ୍କୁ ଯୋଡିବା ପାଇଁ ଏକ ଚୟନ କମିଟି ଗଠନ କରାଗଲା। ଦିନକୁ ଦିନ ୪୨ ମୌଜାରେ ବୁଲା ଗୋରୁ, ଶଣ୍ଢ ଓ ବାରାହାଙ୍କ ପାଇଁ ଚାଷୀକୁଳ କ୍ଷତିଗ୍ରସ୍ତ ହୋଇ ଦୟନୀୟ ଜୀବନ ଯାପନ କରୁଥିବାରୁ ଏହି ସମସ୍ୟା ସମ୍ବନ୍ଧରେ ପ୍ରଶାସନ ଓ ଜିଲ୍ଲାପାଳଙ୍କୁ ଅଭିଯୋଗ କରିବା ପାଇଁ ନିଷ୍ପତି ନିଆଯାଇଥିଲା। ସେହିପରି କମିଟିର ବାର୍ଷିକ ଉତ୍ସବ ଚଳିତ ବର୍ଷ ଶେଷ ଆଡ଼କୁ ଆୟୋଜନ କରିବା ପାଇଁ ସଭାରେ ସିଦ୍ଧାନ୍ତ ନିଆଯାଇଥିଲା। ଏହି ସଭାରେ ଉପ ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର, ଶ୍ୟାମ ସୁନ୍ଦର ପରିଡ଼ା, ବଂଶୀଧର ପରିଡ଼ା, ଜୟ କୃଷ୍ଣ ମୁଦୁଲି, ଭଜକୃଷ୍ଣ ଲେଙ୍କା, ପୀତବାସ ବେଉରା, ଅଧ୍ୟାପକ ପ୍ରଫୁଲ୍ଲ ଦାସ, ସନ୍ତୋଷ କୁମାର ପତି, ଅନାମ କୁମାର ମଲ୍ଲିକ, ଜ୍ୟୋତି ରଞ୍ଜନ ଦାସ, ଇଂ ଅଶୋକ ବିଶ୍ୱାଳ, ଶରତ କୁମାର ପରିଡ଼ା, ସୁଜନ ରାଉତ, କୋଷାଧ୍ୟକ୍ଷ ଅଶୋକ ରାଉତ ଓ ସୁଜିତ କୁମାର ଦେବତା ପ୍ରମୁଖ ଯୋଗଦାନ କରିଥିଲେ। ଅଶୋକ ରାଉତ ଧନ୍ୟବାଦ୍ ଅର୍ପଣ କରିଥିଲେ।

# କମିଶନ୍‌ରେଟ୍ ପୁଲିସ ପକ୍ଷରୁ ସାଇବର ସଚେତନତା




**ବୟାଳିଶମୌଜା,୨୭।୧୦/ଏନ୍ଏନ୍ଏସ୍:** କଟକ ସଦର ୪୨ ମୌଜା ଅବସ୍ଥିତ ସୁଦର୍ଶନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାଇବର ଥାନା ଅଧିକାରୀ ରଶ୍ମିତା ଜେନାଙ୍କ ତତ୍ତ୍ୱାବଧାନରେ ଏକ ସାଇବର ସୁରକ୍ଷା ସଚେତନତା ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶ୍ରୀମତୀ ଜେନା ଡିଜିଟାଲ୍ ଆରେଷ୍ଟ ଠକେଇ, ନିବେଶ ଏବଂ ଟ୍ରେଡିଂ ଠକେଇ, ପାର୍ସଲ/କଷ୍ଟମ୍ ଠକେଇ, ନକଲି ଋଣ, ତତ୍କାଳ କ୍ରେଡିଟ୍ ଆପ୍ ଠକେଇ, ନକଲି ପରିଚୟ ଏବଂ ଓଟିପି ଠକେଇ, ଇ-କମର୍ସ ରିଫଣ୍ଡ୍ ଅଫର୍ ଠକେଇ ଉପରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରିବା ସହିତ ସଚେତନ କରିଥିଲେ। ପ୍ରକାଶଥାଉ କି ସାଇବର ଅପରାଧୀମାନେ ବିଭିନ୍ନ ତରିକାରେ ଠକେଇ କରୁଥିବା ନଜରକୁ ଆସିବା ପରେ କମିଶିନରେଟ ପୁଲିସ ପକ୍ଷରୁ ଏହି ସଚେତନତା ଶିବିର ଆୟୋଜିତ ହୋଇଥିଲା। ଏହାକୁ କିଭଳି ରୋକାଯାଇ ପାରିବ ସେ କ୍ଷେତ୍ରରେ ସାଇବର ସୁରକ୍ଷା ଅଭିଯାନ ମାଧ୍ୟମରେ ସଚେତନ ରହିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୟାଳିଶ ମୌଜା ଥାନା ଅଧିକାରୀ ଓମ୍‌ପ୍ରକାଶ ମହାନ୍ତି , ସାମ୍ବାଦିକ ଅନିଲ ଦାସ, ଚନ୍ଦନ ମହାନ୍ତି, ଦିଲୀପ ପତି, ସୁଦର୍ଶନ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶିବଶଙ୍କର ସେଠୀ, ବରିଷ୍ଠ ପ୍ରାଧ୍ୟାପକ ଡ. ସୁଶାନ୍ତ କୁମାର କର, ଅଧ୍ୟାପକ ତନ୍ମୟ ଦାସ, ଡ. ରାଜେନ୍ଦ୍ର ପତି, ବିଚିତ୍ରାନନ୍ଦ ପତି, ଶୁଭେନ୍ଦୁ ନାରାୟଣ ପାତ୍ର, ଲିଲି ଦାସ, ସସ୍ମିତା ବିଶୋଇ, ପ୍ରିୟଦର୍ଶିନୀ ପ୍ରଧାନ, ରୁମିଲା ବେହେରା, ଅସୀମା ପ୍ରିୟଦର୍ଶିନୀ, ଲକ୍ଷ୍ମୀଧର ନାୟକ, ପ୍ରକାଶ ଦାସ, ସଞ୍ଜୀବ ସେନାପତି, ସୂର୍ଯ୍ୟକାନ୍ତ ନନ୍ଦ, ପ୍ରତାପ ସେନାପତି, କିଶୋର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ନିଶାଡ଼ିଙ୍କ ଉତ୍ପାତ: ଲୁଟିଲେ ହାଇମାଷ୍ଟ



**କିଶୋରନଗର,୨୭।୧୦/ଏନ୍ଏନ୍ଏସ୍:** କିଶନନଗର ଥାନା ଅନ୍ତର୍ଗତ ମଦର ଅଭୟାରଣ୍ୟ ଭାବେ ପରିଚିତ ଯଶପଡା ପଞ୍ଚାୟତ ହାଟ ଏବେ ନିଶାଡିମାନଙ୍କ ପାଇଁ ପାଲଟିଛି ଭୂସ୍ୱର୍ଗ। ସ୍ଥାନୀୟ ନିଶାଡି ମାନଙ୍କ ସହିତ ବାହାରର ଅସାମାଜିକ ଯୁବକମାନେ ପ୍ରତ୍ୟହ ରାତିରେ ସ୍କୁଲ ଘର, ମାର୍କେଟ କମ୍ପ୍ଲେକ୍ସ ଓ ମଣ୍ଡପ ମଦୁଆଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଯେଉଁଥିପାଇଁ ସ୍ଥାନୀୟ ଅଞ୍ଚଳରେ ଛୋଟ ବଡ଼ ଚୋରି ହେଉଛି। ସୂଚନା ମୁତାବକ ଶନିବାର ରାତିରେ ଯଶପଡା ପଞ୍ଚାୟତ ହାଟ ପଡ଼ିଆରେ ସାଂସଦ ପାଣ୍ଠିରୁ ସପ୍ତାହକ ତଳେ ଲାଗିଥିବା ଲକ୍ଷାଧିକ ଟଙ୍କାର ହାଇମାଷ୍ଟ ଲାଇଟ୍ ଚୋରିକରି ନେଇଥିବା ଅଭିଯୋଗ ହୋଇଛି। ଅଭିନବ ଉପାୟରେ ଲାଇଟ୍ ଖୁଣ୍ଟର ତଳ ବେସ୍‌ରେ ଲାଗିଥିବା ନଟ୍ ବୋଲ୍ଟକୁ ଖୋଲି ଖୁଣ୍ଟକୁ ତଳକୁ ପକାଇ ପାଞ୍ଚଟି ଲାଇଟ୍ ଖୋଲି ନେଇଥିବା ଜଣାଯାଇଛି। ଯାହାଫଳରେ ପଞ୍ଚାୟତ ହାଟ ପଡିଆ ଦେଇ ଅନ୍ଧାରରେ ଯାତାୟାତ କରୁଥିବା ଆଖପାଖ ଗ୍ରାମର ସାଧାରଣ ଲୋକମାନେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ପୁଲିସ ଉକ୍ତ ଅଞ୍ଚଳର ମଦୁଆଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି। ତେବେ ସେମାନେ ଆଉ ଧରାପଡ଼ିବେ ବୋଲି ଲୋକେ ବିଶ୍ୱାସ ହରାଇ ସାରିଲେଣି।

# ସାମ୍ବାଦିକଙ୍କ ବାଇକ୍ ଚୋରି ଅଭିଯୋଗ

**ଖୋର୍ଦ୍ଧା,୨୭।୧୦/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଉପକଣ୍ଠ ଉଇଲକିଶନ ନଗରସ୍ଥିତ ଏକ ଖବରକାଗଜ କାର୍ଯ୍ୟାଳୟ ଆଗରୁ ଏକ ବାଇକ୍‌କୁ ଦୁର୍ବୃତ୍ତ ଚୋରି କରିନେଇଛନ୍ତି। ଏ ନେଇ ଗାଡ଼ି ମାଲିକ ତଥା ସାମ୍ବାଦିକ ମନୋରଞ୍ଜନ ପ୍ରଧାନ ଶିଲ୍ପାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି। ମନୋରଞ୍ଜନ ଗତକାଲି ରାତିରେ ନିଜ ଗାଁରେ କରିଥିବା ଅଫିସ ଆଗରେ ଗାଡ଼ି ରଖି ଭିତରେ କାମ କରିବା ପରେ ଶୋଇପଡ଼ିଥିଲେ। ମାତ୍ର ବାହାରେ ଥିବା ଓଆର୍.୦୨ବିୟୁ, ୯୨୧୨ ନଂ ବିଶିଷ୍ଟ ଏକ ବାଇକ୍‌କୁ କେହି ଦୁର୍ବୃତ୍ତ ରାତିରେ ଚୋରିରି ନେଇଯାଇଥିଲା। ସକାଳୁ ଅଫିସ ଆଗରେ ଗାଡି ନଦେଖି ଏଣେତେଣେ ଖୋଜି ନପାଇବାରୁ ଶେଷରେ ସେ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ଜଣାଯାଇଛି।

## ନୀଳକଣ୍ଠ ମେମୋରିଆଲ୍ କ୍ରିକେଟ୍ ଉଦ୍‌ଯାପିତ

# ତମାଣ୍ଡୋ ଓ ଗୁରୁଜଙ୍ଗ ଚାମ୍ପିଅନ୍




**ଖୋର୍ଦ୍ଧା,୨୭।୧୦/ଏନ୍ଏନ୍ଏସ୍:** ଖୋର୍ଦ୍ଧା ପୌରପରିଷଦ ଅନ୍ତର୍ଗତ ଗୁରୁଜଙ୍ଗ ଖେଳ ପଡିଆ ଠାରେ ଗୁରୁଜଙ୍ଗ କ୍ରିକେଟ ଆସୋସିଏସନ୍ ଆନୁକୁଲ୍ୟ ରେ ଚାଲିଥିବା ନୀଳକଣ୍ଠ ମେମୋରିଆଲ ଗୁରୁଜଙ୍ଗ କପ୍ ର ଉଦଯାପନୀ ଦିବସରେ ପ୍ରଥମ ଫାଇନାଲ ମ୍ୟାଚ( ମିନିଆଧାର) ଗୁରୁଜଙ୍ଗ ବନାମ ଗୁଡୁମ ମଧ୍ୟରେ ଅନୁଷ୍ଠିତ ହେଇଥିଲା। ଟସ୍‌ରେ ବିଜୟ ଲାଭକରି ଗୁରୁଜଙ୍ଗ ଦଳ ପ୍ରଥମେ ବୋଲିଙ୍ଗ କରିବାର ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଗୁଡୁମ ଦଳ ନିର୍ଦ୍ଧାରିତ ୧୦ ଓଭର ରେ ୬ ୱିକେଟ ହରାଇ ୧୪୬ ରନ୍ ସଂଗ୍ରହ କରିଥିଲା ଦଳ ପକ୍ଷରୁ ହରିହର ସେଠି ୩୩ ରନ୍ ସଂଗ୍ରହ କରିଥିଲେ। ଜବାବରେ ଗୁରୁଜଙ୍ଗ ଦଳ ୯ ଓଭର ରେ ୨ ୱିକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ଚାମ୍ପିଅନ୍ ହୋଇଥିଲା।

ଦଳ ପକ୍ଷରୁ ସୁଜିତ୍ ପରିଡ଼ା ୮୦ ରନ୍ ହାସଲ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ ଫାଇନାଲ ମ୍ୟାଚ (ଆଧାର)ରେ ଗୁରୁଜଙ୍ଗ ଦଳ ତମାଣ୍ଡୋକୁ ଭେଟିଥିଲା। ପ୍ରଥମେ ଟସ୍ ରେ ବିଜୟଲାଭ କରି ତମାଣ୍ଡୋ ଦଳ ନିର୍ଦ୍ଧାରିତ ୧୮ ଓଭର ରେ ୬ ୱିକେଟ ହରାଇ ୨୩୧ ରନ୍ ସଂଗ୍ରହ କରିଥିଲା ଦଳ ପକ୍ଷରୁ ସର୍ବାଧିକ ଦୀପକ ହରିଚନ୍ଦନ ୧୧୦ ରନ୍ ସଂଗ୍ରହ କରିଥିଲେ। ଗୁରୁଜଙ୍ଗ ପକ୍ଷରୁ ଅସିତ୍ ପରିଡ଼ା ୩ ୱିକେଟ୍ ଦଖଲ କରିଥିଲେ।ଜବାବ ରେ ଗୁରୁଜଙ୍ଗ ଦଳ ନିର୍ଦ୍ଧାରିତ ଓଭରରେ ସମସ୍ତ ୱିକେଟ ହରାଇ ୧୬୮ ରନ୍ ସଂଗ୍ରହ କରି ପରାଜିତ ହେଇଥିଲା ଓ ତମାଣ୍ଡୋ ଦଳ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା। ଆଜିର ମୁଖ୍ୟ ଅତିଥି ଭାବରେ ଖୋର୍ଦ୍ଧା ପୌର ପରିଷଦର ପୂର୍ବତନ ପୌରାଧ୍ୟକ୍ଷା ସଂଯୁକ୍ତା ସାହୁ ଓ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ସଭାପତି ଅଭିଷେକ ସିଂ ସାମନ୍ତ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଖୋର୍ଦ୍ଧା ପୌର ପରିଷଦର ଚେୟାରମ୍ୟାନ୍ କନକଲକ୍ଷ୍ମୀ ମହାନ୍ତି, ଗୁରୁଜଙ୍ଗ ଗ୍ରାମ କମିଟିର ସମ୍ପାଦକ ରାକେଶ ମହାପାତ୍ର, ରଞ୍ଜନ ନନ୍ଦ, ନାରାୟଣ ପୃଷ୍ଟି , ଜାତୀୟ ରାଜପଥର ଜେନେରାଲ ମ୍ୟାନେଜର ଜିତେନ୍ଦ୍ର ଭାଇ ଓ ଭଳିଆବାଡ଼ି କ୍ରିକେଟ ଆସୋସିଏସନ୍‌ର ସଭାପତି ବିକାଶ ପ୍ରଧାନ ଯୋଗଦେଇଥିଲେ। ମିନି ଆଧାରରେ ଚାମ୍ପିଅନ୍ ଗୁରୁଜଙ୍ଗ ଓ ରନର୍ସଅପ୍ ଗୁଡୁମ୍ ଦଳକୁ ସମ୍ମାନିତ ଅତିଥିମାନେ ପୁରସ୍କୃତ କରିଥିଲେ। ଆଧାରରେ ବେଷ୍ଟ ଫିଲ୍ଡର ଦୀପକ ଭାରିମଲ୍, ବେଷ୍ଟ ବୋଲର ସିପୁନ ପଟ୍ଟନାୟକ, ବେଷ୍ଟ ବ୍ୟାଟସମ୍ୟାନ ଦୀପକ ହରିଚନ୍ଦନ, ଏମର୍ଜିଂ ପ୍ଲେୟର ଭାବରେ ରାଜ ଦୀପ ଓ ମ୍ୟାନ୍ ଅଫ୍ ଦ ସିରିଜ ଭାବରେ ଦୀପକ ହରିଚନ୍ଦନ ପୁରସ୍କୃତ ହେଇଥିଲେ। ସେହିପରି ଟୁର୍ଣ୍ଣାମେଣ୍ଟକୁ ସଫଳ ଭାବରେ ପରିଚାଳନା କରିଥିବା ପ୍ରକାଶ ପାଇକରାୟ, ତ୍ରିନାଥ ପରିଡା ଓ ସନ୍ତୋଷ ପ୍ରଧାନଙ୍କୁ ଶ୍ରେଷ୍ଠ ଆୟୋଜକ, ପ୍ରକାଶ କୁମାର ସାହୁ ସ୍କୋରର, ସାନୁଜ ବିଶ୍ୱାଳ, ପ୍ରଶାନ୍ତ ବେହେରା ଓ ତୁଷାରକାନ୍ତ ସୁନ୍ଦରାୟଙ୍କୁ ବେଷ୍ଟ ଅମ୍ପାୟର ଭାବରେ ପୁରସ୍କୃତ କରାଯାଇଥିଲା। ଶେଷରେ ରନର୍ସଅପ୍ ଗୁରୁଜଙ୍ଗ ଦଳକୁ ଓ ଚାମ୍ପିଅନ ତମାଣ୍ଡ ଦଳକୁ ଅତିଥି ପୁରସ୍କୃତ କରିଥିଲେ। ପୂର୍ବତନ ବିଧାୟକ ତଥା ବିଜୁ ଜନତା ଦଳର ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦକ ରାଜେନ୍ଦ୍ର କୁମାର ସାହୁ ଆୟୋଜକ ଗୁରୁଜଙ୍ଗ ଆସୋସିଏସନ୍‌ର କର୍ମକର୍ତ୍ତାମାନଙ୍କୁ କୃତଜ୍ଞତା ଜଣାଇଥିଲେ।

# ପାଲାଗାୟକ ମଣ୍ଡଳର ସାଂଗଠନିକ ବୈଠକ

**ସାକ୍ଷୀଗୋପାଳ,୨୭।୧୦/ଏନ୍ଏନ୍ଏସ୍:** ସତ୍ୟବାଦୀ ପାଲା ଗାୟକ ମଣ୍ଡଳର ଏକ ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ବୈଠକ କୋଶଲେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟାଙ୍କ ଉପସ୍ଥିତିରେ ସଭାପତି ବିଶ୍ୱନାଥ ବିଶ୍ୱାଳଙ୍କ ପୌରୋହିତ୍ୟରେ ସଂପାଦକ ରମେଶ ଚନ୍ଦ୍ର ପଲେଇ ଉପସ୍ଥାପନ କରିଥିବା ପୂର୍ବ ବାର୍ଷିକ ସମ୍ମିଳନୀର ଆୟବ୍ୟୟ ହିସାବ ସମୀକ୍ଷା କରାଯାଇଥିଲା।ପୁରୀରେ ଅନୁଷ୍ଠିତ ଗତ ଜିଲ୍ଲା ସମ୍ମିଳନୀ ଓ ରାଜ୍ୟ ପାଲାଗାୟକ ପରିଷଦ ସମ୍ମିଳନୀର ମାନପତ୍ର ମଣ୍ଡଳ ସଦସ୍ୟମାନଙ୍କୁ ପ୍ରଦାନ କରାଯାଇଥିଲା। ପରେ ମଣ୍ଡଳର ଆଗାମୀ ବାର୍ଷିକ ସମ୍ମିଳନୀ ସମ୍ପର୍କରେ ସମ୍ୟକ ଆଲୋଚନା କରାଯାଇଥିଲା। ସଭାପତି ଓ ସମ୍ପାଦକଙ୍କ ସମେତ ବିଜୟ ଚନ୍ଦ୍ର ସାମନ୍ତରାୟ, ବରିଷ୍ଠ ଗାୟକ ପ୍ରକାଶ ଚନ୍ଦ୍ର ବଡ଼ଜେନା, ସଦାଶିବ ବରାଳ, ସୁଧୀର ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଶ୍ରୀରାମ ସ୍ୱାଇଁ, ବଳରାମ ଦାସ, ସୁଦର୍ଶନ ପ୍ରଧାନ, ରବିନାରାୟଣ ବେହେରା, ଭରତ ଜେନା, ରବିନ୍ଦ୍ର ସାହୁ, ବିଜୟ ସ୍ୱାଇଁ, ଗାୟିକା ଶୁଭଦ୍ରା ନାୟକ, ରୁମାରଶ୍ମି ପଣ୍ଡା, ପୂର୍ଣ୍ଣିମା ମୁଦୁଲି, କୁମୁଦିନୀ ନାୟକ, ବିଷ୍ଣୁପ୍ରିୟା ପଣ୍ଡା, ସକୁନ୍ତଳା ବେହେରାଙ୍କ ଓ ଅନ୍ୟ ସଭ୍ୟସଭ୍ୟା ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ନିତି ଭାରତୀ

ଦେଶପ୍ରେମ ହେଉଛି ଏକମାତ୍ର ଲୋକାଚାର ଧର୍ମ ।
- ସ୍ୱାମୀ ବିବେକାନନ୍ଦ

NITIDIN
ନିତିଦିନ
ମଙ୍ଗଳବାର, ୨୮ ଅକ୍ଟୋବର, ୨୦୨୫

# ଭାରତର ସାଧୀନତା ସଂଗ୍ରାମରେ ଭଗିନୀ ନିବେଦିତାଙ୍କ ଅବଦାନ

**ପ୍ରବ୍ରାଜିକା ବୀତଭୟପ୍ରାଣା**

ପୃଥିବୀରେ ସ୍ୱଦେଶ ପାଇଁ ଆତ୍ମତ୍ୟାଗ କରିଥିବା ଏପରି ମହାନ ବ୍ୟକ୍ତି ଅନେକ ଅଛନ୍ତି । କିନ୍ତୁ ଗୋଟିଏ ଅଜଣା, ଅଚିହ୍ନା ଦେଶ ଓ ଜାତି ପାଇଁ ନିଜକୁ ନିଃଶେଷ କରିବାର ଦୃଷ୍ଟାନ୍ତ ଏହି ଗୋଟିଏ । ନିବେଦିତା କେତେ ଦୁଃସାହସିକତାର ସହିତ ଜଣେ ହିନ୍ଦୁ ସନ୍ନ୍ୟାସୀଙ୍କୁ ଗୁରୁ ଭାବରେ ଗ୍ରହଣ କରିଥିଲେ, ତାହା ଶାସକ ଇଂରେଜ ଜାତିର କଳ୍ପନାତୀତ ଥିଲା । ନିଜେ ଜଣେ ଇଂରେଜ ହୋଇ ମଧ୍ୟ ଭାରତବର୍ଷରୁ ଇଂରେଜୀ ଶାସନର ଅବସାନ ପାଇଁ ସେ ଯେପରି ନଛୋଡ଼ବନ୍ଧା ହୋଇ ଉଠିଥିଲେ, ତାହା ବାସ୍ତବିକ ଅବିଶ୍ୱାସ୍ୟ ଥିଲା । ଭାବିଲେ ଆଶ୍ଚର୍ଯ୍ୟ ଲାଗେ, ଆଶୈଶବ ୟୁରୋପୀୟ ଅଭ୍ୟାସ, ମା-ଭାଇ-ଭଉଣୀ, ନିଶ୍ଚିତ ସୁଖମୟ ଜୀବନ- ସବୁ କିଛି ତ୍ୟାଗ କରି ସେ ଏହି ଭାରତବର୍ଷକୁ ନିଜର ଦେଶ ଭାବେ କିପରି ଗ୍ରହଣ କରି ନେଇଥିଲେ ! କୌତୁହଳ ହୁଏ, ଜଣେ ବିଦେଶିନୀ ଏତେ ବଡ଼ ଭାରତ-ପୂଜାରିଣୀ କିପରି ହେଲେ ? ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିପିନ ଚନ୍ଦ୍ର ପାଲ ଲେଖିଛନ୍ତି, 'ନିବେଦିତା ଭାରତବର୍ଷକୁ ଯେପରି ଭଲ ପାଇଥିଲେ, କୌଣସି ଭାରତବାସୀ ସେପରି ଭଲ ପାଇ ପାରିଛନ୍ତି କି ନାହିଁ, ସନ୍ଦେହ ।'

୧୮୬୭ ମସିହାର ଅକ୍ଟୋବର ୨୮ ତାରିଖରେ ଉତ୍ତର ଆୟାର୍ଲ୍ୟାଣ୍ଡର ଡାନଗ୍ୟାନନ ନାମକ ଏକ ଛୋଟ ସହରରେ ନିବେଦିତାଙ୍କ ଜନ୍ମ । ତାଙ୍କର ନାମ ଥିଲା ମିସ୍ ମାର୍ଗାରେଟ ଏଲିଜାବେଥ ନୋବଲ । ଲଣ୍ଡନରେ ତାଙ୍କର ଶିକ୍ଷା ଓ କର୍ମମୟ ଜୀବନର ଆରମ୍ଭ ହୋଇଥିଲା । ୧୮୯୫ ମସିହାର ନଭେମ୍ବରରେ ଏକ ଶୁଭ ସନ୍ଧ୍ୟାର ମାହେନ୍ଦ୍ର ଲଗ୍ନରେ ଗୁରୁ ସ୍ୱାମୀ ବିବେକାନନ୍ଦଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା । ମାତ୍ର ଅଠେଇଶ ବର୍ଷର ମାର୍ଗାରେଟ ନିଜର ଶିକ୍ଷା, ଲେଖାଲେଖି ଓ ବକ୍ତୃତା ମାଧ୍ୟମରେ ସେହି ସମୟରେ ଲଣ୍ଡନର ପଣ୍ଡିତ ମହଲରେ ଯଥେଷ୍ଟ ସୁନାମ ଅର୍ଜନ କରି ପାରିଥିଲେ । କିନ୍ତୁ ଜନ୍ମ ଲଗ୍ନଠାରୁ ମାର୍ଗାରେଟ ଭାରତବର୍ଷ ପାଇଁ କାର୍ଯ୍ୟ କରିବାକୁ ଦୈବନିର୍ଦ୍ଦିଷ୍ଟ ଥିଲେ । ସ୍ୱାମୀ ବିବେକାନନ୍ଦଙ୍କ ସହ ସାକ୍ଷାତ ପରେ ଭାରତୀୟ ନାରୀ ସମାଜ ପାଇଁ କର୍ମ କରିବାକୁ ଯେଉଁ ଆହ୍ୱାନ ଆସିଥିଲା, ମାର୍ଗାରେଟ ତାହା ଦ୍ୱାରା ଉଦ୍‌ବୁଦ୍ଧ ହୋଇଥିଲେ । ଏକ ବିଶେଷ ସମ୍ଭାବନାପୂର୍ଣ୍ଣ ଉଜ୍ଜ୍ୱଳ ଜୀବନ ତ୍ୟାଗ କରି ସେ ୧୮୯୮ ମସିହା ଜାନୁଆରୀ ମାସରେ ଭାରତରେ ପଦାର୍ପଣ କରିଥିଲେ । ସ୍ୱାମୀ ବିବେକାନନ୍ଦ ତାଙ୍କୁ ମାନସକନ୍ୟା ଭାବରେ ଗ୍ରହଣ କରି ତାଙ୍କ ନାମ ରଖିଥିଲେ ନିବେଦିତା ।

ପରାଧୀନ, ଦୁର୍ଦ୍ଦଶାଗ୍ରସ୍ତ ଭାରତବର୍ଷକୁ ଆସି ଶ୍ରୀଗୁରୁଦେବଙ୍କ ଆଶୀର୍ବାଦରେ ଅତ୍ୟନ୍ତ ପ୍ରତିକୂଳ ପରିବେଶରେ ରହି ମଧ୍ୟ ନିବେଦିତା ଏ ଦେଶକୁ ଅନ୍ତର ଦେଇ ଭଲ ପାଇ ପାରିଥିଲେ । ୧୮୯୮ ମସିହାର ନଭେମ୍ବର ମାସରେ ନିବେଦିତା ତାଙ୍କର ବାଳିକା ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ଜଗଜ୍ଜନନୀ ଶ୍ରୀମା ସାରଦା ଦେବୀ ସେହି ବିଦ୍ୟାଳୟର ଶୁଭାରମ୍ଭ କରିଥିଲେ । କେତେ କଷ୍ଟ ସ୍ୱୀକାର କରି, କେତେ ଅପମାନ ସହ୍ୟ କରି ନିବେଦିତା ତତ୍କାଳୀନ ରକ୍ଷଣଶୀଳ ସମାଜର ଝିଅମାନଙ୍କୁ 'ମେମ୍‌ଙ୍କ ସ୍କୁଲ'କୁ ଆଣି ପାରିଥିଲେ, ତାହା ଆଜିର ଏହି ଅତ୍ୟାଧୁନିକ ଯୁଗରେ ଅଚିନ୍ତନୀୟ । ଭୟଙ୍କର ପ୍ଲେଗ୍ ରୋଗରେ ଆକ୍ରାନ୍ତ ରୋଗୀମାନଙ୍କର ଯେଉଁ ସେବା କରିଥିଲେ, ତାହା ଆଜି କିମ୍ବଦନ୍ତୀ ହୋଇ ରହିଛି ।

ବିଦ୍ୟାଳୟଟି ପ୍ରତିଷ୍ଠା ପରେ ଧୀରେ ଧୀରେ ତାହା ବାଗବଜାର ପଲ୍ଲୀବାସୀଙ୍କ ପାଇଁ ଆନନ୍ଦ- ନିକେତନ ହୋଇ ଉଠିଥିଲା । କିନ୍ତୁ ବିଦ୍ୟାଳୟ ପରିଚାଳନା ନିମିତ୍ତ ପ୍ରୟୋଜନୀୟ ଅର୍ଥ ଭାରତୀୟମାନଙ୍କର ଦେବାର କ୍ଷମତା ନଥିଲା । ସେଥିପାଇଁ ନିବେଦିତାଙ୍କୁ ଅର୍ଥ ସଂଗ୍ରହ ଉଦ୍ଦେଶ୍ୟରେ ପାଶ୍ଚାତ୍ୟ ଦେଶଗୁଡ଼ିକର ସାହାଯ୍ୟ ନେବାକୁ ହୋଇଥିଲା । ଏହି ପାଶ୍ଚାତ୍ୟ ଯାତ୍ରା ସମୟରେ ସ୍ୱାମୀଜୀଙ୍କ ଘନିଷ୍ଠ ସାନ୍ନିଧ୍ୟ ନିବେଦିତାଙ୍କ ଜୀବନକୁ ସବୁଠାରୁ ବେଶି ସମୃଦ୍ଧ କରିଥିଲା । ପାଶ୍ଚାତ୍ୟ ତ୍ୟାଗ କରି ନିବେଦିତା ଭାରତରେ ପଦାର୍ପଣର କିଛି ଦିନ ମଧ୍ୟରେ ସ୍ୱାମୀଜୀଙ୍କ ସହ ଭାରତାତ୍ମା ହିମାଳୟ ଭ୍ରମଣ ପରି ଏହି ସମୁଦ୍ର ଯାତ୍ରା ତାଙ୍କୁ ଭାରତ-ଉପାସିକାରେ ପରିଣତ କରିବାରେ ବିଶେଷ ଭାବରେ ସାହାଯ୍ୟ କରିଥିଲା ।

୧୯୦୨ ମସିହାରେ ସ୍ୱାମୀଜୀଙ୍କର ମହାପ୍ରୟାଣ ଘଟେ । ପରମାରାଧ୍ୟ ଗୁରୁଦେବଙ୍କ ଆକସ୍ମିକ ତିରୋଧାନରେ ନିବେଦିତା ଅବର୍ଣ୍ଣନୀୟ ବେଦନାକୁ ସହ୍ୟ କରି ଭାରତମାତାଙ୍କ ସେବାରେ ନିଜକୁ ସର୍ବତୋ ଭାବରେ ନିୟୋଜିତ ରଖିଥିଲେ । କାରଣ ଭାରତବର୍ଷ ଥିଲା ତାଙ୍କର ଜୀବନ-କର୍ଣ୍ଣଧାର ଗୁରୁଦେବଙ୍କର ଧ୍ୟାନ ଜ୍ଞାନ । ଭାରତୀୟ ନାରୀ ସମାଜ କିପରି ସୁଶିକ୍ଷିତା ହେବେ; ଭାରତର ଶିଳ୍ପ, ସାହିତ୍ୟ, ବିଜ୍ଞାନ କିପରି ସମୃଦ୍ଧ ହେବ; ଭାରତୀୟ ଜନଗଣ ସେମାନଙ୍କର ସୁମହାନ ଐତିହ୍ୟ ଓ ସଂସ୍କୃତିକୁ କିପରି ଶ୍ରଦ୍ଧା ଓ ସମ୍ମାନ କରିବେ ଏବଂ ସର୍ବତୋ ଭାବରେ ନାରୀ ପୁରୁଷ ନିର୍ବିଶେଷରେ କିପରି ଜାତୀୟତାବୋଧରେ ଅନୁପ୍ରାଣିତ ହେବେ- ଏହା ହିଁ ଥିଲା ନିବେଦିତାଙ୍କର ଜୀବନ ସାଧନା । ଏହି ଉଦ୍ଦେଶ୍ୟରେ ନିବେଦିତା ଅସଂଖ୍ୟ ପୁସ୍ତକ, ପ୍ରବନ୍ଧାଦି ରଚନା କରିଥିଲେ ଓ ଦେଶର ଏକ ପ୍ରାନ୍ତରୁ ଅପର ପ୍ରାନ୍ତ ପର୍ଯ୍ୟନ୍ତ ବକ୍ତୃତା ଦେବାର କାର୍ଯ୍ୟସୂଚୀ ଗ୍ରହଣ କରିଥିଲେ ।

ସ୍ୱାମୀଜୀ ହୃଦୟଙ୍ଗମ କରିଥିଲେ ଯେ ଦେଶର ସର୍ବାଙ୍ଗୀନ କଲ୍ୟାଣ ସାଧନ ପାଇଁ ସ୍ୱାଧୀନତା ହିଁ ପ୍ରଥମ ସର୍ତ୍ତ । ଏହି ଉଦ୍ଦେଶ୍ୟରେ ଦେଶକୁ ବିଦେଶୀ ଶାସନର ନାଗଫାଶରୁ ମୁକ୍ତ କରିବା ପାଇଁ ନିବେଦିତା ରାଜନୀତି ସଙ୍ଗେ ଯୁକ୍ତ ହୋଇ ପଡ଼ିଥିଲେ । ଅଥଚ ସ୍ୱାମୀ ବିବେକାନନ୍ଦ ପ୍ରତିଷ୍ଠିତ ରାମକୃଷ୍ଣ ମିଶନ ରାଜନୀତିଠାରୁ ବହୁ ଦୂରରେ । ସେଥିପାଇଁ ନିବେଦିତାଙ୍କୁ ରାମକୃଷ୍ଣ ସଂଘର ସଦସ୍ୟ ପଦ ତ୍ୟାଗ କରିବାକୁ ହୋଇଥିଲା, ଯଦିଓ ବେଲୁର ମଠର ସନ୍ନ୍ୟାସୀମାନଙ୍କ ସହ ତାଙ୍କର ଘନିଷ୍ଠ ସମ୍ପର୍କ ଆଜୀବନ ଅମଳିନ ରହିଥିଲା ।

ଏହା ପରେ ନିବେଦିତାଙ୍କ କଠୋରତାପୂର୍ଣ୍ଣ ଜୀବନ ଆରମ୍ଭ ହୋଇଥିଲା । ସେ କହିଥିଲେ, 'My task is to awaken a nation.' ଭାରତବର୍ଷର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ ସ୍ୱାମୀଜୀଙ୍କ ବାଣୀ ପ୍ରଚାର ନିବେଦିତାଙ୍କର ଏକମାତ୍ର ବ୍ରତ ହୋଇ ଉଠିଲା । କାରଣ ସେ ଉପଲବ୍ଧି କରିଥିଲେ ଐକ୍ୟବଦ୍ଧ ଭାରତ ରାଷ୍ଟ୍ର ଗଠନ ପାଇଁ ସ୍ୱାମୀଜୀଙ୍କ ବାଣୀର ଗୁରୁତ୍ୱ ଅପରିସୀମ । ସେ ଲେଖିଛନ୍ତି, ଗୋଟିଏ ଅଖଣ୍ଡ ସତ୍ତାର ଆବିର୍ଭାବ ଘଟିଛି, ଯାହାର ନାମ- ରାମକୃଷ୍ଣ-ବିବେକାନନ୍ଦ । ଏହି ଦୁଇ ମହାଜୀବନ ମଧ୍ୟରେ ହିଁ ସମଗ୍ର ଭାରତର ଐକ୍ୟ ବିଦ୍ୟମାନ । ଭାରତବର୍ଷ ଏହି ଦୁଇ ମହାପୁରୁଷଙ୍କୁ ହୃଦୟରେ ଧାରଣ କରୁ- ଏହା ହିଁ ଆମର ପ୍ରୟୋଜନ । ନିବେଦିତାଙ୍କର ଚିନ୍ତାରେ, ବକ୍ତବ୍ୟରେ ଓ ଲେଖନୀରେ ରାମକୃଷ୍ଣ-ବିବେକାନନ୍ଦଙ୍କ ଭାବଧାରାର ଅନ୍ୟ ନାମ ହିଁ ଥିଲା ଜାତୀୟତା ।

ଏଠାରେ ଉଲ୍ଲେଖଯୋଗ୍ୟ, ନିବେଦିତା ଯେ ଜାତୀୟତାବୋଧର କଥା କହିଛନ୍ତି, ତାହା କୌଣସି ସଂକୀର୍ଣ୍ଣ ଜାତୀୟତାବାଦ ନୁହେଁ । ମନେ ରଖିବାକୁ ହେବ, ଭାରତୀୟ ଜାତୀୟତାବାଦ କୌଣସି ସଂକୀର୍ଣ୍ଣ ଦେଶପ୍ରେମର ପରିସୀମା ମଧ୍ୟରେ ଆବଦ୍ଧ ନୁହେଁ । ବରଂ ଏହାର ନିର୍ଯ୍ୟାସ ଆନ୍ତର୍ଜାତିକତାବାଦ । ନିବେଦିତା ଭାରତୀୟ ଜାତୀୟତାବାଦର ଏହି ମର୍ମ କଥା ତାଙ୍କର ବଳିଷ୍ଠ ଲେଖନୀ ଓ ଅସାଧାରଣ ବାଗ୍ମୀତା ମାଧ୍ୟମରେ ପ୍ରଚାର କରିଥିଲେ । ତାଙ୍କର ସ୍ୱଲିଖିତ "The web of Indian Life, Cradle Tales of Hinduism, Footfalls of Indian History, Master As I Saw Him' ପ୍ରଭୃତି ପୁସ୍ତକଗୁଡ଼ିକ ପଠନ କରି ବିଶ୍ୱବାସୀ ଭାରତର ସୁମହାନ ଐତିହ୍ୟ, ସଂସ୍କୃତି ଓ ଆଧ୍ୟାତ୍ମିକ ଆଭିଜାତ୍ୟ ସମ୍ପର୍କରେ ଅବହିତ ହୋଇ ଚମତ୍କୃତ ହୋଇଥିଲେ ।

ଶିଳ୍ପ, ସାହିତ୍ୟ, ବିଜ୍ଞାନ, ଶିକ୍ଷା, ଇତିହାସ, ସମାଜତତ୍ତ୍ୱ, ଅର୍ଥନୀତି, ଲୋକସଂସ୍କୃତି ଇତ୍ୟାଦି ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷ ବା ନବଜାଗରଣ ନିବେଦିତାଙ୍କ ଜାତୀୟତାବୋଧର ମୂଳମନ୍ତ୍ର ଥିଲା । ଆଉ ଏଥିପାଇଁ ସର୍ବାଗ୍ରେ ପ୍ରୟୋଜନ ଭାରତର ରାଜନୈତିକ ସ୍ୱାଧୀନତା । ୧୮୯୮ ମସିହାରେ ସ୍ୱାମୀଜୀ ଯୁବକମାନଙ୍କୁ ଉଦ୍ଦେଶ୍ୟ କରି କହିଥିଲେ, 'ଆସନ୍ତା ପଚାଶ ବର୍ଷ ଜନନୀ ଭାରତବର୍ଷ ତୁମମାନଙ୍କର ଏକମାତ୍ର ଆରାଧ୍ୟ ଦେବୀ ହୁଅନ୍ତୁ ।' ନିବେଦିତା ମଧ୍ୟ ଜପ କରୁଥିଲେ, 'ଭାରତବର୍ଷ ! ଭାରତବର୍ଷ ମା' ! ମା' ! ମା' !' ବାସ୍ତବିକ ସ୍ୱାମୀଜୀଙ୍କର ଏହି ବାଣୀକୁ ଫଳବତୀ କରିବା ହିଁ ଥିଲା ନିବେଦିତାଙ୍କ ବୈପ୍ଳବିକ ସଂଗ୍ରାମର ପ୍ରଧାନ ଉଦ୍ଦେଶ୍ୟ ।

ରାମକୃଷ୍ଣ ସଂଘର ସଦସ୍ୟ ପଦରୁ ଅବ୍ୟାହତି ନେଇ ନିବେଦିତା ୧୯୦୨ ମସିହାରେ ସେପ୍ଟେମ୍ବର ମାସରେ ବମ୍ବେ, ନାଗପୁର, ଭାଣ୍ଡାରା, ଅମରାବତୀ ଏବଂ ବରୋଦାରେ ଛଅ ସପ୍ତାହର ବକ୍ତୃତା ପ୍ରଦାନର କର୍ମସୂଚୀ ଗ୍ରହଣ କରିଥିଲେ । ବରୋଦାରେ ସେଠାକାର କଲେଜର ଅଧ୍ୟାପକ ଓ ଦେଶର ସଶସ୍ତ୍ର ବିପ୍ଳବର ଅନ୍ୟତମ ପୁରୋଧା ଓ ପ୍ରବକ୍ତା ଶ୍ରୀ ଅରବିନ୍ଦ ଘୋଷଙ୍କ ସହ ତାଙ୍କର ଦେଖା ହୋଇଥିଲା । ସାକ୍ଷାତକାର ପରବର୍ତ୍ତୀ ସମୟରେ ଦେଶର ରାଜନୀତିରେ ଏହି ଦୁଇ କର୍ଣ୍ଣଧାରଙ୍କୁ କେନ୍ଦ୍ର କରି ଏକ ଯୌଥ କର୍ମଧାରା ସୃଷ୍ଟି ହୋଇଥିଲା ଏବଂ ନିବେଦିତା କ୍ରମଶଃ ବିପ୍ଳବୀମାନଙ୍କ ସହ ଘନିଷ୍ଠ ହୋଇ ଉଠିଥିଲେ ।

Lizelle Reymonds ତାଙ୍କର 'The Dedicated' ନାମକ ନିବେଦିତାଙ୍କ ଜୀବନୀ ଗ୍ରନ୍ଥରେ ସ୍ୱାମୀ ବିବେକାନନ୍ଦଙ୍କ ବାନ୍ଧବୀ ମିସ୍ ଜୋସେଫାଇନ



ଜନ୍ମବାର୍ଷିକୀ ଉପଲକ୍ଷେ

ମ୍ୟାକ୍‌ଲାଉଡ, ଷ୍ଟେଟସ୍‌ମ୍ୟାନର ସମ୍ପାଦକ ଏମ୍ ର୍ୟାଟକ୍ଲିଫ ଏବଂ ତାଙ୍କର ସ୍ତ୍ରୀ, ଶ୍ରୀ ଅରବିନ୍ଦ ଘୋଷଙ୍କର ଭାଇ ବାରୀନ୍ଦ୍ର କୁମାର ଘୋଷ, ଭୂପେନ୍ଦ୍ରନାଥ ଦତ୍ତ, ରାମାନନ୍ଦ ଚଟ୍ଟୋପାଧ୍ୟାୟ ଇତ୍ୟାଦି ନିବେଦିତାଙ୍କର ଘନିଷ୍ଠ ବ୍ୟକ୍ତିମାନଙ୍କ ସାକ୍ଷାତକାର ଓ ଚିଠିପତ୍ରରୁ ତଥ୍ୟ ସଂଗ୍ରହ କରି ଭାରତର ଜାତୀୟ ସଂଗ୍ରାମରେ ତାଙ୍କର ବଳିଷ୍ଠ ଓ ସକ୍ରିୟ ଭୂମିକା ରହିଥିବାର କଥା ଉଲ୍ଲେଖ କରିଛନ୍ତି । ବକ୍ତୃତା ପ୍ରଦାନ ଓ ପ୍ରବନ୍ଧ ରଚନା ନିବେଦିତାଙ୍କର ସ୍ୱଦେଶିକତା ପ୍ରଚାରର ମାଧ୍ୟମ ଥିଲା । ତା' ସଙ୍ଗେ ସଙ୍ଗେ ବୈଜ୍ଞାନିକ ଆଚାର୍ଯ୍ୟ ପ୍ରଫୁଲ୍ଲଚନ୍ଦ୍ରଙ୍କ ବିଜ୍ଞାନାଗାରରେ ବୋମା ପ୍ରସ୍ତୁତ କରିବା କାର୍ଯ୍ୟରେ ମଧ୍ୟ ନିବେଦିତା ସଂଶ୍ଳିଷ୍ଟ ଥିଲେ । ସେ ନିଜେ ଚରମପନ୍ଥୀ ଥିଲେ ମଧ୍ୟ ନରମପନ୍ଥୀ କଂଗ୍ରେସ ନେତା ଏବଂ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ ଗୋପାଳକୃଷ୍ଣ ଗୋଖଲେଙ୍କ ସହ ବ୍ୟକ୍ତିଗତ ଜୀବନରେ ରାଜନୀତି ସ୍ୱାର୍ଥରେ ସୌହାର୍ଦ୍ଦ୍ୟ ବଜାୟ ରଖିଥିଲେ । ୧୯୦୬ ମସିହାରେ ମାର୍ଚ୍ଚ ମାସରେ ବଙ୍ଗଳାର ଗୁପ୍ତ ସମିତିର ମୁଖପତ୍ର 'ଯୁଗାନ୍ତର'କୁ ନିବେଦିତା ଲେଖା, ଅର୍ଥ ଏବଂ ପରାମର୍ଶ ପ୍ରଦାନ କରି ସର୍ବତୋ ଭାବରେ ସାହାଯ୍ୟ କରିଥିଲେ । ଫଳରେ ପତ୍ରିକାଟିର ଜନପ୍ରିୟତା ଆଶାତୀତ ଭାବରେ ବୃଦ୍ଧି ପାଇଥିଲା ଏବଂ ୧୯୦୭ ମସିହାର ପ୍ରଥମ ଭାଗରେ ପ୍ରଚାର ସଂଖ୍ୟା ପଚାଶ ହଜାରକୁ ଅତିକ୍ରମ କରିଥିଲା । ସ୍ୱାମୀ ବିବେକାନନ୍ଦଙ୍କ ଭାଇ ପତ୍ରିକାର ସମ୍ପାଦକ ଭୂପେନ୍ଦ୍ରନାଥ ଦତ୍ତ ଏବଂ ଅନ୍ୟ କିଛି କର୍ମୀ ରାଜଦ୍ରୋହ ଅପରାଧରେ ଗିରଫ ହେଲେ । ନିବେଦିତା ନିଜେ ଦଶ ହଜାର ଟଙ୍କା ଜମା ଦେଇ ଏମାନଙ୍କର ଜାମିନ ପାଇଁ ଚେଷ୍ଟା କରି ସଫଳ ହୋଇଥିଲେ । କେବଳ ତାହା ନୁହେଁ, ଏହି ସମସ୍ତ ବିପ୍ଳବୀଙ୍କ ପରିବାରବର୍ଗଙ୍କ ଭରଣପୋଷଣର ଦାୟିତ୍ୱ ନିବେଦିତା ନିଜେ ଗ୍ରହଣ କରିଥିଲେ । ପୂର୍ବରୁ ତାଙ୍କ କାର୍ଯ୍ୟକଳାପରେ ବ୍ରିଟିଶ ସରକାର ଅସନ୍ତୁଷ୍ଟ ଥିଲେ । ଏହି କାର୍ଯ୍ୟ ଫଳରେ ସେହି ଅସନ୍ତୋଷ ଆହୁରି ଅନେକ ଗୁଣ ବଢ଼ି ଯାଇଥିଲା । 'Englishman' ଖବରକାଗଜ ତାଙ୍କୁ 'a traitor to her race' ବୋଲି ପ୍ରଚାର କରିଥିଲା ।

ବିଶିଷ୍ଟ ନିବେଦିତା- ଗବେଷକ ଅଧ୍ୟାପକ ଶଙ୍କରୀପ୍ରସାଦ ବସୁ ତାଙ୍କର 'ନିବେଦିତା ଲୋକମାତା' ଗ୍ରନ୍ଥରେ ଲେଖିଛନ୍ତି 'ବଙ୍ଗଭଙ୍ଗ' ଘଟଣା ପୂର୍ବରୁ ନିବେଦିତା ହିଁ ବଙ୍ଗଳାର ବିପ୍ଳବୀ ମାନସିକତାକୁ ସବୁଠାରୁ ବେଶି ପ୍ରଭାବିତ କରିଥିଲେ । ତାଙ୍କ ମତରେ, ୧୯୦୨ ମସିହାରୁ ୧୯୦୫ ମସିହା ପର୍ଯ୍ୟନ୍ତ ସମୟ ସୀମା ମଧ୍ୟରେ ଭାରତର ରାଜନୀତିରେ ନିବେଦିତାଙ୍କର ପ୍ରଭାବ ଏତେ ବେଶି ଗଭୀର ଓ ବ୍ୟାପକ ଥିଲା ଯେ ତାହା 'ନିବେଦିତା ଯୁଗ' ହିସାବରେ ନାମିତ କରାଯାଇପାରେ ।

ଭାରତର ସଶସ୍ତ୍ର ଆନ୍ଦୋଳନରେ ନିବେଦିତାଙ୍କର ପ୍ରତ୍ୟକ୍ଷ ନା ପରୋକ୍ଷ ଭୂମିକା ଥିଲା- ଏହି ବିତର୍କ ହୁଏତ ଶେଷ ହେବ ନାହିଁ । ଗବେଷଣା ଏପରି ଏକ ବିଷୟ, ଯେଉଁଠାରେ ପୂର୍ଣ୍ଣ ଓ ଅବିସମ୍ବାଦିତ ସତ୍ୟ କେବେ ମଧ୍ୟ ପ୍ରତିଷ୍ଠିତ ହୋଇ ପାରିନାହିଁ । ସେଠାରେ ପ୍ରଶ୍ନ ରହିଯାଏ, ସଂଶୟର ଅବକାଶ ବି ରହିଯାଏ ।

ଯେଉଁମାନେ କୁହନ୍ତି ଯେ ଭାରତର ଜାତୀୟ ସଂଗ୍ରାମ ସହ ନିବେଦିତାଙ୍କର ପରୋକ୍ଷ ସଂଯୋଗ ଥିଲା, ସେମାନଙ୍କର ଯୁକ୍ତି ଯେ ନିବେଦିତା କେବେ ମଧ୍ୟ ଗିରଫ ହୋଇ ନଥିଲେ । କିନ୍ତୁ ଗିରଫ ନହେଲେ ମଧ୍ୟ ସେ ଯେ ବ୍ରିଟିଶ ସରକାରଙ୍କ ସତର୍କ ନଜର ମଧ୍ୟରେ ଥିଲେ, ତାହାର ପ୍ରମାଣ ପଶ୍ଚିମବଙ୍ଗ ରାଜ୍ୟ ଲେଖାଗାର (Archive)ରେ ସଂରକ୍ଷିତ ଗୋଟିଏ ଦଲିଲ । ସେଥିରେ Special Superintendent of Police of Intelligency Branch Charles Tegartur ୧୯୦୪ ମସିହା, ଏପ୍ରିଲ ୨୨ ତାରିଖର ଗୋଟିଏ ରିପୋର୍ଟ ସେହି ଦଲିଲରେ ରହିଛି । ରିପୋର୍ଟଟି ହେଲା: ଏହି ମହିଳା ଅତ୍ୟନ୍ତ ବିପଜ୍ଜନକ । ସମଗ୍ର ବଙ୍ଗଳାରେ ନିଜର ଜ୍ୱାଳାମୟୀ ବକ୍ତୃତା ଦ୍ୱାରା ସ୍ୱଦେଶୀ ଆନ୍ଦୋଳନକୁ ପ୍ରଚାର କରୁଛନ୍ତି । ରାଜଦ୍ୱେଷୀ 'ଯୁଗାନ୍ତର' ପତ୍ରିକାର ସମ୍ପାଦକ ଭୂପେନ୍ଦ୍ରନାଥ ଦତ୍ତ ଗିରଫ ହେଲେ ଏହି ମହିଳା ତାଙ୍କ ପାଇଁ ଜାମିନର ଆବେଦନ କରିଛନ୍ତି । 'ବନ୍ଦେ ମାତରମ୍'କୁ ଜାତୀୟ ମନ୍ତ୍ର ବୋଲି ପ୍ରଚାର କରୁଛନ୍ତି । ସାରା ଭାରତକୁ ଜାତୀୟତାବୋଧରେ ଅନୁପ୍ରାଣିତ କରୁଛନ୍ତି । ସେହି ଦଲିଲର ଆହୁରି କିଛି ଅଂଶ: '୧୯୦୩ ମସିହା ମେ' ମାସର ମଝି ମଝିରେ ଏହି ମହିଳା ମେଦିନୀପୁର ଜିଲ୍ଲାରେ ୧୨/୧୩ଟି ବକ୍ତୃତା ଦେଇଛନ୍ତି । ଧର୍ମୀୟ ପ୍ରସଙ୍ଗ ମାଧ୍ୟମରେ ଏହିସବୁ ସଭାରେ ସେ ଭାରତର ମୁକ୍ତି ସଂଗ୍ରାମର କଥା ହିଁ ଆଲୋଚନା କରିଛନ୍ତି । ଯୁବ ସମ୍ପ୍ରଦାୟକୁ ଶାରୀରିକ ଚର୍ଚ୍ଚା ପାଇଁ ଉତ୍ସାହିତ କରିବାକୁ ଯାଇ ବକ୍ତା ନିଜେ ନାନା ପ୍ରକାରର ବ୍ୟାୟାମ, ତଲୱାର ଚାଳନା, ପ୍ରଦର୍ଶନ କରିଛନ୍ତି । ମାତ୍‌ସିନି, ପ୍ରିନ୍ସ କ୍ରୋ ପଟ୍‌କିନ ପ୍ରଭୃତି ବିପ୍ଳବୀମାନଙ୍କ କାର୍ଯ୍ୟକଳାପ ବର୍ଣ୍ଣନା କରିଛନ୍ତି । ଫଳରେ ଏହିସବୁ ସଭାରେ ଜନସମାଗମ ବୃଦ୍ଧି ପାଇଥିଲା । ଆଉ ଜେନେରାଲ ହୋଇ ମଧ୍ୟ ଗିରଫ ନ ହେବାର ରହସ୍ୟ ସମ୍ଭବତଃ ଆୟାର୍ଲ୍ୟାଣ୍ଡର 'Sinn Fein' ଆନ୍ଦୋଳନରେ ଯୁକ୍ତ ଥିବା ସମୟରେ ତାଙ୍କର ପ୍ରଶିକ୍ଷଣ ଯାହା ଫଳରେ ପୁଲିସ ଓ ସରକାରଙ୍କ ଆଖିରେ ଧୂଳି ଦେଇ ଅନାୟାସରେ ବୈପ୍ଳବିକ କାର୍ଯ୍ୟ ସେ ଅବ୍ୟାହତ ରଖି ପାରିଥିଲେ ।

ନିବେଦିତାଙ୍କୁ ତାଙ୍କର ଆରମ୍ଭ କରିଥିବା କାର୍ଯ୍ୟକୁ ଅସମାପ୍ତ ରଖି ଚାଲି ଯିବାକୁ ହୋଇଥିଲା । ଭାରତ ଇତିହାସର ଏକ ଯୁଗ ସନ୍ଧିକ୍ଷଣରେ ନିବେଦିତାଙ୍କ ଆଗମନ ଓ ଅବସ୍ଥାନ । ସେଦିନ ଭାରତବର୍ଷର ଏକ ଜାତୀୟତା-ଉଦ୍‌ବୋଧନକାରୀ ପ୍ରାଣଶକ୍ତିର ପ୍ରୟୋଜନ ଥିଲା । ବହୁ ଆକାଂକ୍ଷିତ ସ୍ୱାଧୀନତା ଲାଭ ପରେ ପ୍ରାୟ ଅଶୀ ଦଶକ ଅତିକ୍ରାନ୍ତ । ବର୍ତ୍ତମାନ ଭାରତର ସଂହତି ବିପନ୍ନ । ଆଜି ଜାତୀୟ ଚେତନାର ଏକାନ୍ତ ଅଭାବ । ଭାରତର ବିପୁଳ ଜନଶକ୍ତି ଦିଗ୍‌ଭ୍ରାନ୍ତ, ଦ୍ୱିଧାଗ୍ରସ୍ତ । କିନ୍ତୁ ଆଜି ମଧ୍ୟ ନିବେଦିତା ମୂର୍ତ୍ତିମନ୍ତ ପ୍ରେରଣା ସ୍ୱରୂପ ବିଦ୍ୟମାନ । ଏହି ସଙ୍କଟଜନକ ମୁହୂର୍ତ୍ତରେ ସେଥିପାଇଁ ରାମକୃଷ୍ଣ-ବିବେକାନନ୍ଦଙ୍କର ନିବେଦିତାଙ୍କ ନିକଟରେ ପ୍ରାର୍ଥନା- ତାଙ୍କର ଆହ୍ୱାନରେ ଦଳକୁ ଦଳ ଭାରତବାସୀ ପୁନରାୟ ସମବେତ ହୁଅନ୍ତୁ- ନତଜାନୁ ହୋଇ ଦୃଢ଼ ଚିତ୍ତରେ ପରମ ଶ୍ରଦ୍ଧାରେ ଉଚ୍ଚାରଣ କରନ୍ତୁ, ତାଙ୍କରି ପ୍ରିୟ ମନ୍ତ୍ର- 'ହେ ଜାତୀୟତା ! ସୁଖ ବା ଦୁଃଖ, ମାନ ବା ଅପମାନ- ଯେଉଁ ବେଶରେ ଇଚ୍ଛା ମୋ ନିକଟକୁ ଆସ, ମୋତେ ଆପଣେଇ ନିଅ ।'

ତଥ୍ୟ ସୂତ୍ର: ୧) ଭଗିନୀ ନିବେଦିତା- ପ୍ରବ୍ରାଜିକା ମୁକ୍ତିପ୍ରାଣା; ୨) The Dedicated - Lizelle Reymonds; ୩) ନିବେଦିତା ଲୋକମାତା- ଶଙ୍କରୀପ୍ରସାଦ ବସୁ; ୪) ଶ୍ରୀ ଅରବିନ୍ଦ ଓ ବାଂଲାୟ ସ୍ୱଦେଶୀ ଯୁଗ- ଗିରିଜାଶଙ୍କର ରାୟଚୌଧୁରୀ

**ସାରଦା ମଠ, ଦକ୍ଷିଣେଶ୍ୱର**
**କୋଲକାତା- ୭୬**

# ପରିସ୍ଥିତି ସହ ବୁଝାମଣା

ବିହାର ବିଧାନସଭା ନିର୍ବାଚନ ପାଖେଇ ଆସୁଛି, ଆଉ ତା' ସହିତ ବଢ଼ି ଚାଲିଛି ଦୁଇ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଏବଂ ମହାଗଠବନ୍ଧନ ମଧ୍ୟରେ ଭୋଟରମାନଙ୍କୁ ନିଜ ନିଜ ଆଡ଼କୁ ଆକୃଷ୍ଟ କରିବାର ପ୍ରତିଯୋଗିତା । ଏନ୍‌ଡିଏ ମେଣ୍ଟ ଘୂରୁଛି ଭାରତୀୟ ଜନତା ପାର୍ଟି (ବିଜେପି)-ଜନତା ଦଳ (ସଂଯୁକ୍ତ) ଅକ୍ଷ ଚାରିପଟରେ ଏବଂ ମହାଗଠବନ୍ଧନ ଘୂରୁଛି ଭାରତୀୟ ଜାତୀୟ କଂଗ୍ରେସ (ଆଇଏନ୍‌ସି)- ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଅକ୍ଷ ଚାରିପଟରେ । କିଛି ଦିନ ପୂର୍ବେ ବିରୋଧୀ ଦଳର ନେତା ତେଜସ୍ୱୀ ଯାଦବଙ୍କର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍ଦେଶ୍ୟରେ ପ୍ରଶ୍ନଟିଏ ରହିଥିଲା- ତାଙ୍କ ମେଣ୍ଟର ମୁଖ୍ୟମନ୍ତ୍ରୀ ମୁହଁ କିଏ ? ଏବେ ତା'ର ଉତ୍ତର ମିଳି ସାରିଛି: ଗତ ସପ୍ତାହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରି ସାରିଛନ୍ତି ଯେ ବିହାରରେ ଏନ୍‌ଡିଏ ଜେଡି (ୟୁ) ନେତାଙ୍କ ଅଧୀନରେ ଏକ ପୁନଃନିର୍ବାଚନ ଲଢ଼ିବ । ତେବେ ଏହା ମୁଖ୍ୟମନ୍ତ୍ରୀଙ୍କ ଦଳ ଭିତରେ ସମସ୍ତଙ୍କ ସ୍ନାୟୁକୋଷକୁ ଉତ୍ତେଜିତ କରିବା ସହିତ ମେଣ୍ଟ ଭିତରେ ସାମାନ୍ୟ ଅସହଜ ବାତାବରଣଟିଏ ଖେଳାଇ ଦେଇଛି । ଉଭୟ ସାମ୍ମୁଖ୍ୟଙ୍କ ଦ୍ୱାରା ସେମାନଙ୍କ ନିଜ ନିଜର ମୁଖ୍ୟମନ୍ତ୍ରୀ ମୁହଁ ସମ୍ପର୍କିତ ଘୋଷଣାରେ ବିଳମ୍ବ ଘଟିବା ସୂଚାଇ ଦେଇଛି ଯେ ଏହି କାର୍ଯ୍ୟ ଉଭୟ ମେଣ୍ଟଙ୍କ ପାଇଁ ମନର ମିଳନ ଅପେକ୍ଷା ଅଧିକ ପରିମାଣରେ ହୋଇଛି ପରିସ୍ଥିତିର ବାଧ୍ୟବାଧକତାରେ । ଅବଶ୍ୟ ମହାଗଠବନ୍ଧନର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଏନ୍‌ଡିଏ ମେଣ୍ଟ ଘୋଷଣା କରିବାର ବହୁ ପୂର୍ବରୁ ହୋଇ ସାରିଥିଲା । ଏନ୍‌ଡିଏ ମେଣ୍ଟର ବିଜେପି ଏବଂ ଜେଡି (ୟୁ) ମଧ୍ୟରେ ସମ୍ପର୍କ ୨୦୧୭ରେ ସେମାନେ ସରକାର ଗଠନ କରିବା ପରଠାରୁ ଅସହଜ ରହି ଆସିଛି । ଶ୍ରୀଯୁକ୍ତ ନୀତୀଶ କୁମାର ୨୦୧୫ ନିର୍ବାଚନ ଆର୍‌ଜେଡି ସହିତ ମିଶି ଧର୍ମନିରପେକ୍ଷତା ନୀତିର ଆଧାରରେ ଜିତିଥିଲେ, କିନ୍ତୁ ପରବର୍ତ୍ତୀ ସମୟରେ ନିଜର ମିତ୍ର ଦଳକୁ ପଛକୁ ଠେଲିଦେଇ ପଟ ପରିବର୍ତ୍ତନ କରିବାକୁ ଚାହିଁଲେ ଏବଂ କ୍ଷମତାରେ ରହିଲେ । ପୁରୁଖା ସମାଜବାଦୀ ନେତା ଶ୍ରୀଯୁକ୍ତ ନୀତୀଶଙ୍କର ଏଭଳି କାମ ଅତି ଚତୁରତାର ସହିତ ସୁରୁଖୁରୁରେ ସମାପ୍ତ ହୋଇଥିବାରୁ ଏହାକୁ ସମସ୍ତେ ପ୍ରଶଂସା କରିଥିଲେ, କିନ୍ତୁ ଯଦି ସେହି ରାଜ୍ୟରୁ ମିଳିଥିବା ରିପୋର୍ଟଗୁଡ଼ିକୁ ଏକ ସୂଚନା ଭାବରେ ଗ୍ରହଣ କରାଯାଏ, ତା'ହେଲେ ସହଜରେ କୁହାଯାଇ ପାରିବ ଯେ ସେବେଠାରୁ ବିଜେପି ତାଙ୍କ ଉପରେ ସମ୍ପୂର୍ଣ୍ଣ ଭାବରେ ଭରସା କରି ପାରି ନାହିଁ । ବରଂ ଶ୍ରୀଯୁକ୍ତ ନୀତୀଶ ଯଦି ପୁଣିଥରେ ତାଙ୍କର ପୂର୍ବ ସମାଜବାଦୀ ଧର୍ମନିରପେକ୍ଷ ଭିତ୍ତିଭୂମିକୁ ଫେରିଯିବାକୁ ପସନ୍ଦ କରନ୍ତି, ତା'ହେଲେ ସେଥିପାଇଁ ବିଜେପି ସବୁବେଳେ ପ୍ଲାନ୍-ବି ସହିତ ପ୍ରସ୍ତୁତ ହୋଇ ରହିଛି । ଚଳିତ ଥର ଏହା ଶ୍ରୀଯୁକ୍ତ ନୀତୀଶଙ୍କୁ ଉତ୍ତମ ରୂପେ ଅବଗତ କରାଇ ସାରିଛି ଯେ ତାଙ୍କ ଦଳ ବର୍ତ୍ତମାନ ପ୍ରମୁଖ ବା ନେତୃତ୍ୱ ନେବା ଭଳି ଦଳ ହୋଇ ଆଉ ନାହିଁ, ଯେଉଁଥିପାଇଁ ଗୈରିକ ଦଳ ଚଳିତ ଥର ଏକ ସୂତ୍ର ସହିତ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛି ଯେଉଁଥିରେ ଉଭୟ ବିଜେପି ଏବଂ ଜେଡି (ୟୁ) ସମାନ ସଂଖ୍ୟକ ଆସନରେ ନିର୍ବାଚନ ଲଢୁଛନ୍ତି ।

ପୁନଶ୍ଚ, ବର୍ତ୍ତମାନର ସ୍ଥିତି ଯାହା, ସେହି ଅନୁସାରେ ବିଜେପି ନିର୍ଣ୍ଣୟ ନେଇଛି, ଅର୍ଥାତ୍ ଯଦି ଶ୍ରୀଯୁକ୍ତ ନୀତୀଶଙ୍କ ସ୍ଥାନରେ ଆଉ କାହା ନାମ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବରେ ଘୋଷଣା କରାଯାଏ, ତା'ହେଲେ ଏନ୍‌ଡିଏର ଶାସନ କ୍ଷମତାକୁ ଆସିବାର ସମ୍ଭାବନା ହ୍ରାସ ପାଇବ । ଯଦିଓ ଶ୍ରୀଯୁକ୍ତ ନୀତୀଶଙ୍କର ବୟସ ବୃଦ୍ଧି ଘଟିଛି ଏବଂ ସେ ଜଣେ ଦୋଦୁଲ୍ୟମାନ ବ୍ୟକ୍ତି, ତଥାପି ବିହାରର ଅନେକ ଜନତାଙ୍କ ମଧ୍ୟରେ ତାଙ୍କର ଲୋକପ୍ରିୟତା ରହିଛି ବିଜେପିକୁ ପଛରେ ପକାଇ ଦେବା ପାଇଁ, ଅନ୍ତତଃପକ୍ଷେ ନିର୍ବାଚନ ଶେଷ ନ ହେବା ପର୍ଯ୍ୟନ୍ତ । ବିହାର ରାଜନୀତିରେ ବର୍ତ୍ତମାନ ପରିସ୍ଥିତି ଯାହା, ତାହା ହେଉଛି- ପ୍ରତ୍ୟେକ ମେଣ୍ଟ ପାଇଁ ସେମାନଙ୍କ ଭାଗିଦାରମାନଙ୍କ ମଧ୍ୟରେ ପ୍ରଚୁର ପରିମାଣରେ ଅସହଜତା ଏବଂ ଅସନ୍ତୋଷ ରହିଥିଲେ ସୁଦ୍ଧା ନୀତିଗୁଡ଼ିକ ଦୃଷ୍ଟିରୁ ସେମାନେ ପରସ୍ପରର ସହାୟତା ଲୋଡ଼ିବାକୁ ବାଧ୍ୟ । ଶ୍ରୀଯୁକ୍ତ ନୀତୀଶ ଏବଂ ତାଙ୍କ ଦଳ ପଛରେ ରହିଛି ଭାରତୀୟ ସମାଜବାଦୀ ଆନ୍ଦୋଳନର ଇତିହାସ ଏବଂ ସେମାନେ ହେଉଛନ୍ତି ଧର୍ମନିରପେକ୍ଷତାବାଦର ପ୍ରଥମ ପ୍ରସ୍ତାବକ, ଯଦ୍ୟପି ସେମାନେ ନବେ ଦଶକରେ କେନ୍ଦ୍ରରେ ସରକାର ଗଠନ କରିବା ପାଇଁ ବିଜେପିକୁ ସହାୟତା ପ୍ରଦାନ କରିବାକୁ ପ୍ରଥମ ସଂଘ ପରିବାର-ବିରୋଧୀ ଭାବରେ ଆଗେଇ ଆସିଥିଲେ । କେନ୍ଦ୍ର ମନ୍ତ୍ରୀ ଚିରାଗ ପାଶ୍ୱାନ୍‌ଙ୍କ ଲୋକ ଜନଶକ୍ତି ପାର୍ଟି (ରାମ ବିଳାସ) ମେଣ୍ଟ ଛାଡ଼ିଦେବା ପାଇଁ ଧମକ ଦେବାର କୌଣସି ସୁଯୋଗକୁ ହାତଛଡ଼ା କରନ୍ତି ନାହିଁ, ଯଦିଓ ସେ ଭଲ ଭାବରେ ଜାଣନ୍ତି ଯେ ବିଜେପି ତାଙ୍କୁ ତାହା କରିବାକୁ ଦେବନାହିଁ । ଆଉ ବିଜେପି ଗୋଟିଏ ହାତରେ ତା'ର ଭାଗିଦାରମାନଙ୍କର ସବୁ ଗରମ ନିଃଶ୍ୱାସକୁ ଗ୍ରହଣ କରୁଥିବା ବେଳେ ଆର ହାତରେ ଭୋଟ ହାରକୁ ଧୀରେ ଧୀରେ ବଢ଼ାଇ ଚାଲିଛି । ପାର୍ଟି ଜାଣିଛି ଯେ ଏହି ରାଜ୍ୟରେ ଏହା ନିଜ ଦଳର ଏ ପର୍ଯ୍ୟନ୍ତ ଜଣେ ବଳିଷ୍ଠ ନେତା ପାଇନାହିଁ, ଯେଉଁଥିପାଇଁ ଏହାକୁ ଅନ୍ୟର ଗୋଡ଼ର ଆଶ୍ରୟ ନେବାକୁ ପଡ଼ିବ ।

କ୍ଷମତାର ରାଜନୀତି ଭାରତର ଏହି ସର୍ବାଧିକ ପଛୁଆ ରାଜ୍ୟରେ ତା'ର ଖେଳ ଚାଲୁ ରଖିଥିବା ବେଳେ କୌଣସି ରାଜନେତା ଲୋକମାନଙ୍କ ବାସ୍ତବ ସମସ୍ୟାର ସମାଧାନ କରିବା ନିମନ୍ତେ ପ୍ରତିଶ୍ରୁତି ଦେଇ ନାହାନ୍ତି । ରାଜ୍ୟରେ ଔଦ୍ୟୋଗିକ ନିବେଶକୁ ଆକର୍ଷିତ କରିବା ଭଳି ଫେସନବାଜି ଭାଷଣ ଦେବା ଆଜିକା ସମୟର ରାଜନେତାମାନଙ୍କର ଏକ ଅଭ୍ୟାସ ହୋଇ ଯାଇଛି, ଯାହା ବିହାରରେ ଦେଖିବାକୁ ମିଳୁଛି, କିନ୍ତୁ କେହି ହେଲେ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଭିତ୍ତିଭୂମିରେ ନିବେଶ କରିବାର ପ୍ରତିଶ୍ରୁତି ପ୍ରଦାନ କରୁ ନାହାନ୍ତି, ଯାହାକି ସ୍ୱାଧୀନତା ପରଠାରୁ ଅବିକଶିତ ଅବସ୍ଥାର ପଙ୍କରେ ଏଯାବତ୍ ବୁଡ଼ି ରହିଥିବା ବିହାରକୁ ସେଥିରୁ ଉଦ୍ଧାର କରି ପାରିବ । ଏହା କରିବାକୁ ହେଲେ ରାଜନୀତିକ ଦଳମାନଙ୍କ କାର୍ଯ୍ୟସୂଚୀରେ ବିରାଟ ପରିବର୍ତ୍ତନ କରିବାକୁ ପଡ଼ିବ, କିନ୍ତୁ ଭୋଟ୍ ହାତେଇବା ପାଇଁ ଦଳମାନଙ୍କ ହାତରେ ସହଜ ଉପାୟମାନ ଥାଉ ଥାଉ ସେମାନେ କାହିଁକି ବା ତାହା କରିବେ ! ଶ୍ରୀଯୁକ୍ତ ନୀତୀଶଙ୍କର ତାଙ୍କ ପଦର ୨୧ତମ ବର୍ଷରେ ପ୍ରବେଶ ହେଉ ବା ରାଜନୀତିରୁ ପ୍ରସ୍ଥାନ କ୍ୱଚିତ୍ ବିହାରର ଲୋକମାନଙ୍କ ଭାଗ୍ୟ ବଦଳାଇ ଦେବାର ସମ୍ଭାବନା ରଖେ । ଆଉ ତାହା ହିଁ ହେଉଛି ଏହି ରାଜ୍ୟର ଦୁଃଖଦ କାହାଣୀ ।

# ଜ୍ଞାନର ଅହଙ୍କାର ଓ ଅହଙ୍କାରର ଜ୍ଞାନ



**ଶ୍ରୀବତ୍ସ ନାୟକ**

ଏମିତି ଏକ ସମୟ ଆସିବ, ଯେଉଁ ସମୟରେ ତୁମ ପାଖରେ ଚପଲ ଥିବ, କିନ୍ତୁ ପାଦରେ ବଳ ନଥିବ; ହାତ ଥିବ, କିନ୍ତୁ ଯୋଡ଼ିବାକୁ ଶକ୍ତି ନଥିବ; ସମସ୍ତେ ଥାଇ ବି ପାଖରେ କେହି ନଥିବେ । ସମୟ ଆସିବ, ଯୌବନରେ ବାର୍ଦ୍ଧକ୍ୟର ଛାଇ ଖେଳିଯିବ; ସ୍ୱପ୍ନ ଦେଖୁଥିବ, ହେଲେ ରାତି ନଥିବ । ସମୟ ଆସିବ, ତୁମକୁ ବି କେହି ଉପହାସ କରିବେ । ତୁମେ ବି କାହା ନିର୍ଦ୍ଦେଶକୁ ଅପେକ୍ଷା କରିବ । ନିରସ୍ତ୍ର ସୈନିକ ଭଳି ମୂକ ପାଲଟି ଯିବ । ରୋଗ ଶଯ୍ୟାରେ ଶଯ୍ୟାଶାୟୀ ହେବାକୁ ପଡ଼ିବ, ବିରହ ବିଚ୍ଛେଦର ଯନ୍ତ୍ରଣା ଭୋଗିବାକୁ ପଡ଼ିବ, ସମସ୍ତ କୁକର୍ମର ପଶ୍ଚାତ୍ତାପ କରିବାକୁ ପଡ଼ିବ । ଏତେ ଗର୍ବ ଅହଙ୍କାର କାହିଁକି ? ସମୟ ଆସିବ, ସବୁ ଅହଙ୍କାର ଚୁର୍‌ମାର୍ ହୋଇଯିବ । ମଣିଷ ମନର ଅହଂ ଭାବନାରେ ଆତ୍ମଗର୍ବ ଅତିଶୟ । ଏ ମଣିଷ ଅହଂ ଭାବନାରେ ବୁଡ଼ି ନିଜକୁ ମଣେ ମହାନ । ନମ୍ର ଭାବନା ପ୍ରତି ବୀତସ୍ପୃହ ହୋଇ ଆତ୍ମଗର୍ବେ ବଳୀୟାନ ହୁଏ । ହଁ ଆଜ୍ଞା, ଅଜ୍ଞାନ ଅନ୍ଧକାର ରହିତ ମଣିଷ ଅହଙ୍କାର କରିବା ସ୍ୱାଭାବିକ, କିନ୍ତୁ ଜ୍ଞାନୀ ଲୋକମାନେ କାହିଁକି ଅହଙ୍କାର କରନ୍ତି ଯେ ! ଯେତେବେଳେ ଜ୍ଞାନୀ ଲୋକମାନେ ନିଜ ଜ୍ଞାନକୁ ନେଇ ଗର୍ବ ଓ ଅହଙ୍କାର କରିଥାନ୍ତି, ସେତେବେଳେ ସମାଜ ବିନାଶ ଆଡ଼କୁ ଗତି କରିଥାଏ । କିଏ ନିଜର ଧନକୁ ନେଇ ଗର୍ବ କରେ ତ କିଏ ପୁଣି ନିଜର ସୌନ୍ଦର୍ଯ୍ୟକୁ ନେଇ । କିଏ ଜ୍ଞାନକୁ ନେଇ ଗର୍ବ କରେ ତ କିଏ ପୁଣି ନିଜର ଦାନ ଓ ଭକ୍ତିକୁ ନେଇ ଗର୍ବ କରେ । ଏହିଭଳି ଭାବେ ମଣିଷ ନିଜ ନିଜର ଶକ୍ତି ଓ ସାମର୍ଥ୍ୟକୁ ନେଇ ଗର୍ବ ଓ ଅହଙ୍କାରର ବଶବର୍ତ୍ତୀ ହୋଇଥାଏ । ଅଧୁନା ସମାଜରେ ଅହଙ୍କାରୀ ଜ୍ଞାନୀମାନଙ୍କର ଅଭାବ ନାହିଁ । ଏହି ଅହଙ୍କାରୀ ଜ୍ଞାନୀମାନେ ନିଜର ଜ୍ଞାନର ଦ୍ୱାହି ଦେଇ ବିକାଶ ଆଳରେ ସମାଜକୁ ବିନାଶ ଆଡ଼କୁ ଠେଲିଥାନ୍ତି ।

ପୁରାଣବର୍ଣ୍ଣିତ କଥା ଅନୁଯାୟୀ ଲଙ୍କପତି ରାବଣ ବେଦ, ଶାସ୍ତ୍ର ଓ ସଙ୍ଗୀତରେ ବେଶ୍ ପାରଙ୍ଗମ ଥିଲେ । ସେ ଶିବ ଭକ୍ତ ମଧ୍ୟ ଥିଲେ ଓ ତାଙ୍କର ତପସ୍ୟାରେ ସ୍ୱୟଂ ଶିବଙ୍କୁ ସନ୍ତୁଷ୍ଟ କରିଥିଲେ । ସେ ବ୍ରହ୍ମଜ୍ଞାନୀ ଥିଲେ, କିନ୍ତୁ ସେଇ ଜ୍ଞାନକୁ ସେ ବିନମ୍ରତାରେ ବ୍ୟବହାର କରି ନଥିଲେ । ସୀତାଙ୍କୁ ହରଣ କରିବା, ନିଜକୁ ସବୁଠାରୁ ଶ୍ରେଷ୍ଠ ଭାବିବା- ସେଇ ଅହଙ୍କାରର ପରିଣାମ ସ୍ୱରୂପ ତାଙ୍କର ସ୍ୱର୍ଣ୍ଣଲଙ୍କା ଧ୍ୱଂସ ହେଲା । ଜ୍ଞାନର ସହିତ ବିନମ୍ରତା ନଥିଲେ ସେଇ ଜ୍ଞାନ ବିନାଶକାରୀ ହୋଇଥାଏ । ଦୁର୍ବାସା ଋଷି ବଡ଼ ଜ୍ଞାନୀ ଓ ତପସ୍ୱୀ ଥିଲେ । କିନ୍ତୁ କ୍ରୋଧ ଓ ଅହଙ୍କାରରେ ସେ ପ୍ରାୟତଃ ଅନେକଙ୍କୁ ଅଭିଶାପ ଦେଉଥିଲେ । ତାଙ୍କର ଶାପରେ ଅନେକ ରାଜ୍ୟ, ଅନେକ ପରିବାର ଦୁର୍ଭୋଗରେ ପଡ଼ିଥିଲା । ଯେତେବେଳେ ଜ୍ଞାନ କ୍ରୋଧ ସହିତ ମିଶେ, ସେଥିରୁ କେବଳ ଦୁଃଖ ଜନ୍ମେ । ମହାଭାରତର ଦୁର୍ଯ୍ୟୋଧନ ଯୁଦ୍ଧଶାସ୍ତ୍ର, ରାଜନୀତି ଓ କୌଶଳରେ ଥିଲେ ଅପାର ଜ୍ଞାନୀ । ସେ ଶିକ୍ଷା ଓ ଶକ୍ତିରେ ସମ୍ପନ୍ନ ମଧ୍ୟ ଥିଲେ । କିନ୍ତୁ ଅହଙ୍କାରରେ ସେ ଅନ୍ୟାୟ ପଥରେ ଆଗେଇଲେ । ପାଣ୍ଡବମାନଙ୍କୁ ଦ୍ୱେଷ କରି ତାଙ୍କର ସମସ୍ତ ଜ୍ଞାନକୁ ଅନ୍ୟାୟରେ ବିନିଯୋଗ କଲେ । ଶେଷରେ କୁରୁକ୍ଷେତ୍ରରେ ତାଙ୍କର ପରାଜୟ ହେଲା । ଜ୍ଞାନକୁ ସେ ବିନାଶକାରୀ ମାର୍ଗରେ ବ୍ୟବହାର କଲେ । ଜ୍ଞାନ ଯଦି ସତ୍ୟରେ ନଥାଏ, ସେଥିରୁ ଅବଶ୍ୟ ବିନାଶ ଆସେ । ହିଟଲର ଅସାଧାରଣ ରାଜନୀତିକ ଜ୍ଞାନ, ସମ୍ବୋଧନ କରିବାର କଳା ଓ ସେନା ନୀତିରେ କୁଶଳୀ ଥିଲେ । ସେଇ ଜ୍ଞାନକୁ ଯଦି ସେ ମାନବ ସେବାରେ ବ୍ୟବହାର କରିଥାନ୍ତେ, ସମଗ୍ର ବିଶ୍ୱ ଉନ୍ନତିର ପଥରେ ଯାଇ ପାରିଥାନ୍ତା । କିନ୍ତୁ ସେ ଅହଙ୍କାର, ହିଂସା ଓ ଅନ୍ୟ ଜାତି ପ୍ରତି ଦ୍ୱେଷରେ ସେଇ ଜ୍ଞାନକୁ ବ୍ୟବହାର କଲେ । ପରିଣାମ ସ୍ୱରୂପ, ବିଶ୍ୱ ଦେଖିଲା ଦ୍ୱିତୀୟ ବିଶ୍ୱଯୁଦ୍ଧ ।



ଏଠାରେ ଜ୍ଞାନ ରହିତ ଅହଙ୍କାର ପ୍ରଳୟଙ୍କରୀ ବିଶ୍ୱବ୍ୟାପି ଯୁଦ୍ଧକୁ ନିମନ୍ତ୍ରଣ କରିଥିଲା । ମୋଗଲ୍ ସମ୍ରାଟ୍ ଔରଙ୍ଗଜେବ ରାଜନୀତି, ଶାସନ ଓ ଧର୍ମଶାସ୍ତ୍ରରେ ଜ୍ଞାନୀ ଥିଲେ । କିନ୍ତୁ ସେଇ ଜ୍ଞାନକୁ ସେ ସହିଷ୍ଣୁତାରେ ନୁହେଁ, କଠୋରତାରେ ବ୍ୟବହାର କଲେ । ତାଙ୍କର ଅହଙ୍କାରୀ ନୀତି ସମଗ୍ର ମୋଗଲ ସାମ୍ରାଜ୍ୟକୁ ଦୁର୍ବଳ କରିଦେଲା । କେତେକ ଅତି ଶକ୍ତିଶାଳୀ ରାଜା (ଯେପରିକି ଔରଙ୍ଗଜେବ) ଧର୍ମ ଓ ଶାସନର ଜ୍ଞାନକୁ ଅହଙ୍କାରରେ ବ୍ୟବହାର କରି ନିଜ ସାମ୍ରାଜ୍ୟକୁ ଦୁର୍ବଳ କରିଥିଲେ । ଶାସନରେ ଜ୍ଞାନ ଅହଙ୍କାରରେ ବ୍ୟବହୃତ ହେଲେ ସାମ୍ରାଜ୍ୟ ଧ୍ୱଂସ ନିଶ୍ଚିତ । ରାଜା ବଳୀ ଦାନ ଦେଉଥିଲେ ସତ, କିନ୍ତୁ ଦାନ ଦେବାର ଅହଙ୍କାର ଓ ଆତ୍ମବଡ଼ିମା ଯୋଗୁଁ ସେ ପାତାଳ ପୁରକୁ ଗଲେ । ଅହଙ୍କାର ପାଇଁ ମହର୍ଷି ନାରଦ ମଧ୍ୟ ଶ୍ରେଷ୍ଠ ଭକ୍ତ ହେବାର ଯୋଗ୍ୟତା ହରେଇଛନ୍ତି । ଇତିହାସ ସାକ୍ଷୀ ଅଛି ଯେ ଏହିଭଳି ଅନେକ ଜ୍ଞାନୀଙ୍କ ଅହଙ୍କାର ଯୋଗୁଁ ସେମାନଙ୍କର ପତନ ହୋଇଛି ଏବଂ ସମଗ୍ର ସମାଜ ଧ୍ୱଂସାଭିମୁଖୀ ହୋଇଛି ।

ଜ୍ଞାନର ଅହଙ୍କାର ମଣିଷକୁ ତଳିତଳାନ୍ତ କରିଦିଏ । କିନ୍ତୁ ଅହଙ୍କାରର ଜ୍ଞାନ ମଣିଷର ଶ୍ରେଷ୍ଠତାକୁ ପ୍ରତିପାଦିତ କରିଥାଏ । ଯେଉଁ ମଣିଷ ପାଖରେ ଅହଙ୍କାର ବିଷୟରେ କିଛି ନା କିଛି ଜ୍ଞାନ ଥିବ, ସେ ହେଲେ ପ୍ରକୃତ ଜ୍ଞାନୀ । ମର୍ଯ୍ୟାଦା ପୁରୁଷ ଶ୍ରୀରାମ ଜ୍ଞାନୀ ଥିଲେ, କିନ୍ତୁ ତାଙ୍କର ଜ୍ଞାନ ଥିଲା ଅହଙ୍କାର ବର୍ଜନ ଉପରେ । ଅବତାରୀ ପୁରୁଷ ଶ୍ରୀକୃଷ୍ଣ କେବେ ବି ନିଜକୁ ଭାଗବାନ ବୋଲି ସମ୍ବୋଧିତ କରି ନାହାନ୍ତି । ସକ୍ରେଟିସ୍ ନିଜ ମହାନତାର ପ୍ରମାଣ ଦେବାକୁ ଯାଇ କହିଛନ୍ତି ଯେ ମୁଁ ଏତିକି ଜ୍ଞାନ ଆହରଣ କରିଛି କି ମୁଁ କିଛି ଜାଣିନାହିଁ । ଏହା ହିଁ ପ୍ରକୃତ ଜ୍ଞାନ । ଏହି ବିନମ୍ରତାରୁ ସେ ମହାନ୍ । ପ୍ରକୃତ ଜ୍ଞାନୀ ତ ସିଏ, ଯିଏ ଜ୍ଞାନକୁ ଅହଙ୍କାରରେ ନୁହେଁ, ସେବାରେ ବ୍ୟବହାର କରେ ।

ଜ୍ଞାନ ହେଉଛି ମଣିଷର ସର୍ବୋତ୍କୃଷ୍ଟ ସମ୍ପଦ । ଜ୍ଞାନ ବିନା ମଣିଷ ଅନ୍ଧକାରରେ ରୁହେ । ଜ୍ଞାନର ଆଲୋକରେ ମଣିଷ ନିଜେ ସଚେତନ ହୁଏ ଓ ସମାଜକୁ ଆଗକୁ ନେଇଯାଏ । କିନ୍ତୁ କେବେ କେବେ ଏହି ଜ୍ଞାନ ମଣିଷକୁ ବିନମ୍ର କରିବାରୁ ବ୍ୟର୍ଥ ହୋଇ ଅହଙ୍କାରର ସୃଷ୍ଟି କରେ । ଏହି ଜ୍ଞାନର ଅହଙ୍କାର ସମସ୍ତଙ୍କ ପାଇଁ କ୍ଷତିକାରକ । ଜ୍ଞାନର ସତ୍ୟ ସ୍ୱରୂପ ଯଥାର୍ଥ ଜ୍ଞାନ ମଣିଷକୁ ନମ୍ରତା, ସହିଷ୍ଣୁତା ଓ ସେବାଭାବ ପ୍ରଦାନ କରିଥାଏ । ଭଗବତ୍ ଗୀତାରେ କୁହାଯାଇଛି- 'ବିଦ୍ୟା ଦଦାତି ବିନୟମ୍', ଅର୍ଥାତ୍ ସତ୍ୟ ଜ୍ଞାନ ବିନମ୍ରତା ଦେଇଥାଏ । କିନ୍ତୁ ଯେଉଁଠାରେ ଜ୍ଞାନ ସହିତ ଅହଙ୍କାର ଯୋଡ଼ି ହୋଇଯାଏ,ସେଠାରେ ଜ୍ଞାନର ଶକ୍ତି କ୍ଷୟ ହୋଇଥାଏ । ତେଣୁ ଯଥାର୍ଥରେ କୁହାଯାଇପାରେ ଯେ ଜ୍ଞାନର ଅହଙ୍କାରକୁ ପରିତ୍ୟାଗ କରି ଅହଙ୍କାର ବିଷୟରେ ଜ୍ଞାନ ଆହରଣ କଲେ ସମାଜର ମଙ୍ଗଳ ସାଧିତ ହେବ- ଏଥିରେ ଦ୍ୱିମତ ନାହିଁ ।

**ଅଧ୍ୟାପକ, ବାଣିଜ୍ୟ ବିଭାଗ, କଟକ**
**ମୋ: ୯୪୩୮୦୭୦୮୪୯**

# ଅବହେଳିତ ଅବସ୍ଥାରେ ସରକାରୀ ବିଦ୍ୟାଳୟ

**ସ୍ୱଚ୍ଛତା ଦିଗରେ ଧ୍ୟାନ ଦିଆଯାଉ ନାହିଁ**

**ବହୁମୁଖୀ ଗୃହର ଆବଶ୍ୟତା ରହିଛି**

**ପ୍ରଶାସନ, ଶିକ୍ଷା ବିଭାଗ ଓ ରାଜନୈତିକ ନେତୃବୃନ୍ଦ ଦୃଷ୍ଟି ଦେବାକୁ ଦାବି**

**ଝାରସୁଗୁଡ଼ା,୨୭।୧୦/ଏନ୍ଏନ୍ଏସ୍:** ଜିଲ୍ଲାରେ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ୧୧୬ରୁ ଊର୍ଦ୍ଧ୍ୱ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। କିନ୍ତୁ ଦୁଃଖର କଥା ବିଦ୍ୟାଳୟ ଗୁଡ଼ିକରେ ବହୁମୁଖୀ ଗୃହ (ମଲଟିପର୍ପସ ହଲ୍) ନଥିବାରୁ ଛାତ୍ରଛାତ୍ରୀମାନେ ବର୍ଷା ଖରା ସମୟରେ ବାହାରେ ଠିଆହୋଇ ପ୍ରାର୍ଥନା, ମଧ୍ୟାହ୍ନଭୋଜନ, ସଭା, ବାର୍ଷିକ କାର୍ଯକ୍ରମ ଓ ଇନ୍‌ଡୋର୍ ଖେଳ ଆଦି କରିବାକୁ ବାଧ୍ୟ ହେଉଛନ୍ତି। ଅନେକ ବିଦ୍ୟାଳୟରେ ସରକାରଙ୍କ ନିୟମ ଅନୁଯାୟୀ ମଧ୍ୟାହ୍ନଭୋଜନ କରିବାର ବ୍ୟବସ୍ଥା ରହିଛି। କିନ୍ତୁ ଖାଦ୍ୟ ଖାଇବା ପାଇଁ ବଡ଼ ଗୃହର ବ୍ୟବସ୍ଥା ନଥିବାରୁ ପିଲାମାନେ ବାହାରେ ଗଛମୂଳେ ବସି ଭୋଜନ କରୁଛନ୍ତି। ବର୍ଷା ସମୟରେ ପିଲାମାନେ ଶୋଚନୀୟ ଅବସ୍ଥାରେ ଖାଦ୍ୟ ଆହରଣ କରନ୍ତି। ଅନେକ ସମୟରେ ଗଛ ମୂଳରେ ଖାଦ୍ୟ ଖାଉଥିବାବେଳେ ଥାଳିରେ ବିଷାକ୍ତ ପୋକ ଯୋକ ପଡ଼ିଥାନ୍ତି। ଅନେକ ବିଦ୍ୟାଳୟରେ ପିଲାମାନେ ଖାଦ୍ୟ ଆହରଣ କରୁଥିବା ସ୍ଥାନରେ ବା ରୋଷେଇଶାଳରୁ ଅନେକ ବିଷାକ୍ତ ସାପ ବାହାରିଥିବା ଖବର ବିଭିନ୍ନ ସମୟରେ ସାମ୍ନାକୁ ଆସୁଛି ଏବଂ ପ୍ରମାଣ ମଧ୍ୟ ରହିଛି।

ଜିଲ୍ଲାର ଅନେକ ବିଦ୍ୟାଳୟରେ ବଡ଼ ଶ୍ରେଣୀଗୃହ ଥିଲେ ମଧ୍ୟ ୫୦ରୁ ଊର୍ଦ୍ଧ୍ୱ ପିଲା ବସି ଖାଇପାରିବେ ନାହିଁ। ସରକାରଙ୍କ ଆଦେଶ ମୁତାବକ ଅନେକ ମନୋରଞ୍ଜନ, ସାଂସ୍କୃତିକ ଓ ଶିକ୍ଷଣୀୟ କାର୍ଯକ୍ରମ ବିଦ୍ୟାଳୟ ବାହାରେ ଖୋଲା ମଇଦାନରେ ହେଉଛି। ମାତ୍ର ଏହି ସମୟରେ ବର୍ଷା ହେଲେ ବାଧ୍ୟହୋଇ କାର୍ଯ୍ୟକ୍ରମ ବନ୍ଦ କରାଯାଇଥାଏ। ବହୁମୁଖୀ ଗୃହ ନଥିବା ଯୋଗୁ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଜିଲ୍ଲାରେ ଓଡ଼ିଶାର ବୃହତ୍ ଓ ମଧ୍ୟମ ଶିଳ୍ପସଂସ୍ଥା ମାନ ରହିଛି। ଯଦି ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ (ସିଏସ୍‌ଆର୍) ଶିଳ୍ପ ସଂସ୍ଥା ଗୁଡ଼ିକ ଆଗେଇ ଆସି ଗୋଟିଏ ବହୁମୁଖୀ ଗୃହ ନିର୍ମାଣ କରନ୍ତି ତେବେ ଛାତ୍ରଛାତ୍ରୀମାନେ ବିଶେଷ ଉପକୃତ ହୋଇପାରିବେ। ଏଥିପ୍ରତି ଜିଲ୍ଲା ପ୍ରଶାସନ, ଜିଲ୍ଲା ଶିକ୍ଷା ବିଭାଗ ଓ ରାଜନୈତିକ ବ୍ୟକ୍ତିମାନେ ଦୃଷ୍ଟି ଦେବାକୁ ଦାବି ହେଉଛି।

# ମୁଖ୍ୟରାସ୍ତାରେ ବୁଲୁଛି ହାତୀ, ଭୟଭୀତ ପଥଚାରୀ



**ଲାଞ୍ଜିଗଡ଼,୨୭।୧୦/ଏନ୍ଏନ୍ଏସ୍:** କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜ ଅଞ୍ଚଳରେ ଦିନକୁଦିନ ଜଙ୍ଗଲୀ ହାତୀଙ୍କ ଉପଦ୍ରବ ବଢୁଛି। ଏପରି ସ୍ଥିତିରେ ବିଜେପୁରଠାରୁ ଲାଞ୍ଜିଗଡ଼କୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ସଲପକନା ଆମଗୁଡ଼ା ନିକଟସ୍ଥ ଜଙ୍ଗଲରେ ଏକଟିକିଆ ହାତୀ ଘୁରି ବୁଲୁଛି। ସନ୍ଧ୍ୟାରେ ବିଜେପୁର-ଲାଞ୍ଜିଗଡ଼ ସଂଯୋଗ କରୁଥିବା ମୁଖ୍ୟରାସ୍ତାରେ ହାତୀ ବୁଲୁଥିବାବେଳେ ଲୋକେ ଉକ୍ତ ରାସ୍ତାରେ ଯାତାୟାତ କରିବା ପାଇଁ ଭୟଭୀତ ହେଉଛନ୍ତି। ସୂଚନାମତେ ବିଜେପୁର ସେକ୍ସନ୍ ସଲପକନା ଆମଗୁଡ଼ା ନିକଟସ୍ଥ ଜଙ୍ଗଲରେ ଏକ ହାତୀ ଘୁରି ବୁଲୁଥିବାବେଳେ ଲୋକେ ବିଜେପୁରଠାରୁ ଲାଞ୍ଜିଗଡ଼ ଯିବାକୁ ଭୟ କରୁଛନ୍ତି। ଏନେଇ ବିଜେପୁର ବନପାଳ ପଦ୍ମଲୋଚନ ଶବରଙ୍କୁ ପଚାରିବାରୁ ବନ ବିଭାଗର ସମସ୍ତ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଛୁ ଏବଂ ହାତୀର ଗତିବିଧି ଉପରେ ନଜର ରଖିଛୁ ବୋଲି କହିଥିଲେ। ଏହାସତ୍ତ୍ୱେ କିଛିଦିନ ତଳେ କୁମଖାଲ ପଞ୍ଚାୟତ କାତେଲବାୟୁ ଗାଁର ଜଣେ ୧୮ ବର୍ଷୀୟ ଯୁବକ ଜଙ୍ଗଲକୁ ଗାଈ ଚରାଇବାକୁ ଯାଇଥିବା ବେଳେ ଦନ୍ତା ହାତୀ ହାବୁଡ଼ରେ ପଡ଼ି ତାଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ଅଞ୍ଚଳରେ ରାତି ନ ହେଉଣୁ ବିଜୁଳି କାଟ ଯୋଗୁ ଲୋକେ ଆହୁରି ଭୟଭୀତ ହେଉଥିବାବେଳେ ବିଜୁଳି ଆଲୁଅ ନଥିବା ଯୋଗୁ ମଧ୍ୟ ହାତୀ ଗାଁ-ମୁହାଁ ହେଉଛନ୍ତି। ଫଳରେ ଅନେକ ଧନଜୀବନ ନଷ୍ଟ କରୁଛନ୍ତି ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି। ବନ ବିଭାଗ ଏଥିପ୍ରତି ସଜାଗ ରହି ଲୋକେ ଏବଂ ଫସଲ କିପରି ସୁରକ୍ଷିତ ରହିବ ସେନେଇ ଧ୍ୟାନ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହରେ ଶପଥପାଠ



**ଝାରସୁଗୁଡ଼ା,୨୭।୧୦/ଏନ୍ଏନ୍ଏସ୍:** ଚଳିତ ବର୍ଷ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅକ୍ଟୋବର ୨୭ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ପାଳିତ ହେଉଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା କାର୍ଯ୍ୟାଳୟରେ ଶପଥପାଠ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ସମବେତ ଜିଲ୍ଲା କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀଙ୍କୁ ସାଧୁତା ଓ ସ୍ୱଚ୍ଛତାର ସହ ଜନସାଧାରଣଙ୍କ ହିତ ସାଧନ ପାଇଁ କାର୍ଯ୍ୟ କରିବାକୁ ଶପଥପାଠ କରାଇଥିଲେ। ଅତିରିକ୍ତ ଜିଲ୍ଲାପାଳ ( ରାଜସ୍ୱ ) କିଶୋର ଚନ୍ଦ୍ର ସ୍ୱାଇଁ ଶପଥପାଠର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀଗଣ ଅଂଶଗ୍ରହଣ କରିଥିଲେ।

# କଂଗ୍ରେସରେ ଶତାଧିକ ମହିଳାଙ୍କ ଯୋଗଦାନ



**ରାୟଗଡ଼ା,୨୭।୧୦/ଏନ୍ଏନ୍ଏସ୍:** ରାୟଗଡ଼ା ଜିଲ୍ଲା କଂଗ୍ରେସ ସଭାପତି ତଥା ବିଧାୟକ ଆପଲସ୍ୱାମୀ କାଡ୍ରାକା ଓ ମହିଳା ସଭାନେତ୍ରୀ ନନ୍ଦିଗୌରୀଙ୍କ ନେତୃତ୍ୱରେ ଶତାଧିକ ମହିଳା ବିଭିନ୍ନ ରାଜନୈତିକ ଦଳ ଛାଡ଼ି କଂଗ୍ରେସରେ ଯୋଗ ଦେଇଛନ୍ତି । ଏନେଇ ଜିଲ୍ଲା କଂଗ୍ରେସ ସଭାପତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମହିଳା କଂଗ୍ରେସ ସଭାନେତ୍ରୀ ଅମ୍ବିକା ମାଝୀ, ଜିଲ୍ଲାପରିଷଦ ସଭ୍ୟା ପଦ୍ମାବତୀ ମାଣ୍ଡାଙ୍ଗି ଓ ପିପଲଗୁଡ଼ା ସରପଞ୍ଚଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏଥିରେ ବିଜେଡି ଛାଡ଼ି କଂଗ୍ରେସରେ ଯୋଗ ଦେଇଥିବା ଜୟନ୍ତୀ ମହାରଣାଙ୍କ ସମେତ ଶତାଧିକ ମହିଳା ବିଧିବଦ୍ଧ ଭାବେ କଂଗ୍ରେସରେ ଯୋଗ ଦେଇଥିଲେ। କଂଗ୍ରେସ ଦଳର ନୀତି ଓ ଆଦର୍ଶ ସମେତ କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲାକା, ବିଧାୟକ କାଡ୍ରାକା ଓ ବିଷମକଟକ ବିଧାୟକ ନୀଳମାଧବ ହିକକାଙ୍କ କାର୍ଯ୍ୟ ଓ ଜନସାଧାରଣଙ୍କ ନିକଟରେ ରହି ସେମାନଙ୍କ ସମସ୍ୟା ବୁଝୁଥିବାରୁ ମହିଳାମାନେ କଂଗ୍ରେସ ଦଳରେ ଯୋଗଦେଇଥିବା ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଆଗାମୀ ଦିନରେ ଜିଲ୍ଲାରେ କଂଗ୍ରେସକୁ ମଜଭୁତ କରିବା ସହ ରାୟଗଡ଼ା ଓ ଗୁଣପୁର ପୌରପରିଷଦ, ଗୁଡ଼ାରି ଏନ୍ଏସି ସମେତ ଜିଲ୍ଲାର ୧୮୨ଟି ପଞ୍ଚାୟତ କଂଗ୍ରେସ ଦଖଲ କରିବ ବୋଲି ଜିଲ୍ଲା ସଭାପତି ତଥା ବିଧାୟକ କାଡ୍ରକା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ବିଶେଷଭାବେ ବର୍ତ୍ତମାନ ମହିଳାମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତେଣୁ ସେମାନଙ୍କୁ ନ୍ୟାର୍ଯ୍ୟ ପ୍ରଦାନ ଦିଗରେ କଂଗ୍ରେସ କାମ କରିବ ବୋଲି ବିଧାୟକ କାଡ୍ରାକା କହିଛନ୍ତି।

# ଲକ୍ଷ୍ମୀ ମାର୍କେଟ୍ ଓ ଇସ୍ପାତ ହାଟରେ ଆର୍‌ଏସ୍‌ପିର ସଫେଇ



**ରାଉରକେଲା,୨୭।୧୦/ଏନ୍ଏନ୍ଏସ୍:** ଆର୍‌ଏସ୍‌ପିର ସ୍ୱଚ୍ଛତା ଅଭିଯାନ ଅନ୍ତର୍ଗତ ଇସ୍ପାତ୍ ସହରାଞ୍ଚଳର ବିଭିନ୍ନ ସ୍ଥାନରେ ସଫେଇ କରାଯାଉଥିବାବେଳେ ଲକ୍ଷ୍ମୀ ମାର୍କେଟ୍ ଓ ଇସ୍ପାତ୍ ଅଞ୍ଚଳରେ ଏହି କାର୍ଯ୍ୟକ୍ରମ କରାଯାଇଛି। ସହର ଇଞ୍ଜିନିୟରିଂ ଜନସ୍ୱାସ୍ଥ୍ୟ ବିଭାଗର ଡେପୁଟି ସିଏମ୍‌ଓ ଡା. ଦୀପା ଲାଭାଙ୍ଗରେଙ୍କ ନେତୃତ୍ୱରେ ଉଭୟ ସ୍ଥାନରେ ସଫେଇ ଓ ସଚେତନତା ସୃଷ୍ଟି କରାଯାଇଥିଲା। ଏହିକ୍ରମେ ଖୋଲା ସ୍ଥାନରେ ଶୌଚ ନ କରିବା, ବର୍ଜ୍ୟବସ୍ତୁ ପରିଚାଳନା ଅଭ୍ୟାସ, ଅଳିଆ ସଂଗ୍ରହ ଡବା ବ୍ୟବହାର, ଏକକ ବ୍ୟବହାର ପ୍ଲାଷ୍ଟିକ୍ ନିଷେଧ ଓ ଡେଙ୍ଗୁ ପ୍ରତିରୋଧ ଉପରେ ସଚେତନ କରାଯାଇଥିଲା। ପରେ ଡ୍ରେନ୍ ସଫା କରିବା ସହ ବୁଦା କାଟିବା, ମାଟି ସମତଳ କରିବା, ବଜାର ପରିସର ଓ ଆଖପାଖ ଅଞ୍ଚଳ ପରିଷ୍କାର ପରିଚ୍ଛନ୍ନ କରାଯାଇଥିଲା। ଏଥିରେ ଆର୍‌ଏସ୍‌ପି ଦ୍ୱାରା ଗଠିତ ସ୍ୱଚ୍ଛତା ସ୍ୱାଭିମାନ ଗୋଷ୍ଠୀ, ଯୁବ ସ୍ୱଚ୍ଛତା ସ୍ୱାଭିମାନ ଗୋଷ୍ଠୀ (ସେକ୍ଟର-୪), ଲକ୍ଷ୍ମୀ ମାର୍କେଟ୍ ଓ ସୁବାଷପଲ୍ଲୀ ସ୍ୱଚ୍ଛତା ସ୍ୱାଭିମାନ ଗୋଷ୍ଠୀର ପ୍ରାୟ ୪୦ ଜଣ ଓ ଗଜପତି ମାର୍କେଟ୍ ସ୍ୱଚ୍ଛତା ସ୍ୱାଭିମାନ ଗୋଷ୍ଠୀର ୨୫ ଜଣ ସଦସ୍ୟ ସାମିଲ୍ ହୋଇଥିଲେ। ସହର ଇଞ୍ଜିନିୟରିଂ ଜନସ୍ୱାସ୍ଥ୍ୟ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର୍ ରସାନନ୍ଦ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଚୋରି ମାମଲାରେ ୨ ଗିରଫ

**ଜୟପୁର,୨୭।୧୦/ଏନ୍ଏନ୍ଏସ୍:** ଚୋରି ମାମଲାରେ ୨ ଅଭିଯୁକ୍ତଙ୍କୁ ଜୟପୁର ଟାଉନ୍ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଇରିଗେସନ୍ କଲୋନିର ଶାନ୍ତିରାଜ ନାଗ ଓ ଜୟନଗରର ଅଭିନାଶ ମହାରଣା। ଏନେଇ ଟାଉନ୍ ଥାନାରେ ସାମ୍ବାଦିକ ସମ୍ମିଳନୀ କରି ଏସ୍‌ଡିପିଓ ପାର୍ଥ କଶ୍ୟପ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଟାଉନ ଥାନାଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ଓ ଏସ୍‌ଆଇ ସିଦ୍ଧାନ୍ତ ବେହେରା ଉପସ୍ଥିତ ଥିଲେ। ଗତ ଏପ୍ରିଲ୍ ମାସରେ ଜୟପୁର ସହରର ହାନାଗୁଡ଼ା ଅଞ୍ଚଳରେ ଚୋରି ମାମଲାରେ ତଦନ୍ତ କରି ଅଭିଯୁକ୍ତଙ୍କୁ ଗରିଫ କରିବା ପରେ ସେମାନେ ମାଲକାନଗିରିରେ ଏକ ବିରାଟ ଧରଣର ଚୋରିରେ ସଂଶ୍ଳିଷ୍ଟ ଥିବା ପୁଲିସ ତଦନ୍ତରୁ ଜାଣିବାକୁ ପାଇଥିଲା। ଅଭିଯୁକ୍ତଙ୍କଠାରୁ ୫ ଲକ୍ଷ ଟଙ୍କା, ଗୋଟିଏ କାର୍ ଓ ଗୋଟିଏ ବାଇକ୍ ଜବତ କରାଯାଇଥିବା ନେଇ ଏସ୍‌ଡିପିଓ ଜଦୀଶ କଶ୍ୟପ ସୂଚନା ଦେଇଛନ୍ତି।

# ମିଳିତ ଅଭିଯୋଗ ଶୁଣାଣି ଶିବିର



**ଜୟପୁର,୨୭।୧୦/ଏନ୍ଏନ୍ଏସ୍:** ଜୟପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲାପାଳ ମୋନଜ ସତ୍ୟବାନ ମହାଜନ ଓ କୋରାପୁଟ ଏସ୍‌ପି ରୋହିତ ବର୍ମା ଉପସ୍ଥିତ ଥିଲେ। ଏଥିରେ ୩୮ଟି ବ୍ୟକ୍ତିଗତ ଓ ୯ଟି ଗୋଷ୍ଠୀଗତ ମୋଟ୍ ୪୭ଟି ଅଭିଯୋଗର ଶୁଣାଣି ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପ୍ରବେସନାରୀ ଆଇଏଏସ୍ ସନ୍ତୋଷ ପାତ୍ର, ଉପଜିଲ୍ଲାପାଳ ଆକା ବରମ ଶଶ୍ୟା ରେଡ୍ଡୀ, ଏସ୍‌ଡିପିଓ ପାର୍ଥ କଶ୍ୟପ, ଜିଲ୍ଲା ଶିକ୍ଷାଧିକାରୀ କରୁଣାକର ଭୁଏ, ଜୟପୁର ବିଡିଓ ଶକ୍ତି ମହାପାତ୍ର, ତହସିଲଦାର୍ ସବ୍ୟସାଚି ଜେନା, ଅତିରିକ୍ତ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପୂଜା ରାଉତଙ୍କ ସହ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଚାଲିଥିଲା ଦେହ ବ୍ୟବସାୟ, ୫ ଗିରଫ



**ରାଉରକେଲା,୨୭।୧୦/ଏନ୍ଏନ୍ଏସ୍:** ଘର ସମ୍ମୁଖରେ ଲାଗିଥିଲା ଚାଓମିନ୍ ଡିଲରସିପ୍ ବୋର୍ଡ। କିନ୍ତୁ ଘର ଭିତରେ ଚାଲିଥିଲା ଦେହ ବ୍ୟବସାୟ। ଦିନେ କି ଦୁଇଦିନ ନୁହେଁ କେଜାଣି କେତେ ମାସ କି ବର୍ଷ ହେଲା ଏଭଳି ଅନୈତିକ କାର୍ଯ୍ୟକଳାପ ରାଉରକେଲାର ସମ୍ଭ୍ରାନ୍ତ ଅଞ୍ଚଳ ଭାବେ ପରିଚିତ ସିଭିଲ୍ ଟାଉନ୍‌ସିପ୍‌ରେ ଚାଲିଥିଲା। ଏନେଇ ରଘୁନାଥପାଲ୍ଲୀ ପୁଲିସ୍ ନିକଟରେ ସୂଚନା ଥିଲା। ସୂଚନା ଆଧାରରେ ସୋମବାର ରଘୁନାଥପାଲ୍ଲୀ ପୁଲିସ୍ ସେଠାରେ ଚଢ଼ଉ କରି ୨ ଜଣ ପୀଡ଼ିତାଙ୍କ ସହ ଜଣେ ମହିଳା ଦଲାଲ ଓ ୨ ଜଣ ପୁରୁଷ ଦଲାଲଙ୍କୁ ଗିରଫ କରିଛି। ଦୁଇ ପୀଡ଼ିତାଙ୍କୁ ଡାକ୍ତରୀ ମାଇନା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନାକୁ ନିଆଯାଇଛି। ସେଠାରେ ଡାକ୍ତରୀ ମାଇନା ପରେ ପ୍ରକୃତ ସତ୍ୟାସତ୍ୟ ସାମ୍ନାକୁ ଆସିବ।

ସୂଚନାନୁସାରେ ସିଭିଲ୍ ଟାଉନ୍‌ସିପ୍‌ର ୟୁ୍ୟୁ୍ୟୁ ଘରୁ ୩ ଜଣ ଯୁବତୀଙ୍କୁ ପୁଲିସ୍ ଉଦ୍ଧାର କରିଥିଲା। ଏଥିସହ ଦେହ ବ୍ୟବସାୟର ସଞ୍ଚାଳକ ମୁକେଶ ଗୁପ୍ତା ଓ ଅନ୍ୟ ୨ ଜଣଙ୍କୁ ପୁଲିସ୍ ଧରିଥିଲା। ଉଦ୍ଧାର ହୋଇଥିବା ଯୁବତୀଙ୍କ ମଧ୍ୟରେ ଜଣେ ଝାଡ଼ଖଣ୍ଡର ଓ ଅନ୍ୟଜଣେ ପଶ୍ଚିମବଙ୍ଗର ବୋଲି ଜଣାପଡ଼ିଛି। ଅଭିଯୁକ୍ତ ମୁକେଶ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରୁ ଝିଅଙ୍କୁ ଆଣି ଏଠାରେ ଏଭଳି ଅନୈତିକ କାର୍ଯ୍ୟରେ ନିୟୋଜିତ କରୁଥିଲା। ଉକ୍ତ ଘରୁ ପୁଲିସ୍ ବହୁ ଆପତ୍ତିଜନକ ସାମଗ୍ରୀ ଜବତ କରିବା ସହ ଏକ ଡାଏରୀ ଜବତ କରିଛି। ଏହି ଡାଏରୀରେ ସହରର ବହୁ ସମ୍ଭ୍ରାନ୍ତ ଲୋକଙ୍କ ନାଁ ଥାଇପାରେ ବୋଲି ଅନୁମାନ କରାଯାଉଛି। ରଘୁନାଥପାଲ୍ଲୀ ପୁଲିସ୍ ପକ୍ଷରୁ ସମ୍ପୃକ୍ତ ଘର ସମ୍ପର୍କରେ ତନାଘନା କରାଯାଉଛି। ତେବେ ଦେହଜୀବୀମାନେ କେଉଁଠାରୁ ସହରକୁ ଆସୁଥିଲେ, କାହା ଜରିଆରେ ଆସୁଥିଲେ ଓ ଏଥିରେ କାହାର ସମ୍ପୃକ୍ତି ରହିଛି ଆଦି ସମ୍ପର୍କରେ ଯାଞ୍ଚ ଚାଲିଛି। ନିକଟରେ ଛେଣ୍ଡ କଲୋନୀରୁ ଏକ ବଡ଼ ଧରଣର ଦେହ ବ୍ୟବସାୟୀ ର୍ୟାକେଟ୍‌ର ଠାବ କରାଯାଇଥିଲା। ସେହିପରି ସେକ୍ଟର୍-୧୬ ଓ ଜଗଦା ଅଞ୍ଚଳରେ ମଧ୍ୟ ଦେହ ବ୍ୟବସାୟ ର୍ୟାକେଟ୍‌କୁ ଧରାଯାଇଥିବା ନଜିର୍ ରହିଛି। ଏ ସମ୍ପର୍କରେ ପୁଲିସ୍ ପକ୍ଷରୁ କୌଣସି ସୂଚନା ପ୍ରଦାନ କରାଯାଇନଥିବା ବେଳେ ଘଟଣାର ତଦନ୍ତ ଜାରି ରହିଛି।

# ଜିଲ୍ଲା ଶିକ୍ଷାଧିକାରୀଙ୍କୁ ସମ୍ବର୍ଦ୍ଧନା



**ଜୟପୁର,୨୭।୧୦/ଏନ୍ଏନ୍ଏସ୍:** ନୂଆପଡ଼ାରୁ ବଦଳି ହୋଇ କୋରାପୁଟ ଜିଲ୍ଲା ଶିକ୍ଷାଧିକାରୀ ଭାବେ ଯୋଗ ଦେଇଥିବା କରୁଣାକର ଭୁଏଙ୍କୁ ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର କର୍ମଚାରୀମାନେ ସ୍ୱାଗତ କରିବା ସହିତ ସମ୍ବର୍ଦ୍ଧିତ କରିଛନ୍ତି। ଶ୍ରୀ ଭୁଏ ଜୟପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହେବାକୁ ଥିବା ମିଳିତ ଅଭିଯୋଗ ଶୁଣାଣିରେ ଯୋଗଦେଇ ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିଦର୍ଶନରେ ଆସିଥିଲେ। ସେହି ସମୟରେ ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ଦ୍ୱାରା ତାଙ୍କୁ ସ୍ୱାଗତ କରାଯାଇଥିଲା। ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦନ କୁମାର ନାୟକ, ବିଭାଗୀୟ ଅଧିକାରୀ ରାଜେନ୍ଦ୍ର ନାରାୟଣ ପାଢ଼ୀ, ବରିଷ୍ଠ ସହାୟକ ଶଶୀଭୂଷଣ ଦାସ, ବାଳ ଗୋପାଳ ମିଶ୍ର, କନିଷ୍ଠ ସହାୟକ ସାନ୍ତୁନୁ ଜେନା, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ କେ ଗୋପାଳ ସହକାରୀ, ସୋମନାଥ ଗାଦବା, କିରଣ ମହାରଣା, ରଞ୍ଜିତ ମହାନ୍ତି, ମନୋଜ କୁମର୍ ପଟ୍ଟନାୟକ, ଲିପ୍ସା ମୁରଲି ସାହୁ, ସୁନିତା ନାୟକ, ଶୁଭଶ୍ରୀ ମହାପାତ୍ର, ଦିବ୍ୟା ତେଜା, ଅନିଲ୍ ସାଗର, କମଲୁ ଜାନି ଓ ରମେଶ ପାଲକା ଉପସ୍ଥିତ ଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ଭୁଏ ବିଭାଗର ସମସ୍ତ କର୍ମଚାରୀଙ୍କ ସହିତ ବିଭାଗୀୟ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।

**୧ରୁ ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବ**

# ଯୋଗଦେବେ ଦେଶର ୩୦୦ରୁ ଊର୍ଦ୍ଧ୍ୱ କଳାକାର

**ରାଉରକେଲା,୨୭।୧୦/ଏନ୍ଏନ୍ଏସ୍:** ରାଜ୍ୟର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଭଞ୍ଜ କଳାକେନ୍ଦ୍ର ଆନୁକୂଲ୍ୟରେ ନଭେମ୍ବର ୧ରୁ ଜାତୀୟସ୍ତରୀୟ ମାନ୍ୟତାପ୍ରାପ୍ତ ୨୮ତମ ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବ ଆରମ୍ଭ ହେବ। ଚଳିତ ବର୍ଷ ବହୁ ପ୍ରତିଷ୍ଠିତ କଳାକାର ନୃତ୍ୟ, ସଙ୍ଗୀତ ଓ ପ୍ରତିଭା ପରିବେଷଣ ପାଇଁ ଇସ୍ପାତ ସହରରେ ପଦାର୍ପଣ କରିବେ। ବହୁ ସମ୍ମାନଜନକ ପୁରସ୍କାରରେ ବିଭୂଷିତ କଳାକାରଙ୍କ ସମେତ ୩୦୦ରୁ ଊର୍ଦ୍ଧ୍ୱ କଳାକାରଙ୍କ ସମାଗମ ଦେଖିବାକୁ ମିଳିବ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ ଓ ସମ୍ମାନିତ ଅତିଥିଭାବେ ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ଯୋଗଦେବାକୁ ସମ୍ମତି ପ୍ରଦାନ କରିଛନ୍ତି। ଆର୍‌ଏସ୍‌ପି ତଥା ବୋକାରୋର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବେ। ନୃତ୍ୟୋତ୍ସବର ପ୍ରତି ସନ୍ଧ୍ୟାରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ଆର୍‌ଏମ୍‌ସି କମିଶନର୍ ସୁଶ୍ରୀ ଧିନା ଦସ୍ତଗିର, ଆର୍‌ଏସ୍‌ପିର କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ଦୀପିକା ମହିଳା ସଂଘର ଅଧ୍ୟକ୍ଷା ନମ୍ରତା ବର୍ମା, ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର୍ କେ. ଉମାମହେଶ୍ୱର ରାଓ, ଏସ୍‌ବିଆଇର ଆଞ୍ଚଳିକ ପ୍ରବନ୍ଧକ ଅସୀମ କୁମାର ଘୋଷ ଓ ହାଇଦ୍ରାବାଦ ଇଞ୍ଜିନିୟରିଂ ବିଜିନେସ୍‌ର ମୁଖ୍ୟ ନିକୁଞ୍ଜ କିଶୋର ସ୍ୱାଇଁ ସମ୍ମାନିତ ଅତିଥିଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ପଦ୍ମଶ୍ରୀ ଦୁର୍ଗା ଚରଣ ରଣବିରଙ୍କ ନୃତ୍ୟ ନିର୍ଦ୍ଦେଶନାରେ ଭଞ୍ଜ କଳାକେନ୍ଦ୍ରର ନୃତ୍ୟଶିଳ୍ପୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଏବଂ ପରେ ବାଂଲାଦେଶର ନୃତ୍ୟଶିଳ୍ପୀ ଲୋକନୃତ୍ୟ ପରିବେଷଣ କରିବେ।




ଝାଡ଼ଖଣ୍ଡର ପଦ୍ମଶ୍ରୀ ମୁକୁନ୍ଦ ନାୟକ ଓ ସାଥୀଙ୍କ ଦ୍ୱାରା ଆଦିବାସୀ ନୃତ୍ୟ, ପାରମ୍ପରିକ ଝୁମର୍ ମର୍ଦ୍ଧାନୀ, ଭାରତ ତଥା ବିଭିନ୍ନ ରାଷ୍ଟ୍ରର କୁଚିପୁଡ଼ି ନୃତ୍ୟ ପରିବେଷଣ କରୁଥିବା ପଦ୍ମଭୂଷଣ ଚିନ୍ନା ସତ୍ୟମ, ଚେନ୍ନାଇ ନୃତ୍ୟ ଗରୁକୁଳର ଶ୍ରୀମୟୀ ଭେମ୍ପଟି, କୋଲକାତାର ନୃତ୍ୟଗୁରୁ ସନ୍ଦୀପ ମଲ୍ଲିକ ଓ ସାଥୀଙ୍କ ଦ୍ୱାରା କଥକ ନୃତ୍ୟ, ଭୁବନେଶ୍ୱରର ଗୁରୁ ମୀରା ଦାସ ଓ ସାଥୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ବିଭିନ୍ନ ସନ୍ଧ୍ୟାରେ ପରିବେଷିତ ହେବ। ଶାସ୍ତ୍ରୀୟ ସଙ୍ଗୀତରେ କେନ୍ଦ୍ର ସଙ୍ଗୀତ ନାଟକ ଆକାଡେମୀର ପୁରସ୍କାରପ୍ରାପ୍ତ ସ୍ୱନାମଧନ୍ୟ ଓଡ଼ିଶୀ କଣ୍ଠଶିଳ୍ପୀ ଗୁରୁ ପ୍ରଫେସର୍ ଡକ୍ଟର ସଙ୍ଗୀତା ଗୋସାଇ ଓ ବିଶ୍ୱର ବିଭିନ୍ନ ଦେଶର ସଙ୍ଗୀତ ପରିବେଷଣ କରି ସୁନାମ ଅର୍ଜନ କରିଥିବା ଅଗ୍ରଣୀ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ କଣ୍ଠଶିଳ୍ପୀ ଗୁରୁ ଡକ୍ଟର୍ ମୀତା ପଣ୍ଡିତ ବୋଲି ସାମ୍ବାଦିକ ସମ୍ମିଳନୀରେ ଭଞ୍ଜ କଳା କେନ୍ଦ୍ରର ସଭାପତି ଶୁଭ ଶଙ୍କର ରାୟଚୌଧୁରୀ, ସାଧାରଣ ସମ୍ପାଦକ ରାଧାକୃଷ୍ଣ ମହାପାତ୍ର, ଉପସଭାପତି ଆଲୋକ ବେହେରା, କୋଷାଧ୍ୟକ୍ଷ ସୁବ୍ରତ ଶତପଥୀ ଓ ମୁଦ୍ରଣ ସମ୍ପାଦକ ଶଶାଙ୍କ ଶେଖର ପଟ୍ଟନାୟକ ସୂଚନା ଦେଇଛନ୍ତି। ଏହି ଅବସରରେ ଅନୁଷ୍ଠାନର ବିବେକାନନ୍ଦ ପରିଡ଼ା, ପୂର୍ଣ୍ଣିମା ଦସ୍ତିଦାର, ପ୍ରଦୀପ ଗୌଡ଼, କନକଲତା ମିଶ୍ର, ବସନ୍ତ ସାହୁ, ରସାନନ୍ଦ ମହାନ୍ତି, ପଞ୍ଚାନନ ସାହୁ, ଗଜେନ୍ଦ୍ର ମୁର୍ମୁ, ପ୍ରବୀଣ ରଥ, ଜ୍ୟୋତିର୍ମୟ ଆଚାର୍ଯ୍ୟ ଓ ସୁଶ୍ରୀ କୋଏନା ଦସ୍ତିଦାର ଉପସ୍ଥିତ ଥିଲେ।

## କାର୍ଯ୍ୟରେ ମନ୍ଥର ଗତି ପାଇଁ ବ୍ଲକ୍ ଅଧିକାରୀଙ୍କ ଦରମା ବନ୍ଦ ନିର୍ଦ୍ଦେଶ

**ସାଲେପୁର,୨୭।୧୦/ଏନ୍‌ଏନ୍‌ଏସ୍:** ସାଲେପୁର ବ୍ଲକ ରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅନ୍ତୋଦ୍ୟ ଗୃହ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରାଯାଉନଥିବାରୁ ସାଲେପୁର ବ୍ଲକ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ, ସମସ୍ତ ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଆକାଉଣ୍ଟାଣ୍ଟ କମ ଡାଟା ଏଣ୍ଟ୍ରି ଅପରେଟରଙ୍କ ଦରମା ବନ୍ଦ କରାଯାଇଥିବା ଜଣାଯାଇଛି। ପ୍ରକାଶ ଯେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓ ସାହେବ ସିନ୍ଧେ ସାଲେପୁର ବ୍ଲକ ରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ବେଶେଷ କରି ମନରେଗା ଓ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ଏହି ବ୍ଲକ ରେ ଚାଲୁଥିବାରୁ ଅସନ୍ତୋଷ ପ୍ରକାଶ କରିବା ସହ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଦରମା ବନ୍ଦ କରିବା ପାଇଁ ସାଲେପୁର ମଣ୍ଡଳ ଉନ୍ନୟନ ଅଧୀକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାଇ ସାଲେପୁର ମଣ୍ଡଳ ଉନ୍ନୟନ ଅଧିକାରୀ ଏହି ବ୍ଲକରେ କାର୍ଯ୍ୟରତ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ, ସମସ୍ତ ସହକାରୀ ଯନ୍ତ୍ରୀ, ସମସ୍ତ କନିଷ୍ଠ ଯନ୍ତ୍ରୀ, ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଆକାଉଣ୍ଟ୍ କମ ଡାଟା ଏଣ୍ଟ୍ରି ଅପରେଟରଙ୍କ ଦରମା ବନ୍ଦ ପାଇଁ କଟକ ଜିଲ୍ଲାପାଳ, ପିଡ଼ି ଡିଆର୍‌ଡିଏ, ସାଲେପୁର ଟ୍ରେଜେରୀ ଅଫିସର ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କ ନିକଟକୁ ଚିଠି କରିଥିବା ଜଣାଯାଇଛି।

# ‘ପ୍ରେରଣା’ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ସଚେତନତା



**କଣ୍ଟିଲୋ,୨୭।୧୦/ଏନ୍‌ଏନ୍‌ଏସ୍:** ଆଦର୍ଶ ମନୁଷ୍ୟ ଭାବେ ଛାତ୍ରଛାତ୍ରୀମାନେ ଭବିଷ୍ୟତରେ ସହଜରେ ନିଜ ଜୀବନର ଆକାଂକ୍ଷା ପୂରଣ କରିବା ପାଇଁ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ପ୍ରତ୍ୟେକ ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ‘ପ୍ରେରଣା’ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଯାଉଛି। ସୂଚନା ଅନୁଯାୟୀ, କଣ୍ଟିଲୋ କୁଞ୍ଜବିହାରୀ ବାଳିକା ନୋଡାଲ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀନିବାସ ପଣ୍ଡାଙ୍କ ସଭାପତିତ୍ୱରେ ଏହି ସଭାରେ ଉପସ୍ଥିତ ଛାତ୍ର ଛାତ୍ରୀମାନଙ୍କୁ ସେମାନଙ୍କ ଭବିଷ୍ୟତ ଲକ୍ଷ୍ୟ ପୂରଣ କରିବା ସହିତ ଆଦର୍ଶକୁ ଅନୁସରଣ କରି ସମାଜରେ ଏକ ନୂତନ ଦିଗନ୍ତ ସୃଷ୍ଟି କରିବା ସହିତ ନିଜ ଜନ୍ମଦାତା ପିତାମାତାଙ୍କୁ ଯଥୋଚିତ ସମ୍ମାନ, ଭକ୍ତି, ସ୍ନେହ ଶ୍ରଦ୍ଧା ନିଶ୍ଚିତ ଅଗ୍ରାଧିକାର ଭାବେ ଦୃଷ୍ଟିଦେବାକୁ ଏହି ‘ପ୍ରେରଣା’ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଯାଇଛି। କଣ୍ଟିଲୋ ତଥା ନୟାଗଡ଼ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ପ୍ରଭାକର ଶିରୋମଣି ‘ପ୍ରେରଣା’ର ଉଚ୍ଚ ସମ୍ପର୍କେ ପରାମର୍ଶ ଦେବା ସଙ୍ଗେ ସଙ୍ଗେ ଆଜିକା ଦିନରେ ଓ ଅତୀତର ମନୁଷ୍ୟ ସମାଜର ସ୍ଥିତି ସମ୍ପର୍କେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷୟିତ୍ରୀ ବାସନ୍ତୀ ପଣ୍ଡା, ରଞ୍ଜିତା ଦଳେଇ, ବିଳାସ ଦଳେଇ, ନିରଞ୍ଜନ କଦମ ସେଠ ଓ ଅନ୍ୟମାନେ ଯୋଗଦେଇଥିଲେ।

# ଶ୍ରୀରାମ ଚରିତ ମାନସ ମହାଯଜ୍ଞ ପୂର୍ଣ୍ଣାହୁତି



**ବୋଲଗଡ଼,୨୭।୧୦/ଏନ୍‌ଏନ୍‌ଏସ୍:** ବୋଲଗଡ଼ ବ୍ଲକ ସାନପଦର ପଞ୍ଚାୟତ ରାସୋଳ ଗ୍ରାମର ଗ୍ରାମବାସୀ ସମୂହଙ୍କ ପକ୍ଷରୁ ମହାବୀର ମନ୍ଦିର ପରିସରରେ ଶ୍ରୀରାମ ଚରିତ ମାନସ ପାରାୟଣ ମହାଯଜ୍ଞର ପୂର୍ଣ୍ଣାହୁତି ଉତ୍ସବ ରବିବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ରାସୋଳ ଗ୍ରାମରେ ଦୀର୍ଘ ୪ଦିନ ବ୍ୟାପି ମହାଯଜ୍ଞ କାର୍ଯ୍ୟକ୍ରମ ଚାଲୁ ରହିଥିଲା। ପ୍ରାରମ୍ଭ ଦିବସ ଗୁରୁବାର ଜଳାଧିବାସ ଓ ଘଟସ୍ଥାପନ କରାଯାଇଥିଲା। ପରଦିନ ସୂର୍ଯ୍ୟପୂଜା, ରାମାର୍ଚ୍ଚନା, ହନୁମାନଅର୍ଚ୍ଚନା, ପାରାୟଣ ପାଠ ଓ ରାମକଥାମୃତ ପ୍ରବଚନ ସମ୍ପାଦିତ ହୋଇଥିଲା। ତୃତୀୟ ଦିବସରେ ରାମକଥାମୃତ ବାଚକ ପୁରୁଷୋତ୍ତମ ମହାରାଜଜୀ ଓ କୃପାସିନ୍ଧୁ ଜେନାଙ୍କ ଦ୍ୱାରା ସମ୍ପାଦିତ ହୋଇଥିବା ବେଳେ ଚତୁର୍ଥ ତଥା ଅନ୍ତିମ ଦିବସରେ ରାମକଥା ବାଚକ ଓ ମହାଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। ଏଥିରେ ଗୌତମ ମହାରାଜଜୀ ପଥ ପ୍ରଦର୍ଶକ ଭାବେ କାର୍ଯ୍ୟ ସମ୍ପାଦିତ କରିଥିଲେ। ବ୍ୟାସ ଭାବେ ଲକ୍ଷ୍ମୀଧର ମହାପାତ୍ର ଓ ଆଚାର୍ଯ୍ୟ ଭାବେ ଅନିରୁଦ୍ଧ ପଣ୍ଡା, ପ୍ରତାପ ଭାଇନା ପ୍ରମୁଖ ଦାୟିତ୍ୱ ସମ୍ପନ୍ନ କରିଥିଲେ। କାର୍ଯ୍ୟକ୍ରମରେ ଯୁବ ସମାଜସେବୀ ପୂର୍ଣ୍ଣଚନ୍ଦ୍ର ନାୟକ, ଗୌତମବୁଦ୍ଧ ମହାପାତ୍ର, ମାନସ ବେହେରା, ପ୍ରମୋଦ ଭଞ୍ଜ, ସୁଶାନ୍ତ କୁମାର ମହାପାତ୍ର ସରପଞ୍ଚ ବୈକୁଣ୍ଠ ସ୍ୱାଇଁ ଓ ସମିତି ସଭ୍ୟ ଦିଲ୍ଲୀପ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ପୂର୍ଣ୍ଣାହୁତିରେ ସାମିଲ ହୋଇ ପ୍ରଭୁକୃପା ଲାଭ କରିଥିଲେ। ସୋମବାର ଭଗବାନ ରାମ, ଲକ୍ଷ୍ମଣ, ମାତା ସୀତା ଓ ଭକ୍ତ ହନୁମାନଙ୍କ ପ୍ରତିମାଙ୍କୁ ଗ୍ରାମବାସୀ ଓ ଗ୍ରାମର ଶ୍ରୀ ଚୈତନ୍ୟଦେବ ସଂକୀର୍ତ୍ତନମଣ୍ଡଳୀର ସଭ୍ୟମାନେ ମିଳିତ ଭାବେ ଏକ ଭବ୍ୟ ପଟୁଆରରେ ଗ୍ରାମ ପରିକ୍ରମା କରିଥିଲେ। ପରିକ୍ରମା ପରେ ଠାକୁର ପ୍ରମୁଖଙ୍କୁ ଗ୍ରାମ ପୁଷ୍କରିଣୀରେ ବିସର୍ଜନ କରାଯାଇଥିଲା।

# ଗିରିଗୋର୍ଦ୍ଧନଙ୍କ ପୂଜା ଉତ୍ସବ ଉଦ୍‌ଯାପିତ



**ଖଣ୍ଡପଡ଼ା,୨୭।୧୦/ଏନ୍‌ଏନ୍‌ଏସ୍:** ଖଣ୍ଡପଡ଼ା ବ୍ଲକର ବେଣାଗାଡିଆ ପଞ୍ଚାୟତ ଅଧିନ ପଥରଦ୍ୱାର ଗ୍ରାମର ମା’ ପୂର୍ଣ୍ଣବାସୀଙ୍କ ପୀଠରେ ଗତ ୨୨ ତାରିଖରୁ ଆରମ୍ଭ ହୋଇଥିବା ପ୍ରଭୁ ଗିରିଗୋର୍ଦ୍ଧନଙ୍କ ଯାତ୍ରା ଉତ୍ସବ ସୋମବାର ମହା ସମାରୋହରେ ଉଦଯାପିତ ହୋଇଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି। ଏ ଅବସରରେ ବିଧାୟକ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁ ପୁନର୍ବାସୀଙ୍କ ନିକଟେର ପହଂଚି ଗ୍ରାମର ମଙ୍ଗଳ କାମନା କରିଛନ୍ତି। ବିଭିନ୍ନ ଦିନରେ ବାଦିପାଲା ପରିବେଷଣ ସହ ସାମାଜିକ ନାଟକ ପ୍ରଭୃତି ସଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପଥରଦ୍ୱାର ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ହେଉଥିବା ଏହି ଯାତ୍ରା ଉତ୍ସବରେ ଆଖପାଖ ଅଞ୍ଚଳରୁ ୫ ହଜାରରୁ ଉର୍ଦ୍ଧ ଜନସାଧାରଣଙ୍କ ସମାଗମ ହୋଇଥିଲା।ଗାୟକ ଉତ୍କଳ ବୀଣା ଆଦିତ୍ୟ କୁମାର ସ୍ୱାଇଁ ଓ ଗାୟକ ସ୍ଥିତପ୍ରଜ୍ଞା ଅଜୟ କୁମାର ଦୀକ୍ଷିତ ଏ ଅବସରରେ ବାଦୀପାଲା ପରିବେଷଣ କରିଥିଲେ। ମା’ ପୂର୍ଣ୍ଣବାସୀ ଯୁବକ ସଂଘର ସଦସ୍ୟମାନେ ଯାତ୍ରା ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ବିଗ୍ରହଙ୍କ ଚଳନ୍ତି ପ୍ରତିମା ବିମାନ ଯୋଗେ ଗ୍ରାମ ପରିକ୍ରମା କରିବା ଅବସରରେ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ଦୁଆର ସମ୍ମୁଖରେ ଦୀପ ଓ କଳସ ରଖି ବିଗ୍ରହଙ୍କୁ ବନ୍ଦାପନା ପୂଜାର୍ଚ୍ଚନା କରିବା ସହ ଭୋଗଲାଗି କରିଥିଲେ।ଗତ ୨୫ ବର୍ଷ ଧରି ପ୍ରଭୁ ଗିରିଗୋର୍ଦ୍ଧନଙ୍କ ଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇ ଆସୁଥିବା ପଥରଦ୍ୱାର ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି।

# ରାହାସ ବିଦ୍ୟାପୀଠରେ ପୋଷାକ ବିତରଣ



**ଓଡ଼ଗାଁ,୨୭।୧୦/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ରାହାସ ବିଦ୍ୟାପୀଠ ସାକେରୀରେ ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀ ପରିଧାନ ଯୋଜନାରେ ବିଦ୍ୟାଳୟର ସମସ୍ତ ଶିକ୍ଷାର୍ଥୀଙ୍କୁ ସରକାରଙ୍କ ଦ୍ୱାରା ପ୍ରଦତ୍ତ ପୋଷାକ ବିତରଣ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ତ୍ରିପାଠୀ ଛାତ୍ରଛାତ୍ରୀଙ୍କୁ ପୋଷାକ ବିତରଣକରି ବିଦ୍ୟାଳୟରେ ଉପସ୍ଥାନ ବୃଦ୍ଧିସହ ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀ ସଂଖ୍ୟା ହ୍ରାସ କରିବାପାଇଁ ଏହା ଏକ ସୁନ୍ଦର ଉପକ୍ରମ ବୋଲି ଅଭିହିତ କରିଥିଲେ। ବରିଷ୍ଠ ଶିକ୍ଷକ ରଞ୍ଜନ କୁମାର ପାତ୍ର, ବିଜ୍ଞାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ଦେବତା, ଗଣିତ ଶିକ୍ଷୟିତ୍ରୀ ରେଣୁବାଳା ସାହୁ, ଶିକ୍ଷୟିତ୍ରୀ ସୁନୀତା ଜେନା, କ୍ରୀଡ଼ାଶିକ୍ଷକ ରିଙ୍କୁ ଦଳେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କାର୍ଯ୍ୟାଳୟ ସହକାରୀ ଅଶୋକ କୁମାର ଦାସ ସମସ୍ତ ସହଯୋଗ କରିଥିବା ଜଣାପଡିଛି।

# ବିଜେପି କର୍ମୀଙ୍କ ପକ୍ଷରୁ ନୂତନ ଉପସଭାପତିଙ୍କୁ ସମ୍ବର୍ଦ୍ଧନା



**ବୋଲଗଡ଼,୨୭।୧୦/ଏନ୍‌ଏନ୍‌ଏସ୍:** ବୋଲଗଡ଼ ବ୍ଲକ ବଡ଼କୁମାରୀ ପଞ୍ଚାୟତ କଦମ୍ବଛକ ନିକଟସ୍ଥ କଲ୍ୟାଣ ମଣ୍ଡପ ପରିସରରେ ନିର୍ବାଚନ ମଣ୍ଡଳୀସ୍ତରୀୟ ଭାଜପା କର୍ମୀଙ୍କ ପକ୍ଷରୁ ରବିବାର ରାଜ୍ୟ ବିଜେପି ନୂତନ ଉପସଭାପତିଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ସୂଚନା ରାଜ୍ୟ ବିଜେପି ଉପସଭାପତି ଡ଼ଃ ଯତୀନ ମହାନ୍ତିଙ୍କୁ ଦଳୀୟ କର୍ମୀମାନେ ସ୍ଥାନୀୟ ପେଟ୍ରୋଲ ପମ୍ପ ନିକଟରୁ କଲ୍ୟାଣ ମଣ୍ଡପ ନିକଟକୁ ଏକ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ। ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ପଞ୍ଚାଗଡ଼ ମଣ୍ଡଳ ପ୍ରାକ୍ତନ ସଭାପତି ସୌମ୍ୟରଞ୍ଜନ ବଳିଆରସିଂହ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ସମବାୟ ପ୍ରକୋଷ୍ଠ ସଂଯୋଜକ ଶ୍ରୀରଞ୍ଜନ ମଙ୍ଗରାଜ ଯୋଗଦେଇଥିଲେ ଓ ରାଜ୍ୟ ବିଜେପି ଡ଼ଃ ମହାନ୍ତିଙ୍କୁ ଉପସଭାପତି ଭାବେ ନିଯୁକ୍ତି ଦେଇଥିବାରୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା କୋଷାଧ୍ୟକ୍ଷ ବିଶ୍ୱଜିତ ସ୍ୱାଇଁ, ୨୭ନଂ ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟା ସୁମିତ୍ରା ବାହିନୀପତି, ସମାଜସେବୀ ବାସୁଦେବ ସାହୁ, ପ୍ରକାଶ ରଣବିଜୁଳି ପ୍ରମୁଖ ଯୋଗଦେଇଥିଲେ। ଏଥିରେ ପୂର୍ବତନ ମଣ୍ଡଳ ସଭାପତି ଅଶୋକ ରାଉତ, ଦକ୍ଷିଣ ବେଗୁନିଆ ପ୍ରାକ୍ତନ ମଣ୍ଡଳ ସଭାପତି ଯଜ୍ଞେଶ୍ୱର ସୁନ୍ଦରାୟ, ସମୀର ମହାରଥା, ଶାନ୍ତି ଶେଖର ମହାପାତ୍ର, ମଧ୍ୟ ବେଗୁନିଆ ପ୍ରାକ୍ତନ ମଣ୍ଡଳ ସଭାପତି ଭଗବାନ ପଣ୍ଡା ଓ ପ୍ରଫୁଲ୍ଲ ରଥ ପ୍ରମୁଖ ଯୋଗଦେଇ ନୂତନ ଉପସଭାପତିଙ୍କ ରାଜ୍ୟ ନେତୃତ୍ୱ ପ୍ରତି ରହିଆସିଥିବା ଆନୁଗତ୍ୟର ଶତମୁଖ ହୋଇଥିଲେ। ପରେ ପ୍ରାକ୍ତନ ମଣ୍ଡଳ ସଭାପତି ଅଜୟ କୁମାର ମାର୍ଥା ଧନ୍ୟବାଦ ଦେଇଥିଲେ।


**ମାନ୍ୟବର ଅତିରିକ୍ତ ବାଣିଜ୍ୟିକ କୋର୍ଟ, ଏଗ୍‌ମୋର୍, ଚେନ୍ନାଇ**
**C.O.S No. 397 OF 2025**

M/s କାଳୀ ସୁଗ୍ଧାରୀ ରିଫାଇନାରୀ ପ୍ରାଇଭେଟ୍ ଲିମିଟେଡ୍
........... ଅଭିଯୋଗକାରୀ

ବନାମ୍

Mr. ସୁନାକର ସାହୁ, ପ୍ରୋପ୍ରାଇଟର, ସାଇକୃପା ଟ୍ରେଡର୍ସ
........... ଅଭିଯୁକ୍ତ

To
Mr. ସୁନାକର ସାହୁ
ପ୍ରୋପ୍ରାଇଟର, ସାଇକୃପା ଟ୍ରେଡର୍ସ
ଲକ୍ଷ୍ମୀ ବଜାର, ବାଲିଚନ୍ଦ୍ରପୁର
ଜଇପୁର, ଖୁର୍ଦ୍ଧା, ଓଡ଼ିଶା- ୭୫୪୨୦୫
ମୋବାଇଲ୍ ନଂ. ୦୯୭୭୭୩୪୬୪୩୫ ଏବଂ ୦୯୪୩୯୧୭୧୦୩୫
........... ଅଭିଯୁକ୍ତ

ଦୟାକରି ଧ୍ୟାନ ଦିଅନ୍ତୁ, ଆପଣ C.O.S. No. 397/2025 ଅନ୍ତର୍ଗତ ମାନ୍ୟବର ଅତିରିକ୍ତ ବାଣିଜ୍ୟିକ କୋର୍ଟ, ଏଗମୋର, ଚେନ୍ନାଇଙ୍କ ସମ୍ମୁଖରେ ତା. ୩୧.୧୦.୨୦୨୫ ସମୟ ସକାଳ ୧୦.୩୦ ଘଟିକା ସମୟରେ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହିବା ହେବେ। ଏହି ଆଦେଶ ମାନ୍ୟବର ଅତିରିକ୍ତ ବାଣିଜ୍ୟିକ କୋର୍ଟ, ଚେନ୍ନାଇଙ୍କ ଦ୍ୱାରା ୧୩.୧୦.୨୦୨୫ରେ ଦିଆଯାଇଥିବା ଆଦେଶ ଅଧୀନ। ଏଥିରେ ବିଫଳ ହେଲେ ଆପଣଙ୍କ ବିରୋଧରେ ଆଗତ ଅଭିଯୋଗ ଉପରେ ଆପଣଙ୍କ ଅନୁପସ୍ଥିତିରେ ନିଷ୍ପତ୍ତି ନିଆଯିବ।

**S.R.SANKARESHWARAN**
**ADVOCATE**
**COUNSEL FOR PLAINTIFF**

**ଦକ୍ଷିଣ ପୂର୍ବ ରେଳପଥ-ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଓ ପାଇଁ କାର୍ଯ୍ୟ କରୁଥିବା Divisional Railway Manager (Electrical), ଚକ୍ରଧରପୁର ନିମ୍ନଲିଖିତ କାର୍ଯ୍ୟ ପାଇଁ "୨ ପ୍ୟାକେଟ୍ ସିଷ୍ଟମ୍ (ପ୍ୟାକେଟ୍-୧: ଟେକ୍ନିକାଲ୍ ବିଡ୍ ଏବଂ ପ୍ୟାକେଟ୍-୨: ଫାଇନାନ୍‌ସିଆଲ୍ ବିଡ୍)" ଅନ୍ତର୍ଗତ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଇ-ଟେଣ୍ଡର ନୋଟିସ୍ ନଂ.: **RSO-RR-BUF-14**, **କାର୍ଯ୍ୟ ବିବରଣୀ:** ୧୦୯୬ ଦିନ ପାଇଁ ରନିଂ ରୁମ୍ ବିମଲଗଡ (ବିୟୁଏଫ୍)ର ରକ୍ଷଣାବେକ୍ଷଣ କାର୍ଯ୍ୟ। **ଟେଣ୍ଡର ମୂଲ୍ୟ:** ୨,୦୯,୮୬,୯୮୭.୩୨/-, **ଇଏମ୍‌ଡି:** ୨,୫୪,୯୦୦.୦୦/-, **ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ:** ୧୦,୦୦୦.୦୦/-, **ଇ-ଟେଣ୍ଡର ଖୋଲିବା ସ୍ଥାନ :** Sr. DEE (OP)/ CKP, S.E.Railwayଙ୍କ କାର୍ଯ୍ୟାଳୟ। **ଇ-ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ୧୭.୧୧.୨୦୨୫, ୧୫:୦୦ ଘଟିକା, **ଇ-ଟେଣ୍ଡର ଖୋଲିବା ତାରିଖ ଓ ସମୟ:** ୧୭.୧୧.୨୦୨୫, ୧୫:୩୦ ଘଟିକା, ଟେଣ୍ଡର ସମ୍ପର୍କୀତ ସବିଶେଷ ତଥ୍ୟ ୱେବ୍‌ସାଇଟ୍ **http://www.ireps.gov.in**ରେ ସହଜରେ ଦେଖିହେବ। ମାନୁଆଲ ମୋଡ୍ ଯୋଗେ କରାଯାଇଥିବା ଆବେଦନଗୁଡ଼ିକ ଗ୍ରହଣୀୟ ନୁହେଁ, ଏବଂ ଏପ୍ରକାର ହସ୍ତଗତ ହୋଇଥିବା ଆବେଦନଗୁଡ଼ିକୁ ଅଗ୍ରାହ୍ୟ କରାଯିବ। ଟେଣ୍ଡର ଆବେଦନକାରୀ/ବିଡର୍ସମାନେ ନିଶ୍ଚିତ ରୂପେ କ୍ଲାସ-୩ ଡିଜିଟାଲ୍ ସିଗ୍‌ନେଚର ସାର୍ଟିଫିକେଟ୍ ହାସଲ କରିଥିବେ ଏବଂ ନିଶ୍ଚିତ ଭାବେ IREPS ପୋର୍ଟାଲ୍ ଅଧୀନରେ ପଞ୍ଜିକୃତ ହୋଇଥିବେ। କେବଳ ପଞ୍ଜିକୃତ ଟେଣ୍ଡର ଆବେଦନକାରୀ/ବିଡର୍ସମାନେ ହିଁ ଇ-ଟେଣ୍ଡରିଂ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ଆବଶ୍ୟକୀୟ ଦସ୍ତାବିଜ୍/ଡକ୍ୟୁମେଣ୍ଟଗୁଡ଼ିକୁ ନିଶ୍ଚିତ ଭାବେ ଅପଲୋଡ୍ କରିବାକୁ ହେବ। (PR-773)

**DOCUMENT LOST**

By virtue of an affidavit sworn before the Notary Public Hinjilicut, Ganjam, Vide Affidavit Sl. No. 662, Dt. 26.10.2025. I, Sri Ramakanta Panda, S/o- Late Balaram Panda, resident of Vill./Po- Tahara, Ps- Hinjilicut, Dist-Ganjam. That Khata No. 82/7, Plot No. 617/749, extent of area Ac. 0.534 dec. having the status of Gharabari, under revenue Vill.- Santoshpur is a joint R.S.D vide its No. 2490/2003. That the above stated R.S.D. which I have kept in wooden almira was destroyed by the white ants and no residue has been left. That in the above stated place is required for rice mill, where I am the partner in this Rice mill namely 'Kalipada Rice Mill, as if It was very important document for me and for that I will apply it's duplicate for my future needful purposes.

*Sd/- Ramakanta Panda*

**AFFIDAVIT**

By virtue of an affidavit sworn before the Executive Magistrate, Barbil, Dist-Keonjhar, dtd. 13.10.2025, I, Lemba Munda, D/o- Paiki Munda, At- Katesahi, Po- Guali, Ps- Ragudihi, Dist-Keonjhar, Odisha, Pin-758035 do hereby declare that I have changed my name from Lembo Munda (old name) to Lemba Munda (new name). Henceforth, I shall be known as **Lemba Munda** for all purposes.

**Lemba Munda**

**AFFIDAVIT**

By virtue of an affidavit sworn before Executive Magistrate, Puri, bearing affidavit no.-9, dated 25.10.2025 I, Goutama Mala, S/o-Late Bali Mala, resdeint of Vill./Po.- Baliguali, Ps.- Penthakata Marine, Dist.-Puri, State- Odisha, Pin- 752002, declare that **Goutam Mal, S/o- Late Bali Mal and Gautam Mala, S/o- Late Balabhadra Mala (old name), Goutama Mala, S/o-Bali Mala (new name)** is one and same person who is myself. Henceforth, I shall be known as Goutama Mala S/o-Bali Mala for all future purposes.

Sd/- Goutama Mala

**AFFIDAVIT**

By virtue of an affidavit sworn before The Executive Magistrate, Baripada dated 15/10/2025, Sl No- 1079, I Alok Prasad Yadav, S/o Suresh Prasad Yadav, At-Santinivas, Station Bazar, Ward No.12, PO/PS-Baripada, Dist- Mayurbhanj, PIN-757001 declare that, I have changed my name from Alok Yadav (old name) to Alok Prasad Yadav (new name). Henceforth, I shall be known as **Alok Prasad Yadav** for all purposes.

**Sd/- Alok Prasad Yadav**

**AFFIDAVIT**

By virtue of an affidavit sworn before the Executive Magistrate, Bonai, dtd. 25.10.2025, I, Rajkumar Naik, S/o- Bhaskar Naik, Vill/Po- Malda, Ps - Koida, Dist- Sundargarh, Odisha, Pin-770048 do hereby declare that I have changed my name from Chiranjibi Samant (old name) to Rajkumar Naik (new name). Henceforth, I shall be known as **Rajkumar Naik** for all purposes.

**Rajkumar Naik**

**ହଜିଛି**

ମୁଁ ଚୈତନ୍ୟ ସାହୁ, ପିତା-ଚନ୍ଦ୍ରମଣି ସାହୁ, ସ୍ଥାୟୀ ଠିକଣା - ମଣ୍ଡପ ସାହି, ପଦ୍ମା ବଜାର, ୱାର୍ଡ଼ ନଂ-୨୦, ଢେଙ୍କାନାଳ-୭୫୯୦୧୩ ଏହା ଜଣାଇବାକୁ ଚାହେଁ ଯେ ଗତ ତା.୦୫.୦୮.୨୦୨୫ ଦିନ ବାଇକ ଯୋଗେ ମୁଁ ଢେଙ୍କାନାଳ କୋର୍ଟରୁ ବାହାରି ମଣ୍ଡପ ସାହିସ୍ଥିତ ଘରକୁ ଯାଉଥିବା ସମୟରେ ମୋ ପାଖରେ ଥିବା ସମ୍ପତ୍ତି ସମ୍ବନ୍ଧୀୟ ଦସ୍ତାବେଜ କୌଣସି ସ୍ଥାନରେ ହଜିଯାଇଛି। ହଜିଯାଇଥିବା ଦସ୍ତାବେଜର ବିବରଣୀ : ସୂର୍ଯ୍ୟପ୍ରକାଶ ମିଶ୍ରଙ୍କ ସପକ୍ଷରେ ଜାରି ହୋଇଥିବା ଅରିଜିନାଲ ବିକ୍ରୟ ପତ୍ର ଦଲିଲ୍ ନଂ.୧୦୫୦୧୪୦୧୭୬୭ (ତାରିଖ: ୧୨.୦୩.୨୦୧୪) ଏବଂ ମୂଳ ପଟ୍ଟା ଖାତା ନଂ. ୫୯୯/୮୭୪। ବହୁତ ଚେଷ୍ଟା କରିବା ସତ୍ତ୍ୱେ ମୁଁ ଉପରୋକ୍ତ ଦସ୍ତାବେଜ ଦୁଇଟିକୁ ଖୋଜି ପାଇଲି ନାହିଁ। ଯଦି କୌଣସି ସହୃଦୟ ବ୍ୟକ୍ତି ଏହାର ସନ୍ଧାନ ପାଆନ୍ତି ତେବେ ଆଗାମୀ ୧୫ ଦିନ ମଧ୍ୟରେ ଚୈତନ୍ୟ ସାହୁ, ମୋବାଇଲ୍ ନଂ.୭୬୮୪୮୪୫୪୪୩ କିମ୍ବା ଆଡ଼ଭୋକେଟ୍ କୃଷ୍ଣଚନ୍ଦ୍ର ଘନଶ୍ୟାମ ଭୂୟାଁ, ମୋବାଇଲ୍ ନଂ. ୭୦୦୮୭୮୯୦୭୪ ରେ ଯୋଗାଯୋଗ କରିବାକୁ ଅନୁରୋଧ।

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, SUNDARGARH
E.Mail – rw_sundargarh@yahoo.co.in
E-PROCUREMENT NOTICE
BID IDENTIFICATION NO. ONLINE-SESNG-12 of 2025-26
O-1155

1. Name of the Work :- Road Works
2. Total No. of works :- 24 nos Road
3. Estimated cost :- Rs. . 7.37 Lakhs to Rs.45.42 Lakhs
4. Class of contractor :- 'B','C' & 'D'
5. Period of completion :- 01 calendar months
6. Type of Tender :- Single Cover
7. Other details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Executive Engineer, Rural Works Division, Sundargarh. | Online-SESNG-12 of 2025-26 | 29.10.2025 11.00 A.M | 12.11.2025 05.00 P.M |

Further details can be seen from the website www.tendersorissa.gov.in

Sd/- Executive Engineer
Rural Works Division, Sundargarh

OIPR-25046/11/0070/2526

**CHOLAMANDALAM INVESTMENT AND FINANCE COMPANY LIMITED**
Chola Enter a better life
**Corporate Office :** Chola Crest, Super B, C54 & C55, 4, Thiru Vi Ka Industrial Estate, Guindy, Chennai-600 032, T. N.

**DEMAND NOTICE**

**ଆର୍ଥିକ ସମ୍ପତ୍ତିର ସୁରକ୍ଷା ଏବଂ ପୁନଃନିର୍ମାଣ ଏବଂ ସୁରକ୍ଷା ସ୍ୱାର୍ଥ ଆଇନ, ୨୦୦୨ (‘ଆଇନ’) ଏବଂ ସୁରକ୍ଷା ସ୍ୱାର୍ଥ (ପ୍ରବର୍ତ୍ତନ) ନିୟମ, ୨୦୦୨ (‘ନିୟମ’) ର ବ୍ୟବସ୍ଥା ଅନ୍ତର୍ଗତ।**

ନିମ୍ନ ସ୍ୱାକ୍ଷରିତ ବ୍ୟକ୍ତି ଚୋଲାମଣ୍ଡଳମ୍ ନିବେଶ ଏବଂ ଆର୍ଥିକ କମ୍ପାନୀ ଲିମିଟେଡ୍ (ସୁରକ୍ଷିତ କ୍ରେଡିଟ୍‌ର)ର କ୍ଷମତାପ୍ରାପ୍ତ ଅଧିକାରୀ ଭାବେ ଉପରୋକ୍ତ ଆଇନ ଅନୁଯାୟୀ ଏବଂ ନିୟମ ୩ ସହିତ ପଠିତ ଆଇନର ଧାରା ୧୩(୧୨) ଅନୁଯାୟୀ ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର ପୂର୍ବକ ଆଇନ୍‌ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍(ଗୁଡ଼ିକ) ଜାରି କରିଛନ୍ତି, ଯେଉଁଥିରେ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ଉକ୍ତ ନୋଟିସ୍ ପ୍ରାପ୍ତ ହେବାର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ନୋଟିସ୍(ଗୁଡ଼ିକ)ରେ ଉଲ୍ଲିଖିତ ସମୁଦାୟ ଋଣରାଶି ପରିଶୋଧ କରିବାକୁ କୁହାଯାଇଛି। ନିମ୍ନ ସ୍ୱାକ୍ଷରିତ ଅଧିକାରୀ ଯୁକ୍ତିଯୁକ୍ତ ଭାବେ ବିଶ୍ୱାସ କରନ୍ତି ଯେ ଋଣଗ୍ରହୀତାମାନେ ନୋଟିସ୍(ଗୁଡ଼ିକ) ସେବାକୁ ବାରମ୍ବାର ଏଡାଇବାରେ ଲାଗିଛନ୍ତି, ସୁତରାଂ ପ୍ରକାଶନ ଏବଂ ସଂଯୋଜନା ଦ୍ୱାରା ନୋଟିସ୍ ସେବା ପ୍ରଭାବିତ ହେଉଛି। ଡିମାଣ୍ଡ ନୋଟିସ୍(ଗୁଡିକ)ର ବିଷୟବସ୍ତୁ ନିମ୍ନରେ ଏହିପ୍ରକାରେ ଉଦ୍ଧୃତ କରାଯାଇଛି :-

| କ୍ର. ନଂ | ଋଣଗ୍ରହୀତା/ସହ ଋଣଗ୍ରହୀତାଙ୍କ ନାମ ଓ ଠିକଣା | ଋଣ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ ଏବଂ ବକେୟା ରାଶି | ସମ୍ପତ୍ତି ବିବରଣୀ/ ସୁରକ୍ଷିତ ସମ୍ପତ୍ତି |
|---|---|---|---|---|
| ୧. | ଲୋନ୍ ଆକାଉଣ୍ଟ ନଂ (ଏସ୍) : LAP3ANG000104017<br>୧. ଶ୍ରୀ / ଶ୍ରୀମତୀ ସୁଶାନ୍ତ କୁମାର ମହାପାତ୍ର ଓରଫ୍ ସୁଶାନ୍ତ ମହାପାତ୍ର<br>୨. ଶ୍ରୀ / ଶ୍ରୀମତୀ ଜ୍ୟୋତ୍ସ୍ନାମୟୀ ଶତପଥୀ<br>ଠିକଣା :- ପ୍ଲଟ୍ ନଂ ୧୨୦୭/୨୩୯୦/୨୯୬୪/୩୦୦୮, ବ୍ରଜନାଥପୁର, ଅରଖାପାଲ୍, ତାଳଚେର, ୟୁପି ସ୍କୁଲ୍ ନିକଟ, ଅନୁଗୁଳ, ଓଡ଼ିଶା-୭୫୯୧୦୦. ଏଥିସହ ଅନ୍ୟତମ ଠିକଣା:- ଖାତା ନଂ-୨୩୩/୫୧୧, ପ୍ଲଟ୍ ନଂ-୧୨୦୭/୨୩୯୦/୨୯୬୪/୩୦୦୮, ମୌଜା-ବ୍ରଜନାଥପୁର, ତହସିଲ-ତାଳଚେର, ବ୍ରଜେଶ୍ୱର ମହାଦେବ ମନ୍ଦିର ନିକଟ, ପିଏସ୍-ତାଳଚେର, ଜିଲ୍ଲା-ଅନୁଗୁଳ, ଓଡ଼ିଶା, ପିନ୍-୭୫୯୧୦୦। | ୨୨,୦୦,୦୦୦/- | ୧୫.୧୦.୨୦୨୫<br>୨୨,୪୦,୫୬୧/-<br>(୨୨ ଲକ୍ଷ ୪୦ ହଜାର ୫ଶହ ୬୧ ଟଙ୍କା)<br>୧୪.୧୦.୨୦୨୫ ସୁଦ୍ଧା | ମୌଜା-ବ୍ରଜନାଥପୁର, ତହସିଲ୍-ତାଳଚେର, ଏସ୍‌ଆରଓ-ତାଳଚେର, ପିଏସ୍- ତାଳଚେର, ପିଏସ୍. ନଂ. ୧୧୪, ଜିଲ୍ଲା-ଅନୁଗୁଳ, ଖାତା ନଂ. ୨୩୩/୫୧୧, ପ୍ଲଟ୍ ନଂ.-୧୨୦୭/୨୩୯୦/୨୯୬୪/୩୦୦୮, ଜମି ପରିମାଣ-୦.୧୦୦ ଡିସିମିଲି; ଜମି କିସମ-ବାସପୋଯୋଗୀ/ଘରବାଡି (ଜମି ପରିମାଣ ୦.୨୦୦ଡିସିମିଲ୍‌ରୁ)। ନିମ୍ନଲିଖିତ ଭାବେ ଏକୀକରଣ ସହିତ ସମ୍ବନ୍ଧୀୟ ଖାତା ନଂ. ୨୩୩/୨୨, ପ୍ଲଟ୍ ନଂ.-୧୨୦୭/୨୩୦୯, ଜମି ପରିମାଣ-୦.୬୦୦ ଡିସିମିଲିରୁ ୦.୨୦୦ ଡିସିମିଲି। ଏହି ଜମି (ପଞ୍ଜିକୃତ ବିକ୍ରୟ ଡିଡ୍ ଅନୁଯାୟୀ ୦.୨୦୦ ଡିସିମିଲି ଜମି) ସହ ଉତ୍ତର, ଦକ୍ଷିଣ, ପଶ୍ଚିମ ଏବଂ ପୂର୍ବରେ କୌଣସି ପରିବେଷ୍ଟନ ନାହିଁ। |

ଋଣଗ୍ରହୀତା/ ଋଣଗ୍ରହୀତାମାନଙ୍କୁ ଏହି ଡିମାଣ୍ଡ ନୋଟିସ୍ ଜରିଆରେ ପରାମର୍ଶ ଦିଆଯାଉଛି କି ଏଥିରେ ଉଲ୍ଲିଖିତ (ଉପରେ ବର୍ଣ୍ଣିତ) ଦାବି ଅର୍ଥ ସହ ପ୍ରଯୁଜ୍ୟ ସୁଧ, ଅତିରିକ୍ତ ସୁଧ, ଚେକ୍ ବାଉନ୍ସ ଚାର୍ଜ, ଖର୍ଚ୍ଚ ଏବଂ ଦେୟ ପ୍ରାପ୍ତି ତାରିଖ ପର୍ଯ୍ୟନ୍ତ ସମୁଦାୟ ଅର୍ଥ ଡିମାଣ୍ଡ ନୋଟିସ୍ ପ୍ରକାଶନ ତାରିଖରୁ ୬୦ଦିନ ମଧ୍ୟରେ ଦାଖଲ କରିବାକୁ ହେବ। ଋଣଗ୍ରହୀତାମାନେ ଧ୍ୟାନ ଦିଅନ୍ତୁ ଯେ, **ଚୋଲାମଣ୍ଡଳମ୍ ଇନଭେଷ୍ଟମେଣ୍ଟ ଆଣ୍ଡ ଫାଇନାନ୍ସ** କମ୍ପାନୀ ଲିମିଟେଡ୍ ଏକ ସୁରକ୍ଷିତ ଋଣ ପ୍ରଦାନକାରୀ ସଂସ୍ଥା ଏବଂ ଋଣଗ୍ରହୀତାଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଋଣ ଅର୍ଥ କମ୍ପାନୀ ଦ୍ୱାରା ପ୍ରଦତ୍ତ ଏକ ସୁରକ୍ଷିତ ଋଣ, ଯାହାକି ଋଣଗ୍ରହୀତାଙ୍କ ଦ୍ୱାରା ବନ୍ଧକ ରଖାଯାଇଥିବା ସୁରକ୍ଷିତ ସମ୍ପତ୍ତି (ଗୁଡ଼ିକ) ପାଇଁ ଅସ୍ଥାବର ସମ୍ପତ୍ତି/ସମ୍ପତ୍ତି ପ୍ରତିବଦଳରେ ପ୍ରଦାନ କରାଯାଇଛି। ଯଦି ଋଣଗ୍ରହୀତାମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ସେମାନଙ୍କର ଦାୟିତ୍ୱ ସମ୍ପୂର୍ଣ୍ଣ ଭାବରେ ପୂରଣ କରିବାରେ ବିଫଳ ହୁଅନ୍ତି ଅର୍ଥାତ୍ ଦିଆଯାଇଥିବା ସମୟ ସୁଦ୍ଧା ଋଣ ଅର୍ଥ ସହ ଅନ୍ୟାନ୍ୟ ଅର୍ଥକୁ ମିଶାଇ ମୂଳ ଅର୍ଥ ପୈଠ କରିବାରେ ଖିଲାପି କରନ୍ତି ତେବେ ସୁରକ୍ଷିତ ଋଣଗ୍ରହୀତା ଆଇନ୍‌ର ଧାରା ୧୩(୪) ଅନୁଯାୟୀ ଋଣପ୍ରଦାନକାରୀ ସଂସ୍ଥା, ବନ୍ଧକ ଥିବା ସୁରକ୍ଷିତ ସମ୍ପତ୍ତି ଉପରେ ଅଧିକାର/ଦଖଲ ନେବା ପାଇଁ ସମସ୍ତ ଅଧିକାର ବ୍ୟବହାର କରିବାକୁ ସମ୍ପୂର୍ଣ୍ଣ ରୂପେ ସ୍ୱୀକୃତିପ୍ରାପ୍ତ। ଏଥିରେ ଉକ୍ତ ବନ୍ଧକ ସମ୍ପତ୍ତିର ବିକ୍ରୟ, ସ୍ଥାନାନ୍ତରଣ କିମ୍ବା ଆଇନ୍ ଏବଂ ନିୟମ ଅନୁଯାୟୀ ଉପଲବ୍ଧ ଅନ୍ୟ କୌଣସି ପ୍ରତିକାର ଗ୍ରହଣ କରିବା ଏବଂ ଦେୟ ଗ୍ରହଣ କରିବା ପ୍ରାବଧାନଗୁଡ଼ିକ ମଧ୍ୟ ଅନ୍ତର୍ଭୁକ୍ତ ରହିଛି। ବିକ୍ରୟ କିମ୍ବା ସ୍ଥାନାନ୍ତରଣ ଅଧିକାର ଲାଗୁ କରିବା ପୂର୍ବରୁ ସୁରକ୍ଷିତ ସମ୍ପତ୍ତିଗୁଡ଼ିକୁ ସଂଲଗ୍ନ ଏବଂ/ଅଥବା ସିଲ୍ କରିବାର ଅଧିକାର ମଧ୍ୟ ଋଣପ୍ରଦାନକାରୀ ସଂସ୍ଥାର ରହିଛି। ସୁରକ୍ଷିତ ସମ୍ପତ୍ତି ବିକ୍ରୟ ପରେ, ଯଦି ପ୍ରତିବନ୍ଧିତ ସମ୍ପତ୍ତିର ମୂଲ୍ୟ ସୁରକ୍ଷିତ ଋଣଦାତାଙ୍କ ଉପରେ ବକେୟା ରାଶିକୁ ଭରଣା କରିବା ପାଇଁ ପର୍ଯ୍ୟାପ୍ତ ବା ଯଥେଷ୍ଟ ନହୁଏ ତେବେ ସୁରକ୍ଷିତ ଋଣଦାତା ନିଜ ବଳକା ବକେୟା ରାଶିକୁ ଭରଣା କରିବା ପାଇଁ ପୃଥକ୍ ଆଇନଗତ ପ୍ରକ୍ରିୟା ଆରମ୍ଭ କରିବାର ମଧ୍ୟ ଅଧିକାର ରଖୁଛନ୍ତି। ଏହି ପ୍ରତିକାର ଅନ୍ୟ କୌଣସି ଆଇନ ଅନୁଯାୟୀ ସୁରକ୍ଷିତ ଋଣଦାତାଙ୍କ ନିକଟରେ ଉପଲବ୍ଧ ସମସ୍ତ ପ୍ରତିକାର ସହିତ ଅତିରିକ୍ତ ଏବଂ ସ୍ୱାଧୀନ।

ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି ଯେ, ଉପଲବ୍ଧ ସମୟ ଅନୁସାରେ, ସୁରକ୍ଷିତ ସମ୍ପତ୍ତିକୁ ମୁକ୍ତ କରିବା ପାଇଁ ଆଇନର ଧାରା ୧୩(୮) ଏବଂ ଆଇନର ଧାରା ୧୩(୧୩) ପ୍ରତି, ଯେଉଁଠାରେ ଋଣଗ୍ରହୀତାଙ୍କୁ ସୁରକ୍ଷିତ ସମ୍ପତ୍ତିର ବିନିଯୋଗ କିମ୍ବା କାରବାର କରିବା କିମ୍ବା ବିକ୍ରୟ, ଲିଜ୍ କିମ୍ବା ଅନ୍ୟଥା (ସାଧାରଣ ବ୍ୟବସାୟ ବ୍ୟତୀତ) ଯେକୌଣସି ସୁରକ୍ଷିତ ସମ୍ପତ୍ତିର ସ୍ଥାନାନ୍ତରଣରୁ ନିଷେଧ କରାଯାଇଛି, ସୁରକ୍ଷିତ କ୍ରେଡିଟରଙ୍କ ପୂର୍ବ ଲିଖିତ ସମ୍ମତି ବିନା ଏବଂ ଉପରୋକ୍ତ ସହିତ ଅନୁପାଳନ ନକରିବା ଉକ୍ତ ଆଇନର ଧାରା ୨୯ ଅନୁଯାୟୀ ଦଣ୍ଡନୀୟ ଅପରାଧ। ଦାବି ନୋଟିସ୍‌ର ନକଲ ନିମ୍ନସ୍ୱାକ୍ଷରକାରୀଙ୍କ ପାଖରେ ଉପଲବ୍ଧ ଏବଂ ଋଣଗ୍ରହୀତା, ଯଦି ଚାହାଁନ୍ତି, ତେବେ ସାଧାରଣ କାର୍ଯ୍ୟାଳୟ ସମୟ ମଧ୍ୟରେ ଯେକୌଣସି କାର୍ଯ୍ୟ ଦିବସରେ ନିମ୍ନସ୍ୱାକ୍ଷରକାରୀଙ୍କଠାରୁ ଏହାକୁ ସଂଗ୍ରହ କରିପାରିବେ।

ସ୍ୱାକ୍ଷର/-
ସ୍ଥାନ : ଅନୁଗୁଳ, ଓଡ଼ିଶା — କ୍ଷମତାପ୍ରାପ୍ତ ଅଧିକାରୀ
ତାରିଖ : ୧୫.୧୦.୨୦୨୫ — ଚୋଲାମଣ୍ଡଳମ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ଫାଇନାନ୍ସ କମ୍ପାନୀ ଲିମିଟେଡ୍

**AFFIDAVIT**

By virtue of an affidavit sworn before Notary Public, Balliguda dated 24.10.2025, I Rudra Barik, aged about 18 years, Son of Sukanta Barik of Village- Mahasingi, P.O-Mahasingi, P.S- Balliguda, Dist-Kandhamal, PIN- 762103, Odisha have changed my name from "**RUDRA BARIK**" to "**SUMANTA BARIK**", and henceforth I shall be known as "**SUMANTA BARIK**" for all purpose.

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, NIMAPARA**
O-1192
Mail ID : ee_nimapara@yahoo.co.in
No.: Tender Online-Divn. NPR-05/2025-26 Date : 23.10.2025

**e-Procurement NOTICE**

1. Name of the work : Road Works for the year 2025-26
2. Total No. of Project : 16 (Sixteen) Nos of project
3. Estimated cost of project : Varies from Rs.8.46 lakh to Rs.40.63 lakh
4. Class of contractor :
   - A) Estimated cost above Rs.20.00 lakhs and upto Rs.300.00 lakhs : "B" Class (of Odisha PWD) or relevant Class of other licensing authorities
   - B) Estimated cost more than Rs.20.00 lakhs and upto Rs.40.00 lakhs : "C" Class & "B" Class (of Odisha PWD) or relevant class of other licensing authorities
   - C) Estimated cost upto Rs.20.00 lakhs : "D" Class & "C" Class (of Odisha PWD) or relevant class of other licensing authorities
5. Mode of Submission of tender : Tender should be submitted online only in website www.tendersorissa.gov.in
6. Period of completion : As per TCN
7. Other details.

| Procurement Officer | Bid Identification No. | Availability of Tender on-line for bidding | | Last date & time of seeking tender clarification | Date, time & venue of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Nimapara | Tender On-Line-Divn. NPR-05/ 2025-26 | 28.10.2025 at 11.00 AM | 10.11.2025 upto 5.00 PM | 10.11.2025 upto 1.00 PM | 11.11.2025 at 11.00 A.M. Office of the S.E. R.W. Division, Nimapara |

Further details can be seen from the website www.tendersorissa.gov.in

Sd/- Superintending Engineer
Rural Works Division, Nimapara

OIPR-25099/11/0012/2526

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Regd. Office: OPTCL Tech Tower, Janpath, Saheed Nagar, Bhubaneswar-751007

**TENDER ALERT**

**1)Tender Call Notice No. 01/2025-26:** Hiring of diesel run commercial registered light vehicles A/C Bolero or equivalent for EHT (P) Division, Balasore.
**2)Tender Call Notice No. 08/2025-26:** Procurement of different consumable materials required for annual maintenance work at GSS under EHT (O&M) Division, Dhenkanal for the year 2025-26.
**3)Tender Call Notice No. OT-05/2025-26:** Supply of different types consumable items required for annual maintenance works in various Grids S/S under EHT (O&M) Division, Rayagada.
**4)E-Tender Call Notice No. CHP-05/2025-26:** 400kV Meramundali- Mendhasal DC Line, 400kV Meramundali- New Duburi DC Line, 400kV Meramundali- Lapanga DC line under EHT (O&M) Circle, Chainpal.
**5)E-Tender Call Notice No. CHP-06/2025-26:** Procurement of surge counter for surge arrestor at 400/220/132kV Grid S/S Meramundali under EHT (O&M) Division, Meramundali under EHT (O&M) Circle, Chainpal.
**6)Tender Call Notice No. 09/2025-26:** Cleaning of Grass, Shurbs and wild plants etc, from the peripheral area along with anti weed treatment of that area of different Grid S/Ss under EHT (O&M) Division, Puri.
**7)Tender Call Notice No. 08/2025-26:** Supply and replacement of rusted brracing members,earth spike and earth flat at 132/33kV GSS Puri under EHT (O&M) Division, Puri.
**8)Tender Call Notice No. BLN-07/2025-26:** Procurement different types of clamps & connectors for different Grid S/Ss under EHT (O&M) Division, Balangir under EHT (O&M) Circle, Balangir.
**9)Tender Call Notice No. BLN-08/2025-26:** Procurement of FRP telescopic earthing/Discharge rods for different Grid S/Ss under EHT (O&M) Division, Kesinga and Nuapada under EHT (O&M) Circle, Bolangir.
**10)Tender Call Notice No. BRL-31/2025-26:** Supply of Bentonite powder for earth renovation work at Grid S/S, Chhend and Rourkela under EHT (O&M) Circle, Rourkela under EHT (O&M) Circle, Burla.
**11)Tender Call Notice No. BRL-34/2025-26:** Casting and laying of new RCC cable trench slab for 132/33kV Grid S/S, Ghess under EHT (O&M) Division, Barpali under EHT (O&M) Circle, Burla.
**12)Tender Call Notice No. 04/2025-26:** Replacement of 160 KN 245kV old single & double tension type disc insulator by long rod insulator strings at different locations of existing 220kV Balasore- Bhadrak line (Ckt II) (Loc no.-284 to 450) under EHT (O&M) Division, Balasore.
**13)Tender Call Notice No. 05/2025-26:** Repairing of defunct transformer oil filter machine, Make-fowler Westrup model-JHV10000X, Capacity- 10KL at 400/220/132kV Grid S/S, Meramundali under EHT (O&M) Division, Meramundali.
**14)Tender Call Notice No. 06/2025-26:** Procurement of 200W LED flood light fittings for illumination of 400kV S/Y's of 400/220/132kV Grid S/S, Meramundali and 400kV GIS S/S, Meramundali-B under EHT (O&M) Division, Meramundali.
**15)Tender Call Notice No. OT-06/2025-26/RGD: LOT A-** One-time grass cleaning at 220/132/33kV Grid S/S, Therubali & **LOT B-** One-time grass cleaning at 132/33kV Grid S/S, Rayagada under EHT (O&M) Division, Rayagada.
**16)Tender Call Notice No. 17/KHU/2025-26:** Provision of PCC (1:3:6) in the S/Y (132kV & 33kV) periphery area surrounding the fencing at 132/33kV Grid S/S Chandpur under EHT (O&M) Division, Khurda.
**17)Tender Call Notice No. 18/KHU/2025-26:** Provision of earthing for towers in 220kV Nayagarh-Mendhasal DC & 132kV Atri-Chandpur-Balugaon DC LILO Line under EHT (O&M) Division, Khurda.
**18)Tender Call Notice No. 19/KHU/2025-26:** Modification of S/Y (220kV & 132kV) lighting system at Grid S/S Atri under EHT (O&M) Division, Khurda.
**19)Tender Call Notice No. 20/KHU/2025-26:** Construction of one no. of Transformer oil sump pit at Grid S/S Nayagarh under EHT (O&M) Division, Khurda.
**20)Tender Call Notice No. 21/KHU/2025-26:** Provision of hydrant points to individual earth pits inside the S/Y of 220/33kV Grid S/S Nayagarh under EHT (O&M) Division, Khurda

For more details please visit OPTCL's website: **www.optcl.co.in.**

FIPR-49/2025-26

/optcl.odisha /optcl_odisha

## ପ୍ରଥମ ପୃଷ୍ଠାରୁ

## ଲ୍ୟାଣ୍ଡ୍‌ଫଲ୍ କାଉଣ୍ଟଡାଉନ୍ ...

ଲ୍ୟାଣ୍ଡଫଲ୍‌ବେଳେ ଭୀଷଣ ବାତ୍ୟା ଓଡ଼ିଶା ଆଡ଼କୁ ମୁହାଁଇବ । କିନ୍ତୁ ଓଡ଼ିଶାରେ ପହଞ୍ଚିଲାବେଳକୁ ଦୁର୍ବଳ ହୋଇସାରିଥିବ । ଦକ୍ଷିଣ ଓଡ଼ିଶା ଦେଇ ଏହା ଛତିଶଗଡ଼ ମୁହାଁ ହେବ । ଫଳରେ ମାଲକାନଗିରି, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, କଳାହାଣ୍ଡି ଓ ନବରଙ୍ଗପୁରରେ ୨୮ ତାରିଖ ରାତିରୁ ୨୯ ତାରିଖ ସକାଳ ପର୍ଯ୍ୟନ୍ତ ପ୍ରଭାବ ପଡ଼ିବ । ସେତେବେଳେ ୭୦ରୁ ୮୦ କିମି ପର୍ଯ୍ୟନ୍ତ ପବନ ବହିବ । ବର୍ତ୍ତମାନର ଆକଳନ କହୁଛି ସମ୍ଭାବ୍ୟ ବାତ୍ୟା ମାଲକାନଗିରି ଦେଇ କରି ଛତିଶଗଡ଼ ଆଡ଼କୁ ଯିବ । ମାଲକାନଗିରିକୁ ଅତିକ୍ରମ କରିବା ସହ ଗଞ୍ଜାମ, କନ୍ଧମାଳ, ରାୟଗଡ଼ା, ଗଜପତି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଜିଲ୍ଲା ପ୍ରଭାବିତ ହେବ । ଏହା ପ୍ରଭାବରେ ଛତିଶଗଡ଼ରେ ମଧ୍ୟ ବର୍ଷା ହୋଇପାରେ । ଛତିଶଗଡ଼ରେ ବର୍ଷା ହେଲେ ହୀରାକୁଦକୁ ଉପର ମୁଣ୍ଡରୁ ପାଣି ପ୍ରବେଶ କରିବ । ଜଳ ସେଚନ ଓ ବିଦ୍ୟୁତ ଉତ୍ପାଦନ ପାଇଁ ରାଜ୍ୟର ବିଭିନ୍ନ ଜଳ ଭଣ୍ଡାରରେ ପ୍ରାୟ ୮୮ ପ୍ରତିଶତ ଜଳ ସଂରକ୍ଷଣ ହୋଇରହିଥିଲା । ସମ୍ଭାବ୍ୟ ପରିସ୍ଥିତିକୁ ସମ୍ଭାଳିବା ପାଇଁ ଜଳ ନିଷ୍କାସନ ଆରମ୍ଭ ହୋଇଛି । ଜଳଭଣ୍ଡାରର ଜଳସ୍ତର କମ ଥିଲେ, ଉପର ମୁଣ୍ଡରୁ ଆସିବାକୁ ଥିବା ଜଳକୁ ସଂରକ୍ଷଣ କରି ରଖିହେବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ଏଣେ ବାତ୍ୟା 'ମୋନ୍ଥା' ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ସହ ୩୦ ତାରିଖ ଯାଏଁ ଉପକୂଳକୁ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ୱାର୍ଣ୍ଣି ଜାରି କରାଯାଇଛି । ତା'ସହ ଆସନ୍ତାକାଲି ପାଇଁ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲ୍ଲାକୁ ରେଡ ୱାର୍ଣ୍ଣି ଦିଆଯାଇଛି । ୨୯ ତାରିଖରେ ମଧ୍ୟ ୫ ଜିଲ୍ଲା ଯଥା-ମାଲକାନଗିରି, କୋରାପୁଟ, ରାୟଗଡ଼ା, କଳାହାଣ୍ଡି ଓ ନବରଙ୍ଗପୁରକୁ ରେଡ୍ ଜୋନରେ ରଖାଯିବା ସହ ପଶ୍ଚିମ ଓଡ଼ିଶା ଓ କିଛି ଉପକୂଳବର୍ତ୍ତୀ ଜିଲ୍ଲାରେ ପ୍ରବଳ ବର୍ଷାର ଚେତାବନୀ ଦିଆଯାଇଛି । ଆନ୍ଧ୍ରଭଳି ଓଡ଼ିଶାରେ ମଧ୍ୟ ବାତ୍ୟା 'ମୋନ୍ଥା' ଆଭାସ ଦେଖାଇଲାଣି । ଭୁବନେଶ୍ୱରରୁ ବ୍ରହ୍ମପୁର, ଗଜପତିରୁ ପାରଳାଖେମୁଣ୍ଡି କେଉଁଠି ଆକାଶରେ କଳାହାଣ୍ଡି ମେଘ ଘୋଟି ଆସୁଛି ତ ଆଉ କେଉଁଠି ଆରମ୍ଭ ହୋଇଗଲାଣି ଝିପି ଝିପି ବର୍ଷା ସାଙ୍ଗକୁ ପବନ । ଅନ୍ୟପକ୍ଷରେ ବାତ୍ୟା ମୋନ୍ଥା ଆସିବା ଆଗରୁ ଏହାର ମୁକାବିଲା ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ । ବିଶେଷ କରି ଉପକୂଳ ଓ ଦକ୍ଷିଣ ଓଡ଼ିଶାରେ ପ୍ରଭାବିତ ହେବାକୁ ଥିବା ୮ଟି ଜିଲ୍ଲାରେ ମହାପ୍ରସ୍ତୁତି ଶେଷ ହୋଇଛି । ଏହିସବୁ ଜିଲ୍ଲାରେ ୨୦୦ ବାତ୍ୟା ଆଶ୍ରୟସ୍ଥଳୀକୁ ପ୍ରସ୍ତୁତ ରଖାଯାଇଛି । ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଲୋକଙ୍କୁ ଆଗୁଆ ସ୍ଥାନାନ୍ତର କରାଯାଇଛି । ସେପଟେ ୫ଟି ଜିଲ୍ଲାରେ ୫ଟି ଏନ୍‌ଡିଆରଏଫ୍ ଟିମ୍ ମୁତୟନ ହୋଇଛନ୍ତି । କଟକ, ବ୍ରହ୍ମପୁର ଆର୍‌ଡିସି ସର୍କଲରେ ୨୬୭ଟି ଅଗ୍ନିଶମ ଟିମ୍‌କୁ ସଜାଗ ରଖାଯାଇଛି । ବାତ୍ୟା 'ମୋନ୍ଥା' ଆସିବା ପୂର୍ବରୁ ଆଜି ଦିନ ତମାମ ରାଜ୍ୟର ବିଭିନ୍ନ ଉପକୂଳ ଜିଲ୍ଲାରେ ମେଘୁଆ ପାଗ ଦେଖିବାକୁ ମିଳିଛି । ଏପଟେ 'ମୋନ୍ଥା'ର ମୁକାବିଲା ପାଇଁ ଉପକୂଳବର୍ତ୍ତୀ ଜିଲ୍ଲା ପ୍ରଶଶସନ ପୂରା ପ୍ରସ୍ତୁତ । ବାତ୍ୟାରେ ଅଧିକ ପ୍ରଭାବିତ ହେବା ନେଇ ଆଶଙ୍କା କରାଯାଉଥିବା ୫ ଜିଲ୍ଲା ଯଥା-କୋରାପୁଟ, ମାଲକାନଗିରି, ଗଜପତି, କନ୍ଧମାଳ ଓ ରାୟଗଡ଼ା ଜିଲ୍ଲାକୁ ୫ଟି ଏନ୍‌ଡିଆରଏଫ୍ ଟିମ୍ ଯାଇଛନ୍ତି । ସେହିପରି ବ୍ରହ୍ମପୁର ଆର୍‌ଡିସି ସର୍କଲରେ ୧୨୩ଟି ଅଗ୍ନିଶମ ଟିମ୍‌କୁ ସଜାଗ ରଖାଯାଇଛି । କଟକ ଆରଡିସି ସର୍କଲରେ ବି ୧୪୪ଅଗ୍ନିଶମ ଟିମକୁ ସଜାଗ ରଖାଯାଇଛି । ପୁରୀରେ ୧୦୦ ଲାଇଫ୍ ଗାର୍ଡ ସହ ଗୋପାଳପୁରରେ ମଧ୍ୟ ଲାଇଫ୍ ଗାର୍ଡ ମୁତୟନ ରହିଛନ୍ତି । ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ୮ଟି ଜିଲ୍ଲାରେ ୨୦୦ ବାତ୍ୟା ଆଶ୍ରୟସ୍ଥଳୀରେ ଲୋକଙ୍କ ଆଶ୍ରୟ ପାଇଁ ପ୍ରସ୍ତୁତି ଶେଷ ହୋଇଛି । ଗଞ୍ଜାମ ଓ ଗଜପତି ଭଳି କିଛି ଜିଲ୍ଲାରେ ଗର୍ଭବତୀ ମହିଳା, ରୋଗୀ ଓ ବୟସ୍କଙ୍କୁ ଆଗୁଆ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ଗଜପତି ଜିଲ୍ଲାରେ ୯୧ଜଣ ଗର୍ଭବତୀଙ୍କ ସହ ୯୪୬ ଜଣ ଆଗୁଆ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର ହୋଇଛନ୍ତି । ଏଣେ 'ମନ୍ଥା' ପ୍ରଭାବରେ ରାଜ୍ୟର ୮ଟି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନାକୁ ଦୃଷ୍ଟିରେ ରଖି ଦକ୍ଷିଣ ଓଡ଼ିଶାର ୮ଟି ଜିଲ୍ଲାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍କୁଲ ଛୁଟି ଘୋଷଣା କରାଯାଇଛି । ଆସନ୍ତାକାଲି ଠାରୁ ୩୦ ତାରିଖ ଯାଏଁ ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁରରେ ସ୍କୁଲ ବନ୍ଦ ରହିବ ।

## ଜିରୋ କାଜୁଆଲିଟି ...

ଅବଗତ କରାଇଥିଲେ । ବୈଠକ ପରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ ଯେ ବାତ୍ୟା ପ୍ରସ୍ତୁତି ନେଇ ତଟରକ୍ଷୀ ବାହିନୀ ସହିତ ମଧ୍ୟ ଆଲୋଚନା ହୋଇଛି । ସମୁଦ୍ର ମଧ୍ୟରେ ରହିଯାଇଥିବା ଟ୍ରଲରଗୁଡ଼ିକୁ ସୁରକ୍ଷିତ ଭାବରେ କୂଳକୁ ଆଣିବା ପାଇଁ ବ୍ୟବସ୍ଥା କରାଯାଇଛି । ବର୍ତ୍ତମାନ ସୁଦ୍ଧା ସର୍ବାଧିକ ପ୍ରଭାବିତ ଆଶଙ୍କା ଥିବା ୮ଟି ଜିଲ୍ଲାରେ ୧୪୦ଟି ଓଡ୍ରାଫ୍, ଏନ୍‌ଡିଆରଏଫ୍ ଓ ଅଗ୍ନିଶମ ବିଭାଗର ଦଳ ମୁତୟନ ହୋଇଛନ୍ତି । ସବୁ ଜିଲ୍ଲାରେ ବରିଷ୍ଠ ଅଧିକାରୀମାନଙ୍କୁ ବାତ୍ୟା ପରିଚାଳନାର ଦାୟିତ୍ୱ ଦିଆଯାଇଛି । ବାତ୍ୟା ପରବର୍ତ୍ତୀ ସମୟରେ ଯଦି ବିଦ୍ୟୁତ ସେବାରେ ବ୍ୟାଘାତ ହୁଏ, ତେବେ ୨୪ ଘଣ୍ଟା ମଧ୍ୟରେ ଏହାକୁ ପୁନଃସଂସ୍ଥାପନ କରିବାକୁ ବ୍ୟବସ୍ଥା କରାଯାଇଛି । ବର୍ତ୍ତମାନ ସୁଦ୍ଧା ୮ଟି ସମ୍ଭାବ୍ୟ ପ୍ରଭାବିତ ଜିଲ୍ଲାର ୧୪୪୫ଟି ବାତ୍ୟା ଆଶ୍ରୟସ୍ଥଳୀକୁ ପ୍ରାୟ ୩ ହଜାର ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଛି ଏବଂ ୩୨ ହଜାର ୫୨୮ ଜଣ ଲୋକଙ୍କୁ ନିରାପଦ ଭାବେ ସ୍ଥାନାନ୍ତର କରାଯିବାର ଲକ୍ଷ୍ୟ ରଖାଯାଇଛି । ଆଶ୍ରୟସ୍ଥଳୀମାନଙ୍କରେ ଆବଶ୍ୟକତା ଅନୁଯାୟୀ ଶୁଖିଲା ଖାଦ୍ୟ ସହ ରନ୍ଧାଖାଦ୍ୟର ବ୍ୟବସ୍ଥା କରାଯାଇଛି । ସେହିପରି ବର୍ତ୍ତମାନ ସୁଦ୍ଧା ୧୪୯୬ ଆସନ୍ନ ପ୍ରସବା ମହିଳାଙ୍କୁ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଥିବାବେଳେ ଆହୁରି ୭୬୦ ଜଣ ମହିଳାଙ୍କୁ ସ୍ଥାନାନ୍ତର ପାଇଁ ପ୍ରସ୍ତୁତି ଚାଲିଛି । ସମ୍ଭାବ୍ୟ ବାତ୍ୟା ସ୍ଥଳଭାଗ ଛୁଇଁଲା ପରେ ଛତିଶଗଡ଼ ଆଡ଼କୁ ମୁହାଁଇବାର ସମ୍ଭାବନା ରହିଛି । ଫଳରେ ଛତିଶଗଡ଼ ଅଞ୍ଚଳରେ ପ୍ରବଳ ବର୍ଷା ହୋଇପାରେ । ଏଥି ପାଇଁ ପୂର୍ବ ପ୍ରସ୍ତୁତି ଅନୁଯାୟୀ ହୀରାକୁଦ ବନ୍ଧର ଜଳ ପରିଚାଳନାକୁ ନିୟନ୍ତ୍ରିତ କରାଯାଉଛି । ସରକାର ଜନଜୀବନ ହାନୀ ନହେବା ଉପରେ ସର୍ବାଧିକ ଗୁରୁତ୍ୱାରୋପ କରୁଛନ୍ତି । ଏଥି ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଚାଲିଛି । ଗୃହପାଳିତ ପଶୁମାନଙ୍କୁ ସୁରକ୍ଷିତ ରଖିବା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି । ବର୍ତ୍ତମାନ କୋରାପୁଟ ଓ ଗଜପତିରେ ସାଧାରଣ ଭାବେ ବର୍ଷା ହେଉଥିବା ବେଳେ ଅନ୍ୟ ୬ଟି ଜିଲ୍ଲାରେ ପାଗ ମେଘୁଆ ରହିଛି । ୨୮ ତାରିଖ ବେଳକୁ ପାଗରେ ପରିବର୍ତ୍ତନ ଆସିପାରେ । ୨୯ ଓ ୩୦ ତାରିଖ ବେଳକୁ ବର୍ଷାର ପରିମାଣ ବୃଦ୍ଧି ପାଇପାରେ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି । ଏହି ଅବସରରେ ସ୍ୱତନ୍ତ୍ର ରିଲିଫ୍ କମିଶନର ଶ୍ରୀ ସିଂ କହିଥିଲେ ଯେ ଆଜି ସମସ୍ତ ବିଭାଗର ସଚିବ ଓ ଜିଲ୍ଲାପାଳମାନଙ୍କ ସହିତ ବାତ୍ୟା ପୂର୍ବପ୍ରସ୍ତୁତି ସଂପର୍କରେ ଆଲୋଚନା ହୋଇଛି । ବାତ୍ୟା ପ୍ରଭାବିତ ଆଶଙ୍କା ଥିବା ସ୍ଥାନରୁ ଜନସାଧାରଣଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ଗର୍ଭବତୀମାନଙ୍କୁ ମଧ୍ୟ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି । ପୂର୍ବାନୁମାନ ଅପେକ୍ଷା ବାତ୍ୟାର ପ୍ରଭାବ କମ ରହିବ । ଏଣୁ ଏ ନେଇ କୌଣସି ପ୍ରକାର ଆତଙ୍କିତ ନହେବାକୁ ସେ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି ।

## ୧୨ ପ୍ରଦେଶରେ ଲାଗୁ ହେବ ...

ଯେହେତୁ ଆସାମ ପାଇଁ ନାଗରିକତା ନିୟମ' ଦେଶର ଅନ୍ୟ ଅଂଶ ଠାରୁ ଭିନ୍ନ', ତେଣୁ ଉତ୍ତର-ପୂର୍ବ ରାଜ୍ୟ ପାଇଁ ଭୋଟର ତାଲିକା ସଂଶୋଧନ ପରବର୍ତ୍ତୀ ସମୟରେ ହିଁ କରାଯିବ ।

ଜ୍ଞାନେଶ କୁମାରଙ୍କ କହିବାନୁସାରେ ପର୍ଯ୍ୟାୟକ୍ରମେ ଦେଶବ୍ୟାପୀ ଏସ୍‌ଆଇଆର୍ ଲାଗୁ କରାଯିବ । ଜାଲ୍ ଭୋଟର୍‌ଙ୍କୁ ଭୋଟର ତାଲିକାରୁ ବାଦ୍ ଦେବା ଏସ୍‌ଆଇଆର୍‌ର ମୂଳ ଉଦ୍ଦେଶ୍ୟ । ବିହାରରେ ସଫଳତାର ସହିତ ଏସ୍‌ଆଇଆର୍‌ର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକାରୀ ହୋଇଛି । ଏହି ପ୍ରକ୍ରିୟାରେ ବିହାରରେ ପ୍ରାୟ ୭.୫ କୋଟି ଭୋଟର ଭାଗ ନେବା ସ୍ୱାଗତଯୋଗ୍ୟ । ବିହାରରେ ଏହାର ସଫଳତା ପରେ ସାରା ଦେଶରେ ଏସ୍‌ଆଇଆର୍‌କୁ କାର୍ଯ୍ୟକାରୀ କରିବାକୁ ନିର୍ବାଚନ ଆୟୋଗ ନିଷ୍ପତ୍ତି ନେଇଛି । ଏସ୍‌ଆଇଆର୍ ପ୍ରକ୍ରିୟା ଦ୍ୱାରା ଅଯୋଗ୍ୟ ଭୋଟରମାନଙ୍କର ନାମ କଟିବ ଏବଂ ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ବୃଦ୍ଧି ପାଇବ । ସୂଚନାଯୋଗ୍ୟ, ଉପରୋକ୍ତ ୧୨ଟି ପ୍ରଦେଶରେ ପ୍ରତ୍ୟେକରେ ଗଣନା ପର୍ଯ୍ୟାୟ ନଭେମ୍ବର ୪ରୁ ଡିସେମ୍ବର ୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ସେହିପରି ଡ୍ରାଫ୍ଟ ତାଲିକା ଡିସେମ୍ବର ୯ରେ ପ୍ରକାଶିତ ହେବ ଏବଂ ଏହି ତାଲିକାରୁ ବାଦ୍ ପଡ଼ିଥିବା ଭୋଟରମାନେ ଡ୍ରାଫ୍ଟ ତାଲିକା ପ୍ରକାଶନ ତାରିଖରୁ ଜାନୁଆରୀ ୮ ପର୍ଯ୍ୟନ୍ତ ଆବେଦନ କରିପାରିବେ । ଚୂଡ଼ାନ୍ତ ସଂଶୋଧିତ ଭୋଟର ତାଲିକା ଫେବ୍ରୁଆରୀ ୭ରେ ପ୍ରକାଶିତ ହେବ ।

## ହେବନି ପଦୋନ୍ନତି ...

ବିବରଣୀ ଦାଖଲ କରି ନାହାନ୍ତି । ସମୟସୀମା ବୃଦ୍ଧି ପାଇଁ ଅନୁରୋଧ କରାଯାଇଥିଲା । ତେବେ ସମ୍ପତ୍ତି ବିବରଣୀ ଦାଖଲ ପାଇଁ କୌଣସି ସମୟ ବୃଦ୍ଧି କରାଯିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି । ଏଥିପାଇଁ ଅନଲାଇନ୍ ଏଚ୍‌ଆର୍‌ଏମ୍‌ଏସ୍ ପୋର୍ଟାଲ୍ ପୁଣି ଖୋଲାଯିବ ନାହିଁ ବୋଲି ସାଧାରଣ ପ୍ରଶାସନ ବିଭାଗ କହିଛି । ପଦୋନ୍ନତି ପାଇଁ ବାର୍ଷିକ ସମ୍ପତ୍ତି ବିବରଣୀ ସମୟସୀମାରେ ଦାଖଲ କରିବାବାଧ୍ୟତାମୂଳକ । ତେଣୁ ଯେଉଁ କର୍ମଚାରୀମାନେ ସେମାନଙ୍କର ବିବରଣୀ ଦାଖଲ କରିବାରେ ବିଫଳ ହୋଇଛନ୍ତି, ସେମାନେ ପରବର୍ତ୍ତୀ ବର୍ଷରେ ଅନୁପାଳନ ହାସଲ ନ କରିବା ପର୍ଯ୍ୟନ୍ତ, ଯେକୌଣସି ବିଭାଗୀୟ ପଦୋନ୍ନତି କମିଟି ବୈଠକରେ ପଦୋନ୍ନତି ପାଇଁ ବିଚାର ପାଇଁ ଯୋଗ୍ୟ ହେବେ ନାହିଁ । ନିୟମ ପାଳନ ନ କରୁଥିବା କର୍ମଚାରୀଙ୍କ ମାମଲାଗୁଡ଼ିକୁ ପଦୋନ୍ନତି ପାଇଁ କୌଣସି ଡିପିସି ସମ୍ମୁଖରେ ଯେପରି ରଖା ନ ଯିବ ନିର୍ଦ୍ଦେଶ ଜାରି ହୋଇଛି । ସରକାର ସ୍ପଷ୍ଟ କରିଛନ୍ତି, କର୍ମଚାରୀମାନେ ୨୦୨୬ ଜାନୁଆରୀ ୧ ରୁ ୩୧ ମଧ୍ୟରେ ୨୦୨୫ ବର୍ଷ ପାଇଁ ସେମାନଙ୍କର ସମ୍ପତ୍ତି ବିବରଣୀ ଦାଖଲ କରିବାକୁ ବାଧ୍ୟ । ବିଭାଗୀୟ ମୁଖ୍ୟଙ୍କ ଦାୟିତ୍ୱରେ ୧୦୦% ଅନୁପାଳନ ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ସାମ୍ବାଦିକଙ୍କୁ ଆକ୍ରମଣ ପ୍ରତିବାଦରେ ଧାରଣା

**ପିପିଲି,୨୭।୧୦/ଏନ୍‌ଏନ୍‌ଏସ୍:** ପିପିଲିରେ ସାମ୍ବାଦିକଙ୍କୁ ଆକ୍ରମଣ ପ୍ରତିବାଦରେ ଏକତ୍ରିତ ହେଲେ କାର୍ଯ୍ୟରତ ସାମ୍ବାଦିକ । ସାମ୍ବାଦିକଙ୍କୁ ଆକ୍ରମଣ ପ୍ରତିବାଦରେ ପିପିଲି ପୁଲିସ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ତିନି ଦଫା ଦାବି ନେଇ ଆଜି ଧାରଣା ଦେଇଥିଲେ ସମୂହ ସାମ୍ବାଦିକ । ଆଜି ସକାଳୁ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ତାଲା ପଡିଥିବା ବେଳେ ଗେଟ୍ ବାହାରେ ଖରା ବର୍ଷା ଏହି ଧାରଣା ପ୍ରତିବାଦ ଚାଲିଥିଲା । ସାମ୍ବାଦିକ ନ୍ୟାୟର ଲଢ଼େଇରେ ପିପିଲି ପୁଲିସ ଅଭିଯୁକ୍ତମାନଙ୍କୁ ଘଣ୍ଟ ଘୋଡ଼ାଉଥିବା ଅଭିଯୋଗ କରି ପ୍ରବଳ ଖରା ଓ ବର୍ଷାକୁ ଖାତିର ନକରି ନିଜ ଜିଦ୍‌ରେ ଅଟଳ ରହିଥିଲେ ସାମ୍ବାଦିକମାନେ । ପ୍ରାୟ ୧ଘଣ୍ଟା ପରେ ଘଟଣାସ୍ଥଳରେ ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର ଓ ଜିଲ୍ଲା ମୁଖ୍ୟାଳୟରୁ ଆସିଥିବା ତଦନ୍ତକାରୀ ଅଫିସର ପହଞ୍ଚି



ଧାରଣା ପ୍ରତ୍ୟାହୃତ ପାଇଁ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ସାମ୍ବାଦିକ ମାନେ ଆନ୍ଦୋଳନରୁ ଓହରିନଥିଲେ । ପରେ ଖବର ପାଇ ପୁରୀ ଅତିରିକ୍ତ ଏସ୍‌ପି ସଚିନ ପଟେଲ ଧାରଣାସ୍ଥଳରେ ପହଞ୍ଚି ସାମ୍ବାଦିକମାନଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଥିଲେ । ନ୍ୟାୟିକ ପ୍ରକ୍ରିୟାରେ ସ୍ୱଚ୍ଛତା, ନିରପେକ୍ଷ ତଦନ୍ତ ସହ ସାମ୍ବାଦିକମାନଙ୍କୁ ସୁରକ୍ଷା ପ୍ରଦାନ କରିବାର ପ୍ରତିଶ୍ରୁତି ସହିତ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ଓ ସାମ୍ବାଦିକଙ୍କ ନାମରେ ହୋଇଥିବା ମିଥ୍ୟା ମାମଲା ପ୍ରତ୍ୟାହାର ପାଇଁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଏହି ଅବସରରେ ମିଡ଼ିଆ ୟୁନିଅନ୍ ପକ୍ଷରୁ ପୁଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଏକ ୪ଦଫା ସମ୍ବଳିତ ଦାବିପତ୍ର ଅତିରିକ୍ତ ଏସ୍‌ପି ସଚିନ୍ ପଟେଲଙ୍କୁ ପ୍ରଦାନ କରାଯାଇଥିଲା ।

## ବିଶିଷ୍ଟ ସାହିତ୍ୟିକ, ସଂଗୀତଗୁରୁ ପ୍ରାଣକୃଷ୍ଣ ମହାପାତ୍ରଙ୍କ ପରଲୋକ

**ପୁରୀ,୨୭।୧୦/ଏନ୍‌ଏନ୍‌ଏସ୍:** ବିଶିଷ୍ଟ ସଂଗଠକ, ସାହିତ୍ୟିକ, ସଂଗୀତଗୁରୁ ତଥା ଶିକ୍ଷାବିତ ପ୍ରାଣକୃଷ୍ଣ ମହାପାତ୍ରଙ୍କ ପରଲୋକ ଘଟିଯାଇଛି । ସେ ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦ, ଭଗବତୀ ବିଦ୍ୟା ନିକେତନର ସଭାପତି, ଭକ୍ତ ସାଲବେଗ ପୀଠ ଉନ୍ନୟନ କମିଟିର କୋଷାଧକ୍ଷ ଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୮୧ବର୍ଷ ବୟସ ହୋଇଥିଲା । ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଗତ କାଲି ରାତିରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ସ୍ୱର୍ଗତ ମହାପାତ୍ରଙ୍କ ପାର୍ଥିବ ଶରୀର ପୁରୀରେ ପହଞ୍ଚିବା ପରେ ଅଠରନଳା ଠାରେ ଭଗବତୀ ବିଦ୍ୟା ନିକେତନ ପକ୍ଷରୁ ଶୋକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ଏବଂ ଅଞ୍ଚଳବାସୀ ପାର୍ଥିବ ଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପରେ ମରଶରୀରକୁ ତାଙ୍କ ବାସେଲିସାହି ପାଣିଖାତଲେନ ସ୍ଥିତ ବାସଭବନରେ ଶେଷ ଦର୍ଶନ ପାଇଁ ରଖାଯାଇଥିଲା । ସେଠାରୁ ଶୋଭାଯାତ୍ରାରେ ନିଆଯାଇ ଏକ ଶୋକାକୁଳ ପରିବେଶରେ ସ୍ୱର୍ଗଦ୍ୱାର ଠାରେ ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା । ଜ୍ୟେଷ୍ଠ ପୁତ୍ର ମନୋଜ ମହାପାତ୍ର ମୁଖାଗ୍ନି ଦେଇଥିଲେ । ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ଦାଶ, ଓଡ଼ିଆ ଭାଷା



ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ଡ କୈଳାସ ଚନ୍ଦ୍ର ଟିକାୟତ ରାୟ, ଅଧିବକ୍ତା ଦେବାଶିଷ ଦାସ, ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି ରମେଶ ଚନ୍ଦ୍ର ଦାଶ, ମହେନ୍ଦ୍ର ବିଶୋଇ, ଲକ୍ଷ୍ମୀଧର ମାଝୀ, ପ୍ରଭାତ ଚନ୍ଦ୍ର ରଥ, ରାଷ୍ଟ୍ରପତି ପୁରସ୍କାପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କ୍ରିଷ୍ଣା ମହାପାତ୍ର, ଅନ୍ନପୂର୍ଣ୍ଣା ଦେବୀ, ରାଇକିଶୋର ମହାନ୍ତି ଡ଼ ହେମନ୍ତ କୁମାର ଛୋଟରାୟ, ଟିକିତାରାର ସମ୍ପାଦକ ବିପିନ ବିହାରୀ ଦଳାଇ, ଅଭିନନ୍ଦନିକାର ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି, ଶ୍ରୀପର୍ଣ୍ଣାର ସମ୍ପାଦକ ଉମାକାନ୍ତ ମହାପାତ୍ର, ଶ୍ରୀକ୍ଷେତ୍ର ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ର କୁମାର ପଟ୍ଟନାୟକ ଗୋଲୋକ ଚନ୍ଦ୍ର ଜେନା, ପ୍ରଫୁଲ୍ଲ କୁମାର ରାଉତ ଅଶ୍ୱିନୀ କୁମାର ପଟ୍ଟନାୟକ, ମମତା ଦାସ, ଜଳନ୍ଧର ବିଶୋଇଙ୍କ ସମେତ ବହୁ ବ୍ୟକ୍ତି ଶେଷ ଦର୍ଶନ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସ୍ୱର୍ଗତ ମହାପାତ୍ର ବିଭିନ୍ନ ସାମାଜିକ, ସାଂସ୍କୃତିକ, ଶିକ୍ଷାନୁଷ୍ଠାନ ସହିତ ଜଡିତ ରହି କାର୍ଯ୍ୟ କରିବା ସହିତ ଜଣେ ଭଲ ତବଲା ବାଦକ ଥିଲେ । ତାଙ୍କ ଦେହାବସାନରେ ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦ, ଭଗବତୀ ବିଦ୍ୟା ନିକେତନ, ଶ୍ରୀକ୍ଷେତ୍ର ସାହିତ୍ୟ ସଂସଦ, ଶିକ୍ଷାଶ୍ରୀ ଶିଶୁ ପାଠାଗାର, ବାମଦେବ ପାତ୍ର ସ୍ମୃତି ସାହିତ୍ୟ ସଂସଦ, ଅଭିନନ୍ଦନିକା, ଟିକିତାରା, ମାରୁତି ନଗର ଉନ୍ନୟନ ପରିଷଦ, ଶ୍ରୀପର୍ଣ୍ଣା, ପୁରୀ ଜିଲ୍ଲା ଲେଖକ ସହଯୋଗ ସମିତି ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି ।

## 'ଦୁର୍ନୀତି ବିରୋଧରେ ସମବଦ୍ଧ ଉଦ୍ୟମ ଆବଶ୍ୟକ'

**ପୁରୀ,୨୭।୧୦/ଏନ୍‌ଏନ୍‌ଏସ୍:** ଦୁର୍ନୀତି ଏକ ସାମାଜିକ ବ୍ୟାଧି । ଏହାର ମୂଳୋତ୍ପାଟନ ପାଇଁ ସମବଦ୍ଧ ଉଦ୍ୟମ ଆବଶ୍ୟକ ବୋଲି କହିଛନ୍ତି ପୁରୀ ଦୁର୍ନୀତି ନିବାରଣ ୟୁନିଟ୍‌ର ଡିଏସପି ସୋମନାଥ ବାରିକ । ଚଳିତ ବର୍ଷ ଆଜି ଅର୍ଥାତ ୨୭ ଅକ୍ଟୋବର ଠାରୁ ୨ ନଭେମ୍ବର ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ହେଉଛି । ପ୍ରଥମ ଦିନରେ ଆଜି ପ୍ରତ୍ୟେକ କାର୍ଯ୍ୟାଳୟ ମାନଙ୍କ ରେ ଦୁର୍ନୀତି ନିବାରଣ ସଚେତନତା ଶପଥ ପାଠ ଅନୁଷ୍ଠିତ ହୋଇଥିଲା । ସର୍କିଟ ହାଉସ ଠାରେ ଆୟୋଜିତ ଶପଥ ପାଠ କାର୍ଯ୍ୟକ୍ରମ ରେ ଦୁର୍ନୀତି ନିବାରଣ ୟୁନିଟ୍‌ର ଡିଏସପି ଶ୍ରୀ ବାରିକ ଯୋଗଦେଇ ସମସ୍ତଙ୍କୁ ଶପଥ ପାଠ କରାଇବା ସହ ଦୁର୍ନୀତିର କାରଣ,



ନିରାକରଣ ଓ ଅଧିକାରୀ, କର୍ମଚାରୀ ଓ ସାଧାରଣ ଲୋକ ମାନଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶପଥ ପାଠରେ ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ, ସୁପରଭାଇଜର ବାଲ୍ୟବତୀ ମହାନ୍ତି, ମିଶନ ଶକ୍ତି ସଂଯୋଜିକା ସ୍ୱାଗତିକା ପରିଡା, ସିଡିପିଓ, ଅଙ୍ଗନବାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ପ୍ରମୁଖ ଯୋଗ ଦେଇ ଶପଥ ପାଠ କରିଥିଲେ ।

## ଦୁର୍ନୀତି ନିବାରଣ ସଚେତନତା ଶପଥ ପାଠ



**ପୁରୀ,୨୭।୧୦/ଏନ୍‌ଏନ୍‌ଏସ୍:** ଚଳିତ ବର୍ଷ ଅକ୍ଟୋବର ୨୭ ତାରିଖଠାରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶ ରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି । ଏହି ଅବସରରେ ଆଜି ଦିବା ୧୧ଘଟିକା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ଶପଥ ପାଠ ଅନୁଷ୍ଠିତ ହୋଇଥିଲା ।ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ପରାମର୍ଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଓ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ ଶରତ ଚନ୍ଦ୍ର ମହାପାତ୍ର ସମସ୍ତଙ୍କୁ ଶପଥ ପାଠ କରାଇଥିଲେ । ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ଦୁର୍ନୀତି ବିକାଶର ପଥରୋଧ କରିଥାଏ ଓ ଏହାର ପ୍ରତିହତ ପାଇଁ ପ୍ରତ୍ୟେକ ପ୍ରତିଶ୍ରୁତିବଦ୍ଧ ହେବାକୁ ଅନୁରୋଧ କରି ଶପଥ ପାଠ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ଆଦ୍ୟାଶା ରଥ, ପ୍ରିୟଦର୍ଶିନୀ ମଲ୍ଲିକ, ସହଦେବ ସାହୁ, ବିବେକାନନ୍ଦ ସାହୁ, ଅନୁସ୍ରାବ ଗନ୍ତାୟତ, ଜିଲ୍ଲା ମଙ୍ଗଳ ଅଧିକାରୀ ମମତା ରାଣୀ ପରିଡା, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଓ ସମସ୍ତ ବିଭାଗର ଅଧିକାରୀ, କର୍ମଚାରୀ ପ୍ରମୁଖ ଉପସ୍ଥିତ ହୋଇ ଶପଥ ପାଠ କରିଥିଲେ । ସେହିପରି ଜିଲ୍ଲାପରିଷଦ କାର୍ଯ୍ୟାଳୟ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନ୍ୟାନ୍ୟ ବିଭାଗ, ଲାଇନ ଡିପାର୍ଟମେଣ୍ଟରେ, ସମସ୍ତ ବ୍ଲକ, ତହସିଲ କାର୍ଯ୍ୟାଳୟ ଓ ସମସ୍ତ ଶିକ୍ଷାନୁଷ୍ଠାନରେ ଏହି ଶପଥ ପାଠ କରାଯାଇଥିଲା ।

## ନଭେମ୍ବର ୩ରେ ଅମୃତ ମଣୋହି ଭୋଗ

**ପୁରୀ,୨୭।୧୦/ଏନ୍‌ଏନ୍‌ଏସ୍:** ପ୍ରତିବର୍ଷ ପରି ଚଳିତ ବର୍ଷ ଷୋଳ ଶାସନର ଅମୃତମଣୋଇ ଭୋଗ କାର୍ତ୍ତିକମାସ ଶୁକ୍ଳ ପକ୍ଷ ସପ୍ତମୀ ତିଥି ୨୯ତାରିଖ ବୁଧବାର ଦିନ ହେବ ବୋଲି ସ୍ଥିର ହୋଇ ପଞ୍ଜିକା ମାଧମରେ ଜଣାଇ ଦିଆଯାଇଛି ।



କିନ୍ତୁ ବାତ୍ୟା ମୋନ୍ଥା ଯୋଗୁଁ ୨୭ ତାରିଖଠାରୁ ୨୯ ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ଏହାକୁ ଆଖିଆଗରେ ରଖି ୨୫ତାରିଖ ଶନିବାର ହୋଇଥିବା ମୁକ୍ତିମଣ୍ଡପ ପଣ୍ଡିତସଭା କାର୍ଯ୍ୟକାରୀ ବୈଠକରେ ଏହି ଷୋଳ ଶାସନର ଅମୃତମଣୋହି ଭୋଗକୁ ୨୯ତାରିଖ ପରିବେର୍ତ୍ତେ ନଭେମ୍ବର ୩ ମଙ୍ଗଳବାର ଦିନ ହେବ ବୋଲି ସ୍ଥିର କରାଯାଇଛି । ଏହି ଅମୃତମଣୋହି ଭୋଗ ପ୍ରସାଦ ସୋମବାର ସନ୍ଧ୍ୟା ୭ ଘଟିକା ଠାରୁ ଶ୍ରୀମନ୍ଦିରର ନିର୍ମାଲ୍ୟଖଳାରେ ଜନସାଧରଣଙ୍କ ମଧ୍ୟରେ ବିତରଣ କରାଯିବ ବୋଲି ସୂଚନା ମିଳିଛି ।

## କନ୍ଧପଡ଼ିଆରୁ ଗଳିତ ଶବ ଉଦ୍ଧାର

**ଦଶପଲ୍ଲା,୨୭।୧୦/ଏନ୍‌ଏନ୍‌ଏସ୍:** ଦଶପଲ୍ଲା ଥାନା ନେଳିଗୋଡା ତୋଟାସାହି ନିକଟସ୍ଥ କନ୍ଧପଡିଆରେ ଥିବା ଖାଲ ମଧ୍ୟରୁ ପୁଲିସ ଜଣେ ଯୁବକଙ୍କ ଗଳିତ ଶବ ଉଦ୍ଧାର କରିଛି । ଯୁବକଙ୍କ ପରିଚୟ ମିଳି ନଥିବା ବେଳେ କେହି ତାଙ୍କୁ ହତ୍ୟାକରୀ ଏଠାରେ ପକାଇଥିବା ଆଲୋଚନା ହେଉଛି । ଶବଟି ୬ରୁ ୭ ଦିନ ତଳର ହୋଇଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ଦଶପଲ୍ଲା ଅଗ୍ନିଶମ ଅଧିକାରୀ ଦିଲୀପ କୁମାର ଦାଶଙ୍କ ନେତୃତ୍ୱରେ ଅଗ୍ନିକମାନେ ପହଞ୍ଚି ଶବକୁ ଖାଲରୁ ଉଦ୍ଧାର କରିଥିଲେ । ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ ଓ ଦଶପଲ୍ଲା ଥାନା ଆଇଆଇସି ବିନୟ ରଞ୍ଜନ ପରିଡା ପହଞ୍ଚି ତଦନ୍ତ କରିଛନ୍ତି ।

## ଆଇନ ସଚେତନତା ଶିବିର

**ପୁରୀ,୨୭।୧୦/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷା ତଥା ଜିଲ୍ଲା ଓ ଦୌରାଜଜ୍ ଅଜନ୍ତା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶ ଅନୁଯାୟୀ ପୁଲିସ ଉଚ୍ଚ ବିଦ୍ୟାଳୟ, ପୁରୀ ଠାରେ ଆଇନ ସେବା ପ୍ରାଧିକରଣ ତରଫରୁ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଆଜିର ଏହି କାର୍ଯକ୍ରମକୁ ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପରିତୋଷ କୁମାର ସେଠୀ ଉଦ୍ଘାଟନ କରିବା ସହ ଷ୍ଟୁଡେଣ୍ଟ ଲିଗାଲ ଲିଟରାସି କ୍ଲବ ମାନଙ୍କ ପାଇଁ ରହିଥିବା ଶିକ୍ଷା ଅଧିକାର ଆଇନ ବ୍ୟବସ୍ଥା ଉପରେ ଆଲୋଚନା କରିବା ସହ ଆଇନ ସେବା ପ୍ରାଧିକରଣ ଅନିୟମ ୧୯୮୭ରେ ଥିବା ବିଭିନ୍ନ ବିଧିବ୍ୟବସ୍ଥାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ, ନିଃଶୁଳ୍କ ଆଇନ ସେବା ଯୋଗ୍ୟ ହିତାଧିକାରୀ, ଲୋକଅଦାଲତ, ମଧ୍ୟସ୍ଥତା କେନ୍ଦ୍ର, ନ୍ୟାୟ ସଂଯୋଗ, ୧୫୧୦୦ ଏବଂ ସମୁଖ କାର୍ଯ୍ୟାଳୟ ବିଷୟରେ ଅବଗତ କରାଇବା ସହ ଆଇନ ସେବା କଣ ଏବଂ ଆଇନ ସେବା ପାଇବାପାଇଁ କେଉଁ କେଉଁମାନେ ଯୋଗ୍ୟ ସେହି ବିଷୟରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଯୋଗଦେଇଥିବା ପ୍ରଧାନଶିକ୍ଷକ, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ସେଠାକାର ଉପସ୍ଥିତ ଛାତ୍ର ଓ ଛାତ୍ରୀ ମାନଙ୍କୁ ଆଇନ ସେବା ପ୍ରାଧିକରଣ ତରଫରୁ ଧନ୍ୟବାଦ ଅର୍ପଣ ସହ ଆଇନ ସେବାର ଉପଯୋଗିତା ଓ ଉପଦେୟତାକୁ ଜନସାଧାରଣଙ୍କ ମଧ୍ୟରେ ପ୍ରଚାର କରିବା ସହ ଏହା କିପରି ଜନସାଧାରଣଙ୍କ ଉପଯୋଗୀ ହୋଇପାରିବ ଏଥିପାଇଁ ଆହ୍ୱାନ ଦେଇଥିଲେ । କାର୍ଯକ୍ରମକୁ ପରିଚାଳନା କରିବାରେ ପ୍ରାଧିକରଣର କର୍ମଚାରୀମାନେ ସହଯୋଗ କରିଥିଲେ ।

## ସାମୁଦ୍ରିକ ଝଡ଼କୁ ନେଇ ଚିନ୍ତାରେ ଧାନ ଚାଷୀ

**ଡେଲାଙ୍ଗ,୨୭।୧୦/ଏନ୍‌ଏନ୍‌ଏସ୍:** ସମ୍ଭାବ୍ୟ ସାମୁଦ୍ରିକ ଝଡ଼ 'ମୋନ୍ଥା'କୁ ନେଇ ଡେଲାଙ୍ଗ ବ୍ଲକର ଧାନଚାଷୀ ଏବେ ଚିନ୍ତାରେ ପଡ଼ିଯାଇଛନ୍ତି । ଡେଲାଙ୍ଗ ବ୍ଲକର ଶହଶହ ହେକ୍ଟର ଧାନ ଚାଷ କରାଯାଇଛି । କେତେକ ଚାଷୀଙ୍କ ଧାନ ଥୋଡ଼ୁଅ ଧରୁଥିବା ବେଳେ ଆଗରୁଆ ଧାନ ଗୁଡିକ ପାଚିବାକୁ ବସିଲେଣି । ଏବେ ବାତ୍ୟା ଆଶିବା ଖବର ପାଇ ଚାଷୀମାନେ କିପରି ତାଙ୍କ ଧାନ କ୍ଷେତକୁ ସୁରକ୍ଷିତ ରଖିବେ ତାହା ମୁଣ୍ଡ ବିନ୍ଧାର କାରଣ ପାଲଟିଛି । ସ୍ଥାନୀୟ ଅଞ୍ଚଳର ଚାଷୀମାନେ ମୁଣ୍ଡ ଝାଳ ତୁଣ୍ଡରେ ମାରି ବର୍ଷକର ଧାନ ଫସଲ ଉତ୍ପାଦନ କରିବା ଲକ୍ଷ ନେଇ ଧାନ ଚାଷ କରିଥିଲେ । ସାମୁଦ୍ରିକ ଝଡ ପ୍ରଭାବରେ ଉପକୂଳବର୍ତ୍ତୀ ଜିଲ୍ଲା ମାନଙ୍କରେ ପ୍ରବଳ ବର୍ଷା ଓ ପବନ ହେବାକୁ ଥିବା ବେଳେ ଏବେ ଠାରୁ ଚାଷୀମାନଙ୍କ ଫସଲ ସୁରକ୍ଷା ଚିନ୍ତା ବଢାଇଛି । ପବନ ହେବା ଦ୍ୱାରା ଧାନଗଛ ଗୁଡିକ ନଇଁ ଜାଇ ମାଟିରେ ଲାଗିଯିବ ଓ ଥୋଡ଼ୁଅ ଧରୁଥିବା ଧାନ ଅଗାଡି ହୋଇ ନଷ୍ଟ ହୋଇଯିବ । ଯାହା ଫଳରେ ଧାରକରଜ କରି ଚାଷ କରୁଥିବା କୃଷକ ଫସଲ ନଷ୍ଟର ଶିକାର ହେବ ।

## ୫୦ ହଜାର କୋଟି ଟଙ୍କାର ...

ବନ୍ଦର ସଂଘ (ଆଇପିଏ) ଦ୍ୱାରା ଆୟୋଜିତ ଉକ୍ତ ଆଇଏମ୍‌ଡବ୍ଲ୍ୟୁ କାର୍ଯ୍ୟକ୍ରମରେ ବିଶ୍ୱ ସାମୁଦ୍ରିକ କ୍ଷେତ୍ରର ଭବିଷ୍ୟତ ଏବଂ ଏଥିରେ ଭାରତର କ୍ରମବର୍ଦ୍ଧିଷ୍ଣୁ ନେତୃତ୍ୱ ଉପରେ ବିଚାର ବିମର୍ଶ କରାଯାଇଥିଲା । ଏଥିରେ ୧୦୦ରୁ ଅଧିକ ଦେଶର ପ୍ରତିନିଧି ସହ ନିର୍ଦ୍ଧାରକ, ଶିଳ୍ପ ବିଶେଷଜ୍ଞ, ବିଶେଷଜ୍ଞ ଓ ନିବେଶକମାନେ ଯୋଗ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ବନ୍ଦର ଓ ନୀଳ ଅର୍ଥନୀତି କ୍ଷେତ୍ରର ଅଧିକ ଗୁରୁତ୍ୱ ଦେବାର ବେଳ ଆସିଛି । ସେଥିପାଇଁ ଭିତ୍ତିଭୂମି ବିକାଶ କରାଯାଉଛି । ଆସିଥିବା ପ୍ରମୁଖ ଶିଳ୍ପ ପ୍ରତିନିଧିଙ୍କ ସହ ଏନେଇ ବିସ୍ତୃତ ଆଲୋଚନା ବି କରାଯାଇଛି । ଫଳରେ ଆଗାମୀ ଦିନରେ ଓଡ଼ିଶା ଦ୍ରୁତ ବିକାଶଶୀଳ ସାମୁଦ୍ରିକ ଏବଂ ଉପକୂଳୀୟ ଇକୋସିଷ୍ଟମର ସୁଫଳ ପାଇବାକୁ ଯାଉଛି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ପୂର୍ବ ଭାରତର ଏକ ଉଦୀୟମାନ ସାମୁଦ୍ରିକ କେନ୍ଦ୍ର ଭାବରେ ଉଭା ହୋଇଛି । ଓଡ଼ିଶାର ସାମୁଦ୍ରିକ ଶକ୍ତି ଶିଳ୍ପ ଏବଂ ଅର୍ଥନୈତିକ ଅଭିବୃଦ୍ଧିର ଏକ ନୂତନ ଯୁଗକୁ ଆଗେଇ ନେଉଛି । ରାଜ୍ୟର ସାମୁଦ୍ରିକ ରୋଡମ୍ୟାପ୍ ବାଣିଜ୍ୟ ଏବଂ ଲଜିଷ୍ଟିକ୍ସ ଠାରୁ ଅଧିକ । ବିଶେଷକରି ପର୍ଯ୍ୟଟନ, କ୍ରୁଜ୍ ବିକାଶ ଓ ବଙ୍ଗୋପସାଗର ଉପକୂଳରେ ନୀଳ ଅର୍ଥନୀତିର ବ୍ୟାପକ ସୁଯୋଗ ରହିଛି । ସେଥିପାଇଁ ପାରାଦୀପ, ଧାମରା, ଗୋପାଳପୁର ଏବଂ ସହ ଅସ୍ତରଙ୍ଗ, ଜଟାଧାରୀ ମୁହାଣ, ସୁବର୍ଣ୍ଣରେଖା ଓ ବାହୁଡ଼ା ଭଳି ନିର୍ମାଣଧୀନ ବନ୍ଦର ପରିଚାଳନା କ୍ଷମତାକୁ ବାର୍ଷିକ ୫୦୦ ନିୟୁତ ଟନକୁ ବୃଦ୍ଧି କରୁଛୁ । ୨୦୪୭ରେ ଏହି ଟାର୍ଗେଟ୍ ପୂରଣ ହେବ । ଏହି ପରିବର୍ତ୍ତନଶୀଳ ଯାତ୍ରାର ଅଂଶ ହେବାକୁ ନିବେଶକମାନଙ୍କୁ ରାଜ୍ୟ ପକ୍ଷରୁ ସ୍ୱାଗତ କରାଯାଇଛି ବୋଲି ଶ୍ରୀ ମାଝୀ ପ୍ରକାଶ କରିଛନ୍ତି ।ଏହି ଅବସରରେ ମୁମ୍ବାଇରେ ଭାରତ ମାରିଟାଇମ ସପ୍ତାହ ୨୦୨୫ କାର୍ଯ୍ୟକ୍ରମରେ ଓଡ଼ିଶା ମଣ୍ଡପ ପରିଦର୍ଶନ କରି ଅସାଧାରଣ ସାମୁଦ୍ରିକ ଯାତ୍ରାର ପ୍ରଭାବଶାଳୀ ପ୍ରଦର୍ଶନ ଦେଖିଥିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଏଠାରେ ସମୁଦ୍ରରେ ବାଣିଜ୍ୟ ଓ ସାଂସ୍କୃତିକ ଆଦାନ ପ୍ରଦାନକୁ ପ୍ରୋତ୍ସାହିତ କରାଯାଉଥିବା ବେଳେ ଦେଶରେ ବିଶ୍ୱସ୍ତରୀୟ ବନ୍ଦର, ଦୃଢ଼ ଭିତ୍ତିଭୂମି ଏବଂ ବ୍ଲୁ ଇକୋନୋମିରେ ନିବେଶର ଚିତ୍ର ପ୍ରଦର୍ଶନ କରାଯାଇଛି ।

## ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ପର୍ଯ୍ୟଟକଙ୍କ ଛଟ୍ ପୂଜା

**କୋଣାର୍କ,୨୭।୧୦/ଏନ୍‌ଏନ୍‌ଏସ୍:** ବିଶ୍ୱପ୍ରସିଦ୍ଧ ଅନ୍ତର୍ଜାତୀୟ ପର୍ଯ୍ୟଟନ କ୍ଷେତ୍ର କୋଣାର୍କ ଚନ୍ଦ୍ରଭାଗା ତ୍ରୀର୍ଥପୁଷ୍କରିଣୀ ଠାରେ ଆଜି ସୋମବାର ସୂର୍ଯ୍ୟ ଅସ୍ତ ଓ ସୂର୍ଯ୍ୟ ଉଦୟ ସମୟରେ ଛତିଶଗଡ଼, ବିହାର ଓ ଉତ୍ତର ପ୍ରଦେଶରୁ ଆସିଥିବା ଅନେକ ଶ୍ରଦ୍ଧାଳୁ ମାନଙ୍କ ଦ୍ୱାରା ସୂର୍ଯ୍ୟ ପୂଜା ତଥା 'ଛଟପୂଜା' ରୀତିନୀତି ଅନୁଯାୟୀ କରୁଥିବା ଦେଖିବାକୁ ମିଳିଥିଲା । ଅନୁରୂପ ଭାବେ କୋଣାର୍କ ଜବାହାର ନବୋଦୟ ବିଦ୍ୟାଳୟର ବିହାର, ଛତିଶଗଡ଼ର ଥିବା କେତେକ କର୍ମଚାରୀଙ୍କ ପରିବାର ପକ୍ଷରୁ ମଧ୍ୟ ତୀର୍ଥ ପୁଷ୍କରିଣୀରେ ଛଟ ପୂଜା କରିଥିଲେ । ପୌରାଣିକ ମାନ୍ୟତା ଅନୁଯାୟୀ ଏହି ଛଟ ପୂଜା ବ୍ରତ କାର୍ତ୍ତିକମାସ ଶୁକ୍ଳପକ୍ଷ ଷଷ୍ଠୀଦିନ ଠାରୁ ବିହାର ସମେତ ପୂର୍ବଭାରତରେ ଏକ ପ୍ରମୁଖ ପୂଜାଭାବେ ପାଳନ କରାଯାଇଥାଏ । ଶନିବାର ଠାରୁ ଆରମ୍ଭ ହୋଇ ମଙ୍ଗଳବାର ସକାଳେ ଶେଷ ହେବ । ଏହି ପୂଜା ନିମନ୍ତେ ପ୍ରଥମେ ବିଭିନ୍ନ ପ୍ରକାର ଫଳ ଓ ଖିରି ସେବନ କରି ସୂର୍ଯ୍ୟ ଦେବତାଙ୍କ ପୂଜାର୍ଚ୍ଚନା କରିବା ପରେ ୩୬ଘଣ୍ଟା ନିର୍ଜଳ ଉପବାସ ରହି ସୋମବାର ସନ୍ଧ୍ୟା ବେଳେ ଅସ୍ତଗାମୀ ସୂର୍ଯ୍ୟଙ୍କ ପୂଜା କରାଯାଇ ଅର୍ଘ୍ୟ ଅର୍ପଣ କରିଥାନ୍ତି । ମଙ୍ଗଳବାର ସକାଳେ ସୂର୍ଯ୍ୟ ଭଗବାନଙ୍କୁ ପୂଜା ପରେ ଛଟ ବ୍ରତ ଶେଷ ହୋଇଥାଏ । କୋଣାର୍କ ଚନ୍ଦ୍ରଭାଗା ତ୍ରୀର୍ଥ ପୁଷ୍କରିଣୀରେ ଛଟ ବ୍ରତକୁ ନେଇ



ଏପରି ସୂର୍ଯ୍ୟ ପୂଜା କରି ବହୁତ ଖୁସି ଅନୁଭବ କରୁଥିବା କୁହନ୍ତି ବ୍ରତଧାରୀ । ବିଶ୍ୱାସ ରହିଛି ଥରେ କୋଣାର୍କ ଚନ୍ଦ୍ରଭାଗା ତ୍ରୀର୍ଥପୁଷ୍କରିଣୀ ସ୍ନାନକରି ସୂର୍ଯ୍ୟ ପୂଜା କଲେ ଅନେକ ପୁଣ୍ୟ ଅର୍ଜନ ହୋଇଥାଏ ।

## ଆଜିର ଇତିହାସ

- ୧୬୨୭-ଆକବରଙ୍କ ପୁତ୍ର ଜାହାଙ୍ଗିରଙ୍କ ନିଧନ।
- ୧୮୫୧- ବଙ୍ଗରେ ବ୍ରିଟିଶ ଇଣ୍ଡିଆନ୍ ଆସୋସିଏସନ୍‌ର ସ୍ଥାପନା ହୋଇଥିଲା।
- ୧୯୫୮-ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସ୍‌ର ନେତା ଅଶୋକ ଚୌହାନଙ୍କ ଜନ୍ମଦିନ।
- ୧୯୬୩-ରିଜର୍ଭ ବ୍ୟାଙ୍କର ୨୪ତମ ଗଭର୍ଣ୍ଣର ଉର୍ଜିତ ପଟେଲ୍ ଜନ୍ମଗ୍ରହଣ କରିଥିଲେ।
- ୧୯୧୩-ଜୈନ ଶ୍ୱେତାମ୍ବର ତେରାପନ୍ଥୀ ସଭାର ସ୍ଥାପନା ହୋଇଥିଲା।

## ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** - ଦିନସାରା ତାଜା ଅନୁଭବ କରିବେ। ଆଖପାଖ ସକାରାତ୍ମକ ଉର୍ଜା ରହିବ। ଆଶାଠାରୁ ଅଧିକ ଧନ ଲାଭ ହେବ। ସୃଜନଶୀଳତାର ପ୍ରଶଂସା ହେବ। ଦାମ୍ପତ୍ୟ ଜୀବନେ ସୁଖ ବୃଦ୍ଧି ହେବ।

**ବୃଷ** - ଦିନଟି ଖୁବ୍ ଭଲ। ବ୍ୟାପାରରେ ଲାଭ ପାଇବେ। ନବ ବିବାହିତ ଦମ୍ପତିଙ୍କ ମଧ୍ୟରେ ମିଠାସ୍ ବଢ଼ିବ। ଅର୍ଥ ନେଣଦେଣରେ ସାବଧାନ ରୁହନ୍ତୁ। ଚାକିରି କରୁଥିବା ଲୋକମାନେ ପରିଶ୍ରମ ଅଧିକ କରିବେ।

**ମିଥୁନ** - ଆଜି ଉତ୍ସାହୀ ରହିବେ। ମନ ଦେଇ କାମ କରିବେ। ନୂଆ ଅନୁଭବ ମିଳିବ। ମାନସିକ ସମସ୍ୟା ଦୂର ହେବ। ମନ ପ୍ରସନ୍ନ ରହିବ। ସାମାଜିକ ସମ୍ମାନ ବଢ଼ିବ। ମିତ୍ରଙ୍କ ସହଯୋଗ ପାଇବେ।

**କର୍କଟ** - ଦିନଟି ଖୁବ୍ ଭଲ ପରିଣାମ ଦେବ। ବିଦ୍ୟାର୍ଥୀମାନେ ସଫଳ ହେବେ। ପରିଶ୍ରମ କରିବେ। ସହଯୋଗୀଙ୍କ ସାଥ୍ ମିଳିବ। ପରିବାର ସହିତ ପରିବେଶ ଆନନ୍ଦମୟ ରହିବ। ସହଯୋଗୀଙ୍କ ସାଥ୍ ପାଇବେ।

**ସିଂହ** - ଦିନଟି ଉତ୍ତମ ରହିବ। ସବୁ କାର୍ଯ୍ୟ ସଫଳ ହେବ। ସ୍ୱାସ୍ଥ୍ୟ ଖୁବ୍ ଭଲ ରହିବ। ବ୍ୟବସାୟ ବିସ୍ତାର ପାଇଁ କେହି ଜଣେ ପରାମର୍ଶ ଦେବେ। ସମାଜରେ ପ୍ରତିଷ୍ଠା ବଢ଼ିବ। ବାହନ ଚଲେଇବା ସମୟରେ ସାବଧାନ ରହିବେ।

**କନ୍ୟା** - ମିଶ୍ରିତ ଫଳ ପାଇବେ। ପରିବାର ମଧ୍ୟରେ ସନ୍ତୁଳନ ରହିବ। ବ୍ୟବସାୟ ବିସ୍ତାରର ସମ୍ଭାବନା ରହିଛି। ଆର୍ଥିକ ସ୍ଥିତି ମଜଭୁତ ରହିବ। ନୂଆ ବାହନ ମିଳିପାରେ। ଜୀବନସାଥିଙ୍କ ସହଯୋଗ ପାଇବେ।

**ତୁଳା** - ଦିନଟି ଅନୁକୂଳ ରହିବ। ବ୍ୟାପାରରେ ଅଟକିଥିବା ଯୋଜନା ଆରମ୍ଭ ହେବ। ସମୟ ଅନୁସାରେ କାର୍ଯ୍ୟ ପୂରା କରିବାକୁ ହେବ। ପ୍ରେମୀଙ୍କ ସହିତ ଡ୍ରାଇଭ୍‌ରେ ଯିବେ। ଘରୋଇ ମାମଲାର ସମାଧାନ କରିବେ।

**ବିଛା** - ଦିନଟି ଠିକ୍‌ଠାକ୍ ରହିବ। ଅକାରଣ ସମସ୍ୟାଗୁଡ଼ିକରୁ ଦୂରରେ ରହିବେ। ଧାର୍ମିକ ସ୍ଥଳରେ ସମୟ ବିତେଇବେ। ଯାତ୍ରା ଶୁଭ ହେବ। ଆତ୍ମମନ୍ଥନର ସମୟ। ପୁରୁଣା ସ୍ମୃତି ତାଜା ହେବ।

**ଧନୁ** - ଖୁସିରେ ଦିନଟି ଭରିଯିବ। ପରିବାର ସହିତ ଭ୍ରମଣର ଆନନ୍ଦ ନେବେ। ରାଜନେତାଙ୍କ ସହିତ ସମ୍ପର୍କ ଲାଭଦାୟକ ରହିବ। ଆତ୍ମବିଶ୍ୱାସ ଦ୍ୱାରା ଅଟକିଥିବା କାମ ପୂରା କରିବେ। ଭକ୍ତିଭାବରେ ମନ ଲାଗିବ।

**ମକର** - ଦିନଟି ଖୁବ୍ ଭଲ ରହିବ। ମନ ପ୍ରସନ୍ନ ରହିବ। ଅଟୋମୋବାଇଲ୍ ବ୍ୟବସାୟରୁ ଲାଭ ପାଇବେ। ଯାତ୍ରାରେ ଯାଇପାରନ୍ତି। ପ୍ରଶାସନିକ କ୍ଷେତ୍ରରୁ ଲାଭ ମିଳିବ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**କୁମ୍ଭ** - ଦିନଟି ଖୁବ୍ ଭଲରେ ବିତିବ। କୌଣସି ଲୋକଙ୍କୁ ସାହାଯ୍ୟ କରିବେ। ନୂଆ ସମ୍ପର୍କ ଯୋଡ଼ି ପାରିବେ। ଅଫିସ୍‌ରୁ ସାହାଯ୍ୟ ପାଇବେ। ସନ୍ତାନର କ୍ୟାରିୟରକୁ ନେଇ କଥାବାର୍ତ୍ତା କରିବେ। ପ୍ରେମୀଙ୍କ ପାଇଁ ଦିନଟି ଉତ୍ତମ।

**ମୀନ** - ମା'ଙ୍କୁ ଉପହାର ଦେଲେ ପ୍ରସନ୍ନତା ବଢ଼ିବ। ଅଟକିଥିବା କାମ ପୂରା କରିବେ। କହିବା ପରିବର୍ତ୍ତେ ଶୁଣନ୍ତୁ। ଲୋକମାନେ ଆପଣଙ୍କ କଥାରେ ପ୍ରଭାବିତ ହେବେ। କବି ଓ ଲେଖକମାନଙ୍କର ପ୍ରଶଂସା ହେବ।

## ଶ୍ରୀମଦ୍ ଭଗବଦ୍‌ଗୀତା



ଯେ ତୁ ଧର୍ମ୍ୟାମୃତମିଦଂ ଯଥୋକ୍ତଂ ପର୍ଯ୍ୟୁପାସତେ।
ଶ୍ରଦ୍ଦଧାନା ମତ୍ପରମା ଭକ୍ତାସ୍ତେତୀବ ମେ ପ୍ରିୟାଃ। (୧୨/୨୦)

ଯେଉଁମାନେ ଶ୍ରଦ୍ଧାବାନ ଓ ମତ୍‌ପରାୟଣ ହୋଇ ପୂର୍ବୋକ୍ତ ଅମୂଲ୍ୟତୁଲ୍ୟ ଧର୍ମର ଅନୁଷ୍ଠାନ କରନ୍ତି, ସେହି ଭକ୍ତିମାନ ଲୋକମାନେ ମୋର ଅତ୍ୟନ୍ତ ପ୍ରିୟ ଅଟନ୍ତି।

ଶ୍ରୀ ରାମକୃଷ୍ଣ କହନ୍ତି - ଦୁଇ ପ୍ରକାର ଭକ୍ତି ଅଛି। ବୈଦିକ ଭକ୍ତି ଓ ପ୍ରେମ ଭକ୍ତି। ଶାସ୍ତ୍ର ଅନୁଯାୟୀ କର୍ମ ଅନୁଷ୍ଠାନ ଓ ପୂଜାର୍ଚ୍ଚନା କରିବା, ଈଶ୍ୱରଙ୍କ ନାମ ଶାସ୍ତ୍ରରେ ଯେତିକି କୁହାଯାଇଛି ସେତିକି ଥର ଉଚ୍ଚାରଣ କରିବା, ଉପବାସ ଓ ପ୍ରାର୍ଥନା କରିବା, ତୀର୍ଥ ଯାତ୍ରା ଗମନ କରିବା, ବିଭିନ୍ନ ବସ୍ତୁ ସାହାଯ୍ୟରେ ପୂଜାର୍ଚ୍ଚନା ଅନୁଷ୍ଠାନ କରିବା ଇତ୍ୟାଦି ହେଉଛି ବୈଦିକ ଭକ୍ତି ପର୍ଯ୍ୟାୟଭୁକ୍ତ। ଏଗୁଡିକ ଆନ୍ତରିକ ଭାବରେ ନିର୍ବାହ କରୁ କରୁ ଭକ୍ତ ପ୍ରେମ, ଭକ୍ତି ନିକଟରେ ପହଞ୍ଚିଯାଏ, ଯେଉଁଠାରେ କୌଣସି ପ୍ରକାର ସାଂସାରିକ ଆସକ୍ତିର ସ୍ଥାନ ନାହିଁ। ଭକ୍ତ ପ୍ରେମରେ ଗଦ୍‌ଗଦ୍ ହେଇ ନିଜକୁ ଈଶ୍ୱରଙ୍କ ନିକଟରେ ସମର୍ପଣ କରିଦିଏ। ହୃଦୟଭରା ସମର୍ପଣକୁ ଈଶ୍ୱର ଗ୍ରହଣ କରନ୍ତି ଏବଂ ଭକ୍ତ ଈଶ୍ୱରଙ୍କ ସହିତ ଏକାକାର ହେଇଯାଏ।

# ମଶା ନଥିବା ଦେଶ

ଦୁନିଆରେ ଆଇସ୍‌ଲ୍ୟାଣ୍ଡ୍ ହେଉଛି ଏପରି ଏକ ଦେଶ ଯେଉଁଠାରେ ମଶା ଦେଖିବାକୁ ମିଳନ୍ତି ନାହିଁ। କିନ୍ତୁ ବିଶ୍ୱ ତାପାୟନ କାରଣରୁ ଏହି ଦେଶ କୀଟଙ୍କ ପାଇଁ ପୂର୍ବାପେକ୍ଷା ଅନୁକୂଳ ହୋଇଚାଲିଛି। ଏ ପର୍ଯ୍ୟନ୍ତ ଆଇସ୍‌ଲ୍ୟାଣ୍ଡ୍ ଦୁନିଆର ସେହି କିଛି ଦେଶମାନଙ୍କ ମଧ୍ୟରେ ସାମିଲ ଥିଲା ଯେଉଁଠାରେ ମଶା ଦେଖିବାକୁ ମିଳନ୍ତି ନାହିଁ। ଦ୍ୱିତୀୟ ସ୍ଥାନରେ ରହିଛି ଆଣ୍ଟାର୍କଟିକା। ତେବେ ବୈଜ୍ଞାନିକମାନେ ପୂର୍ବରୁ ଅନୁମାନ ଲଗାଇଥିଲେ ଯେ ଆଇସ୍‌ଲ୍ୟାଣ୍ଡ୍‌ରେ ମଧ ମଶା ଜନ୍ମ ନେଇପାରନ୍ତି। କାରଣ ସେଠିକାର ସନ୍ତସନ୍ତିଆ ଭୂମି ଓ ପୋଖରୀ ଯେପରି ସ୍ଥାନଗୁଡ଼ିକ ପ୍ରଜନନ ପାଇଁ ଉପଯୁକ୍ତ ହୋଇପାରେ। କିନ୍ତୁ କେତେକ ପ୍ରଜାତି ସେଠିକାର ଶୀତ ଜଳବାୟୁରେ ଜୀବିତ ରହିପାରନ୍ତି ନାହିଁ। ଏବେ ଆଇସ୍‌ଲ୍ୟାଣ୍ଡ୍‌ର ତାପମାନ ଉତ୍ତରୀ ଗୋଲାର୍ଦ୍ଧ ଅନୁପାତରେ ଚାରି ଗୁଣ ଦ୍ରୁତଗତିରେ ବୃଦ୍ଧିପାଇ ଚାଲିଛି। ସେଠାରେ ବରଫ ତରଳୁଛି ଓ ଦକ୍ଷିଣର ଗରମ କ୍ଷେତ୍ରର ମାଛଗୁଡ଼ିକ ଏବେ ସେଠିକାର ହ୍ରଦ ଓ ନଦୀରେ ଦେଖିବାକୁ ମିଳୁଛନ୍ତି। ପୃଥିବୀ ଗରମ ହେବା ସହିତ ମାଛଗୁଡ଼ିକର ପ୍ରଜାତି ଦୁନିଆର ଅଲଗା ଅଲଗା ଭାଗରେ ଦ୍ରୁତଗତିରେ ବୃଦ୍ଧି ପାଉଛନ୍ତି। ବ୍ରିଟେନ୍‌ରେ ଏ ବର୍ଷ ମିସ୍ରର ଏକ ମଶାର ଅଣ୍ଡା ମିଳିଥିବା ବେଳେ ଏସିଆନ୍ ଟାଇଗର ମଶାର ନମୁନା କେଣ୍ଟ୍ ଠାରେ ମିଳିଛି। ଏହି ବିପଦଜନକ ପ୍ରଜାତିଗୁଡ଼ିକ ଡେଙ୍ଗୁ, ଚିକନଗୁନିଆ ଓ ଜୀକା ଭାଇରସ୍ ପରି ବେମାରୀକୁ ବ୍ୟାପିବାରେ ସାହାଯ୍ୟ କରନ୍ତି। ତେବେ ଆଇସ୍‌ଲ୍ୟାଣ୍ଡ୍‌ର କୀଟ ବୈଜ୍ଞାନିକ ମାଥିୟସ୍ ଅଲ୍ ଫ୍ରେସନ୍ ସେଠାରେ ମଶାଗୁଡ଼ିକର ଅନ୍ୱେଷଣ କରିଥିବା ବିଷୟର ପୁଷ୍ଟି କରିଥିଲେ। ତାଙ୍କ ଅନୁସାରେ କ୍ୟୁଲିସେଟା ଆନୁଲଟା ପ୍ରଜାତିର ତିନୋଟି ମଶା ଦେଖିବାକୁ ମିଳିଛନ୍ତି ଯେଉଁଥିରୁ ଦୁଇଟି ମାଦା ଓ ଗୋଟିଏ ନର ଥିଲେ। ଏହି ମଶାମାନେ ଥଣ୍ଡା ସ୍ଥାନରେ ବି ଜୀବିତ ରହିପାରନ୍ତି। ଏମାନେ ଶୀତଦିନେ ଅଣ୍ଡରଗ୍ରାଉଣ୍ଡ୍ ଓ ଗୋଦାମଗୁଡ଼ିକର ଶରଣ ନେଇ ଦିନ କଟାଇ ଦିଅନ୍ତି।



# ଭଗିନୀ ନିବେଦିତା

୧୮୬୭ର ଆଜିର ଦିନରେ ଏକ କ୍ରାନ୍ତିକାରୀ ପରିବାରରେ ଜନ୍ମଗ୍ରହଣ କରିଥିଲେ ମାର୍ଗାରେଟ୍ ଏଲିଜାବେଥ୍ ନୋବ୍‌ଲ। ତାଙ୍କ ପରିବାର ଆୟରିସ୍ ସ୍ୱାଧୀନତା ସଂଗ୍ରାମରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ପିତା ଥିଲେ ଚର୍ଚ୍ଚରେ ଜଣେ ପାଦ୍ରୀ। ପିଲାଦିନରୁ ଶିକ୍ଷା କ୍ଷେତ୍ର ଓ ଲୋକମାନଙ୍କର ସେବାରେ ମାର୍ଗରେଟ୍‌ଙ୍କର ରୁଚି ରହିଥିଲା। ଏଥିପାଇଁ ଶିକ୍ଷା ସମାପ୍ତ କରିବା ପରେ ସେ ଏକ ସ୍କୁଲ୍‌ରେ ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟ କରିଥିଲେ। କିନ୍ତୁ ଦେଶ ଦୁନିଆରେ ତାଙ୍କ ପାଇଁ ରଖାଯାଇଥିଲା ବଡ଼ ବଡ଼ ଯୋଜନା। ୧୮୯୫ରେ ଲଣ୍ଡନ ଠାରେ ମାର୍ଗରେଟ୍‌ଙ୍କ ସାକ୍ଷାତ ହୋଇଥିଲା ସ୍ୱାମୀ ବିବେକାନନ୍ଦଙ୍କ ସହିତ। ତାଙ୍କ କଥାବାର୍ତ୍ତା ଓ ଦର୍ଶନ ଦ୍ୱାରା ସେ ଏତେ ପ୍ରଭାବିତ ହୋଇଗଲେ ଯେ ତାଙ୍କର ଶିଷ୍ୟା ହୋଇ କୋଲ୍‌କାତାକୁ ଆସିଥିଲେ। ସେହିଠାରେ ସ୍ୱାମୀ ବିବେକାନନ୍ଦ ତାଙ୍କୁ ନାମ ଦେଇଥିଲେ 'ନିବେଦିତା'। ଏହାପରେ ସେ ସ୍ୱାମିଜୀଙ୍କ ସହିତ ଅଲ୍‌ମୋଡ଼ା ଓ କାଶ୍ମୀର କ୍ଷେତ୍ରକୁ ବୁଲିବାକୁ ଗଲେ ଯେଉଁଠାରେ ସେ ଅନୁଭବ କରିଥିଲେ ଯେ ବ୍ରିଟିଶ ଶାସନର ଅନ୍ତ ହେଲେ ଭାରତର ମୁକ୍ତି ସମ୍ଭବ ହୋଇପାରିବ। ମାନବତା ପ୍ରତି ପ୍ରେମ ଓ ସ୍ୱତନ୍ତ୍ର ଭାରତର ବିଚାର ତାଙ୍କର ପ୍ରତି ଶବ୍ଦ ଓ କାର୍ଯ୍ୟରେ ପ୍ରତିବନ୍ଧିତ ହେଉଥିଲା। ୧୮୯୯ରେ କୋଲ୍‌କାତାରେ ପ୍ଲେଗ୍ ସମୟରେ ସେ ସେବା କାର୍ଯ୍ୟ ଚାଲୁ ରଖିଥିଲେ ଓ ପରେ ଏକ ବ୍ୟାପକ ଉଦ୍ଦେଶ୍ୟ ପାଇଁ ଇଂଲଣ୍ଡ ଚାଲିଗଲେ। ଏହାପରେ ସ୍କୁଲ୍ ପାଇଁ ଆବଶ୍ୟକ ଧନ ଏକତ୍ରିତ କରିବାକୁ ଏକ ବ୍ୟାଖ୍ୟାନ ଯାତ୍ରାରେ ସେ ଯାଇଥିଲେ ଆମେରିକାକୁ। ସେହିଠାରେ ସଂଗ୍ରାମୀ ବିପିନ ଚନ୍ଦ୍ର ପାଲ୍‌ଙ୍କ ସହିତ ସାକ୍ଷାତ ହୋଇଥିଲା। ଏହାପରେ ସେ ପୁଣି ଭାରତକୁ ଆସି ସ୍କୁଲ୍‌ଗୁଡ଼ିକରେ ସ୍ୱଦେଶୀ ଓ ଚରଖା ଆରମ୍ଭ କରିବା ସହିତ ସମାଚାର ପତ୍ର 'ବନ୍ଦେ ମାତରମ୍'କୁ ସାମିଲ କଲେ ଯାହା ସମୟ ସହିତ ଅପରାଧ ହୋଇଯାଇଥିଲା। ସ୍କୁଲ୍ ଶିକ୍ଷା ସହିତ ପ୍ରବୃଦ୍ଧ ଭାରତ ପରି ପ୍ରକାଶନଗୁଡ଼ିକ ପାଇଁ ସମ୍ପାଦକୀୟ ଲେଖନ ଓ ଅନ୍ୟ ପତ୍ରକାରିତା କାର୍ଯ୍ୟଗୁଡ଼ିକରେ ସେ ବ୍ୟସ୍ତ ରହିଲେ। ଏହା ସହିତ ଭାରତରେ କିଛି କ୍ରାନ୍ତିକାରୀ ପତ୍ରିକାର ଗୁପ୍ତ ବିତରଣ ଓ କ୍ରାନ୍ତିକାରୀଙ୍କୁ ଏକଜୁଟ କରିଥିଲେ ଯାହା ତାଙ୍କ ଜୀବନର ସଚ୍ଚା ସମର୍ପଣର ଏକ ଉଦାହରଣ ଥିଲା। ଆଗାମୀ ପିଢ଼ି ପାଇଁ ପ୍ରେରଣା ହୋଇଥିବା ଏହି ମହାନ କ୍ରାନ୍ତିକାରୀ ୧୩ ଅକ୍ଟୋବର, ୧୯୧୧ରେ ଅନ୍ତିମ ନିଃଶ୍ୱାସ ନେଇଥିଲେ।



# ଶାଗ, ଚିନି ଓ ଏହାର ରଙ୍ଗ

ଜାଣିଛନ୍ତି କି ଶାଗକୁ ସିଝେଇବା ବା ରାନ୍ଧିବା ସମୟରେ ଚିନି କାହିଁକି ମିଶାଯାଏ? ଏହି ଟ୍ରିକ୍‌କୁ ରେଷ୍ଟୁରାଣ୍ଟ୍‌ଗୁଡ଼ିକରେ ମଧ ଫଲୋ କରାଯାଏ। ଶୀତଦିନ ଆରମ୍ଭ ହୋଇଯିବ। ଏହି ଦିନଗୁଡ଼ିକରେ ବଜାରରେ ପାଳଙ୍ଗ, ବଥୁଆ, ସୋରିଷ ଓ କେତେ ପ୍ରକାରର ଶାଗ ଦେଖିବାକୁ ମିଳେ। ଘରମାନଙ୍କରେ ଶାଗରେ ତରକାରି, ପୁରି ଓ ଅନେକ ପ୍ରକାରର ଡିସେସ୍ ତିଆରି କରାଯାଏ। ଏହି ଶାଗଗୁଡ଼ିକୁ ସିଝେଇବା ଓ ତରକାରି କରିବା ସମୟରେ ଏଥିରେ ଏକ ଚୁଟ୍‌କି ଚିନି ମିଶାଯାଏ। କାରଣ ଶାଗ ରାନ୍ଧିବା ସମୟରେ ସବୁଜ ରଙ୍ଗ ଫିକା ପଡ଼ିଯାଏ। ତେଣୁ ଏଥିରେ ଏକ ଚୁଟ୍‌କି ଚିନି ପକାଇଲେ ଏହାର ରଙ୍ଗ ସେହିପରି ରହିବ। ରେଷ୍ଟୁରାଣ୍ଟ୍‌ରେ ତିଆରି କରାଯାଉଥିବା ଚଟଣି ବା ସୁପ୍‌ର ରଙ୍ଗ ସମ୍ପୂର୍ଣ୍ଣ ଭାବରେ ବ୍ରାଇଟ୍ ଗ୍ରୀନ୍ ହୋଇଥାଏ। ଅଳ୍ପ ଚିନି ପକେଇବା ଯୋଗୁ ଏହି ରଙ୍ଗ ଆସିଥାଏ। ଶାଗର ପିତାପଣ ସହିତ ଚିନି ସନ୍ତୁଳନ ରକ୍ଷା କରେ। ପାଳଙ୍ଗ ଓ ବଥୁଆ, ସୋରିଷ ଶାଗ ସ୍ୱାଦରେ ଅଳ୍ପ ପିତା ହୋଇଥିବାରୁ ଏଥିରେ ଅଳ୍ପ ଚିନି ମିଶେଇଲେ ଏଥିରେ ମିଠାପଣ ଆସିଯାଏ। ବିଶେଷ କରି ପାଳଙ୍ଗ ଶାଗକୁ ରାନ୍ଧିବା ପୂର୍ବରୁ ଦୁଇ ମିନିଟ୍ ଫୁଟେଇଦେଇ ପରେ ତୁରନ୍ତ ଥଣ୍ଡା ପାଣିରେ ଧୋଇ ଦିଆଯାଏ ଯାହାକୁ କୁହାଯାଏ କ୍ୱିକ୍ ବ୍ଲାଂଚିଙ୍ଗ୍। ଏପରି କରିବା ଦ୍ୱାରା ଶାଗର ବ୍ରାଇଟ୍ ଗ୍ରୀନ୍ ରଙ୍ଗ ସେହିପରି ରହିଯାଏ।

**ଲାଭ-** ଶାଗରେ ଆୟରନ୍, ଭିଟାମିନ୍ ଓ କ୍ୟାଲସିୟମ୍ ଭରପୂର ମାତ୍ରାରେ ଥାଏ ଯେଉଁଗୁଡ଼ିକ ଆମ ଶରୀର ପାଇଁ ବହୁତ ଜରୁରୀ ହୋଇଥାନ୍ତି। ଏଥିରେ ଗ୍ଲାଇସେମିକ୍ ଇଣ୍ଡେକ୍ସର ମାତ୍ରା କମ୍ ଥାଏ ଓ ମ୍ୟାଗ୍ନେସିୟମ୍‌ର ମାତ୍ରା ବହୁତ ଅଧିକ ଥାଏ ଯେଉଁ କାରଣରୁ ଏହା ସୁଗାର୍ ରୋଗୀମାନଙ୍କ ପାଇଁ ବହୁତ ଲାଭକାରୀ ହୋଇଥାଏ। ଭିଟାମିନ୍-କେ ସବୁ ପ୍ରକାରର ଶାଗରେ ଥାଏ ଯାହା ହାଡ଼ଜନିତ ରୋଗରୁ ମୁକ୍ତି ଦେଇଥାଏ। ମହିଳାମାନଙ୍କୁ ହିପ୍ କ୍ୟାନ୍ସର୍‌ରୁ ମଧ ଏହି ଭିଟାମିନ୍ ରକ୍ଷା କରେ।






# ଓଟିଟିରେ ଦେଖନ୍ତୁ ପଲିଟିକାଲ୍ ଥ୍ରୀଲର୍

ଓଟିଟି ପ୍ଲାଟ୍‌ଫର୍ମ ଜିଓହଟ୍‌ଷ୍ଟାରରେ ଏ ସମୟରେ ଏପରି ଏକ ଫିଲ୍ମ ଟ୍ରେଣ୍ଡ୍ କରୁଛି ଯେଉଁଗୁଡ଼ିକର ଆଇଏମ୍‌ଡିବି ରେଟିଂ ରହିଛି ଆଠ। ଏହା ଏକ ପଲିଟିକାଲ୍ ଥ୍ରୀଲର୍ ଫିଲ୍ମ ଯାହାର ପ୍ରଚାର ଅଧିକ ହୋଇଛି ହିନ୍ଦୀ ଭାଷାରେ। ତେବେ ଏହାର ସକାରାତ୍ମକ ରିଭ୍ୟୁଜରୁ ଏହି ଫିଲ୍ମଟିକୁ ହିନ୍ଦୀ ଭାଷାରେ ଲୋକମାନେ ଅଧିକ ପସନ୍ଦ କରିଛନ୍ତି ବୋଲି ଜଣାପଡ଼ିଛି। ଫିଲ୍ମଟିର ନାମ 'ଭଦ୍ରକାଳୀ'। ପ୍ରଥମେ ଫିଲ୍ମଟି ରିଲିଜ ହୋଇଥିଲା ସିନେମା ଘରଗୁଡ଼ିକରେ। ଏବେ ଏହା ଷ୍ଟ୍ରିମ୍ କରୁଛି ଓଟିଟି ପ୍ଲାଟ୍‌ଫର୍ମରେ। ଏହି ଫିଲ୍ମଟିର କାହାଣୀ ଏକ ସତ୍ୟ ଘଟଣା ଉପରେ ଆଧାରିତ ଯେଉଁଥିରେ ରହିଛି ଅନେକଗୁଡ଼ିଏ ଟ୍ୱିଷ୍ଟ୍।

**କାହାଣୀ-** କିଟ୍ଟୁ (ବିଜୟ ଆଣ୍ଟୋନୀ) ଏପରି ଜଣେ ବ୍ୟକ୍ତି ଯିଏ ସତ୍ତା ମଧ୍ୟରେ ଲୁଚି ରହିଥିବା ତାକତର ଅସଲ ମାଲିକ। ସେ ହେଉଛନ୍ତି ଜଣେ ମିଡିଏଟର୍ ଯିଏ ସେକ୍ରେଟେରିଏଟ୍‌ରେ ମିଳିଥିବା ନିଷ୍ପତ୍ତିର ଡ଼ୋର ସମ୍ଭାଳିଛନ୍ତି। ତାଙ୍କର ଏକ ନଜରରେ ଭିକାରି ବି କୋଟିପତି ହୋଇଯାଆନ୍ତି ଓ ଏହି କ୍ରମରେ ଜଣେ ଏସ୍‌ଆଇ କନଷ୍ଟେବଲ୍ ମଧ ହୋଇଯାଇଛନ୍ତି। ଜଣେ ରାଜନୈତିକ ରଣନୀତିକାର ଅଭୟଙ୍କର ଶଙ୍କର (ସୁନିଲ୍ କ୍ରିପାଲାନୀ)ଙ୍କ ସହିତ କିଟ୍ଟୁର ସାକ୍ଷାତ ହୁଏ। ଅଭୟଙ୍କର ଦେଶର ପରବର୍ତ୍ତୀ ରାଷ୍ଟ୍ରପତି ହେବା ଦୌଡ଼ରେ ରହିଛନ୍ତି। ଏହି ଟକ୍କର କିଟ୍ଟୁ ଉପରେ ନା ଅଭୟଙ୍କରଙ୍କ ଉପରେ ଭାରି ପଡ଼ିବ? ଏହା ମଧ୍ୟରେ ୬୨୩୬ କୋଟି ଟଙ୍କାର ଘୋଟାଲା ପୂରା ଦେଶକୁ ଦୋହଲେଇ ଦେଇଛି। ଏହି ରାଜନୈତିକ ଭ୍ରଷ୍ଟାଚାର, ସାମାଜିକ ଅନ୍ୟାୟ ଓ ସତ୍ତାର ସଂଘର୍ଷ ଉପରେ କାହାଣୀଟି ଆଧାରିତ। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଅରୁଣ ପ୍ରଭୁ। ଫିଲ୍ମଟି ଏକ ତାମିଲ୍ ଫିଲ୍ମ ଯେଉଁଥିରେ ବିଜୟ ଆଣ୍ଟୋନୀଙ୍କ ବ୍ୟତୀତ ଭାଗଇ ଚନ୍ଦ୍ରଶେଖର ଓ ତୃପ୍ତି ରବୀନ୍ଦ୍ରଙ୍କ ପରି କଳାକାରମାନେ ଅଛନ୍ତି।



# ଘରେ ପକ୍ଷୀବସା ଶୁଭ ସଂକେତ କି?

ଘର ଅଗଣାରେ ଯେତେବେଳେ କୌଣସି ଚଢ଼େଇ ଆସି ବସା ତିଆରି କରେ ଏହି ଦୃଶ୍ୟ ମନକୁ ଖୁବ୍ ଶାନ୍ତି ଦିଏ। ଚଢ଼େଇଙ୍କର କିଚିରିମିଚିରି ଶବ୍ଦ ନା କେବଳ ବାତାବରଣକୁ ଆନନ୍ଦମୟ କରିଥାଏ ଆମ ଜୀବନରେ ପ୍ରକୃତିର ଉପସ୍ଥିତିକୁ ମଧ ଅନୁଭବ କରାଇଥାଏ। କିନ୍ତୁ କିଛି ଲୋକ ଘରେ ଚଢ଼େଇ ବସା ଦେଖିଲେ ଚିନ୍ତିତ ହୋଇଯାଆନ୍ତି। ଏହାର କାରଣ ଘର ଅପରିଷ୍କାର ହୋଇଯାଏ। କିନ୍ତୁ ଶାସ୍ତ୍ର ଓ ବାସ୍ତୁ ଶାସ୍ତ୍ର ଅନୁସାରେ ଘରେ ପକ୍ଷୀମାନେ ବସା ବାନ୍ଧିଲେ ଶୁଭ ନା ଅଶୁଭର ସଂକେତ ସେ ବିଷୟରେ ଜାଣିବା। ଘରେ ପକ୍ଷୀମାନେ ବସା ବାନ୍ଧିବାର ଅର୍ଥ ଘରର ବାତାବରଣ ଶାନ୍ତ, ସୁରକ୍ଷିତ ଓ ସକାରାତ୍ମକ ଉର୍ଜାରେ ଭରି ରହିଛି। କାରଣ ଯେଉଁଠାରେ ପକ୍ଷୀମାନଙ୍କୁ ଶାନ୍ତି, ସୁରକ୍ଷିତ ଅନୁଭବ ମିଳେ ଏପରି ସ୍ଥାନରେ ସେମାନେ ବସା ବାନ୍ଧନ୍ତି। ସେଥିପାଇଁ ଘରେ ପକ୍ଷୀଙ୍କର ବସା ବାନ୍ଧିବା କେବଳ ଏକ ସଂଯୋଗ ନୁହେଁ ଏକ ଶୁଭ ସଂକେତ ବୋଲି କୁହାଯାଏ।







ଶୁଭ ପକ୍ଷୀ-ଘରଚଟିଆ ବସା କଲେ ବହୁତ ଶୁଭ ହୋଇଥାଏ। ଶାସ୍ତ୍ର ଅନୁସାରେ ମା'ଲକ୍ଷ୍ମୀ ସୁଖ, ଶାନ୍ତି ଓ ସମୃଦ୍ଧିର ସ୍ୱରୂପ। ଏମାନେ ଘରେ ରହିଲେ ସୁଖ, ଶାନ୍ତି ଓ ସମୃଦ୍ଧି ଆସେ। ଏମାନଙ୍କର କିଚିରିମିଚିରି ଶବ୍ଦ ଘରେ ସକାରାତ୍ମକ ଏନର୍ଜି ଭରିଦିଏ ଓ ନକାରାତ୍ମକତାକୁ ଦୂର କରେ। ଘରର ଅଗଣାରେ ଶୁଆ ରହିଲେ ଶୁଭ ସଂକେତ ବୋଲି କୁହାଯାଏ। ଶୁଆ ପ୍ରେମ, ସୌହାର୍ଦ୍ଦ୍ୟ ଓ ସୌଭାଗ୍ୟର ପ୍ରତୀକ। ଏହା ସହିତ ଶୁଆ ଜ୍ଞାନ ଓ ସକାରାତ୍ମକତା ବିଚାରଗୁଡ଼ିକର ଦ୍ୟୋତକ ବୋଲି କୁହାଯାଏ। ଏମାନେ ପ୍ରକୃତିର ଆଶୀର୍ବାଦ ବୋଲି ସଧାରଣରେ ମାନ୍ୟତା ରହିଛି।

ଅଶୁଭ ପକ୍ଷୀ-ପାରାମାନେ ଘରେ ବସା ବାନ୍ଧିଲେ ବାସ୍ତୁ ଦୋଷର କାରଣ ହୋଇଥାନ୍ତି। ଏମାନେ ହେଉଛନ୍ତି ନକାରାତ୍ମକ ଉର୍ଜା, ରୋଗ ଓ ଆର୍ଥିକ ପ୍ରତିବନ୍ଧର ସଂକେତ। ତେଣୁ ଘରୁ ପାରାମାନଙ୍କୁ ହଟାଇଦେବା ଉଚିତ। ସେହିପରି ବାଦୁଡ଼ିମାନେ ଘରେ ରହିଲେ ବହୁତ ଅଶୁଭ ଫଳ ମିଳେ। ଏମାନେ ଅନ୍ଧକାର, ଅଶୁଦ୍ଧତା ଓ ନକାରାତ୍ମକତାର ପ୍ରତୀକ। ଶାସ୍ତ୍ର ଅନୁସାରେ ଏମାନେ ଘରେ ରହିଲେ ଦୁର୍ଭାଗ୍ୟ ଓ କଳହ ବୃଦ୍ଧିପାଏ। ଘରେ ମହୁମାଛି ବସା ବାନ୍ଧିଲେ ମଧ ଶୁଭ ନୁହେଁ। ଏମାନେ ବିବାଦ, କଳହ ଓ ଆର୍ଥିକ ହାନି ସହିତ ଜଡ଼ିତ ଥାଆନ୍ତି। ବାସ୍ତୁ ଅନୁସାରେ ଏମାନଙ୍କୁ ଘରୁ ଦୂରେଇଦେବା ଉଚିତ।



# ଆନିମେସନ୍ ଓ ଏହାର ଇତିହାସ

କାହାଣୀ କହିବା ସହିତ ଚଳନ୍ତା ଛବିର ପ୍ରୟୋଗ ପ୍ରାଗୈତିହାସିକ କାଳରୁ ହୋଇଆସୁଛି। କିନ୍ତୁ ଆନିମେସନ୍ ବୋଲି ଯାହା ଆମେ କହୁଛନ୍ତି ତାହାର ଆରମ୍ଭ ହୋଇଥିଲା ଉନବିଂଶ ଶତାବ୍ଦୀରେ। ଏହାର ଆରମ୍ଭ ହୋଇଥିଲା ଯାଦୁର ଲଣ୍ଠନ ଓ ଜୋଇଟ୍ରୋପ୍ ପରି ଉପକରଣଗୁଡ଼ିକର ଆବିଷ୍କାର ଜରିଆରେ। ଆନିମେସନ୍ ଏପରି ଏକ କଳା ଯାହା ବ୍ୟାପାର ଜଗତରେ ବହୁତ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସହିତ ସାଧାରଣ ଜନତାଙ୍କ ଜୀବନକୁ ପ୍ରଭାବିତ କରିଥାଏ। ଡିଜିଟାଲ୍ ରଣନୀତି ଓ ମାର୍କେଟିଂର ଏହି ଯୁଗରେ ଦର୍ଶକମାନଙ୍କ ମଧ୍ୟରେ ପ୍ରଚାର ପାଇଁ ଇଣ୍ଟରନେଟ୍‌ରେ ବହୁତଗୁଡ଼ିଏ ଆନିମେସନ୍‌ର ଉପଯୋଗ କରାଯାଇଥାଏ। ଏହାର ଆବଶ୍ୟକତା ଏକ ଅସାଧାରଣ ସଂଚାର ମାଧ୍ୟମ ଭାବରେ ପ୍ରକଟ ହୋଇଛି ଯାହା ସନ୍ଦେଶକୁ ସଂପ୍ରେଷିତ କରିବା ଓ ଦର୍ଶକମାନଙ୍କ ସହିତ ସମ୍ବାଦ କରିବାରେ ସାହାଯ୍ୟ କରିଥାଏ। ତେବେ ଆନିମେସନ୍‌ର ଜନ୍ମକୁ ସମ୍ମାନ ଜଣାଇ ଏଏସ୍‌ଆଇଏଫ୍‌ଏ ୨୦୦୨ରେ ଅନ୍ତଃରାଷ୍ଟ୍ରୀୟ ଆନିମେସନ୍ ଦିବସର ସ୍ଥାପନା କରିଥିଲା। ଏଥିରେ ପ୍ରକ୍ଷେପିତ ଚଳନ୍ତା ଛବିଗୁଡ଼ିକୁ ପ୍ରଥମେ ସାର୍ବଜନିକ ପ୍ରଦର୍ଶନ ଭାବରେ ୨୮ ଅକ୍ଟୋବର, ୧୮୯୨ରେ ପ୍ୟାରିସ୍ ଠାରେ ଏମିଲ୍ ରେନୌଡ୍‌ଙ୍କ 'ଦ ଥିଏଟର ଅପ୍ଟିକ୍'ରେ ମାନ୍ୟତା ଦିଆଯାଇଥିଲା। ବ୍ୟବସାୟ ଭାବରେ ଆନିମେସନ୍‌କୁ ସହଜ ଓ ତ୍ୱରିତ ସଂଚାର ଭାବରେ ଉପଯୋଗ କରାଯାଏ। ରଙ୍ଗିନ୍ ଓ ରଚନାତ୍ମକ ଆନିମେଟେଡ୍ ଭିଡିଓର ଉପଯୋଗ ଦର୍ଶକମାନଙ୍କ ସହିତ ପ୍ରଭାବୀ ଢ଼ଙ୍ଗରେ ସମ୍ବାଦ କରିବା ପାଇଁ ନିର୍ମାତାମାନେ ବ୍ୟବହାର କରିଥାନ୍ତି। ଆନିମେସନ୍ ମନୋରଞ୍ଜନ ମାଧ୍ୟମରେ ଦର୍ଶକମାନଙ୍କୁ ଶିକ୍ଷା ଦେଇଥାଏ।



## କାର୍ତ୍ତିକ ପୂର୍ଣ୍ଣିମା ପ୍ରସ୍ତୁତି ବୈଠକ



**କଟକ,୨୭।୧୦/ଏନ୍‌ଏନ୍‌ଏସ୍:** ବ୍ରାହ୍ମଣସାହି ନଦୀୟା ସଂକୀର୍ତ୍ତନମଣ୍ଡଳୀ ପକ୍ଷରୁ କାର୍ତ୍ତିକ ପୂର୍ଣ୍ଣିମା ଓ ପଞ୍ଚୁକ ସଂକୀର୍ତ୍ତନ ସଫଳ କରିବା ପାଇଁ ସ୍ଥାନୀୟ ଅଭିରାମ ମଠରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହନ୍ତ ଭିକାରୀ ଦାସ ଅଧ୍ୟକ୍ଷତା କରିଥିଲେ । କୋଷାଧ୍ୟକ୍ଷ ମନୋରଞ୍ଜନ ପଣ୍ଡା ଆୟବ୍ୟୟ ହିସାବ ଉପସ୍ଥିତ କରିଥିଲେ । ଏହା ସର୍ବସମ୍ମତକ୍ରମେ ଗୃହୀତ ହୋଇଥିଲା । ଚଳିତ ବର୍ଷ ଚାରି ଦିନ ପଞ୍ଚୁକ ପଡୁଥିବା କାରଣରୁ ଆସନ୍ତା ୨ ତାରିଖରୁ ପ୍ରତ୍ୟେହ ସକାଳ ୫ଟାରେ ପ୍ରାତଃ ସଂକୀର୍ତ୍ତନ କାଠଯୋଡ଼ି ନଦୀକୂଳରୁ ସ୍ନାନ କରି ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଦେବାଦେବୀ ମନ୍ଦିରରେ ସଂକୀର୍ତ୍ତନ ପରିବେଷଣ କରିବେ । କାର୍ତ୍ତିକ ପୂର୍ଣ୍ଣିମା ଦିନ ସଂକୀର୍ତ୍ତନ ନଗର ପରିକ୍ରମା ସହ ସମୂହ ପ୍ରସାଦ ସେବନ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଗଲା । ଏହି ବୈଠକରେ ବ୍ରାହ୍ମଣସାହି ସଂକୀର୍ତ୍ତନମଣ୍ଡଳୀର ମୁଖ୍ୟ ପୃଷ୍ଠପୋଷକ ବୀରେନ୍ଦ୍ରପ୍ରତାପ ସ୍ୱାଇଁ ଓ ସାହିର ମୁରବୀ ଅସିତକୁମାର ମହାନ୍ତି, ସଞ୍ଜୟ କୁମାର ମହାନ୍ତି, ଲଲାଟେନ୍ଦୁ ପଟ୍ଟନାୟକ, ସଞ୍ଜୀବ କୁମାର ଜୀ, କମଲେଶ ମହାରଣା, ମଠାଧୀଶ ବ୍ରହ୍ମଚାରୀ ସମ୍ବିତ ଦାସ, ଅଧିକାରୀ ପ୍ରଦ୍ୟୁମ୍ନ ରାଓ, ମନୋରଞ୍ଜନ ଦାସ, ବିଜୟ କୁମାର ଦଲେଇ, ଦିଲ୍ଲୀପ ଜୀ, କାହ୍ନୁଚରଣ ବେହେରା, କିଶୋର ସିଂହ, ସୁଦର୍ଶନ ପଲେଇ, ଜୟକୃଷ୍ଣ ମହାରଣା ଓ ସମୀର ଦାସ ପ୍ରମୁଖ ଭୋଗଖିଆ ଭାଇ ଓ ସଂକୀର୍ତ୍ତନମଣ୍ଡଳୀ ସଦସ୍ୟମାନେ ଉପସ୍ଥିତ ଥିଲେ । କଟୁଆଳ ଗୋପାଳ ମହାରଣା ଧନ୍ୟବାଦ୍ ଦେଇଥିଲେ ।

### କଟକରେ ଛଟ୍ ପୂଜା

# କାଠଯୋଡ଼ି, ମହାନଦୀରେ ସନ୍ଧ୍ୟାର୍ଘ ଅର୍ପଣ

**କଟକ,୨୭।୧୦/ଏନ୍‌ଏନ୍‌ଏସ୍:** ଆଜି ପବିତ୍ର ଛଟ ପୂଜା କଟକରେ ଆନନ୍ଦ ଓ ଉଲ୍ଲାସରେ ପାଳିତ ହୋଇଯାଇଛି । କଟକ ସହରର ଉଭୟ ପାର୍ଶ୍ୱରେ ଥିବା ମହାନଦୀ ଓ କାଠଯୋଡ଼ି ନଦୀକୂଳରେ ଶହଶହ ବିହାରୀ ବ୍ରତଧାରୀ ମହିଳାମାନେ ବ୍ରତ ରଖି ସୂର୍ଯ୍ୟ ଦେବତାଙ୍କୁ ପୂଜାର୍ଚ୍ଚନା କରିଛନ୍ତି । ଆଜି ବ୍ରତଧାରୀମାନେ ଆଜି ଉପବାସ ରହି ସୂର୍ଯ୍ୟାସ୍ତର ପୂର୍ବରୁ ଦୁଇଘଣ୍ଟା କାଳ ପାଣିରେ ଛିଡ଼ା ହୋଇ ସନ୍ଧ୍ୟାଅର୍ଘ ଅର୍ପଣ କରିଥିଲେ । ଆସନ୍ତା କାଲି ସୂର୍ଯ୍ୟୋଦୟ ସମୟରେ ନଦୀ ଶଯ୍ୟାରେ ସୂର୍ଯ୍ୟାର୍ଘ ସାରି ବ୍ରତଧାରୀମାନେ ଘରକୁ ଫେରିବାପରେ ବ୍ରତ ଶେଷ କରିବେ ।



ସୂଚନାଯୋଗ୍ୟ ଗତ ଶନିବାର ଦିନ ଛଟ୍ ବ୍ରତଧାରୀମାନେ ନାହାଏ ଖାଏ ପାଳନ କରିଥିଲେ । ସେଦିନ ବିଭିନ୍ନ ନଦୀ, ପୋଖରୀ ଓ ଜଳାଶୟ ନିକଟରେ ଦାନ୍ତ ଘଷିବା ପରେ ଘରକୁ ଆସି ଗୋଟିଏ ବକତ ଅରୁଆ ଭାତ, ଚଣାଡାଲି, ଲାଉ ତରକାରୀ ଖାଇଥିଲେ । ରବିବାରରେ ବ୍ରତଧାରୀମାନେ ଖରନା ପାଳନ କରି ଦିନ ବେଳା ସମ୍ପୂର୍ଣ୍ଣ ଉପବାସ ରହି ରାତିରେ କେବଳ ରୁଟି, ଦେଶୀ ଘିଅ, କଦଳୀ ଓ ଗୁଡ଼ଖିରି ସେବନ କରିଥିଲେ । କଟକ ମହାନଗର ଛଟ ପୂଜା ସମିତି ପକ୍ଷରୁ ଚଳିତ ବର୍ଷ ମଧ୍ୟ 'ଛଟ ପୂଜା ସମାରୋହ ୨୦୨୫'ର ଆୟୋଜନ କରାଯାଇଛି । ପୁରୀଘାଟ ଦେବୀଗଡ଼ାଠାରେ ଏହି ସମାରୋହର ଆୟୋଜନ ହୋଇଥିଲା । ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ନଦୀପଠାରେ ଆସି ପୂଜାର୍ଚ୍ଚନା କରି ଅସ୍ତମିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରିଥିଲେ । ଯାହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ପରିମଳ, ଅଲୋକୀକରଣ, ସ୍ୱାସ୍ଥ୍ୟ ସେବା ଆଦିର ବନ୍ଦୋବସ୍ତ କରାଯାଇଥିଲା । ଏହି ପୂଜା ଲାଗି ଆଜି ବିହାରୀମାନଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖାଦେଇଥିଲା । ଆଜି କାଠଯୋଡ଼ି ଓ ମହାନଦୀକୂଳରେ ଛଟ ପୂଜା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା । ବହୁ ସଂଖ୍ୟକ ମହିଳାମାନେ ଶୋଭାଯାତ୍ରାରେ ଆସି ନଦୀକୂଳରେ ପୂଜାର୍ଚ୍ଚନା କରିଥିଲେ । ଫୁଲ, ଫଳ ଓ ଅର୍ଘ୍ୟ ଦେଇ ସୂର୍ଯ୍ୟ ଦେବତାଙ୍କୁ ପୂଜା କରିଥିଲେ । କାର୍ତ୍ତିକମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ବ୍ରତଧାରମାନେ ନିଜ ପରିବାରର ସୁଖଶାନ୍ତି ସମୃଦ୍ଧି ଲାଗି ଏହି ପୂଜା କରିଥାନ୍ତି । ଏହି ପୂଜା ନିମନ୍ତେ ବହାନୀଦ ଓ କାଠଯୋଡ଼ି ନଦୀକୂଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା । କାଠଯୋଡ଼ି ସ୍ଥିତ ଦେବୀଗଡ଼ାଠାରେ କଟକ ମହାନଗର ଛଟ ପୂଜା ସମିତି ପକ୍ଷରୁ ଛଟ ପୂଜାର ଆୟୋଜନ କରାଯାଇଥିଲା ।

### ଓଡ଼ିଶା ସାହିତ୍ୟ ଏକାଡେମୀ କର୍ମକର୍ତ୍ତା ନିଯୁକ୍ତି ମାମଲା

## ରାଜ୍ୟ ସରକାରଙ୍କୁ ଜବାବ ତଲବ କଲେ ହାଇକୋର୍ଟ

**କଟକ,୨୭।୧୦/ଏନ୍‌ଏନ୍‌ଏସ୍:** ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଓ ଉପସଭାପତି ନିଯୁକ୍ତି ତଥା ସାଧାରଣ ପରିଷଦ ଗଠନ ପାଇଁ ରୁଜୁ ହୋଇଥିବା ଜନସ୍ୱାର୍ଥ ମାମଲାର ପ୍ରାଥମିକ ଶୁଣାଣି କରି ହାଇକୋର୍ଟର ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି । ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାପତି ଏମ୍. ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ନଭେମ୍ବର ୨୪ ତାରିଖକୁ ଦିନ ଧାର୍ଯ୍ୟ କରିଛନ୍ତି । ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର ପ୍ରସାର ପାଇଁ ୧୯୫୭ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରତିଷ୍ଠିତ ହୋଇଥିଲା ।

ଏକାଡେମୀର ସମ୍ବିଧାନ ଅନୁସାରେ ରାଜ୍ୟ ସରକାର ସଭାପତି ଓ ଉପସଭାପତିଙ୍କୁ ନିଯୁକ୍ତ କରନ୍ତି । ଏକାଡେମୀର ସାଧାରଣ ପରିଷଦ ଗଠନରେ ମଧ୍ୟ ସରକାରଙ୍କ ପ୍ରମୁଖ ଭୂମିକା ରହିଛି । ୨୦୨୪ ମେ ୨୦ ତାରିଖରେ ପୂର୍ବତନ ସଭାପତି ଓ ଉପସଭାପତି ତାଙ୍କର କାର୍ଯ୍ୟକାଳ ପୂରା କରି ଅବ୍ୟାହତି ନେଇଥିଲେ ମଧ୍ୟ ରାଜ୍ୟ ସରକାର ଏଯାଏଁ ତାଙ୍କ ସ୍ଥାନରେ କାହାରିକୁ ନିଯୁକ୍ତ କରିନାହାନ୍ତି । ୨୦୨୩ ଜୁଲାଇ ମାସ ୨୦ ତାରିଖରେ ପୁରୁଣା ସାଧାରଣ ପରିଷଦର କାର୍ଯ୍ୟକାଳ ଶେଷ ହୋଇଥିଲେ ମଧ୍ୟ ନୂତନ ସାଧାରଣ ପରିଷଦ ଗଠନ ହୋଇନାହିଁ । ଏହାଫଳରେ ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇପାରୁନାହିଁ କିମ୍ବା ଏହାର ମୂଳ ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ । ଓଡ଼ିଶା ସାହିତ୍ୟ ଏକାଡେମୀ ଓଡ଼ିଆ ଅସ୍ମିତାର ପ୍ରତୀକ ହୋଇଥିଲେ ମଧ୍ୟ ସରକାରୀ ଅବହେଳାର ଶିକାର ହୋଇଛି । ଏହି ପରିପ୍ରେକ୍ଷୀରେ ଓଡ଼ିଶା ସାହିତ୍ୟ ଏକାଡେମୀକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ସଭାପତି ଓ ଉପସଭାପତି ପଦବୀରେ ତୁରନ୍ତ ନିଯୁକ୍ତି ସହିତ ସାଧାରଣ ପରିଷଦ ଗଠନ ନିମନ୍ତେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରି ଆଇନଜୀବୀ ପ୍ରବୀର କୁମାର ଦାସ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି । ଏହି ମାମଲାରେ ମୁଖ୍ୟ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି ।

## ସିଏମ୍‌ସିସ୍ତରୀୟ ସୁରଭି କାର୍ଯ୍ୟକ୍ରମ




**କଟକ,୨୭।୧୦/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ନେହରୁ ଉଚ୍ଚ ବିଦ୍ୟାପୀଠରେ କଟକ ମହାନଗର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସିଏମ୍‌ସି ଅନ୍ତର୍ଗତ ୧୮ଟି କ୍ଲଷ୍ଟରର ପ୍ରାୟ ୪୦ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ବକ୍ତୃତା, ସଂଗୀତ ଓ ନୃତ୍ୟ ଆଦି ପ୍ରତିଯୋଗିତା ହୋଇଥିଲା । ଏହି ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନେ ଜିଲ୍ଲାସ୍ତରରେ ହେବାକୁ ଥିବା ସୁରଭିରେ ଅଂଶଗ୍ରହଣ କରିବେ । ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ, ବ୍ଲକ ଶିକ୍ଷାଧିକାରୀ ମନିଷା ବିଶ୍ୱାଳ, ସଞ୍ଜୁବାଳା ମିଶ୍ର, ଅନନ୍ତ ଚରଣ ଦେହୁରି, ଚୁମୁକି ଗୁପ୍ତା, ହୃଷିକେଶ ସାହୁ ପ୍ରମୁଖ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିଲେ । ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ବାରବାଟୀ କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଷ ଓ ରବୀନ୍ଦ୍ର ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ । ଶୁଭସ୍ମିତା ମହାପାତ୍ରଙ୍କ ସମେତ ସମସ୍ତ କ୍ଲଷ୍ଟରର ସିଆରସିସିମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ସାଇବର୍ ଠକେଇ ମାମଲାରେ ଆଉ ଜଣେ ଗିରଫ

**କଟକ,୨୭।୧୦/ଏନ୍‌ଏନ୍‌ଏସ୍:** ଅନ୍‌ଲାଇନ୍ ଗେମ୍ ଦ୍ୱାରା ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସାଇବର ଠକେଇ ଘଟଣାରେ ଓଡ଼ିଶା କ୍ରାଇମବ୍ରାଞ୍ଚ ପୁଲିସ ପଶ୍ଚିମବଙ୍ଗ ରାଜ୍ୟରୁ ଆଉ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ପଶ୍ଚିମବଙ୍ଗ ରାଜ୍ୟ ନଦିଆ ଜିଲ୍ଲା ସୁକାନ୍ତପଲ୍ଲି ଗ୍ରାମର ସୁଗତ ମଜୁମଦାର (୨୯) । ଅଭିଯୁକ୍ତ ନିକଟରୁ ମୋବାଇଲ ଫୋନ୍, ସିମ ଓ ହାର୍ଡଡିସ୍କ ଆଦି ସାମଗ୍ରୀ ଜବତ କରିଛି । ଅଭିଯୁକ୍ତ ସୁଗତ ଜଣେ ଉଚ୍ଚଶିକ୍ଷିତ ଓ ସେ ଫ୍ରିଲାନ୍ସିଂ ଭିଡିଓ ଏଡିଟର୍ ଭାବେ କାର୍ଯ୍ୟ କରୁଥିବା ପୁଲିସ ସୂଚନା ଦେଇଛି । ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । କ୍ରାଇମବ୍ରାଞ୍ଚ ସୂଚନା ମୁତାବକ ଅନ୍‌ଲାଇନ୍ ଗେମ୍ ଖେଳି ଜନୈକ ବ୍ୟକ୍ତି ସାଇବର ଠକଙ୍କ ଦ୍ୱାରା ଠକେଇର ଶିକାର ହୋଇଥିବା ନେଇ ଅଭିଯୋଗ କରିଥିଲେ । ସାଇବର ଠକମାନେ ଉକ୍ତ ବ୍ୟକ୍ତିଙ୍କୁ ଅଧିକ ଲାଭର ଆଶା ଦେଖାଇ ଅନଲାଇନ ଗେମିଂ ପ୍ଲାଟଫର୍ମରେ ବ୍ୟବସାୟ କରିବାକୁ ପ୍ରବର୍ତ୍ତାଇଥିଲେ । ସେ ପାଖାପାଖି ଏକକୋଟି ଦଶଲକ୍ଷ ଟଙ୍କା ଉକ୍ତ ଅନଲାଇନ ଗେମ୍‌ରେ ନିବେଶ କରିଥିଲେ । ପ୍ରାରମ୍ଭିକ କ୍ଷତି ପରେ ସେ ଅଧିକ ନିବେଶ କରିବାକୁ ରାଜି ହୋଇଥିଲେ । ତେବେ ସେ ଟଙ୍କା ଉଠାଇବା ପାଇଁ ଚେଷ୍ଟା କରିବା ସମୟରେ ଟଙ୍କା ଉଠାଇ ନ ପାରିବାରୁ ସେ କ୍ରାଇମବ୍ରାଞ୍ଚରେ ଏତଲା ଦେଇଥିଲେ । ପୂର୍ବରୁ ଏହି ମାମଲାରେ କ୍ରାଇମବ୍ରାଞ୍ଚ ୨ ଜଣ ଅଭିଯୁକ୍ତକୁ ଗିରଫ କରିଛି । ମାମଲାର ତଦନ୍ତ ଜାରି ରହିଥିବା ଜଣାପଡ଼ିଛି ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସାଧୁତାର ଶପଥ ପାଠ



**କଟକ,୨୭।୧୦/ଏନ୍‌ଏନ୍‌ଏସ୍:** ଦୁର୍ନୀତି ନିବାରଣ ସପ୍ତାହ -୨୦୨୫ ପାଳନ ଅବସରରେ ଆଜି ପୂର୍ବାହ୍ନ ୧୧ଟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷଠାରେ ଅତିରିକ୍ତ ଜିଲ୍ଲାପାଳ ଡଃ ଦିବ୍ୟଲୋଚନ ମହନ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନଙ୍କୁ ନାଗରିକଙ୍କ ନିମନ୍ତେ ଉଦ୍ଦିଷ୍ଟ ସାଧୁତାର ଶପଥପାଠ କରାଇଛନ୍ତି । ଶପଥପତ୍ରରେ ଦେଶର ଆର୍ଥିକ, ରାଜନୈତିକ ଏବଂ ସାମାଜିକ ପ୍ରଗତି ପଥରେ ଦୁର୍ନୀତି ହିଁ ସବୁଠାରୁ ବଡ଼ ପ୍ରତିବନ୍ଧକ ବୋଲି ଉଲ୍ଲେଖ ରହିଛି । ଏଥିସହ ଦୁର୍ନୀତିର ମୂଳୋତ୍ପାଟନ ନିମନ୍ତେ ସମସ୍ତ ଅଂଶୀଦାର ଯଥା ସରକାର, ନାଗରିକ ସମୁଦାୟ ଓ ଘରୋଇ କ୍ଷେତ୍ର ଏକତ୍ର ହୋଇ କାର୍ଯ୍ୟ କରିବା ଆବଶ୍ୟକ । ପ୍ରତ୍ୟେକ ନାଗରିକ ସବୁ ସମୟରେ ସତର୍କତାର ସହିତ ସର୍ବାଧିକ ସାଧୁତା ଓ ସତ୍ୟନିଷ୍ଠାରେ ପ୍ରତିବଦ୍ଧ ରହି ଦୁର୍ନୀତି ବିରୁଦ୍ଧରେ ସଂଗଠିତ ସଂଗ୍ରାମକୁ ସମର୍ଥନ କରିବା ଆବଶ୍ୟକ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି ଶପଥପାଠ କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବହୁ ସଂଖ୍ୟାରେ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ଅକ୍ଟୋବର ୨୭ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯିବା ନିମନ୍ତେ କେନ୍ଦ୍ରୀୟ ଦୁର୍ନୀତି ନିବାରଣ ଆୟୋଗ ସ୍ଥିରୀକୃତ କରି ଏ ସମ୍ବନ୍ଧରେ ରାଜ୍ୟ ସରକାରଙ୍କୁ ଅବଗତ କରାଇଛନ୍ତି । ତଦନୁଯାୟୀ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତ୍ୟେକ ଜିଲ୍ଲାରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ ହେବା ସହ ଚଳିତବର୍ଷର ବିଷୟବସ୍ତୁ 'ଦୁର୍ନୀତି ନିବାରଣ: ଆମ ସାମୁହିକ ଦାୟିତ୍ୱ'କୁ ଆଧାରକରି କଟକରେ ଆସନ୍ତା ୧ ତାରିଖ ପୂର୍ବାହ୍ନ ୧୧ଟା ରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସାଧାରଣ ସଭା ଆୟୋଜନ କରାଯିବ ।

## ନବଯୁଗ ସାହିତ୍ୟ ସଂସଦର ପକ୍ଷରୁ ଆଲୋଚନାଚକ୍ର

**କଟକ,୨୭।୧୦/ଏନ୍‌ଏନ୍‌ଏସ୍:** ସାରସ୍ୱତ ଅନୁଷ୍ଠାନ ନବଯୁଗ ସାହିତ୍ୟ ସଂସଦରେ କବିତା ଆସର ଏବଂ ସାରସ୍ୱତ ସାଧକ ଭଗବତୀ ଚରଣ ପାଣିଗ୍ରାହୀଙ୍କ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଆଇନଜୀବୀ ଅମରେନ୍ଦୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରର ମୁଖ୍ୟ ଅତିଥି ସମ୍ପର୍କ ସାହିତ୍ୟ ସଂସଦ ସଭାପତି କୈଳାସ ଜେନା ଓ ମୁଖ୍ୟବକ୍ତା ଭାବେ ଶ୍ରାବଣୀ ସାହିତ୍ୟ ସଂସଦର ସଭାପତି ଉଦୟ କେଶରୀ ବର୍ମା ଯୋଗଦେଇ ଭଗବତୀଙ୍କ ଆଦର୍ଶ ତଥା ସାହିତ୍ୟ, ଉପନ୍ୟାସ, କବିତା କ୍ଷେତ୍ରରେ ଜଗତକୁ ବାସ୍ତବ ବାର୍ତ୍ତାର ପ୍ରେରଣା ସମ୍ପର୍କରେ ଆଲୋକପାତ କରିଥିଲେ । କବି କ୍ଷୀରୋଦ ବିଶ୍ୱାଳଙ୍କ ସଂଯୋଜନାରେ ଅଭୟ ପଟ୍ଟନାୟକ, ଆଦିତ୍ୟ ଦାସ, ପ୍ରଭାକର ଦାସ, ରମେଶ ନାୟକ, ଛବିରାମ ସେଠୀ, ସୁନୀ ଦାସ ଓ ବ୍ରଜବନ୍ଧୁ ପୃଷ୍ଟି ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ଆୟୋଜକ ବିନୋଦ କୁମାର ବେହେରା ସ୍ୱାଗତ ଭାଷଣ ଓ ଧନ୍ୟବାଦ ଦେଇଥିଲେ । ମିହିର ବିଶ୍ୱାଳ କବିତା ପାଠୋତ୍ସବକୁ ପରିଚାଳନା କରିଥିଲେ ।

### କାର୍ତ୍ତିକ ମାସର ତୃତୀୟ ସୋମବାର

## ବଡ଼ସିଂହାର ବେଶରେ ଦର୍ଶନ ଦେଲେ ପ୍ରଭୁ ଧବଳେଶ୍ୱର

**ଗୁରୁଡ଼ିଝଟିଆ,୨୭।୧୦/ଏନ୍‌ଏନ୍‌ଏସ୍:** କାର୍ତ୍ତିକ ମାସର ତୃତୀୟ ସୋମବାରରେ ରାଜ୍ୟର ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ ଧବଳେଶ୍ୱରଙ୍କ ପୀଠରେ ପ୍ରାୟ ୧୫ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଛି । ସୋମବାର ରାତି ୩ଟାରୁ ପହୁଡ଼ ଫିଟାଯିବା ପରେ ଠାକୁରଙ୍କର ମଙ୍ଗଳ ଆଳତୀ କରିବା ପରେ ପଞ୍ଚାମୃତରେ ସ୍ନାନ କରାଯାଇଥିଲା । ଏହା



ପରେ ନଦୀରୁ ଜଳ ଆଣିବା ସହ ୧୦୮ ଗରାରେ ଫୁଲ, ଚନ୍ଦନ, ଅଗୁରୁ, ମହୁ ଇତ୍ୟାଦି ସୁବାସିତ ଜଳରେ ପ୍ରଭୁଙ୍କର ମହାସ୍ନାନ କରାଯିବା ପରେ ମଙ୍ଗଳ ଆଳତି କରାଯାଇଥିଲା । ଭୋର ୪ଟା ୪୫ରେ ବାବାଙ୍କ ପାଖରେ ଖେଚୁଡ଼ି ଭୋଗ ଲାଗି କରାଯିବା ପରେ ବିଭିନ୍ନ ପ୍ରକାରର ସୁବାସିତ ଫୁଲ ଫଳ ଓ ପଇଡ଼ରେ ପ୍ରଭୁ ଧବଳେଶ୍ୱରଙ୍କୁ ବଡ଼ସିଂହାର ବେଶରେ ସଜାଯାଇଥିଲା । ଦିନ ପ୍ରାୟ ୯ଟାରେ ଠାକୁରଙ୍କର ମଙ୍ଗଳ ଆଳତୀ କରାଯାଇ ଖେଚୁଡ଼ି, ଅନ୍ନ, ଡାଲମା, ଖଟା, ଖିରି ଇତ୍ୟାଦି ଶଙ୍ଖୁଡ଼ି ଭୋଗ ଲାଗି କରାଯାଇଥିଲା । ରବିବାର ପୀଠରେ ପ୍ରାୟ ୨୫ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖାଯାଇଥିବା ବେଳେ ସାମ୍ଭାବ୍ୟ ବାତ୍ୟା, ଝଡ଼ ତୋଫାନ୍ ପାଇଁ ସୋମବାର ଦିନ ପୀଠରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା କମିଯାଇଥିଲା ବୋଲି ପୂଜକ ସମାଜ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଦିନ ତମାମ୍ ମନ୍ଦିରରେ ଶ୍ରଦ୍ଧାଳୁମାନଙ୍କର ଗହଳି ଲାଗି ରହିଥିବା ବେଳେ ପୂଜକ ସମାଜ ପକ୍ଷରୁ ସହଯୋଗ କରାଯାଇଥିବା ବେଳେ ପୁଲିସ୍ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ଗୁରୁଡ଼ିଝଟିଆ ଥାନା ଅଧିକାରୀ ତପନ କୁମାର ପତି, ଧବଳେଶ୍ୱର ଫାଣ୍ଡି ଅଧିକାରୀ ଗିରିଶ୍ କୁମାର ମହାନ୍ତି ଓ ଦେବୋତ୍ତର ବିଭାଗର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ପରିଚାଳନାରେ ସହଯୋଗ କରିଥିଲେ ।

## ଲାୟନ୍ସ କ୍ଲବ ପକ୍ଷରୁ ଚାର୍ଟର ନାଇଟ୍ ଉତ୍ସବ

**କଟକ,୨୭।୧୦/ଏନ୍‌ଏନ୍‌ଏସ୍:** ଲାୟନ୍ସ କ୍ଲବ୍ ଅଫ୍ କଟକ ମହାନଦୀର ଚାର୍ଟର ନାଇଟ୍ ଉତ୍ସବ ଦୋଳମୁଣ୍ଡାଇଠାରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ଲାୟନ୍ସ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର୍ ଲାୟନ୍ ମମତା ଦାସ ମୁଖ୍ୟଅତିଥି, ବିକାଶ ନାୟକ ଓ ଅଶୋକ କୁମାର ମହାନ୍ତି ସମ୍ମାନିତ ଅତିଥିରୂପେ ଯୋଗ ଦେଇଥିଲେ । ଅମୀତା ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନୂତନ ସଭ୍ୟମାନଙ୍କର ଶପଥପାଠ କରାଇଥିଲେ । ଏହି ସଭାରେ ଚାର୍ଟର କମିଟି ଚେୟାରମ୍ୟାନ୍ ଅମରେନ୍ଦ୍ର ନାଥ ବାରିକ ସ୍ୱାଗତ ଭାଷଣ ଦେଇଥିଲେ । ସମ୍ପାଦକ ହରିହର




ସେନ୍ କ୍ଲବର ବହୁବିଧ ସେବାମୂଳକ କାର୍ଯ୍ୟସମୂହର ବିଶଦ୍ ବିବରଣୀ ପ୍ରଦାନ କରିଥିଲେ । ଏହି ଉତ୍ସବରେ କ୍ଲବ୍ ସଭାପତି ଜଗନ୍ନାଥ ଜେଠୀ ସଭାପତିତ୍ୱ କରିଥିଲେ । ଉପସଭାପତି ରାମ ପ୍ରସାଦ ନନ୍ଦ ଧନ୍ୟବାଦ୍ ଦେଇଥିଲେ ।

## ମହାନଦୀକୁ ଡେଇଁ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

**କଟକ,୨୭।୧୦/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଯୋବ୍ରା ବ୍ୟାରେଜ୍‌ରୁ ମହାନଦୀକୁ ଡେଇଁ ପଡ଼ିଥିବା ଜଣେ ମହିଳା ଆତ୍ମହତ୍ୟା ଉଦ୍ୟମ କରିଥିଲା ବେଳେ ତାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ସୂଚନା ମୁତାବକ, ବକ୍ସିବଜାର ବେପାରୀ ସାହିର ମାହେଶ୍ୱରୀ ପାଣ୍ଡେ (୩୭) ଯୋବ୍ରା ବ୍ୟାରେଜରୁ ମହାନଦୀକୁ ଡେଇଁ ପଡ଼ିଥିବା ବେଳେ ତୁରନ୍ତ ସ୍ଥାନୀୟ ଲୋକଙ୍କ ଠାରୁ ଖବରପାଇ ଚାଉଳିଆଗଞ୍ଜ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚିଥିଲା । ତେବେ ଏହା ପୂର୍ବରୁ ସ୍ଥାନୀୟ ମତ୍ସ୍ୟଜୀବୀମାନେ ମହିଳାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ । ଅଗ୍ନିଶମ ବାହିନୀ ସ୍ଥାନୀୟ ବାସିନ୍ଦାଙ୍କ ସହିତ ତୁରନ୍ତ ମହିଳାଙ୍କ ପରିବାର ସଦସ୍ୟ ଓ ସ୍ଥାନୀୟ ପୁଲିସକୁ ଖବର ଦେଇଥିଲେ । ଏହାପରେ ମହିଳାଙ୍କୁ ଡାକ୍ତରଖାନାକୁ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି ।

### ପୁଲିସ୍ ଏସ୍‌ଆଇ ପରୀକ୍ଷା ଜାଲିଆତି

## ସିବିଆଇ ତଦନ୍ତ ଆବେଦନ ମାମଲାର ଅନ୍ତ ଘଟାଇଲେ ହାଇକୋର୍ଟ

**କଟକ,୨୭।୧୦/ଏନ୍‌ଏନ୍‌ଏସ୍:** ହାଇକୋର୍ଟରେ ପୁଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାର ଆଜି ଶୁଣାଣି ହୋଇଥିଲା । ଶୁଣାଣି ସମୟରେ ସିବିଆଇ ତଦନ୍ତ ନେଇ ସରକାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରିଥିବା ସମ୍ପର୍କରେ ଆଡ଼ଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ହାଇକୋର୍ଟକୁ ଅବଗତ କରିଥିଲେ । ଏହି ବିଜ୍ଞପ୍ତି ବିଷୟରେ ଅବଗତ ହେବା ପରେ ହାଇକୋର୍ଟ ମାମଲାର ଅନ୍ତ ଘଟାଇଛନ୍ତି । ସୂଚନା ଯୋଗ୍ୟ, ବହୁ ଚର୍ଚ୍ଚିତ ପୁଲିସ ଏସ୍‌ଆଇ ଜାଲିଆତି ମାମଲାକୁ କ୍ରାଇମବ୍ରାଞ୍ଚ ତଦନ୍ତ କରୁଥିଲାବେଳେ ସିବିଆଇ ତଦନ୍ତ ଦାବିରେ ଏକ ଜନସ୍ୱାର୍ଥ ମାମଲା ହାଇକୋର୍ଟରେ ଦାୟର ହୋଇଥିଲା । ଆଇନଜୀବୀ ଶିବଶଙ୍କର ମହାନ୍ତି ଏହି ଜନସ୍ୱାର୍ଥ ମାମଲା ଦାୟର କରିଥିଲେ । ଏହି ପରୀକ୍ଷାରେ ଏକ ବଡ଼ ଧରଣର ଜାଲିଆତି ହୋଇଥିବାବେଳେ ଏଥିରେ ଆନ୍ତଃ ରାଜ୍ୟ ସମ୍ପୃକ୍ତି ରହିଥିବା ସନ୍ଦେହ କରି ଏହି ମାମଲା ଦାୟର ହୋଇଥିଲା । ଏହି ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚର ଜଣେ ଡିଏସପି ର୍‍ୟାଙ୍କର ଅଧିକାରୀ କରୁଥିଲେ । କିନ୍ତୁ ଏହି ସ୍କାମ୍‌ର ତଦନ୍ତ ସିବିଆଇ ତଦନ୍ତ କଲେ ସେ ଘଟଣାର ମୂଳ ପର୍ଯ୍ୟନ୍ତ ପହଞ୍ଚି ପାରିବେ ବୋଲି ମାମଲାରେ ଦର୍ଶାଯାଇଥିଲା । ଏହି ମାମଲାରେ ଗୃହ ସଚିବ ଓପିଆର୍‌ବି ଅଧ୍ୟକ୍ଷ ଓ ପୁଲିସ ଡିଜିଙ୍କୁ ପକ୍ଷଭୁକ୍ତ କରାଯାଇଥିଲା । ବର୍ତ୍ତମାନ ସୁଦ୍ଧା ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ କ୍ରାଇମବ୍ରାଞ୍ଚ ୧୨୩ ଜଣକୁ ଗିରଫ କରିଥିବାବେଳେ ରାଜ୍ୟ ସରକାର ଘଟଣାର ତଦନ୍ତ ଭାର ସିବିଆଇକୁ ହସ୍ତାନ୍ତର କରିଛନ୍ତି । ସୋମବାର ଶୁଣାଣି ବେଳେ ସିବିଆଇ ତଦନ୍ତ ନେଇ ସରକାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରିଛନ୍ତି ବୋଲି ଆଜି ଶ୍ରୀ ଆଚାର୍ଯ୍ୟ ହାଇକୋର୍ଟକୁ ଅବଗତ କରିଥିଲେ । ଏହି ବିଜ୍ଞପ୍ତି ବିଷୟରେ ଅବଗତି ହେବା ପରେ ହାଇକୋର୍ଟ ଆଜି ମାମଲାର ଅନ୍ତ ଘଟାଇଛନ୍ତି ।

### ଧରାପଡ଼ିଲା ବେଆଇନ ଲଟେରି ଖେଳ

## ବିଭିନ୍ନ ସାମଗ୍ରୀ ଜବତ, ୧୫ ଗିରଫ

**କଟକ,୨୭।୧୦/ଏନ୍‌ଏନ୍‌ଏସ୍:** ଚାଉଳିଆଗଞ୍ଜ ଥାନା ପୁଲିସ ବେଆଇନ ଲଟେରି ଖେଳ କରିବା ଅଭିଯୋଗରେ ୧୫ ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତମାନେ କଟକ, ପୁରୀ, ଭୁବନେଶ୍ୱର, ଢେଙ୍କାନାଳ, ଜଗତସିଂହପୁର, କଳାହାଣ୍ଡି, ଯାଜପୁର ଆଦି ଜିଲ୍ଲାର ଅଧିବାସୀ ହୋଇଥିବା ବେଳେ କଟକ ଓ ଭୁବନେଶ୍ୱରରେ ରହିଆସୁଥିବା ପୁଲିସ ଜାଣିବାକୁ ପାଇଛି । ଅଭିଯୁକ୍ତମାନେ ହେଲେ ରାଣୀହାଟ ତେଲିସାହିର ଶୁକନାଥ ବେହେରା(୩୩), ଗୋର୍ଖା କଲୋନୀର ବାବୁ ନାୟକ(୩୬), ଜଗତସିଂହପୁର ଜିଲ୍ଲା ରହଣାର ତ୍ରିନାଥ ପ୍ରଧାନ(୪୯), ଯାଜପୁର ଜିଲ୍ଲା ଡେରାକୁଣ୍ଡିର ସୁବାସ କୁମାର ପଟ୍ଟ ନାୟକ (୪୮), ସିଆର୍‌ଆରଆଇ ଥାନା ଭଦିମୂଳର ହେମନ୍ତ ମହାନ୍ତି (୫୬), କଟକ ସଦର ଥାନା ଉରାଳି ଉଥାନସାହିର କାର୍ତ୍ତିକ ଉଥାନ(୩୫), ଚାଉଳିଆଗଞ୍ଜ ଥଟାରିସାହିର ଜି. ଭେଙ୍କଟ ରାଓ(୪୯), କଟକ ହରିପୁରର ବାବୁ ସାହୁ(୪୧), ଧର୍ମଶାଳା ଥାନା ରଛିପୁରର କାର୍ତ୍ତିକ କୁମାର ସାହୁ(୪୫), ପୁରୀ ବାସେଲିସାହିର ଦାମ ସାହୁ(୪୭), ବିରିଡ଼ି ଥାନା ବଡ଼ଖଣ୍ଡାୟତର ଅଭିମନ୍ୟୁ ବେହେରା(୪୬), ୪୨ ମୌଜା ଥାନା ବ୍ରହ୍ମପୁରର ସର ପାଣି(୫୭), କାମାକ୍ଷାନଗର ଥାନା କାନ୍ଧବୋଲ ନୂଆସାହିର ବିଜୟ ନାୟକ(୪୦), କଳାହାଣ୍ଡି କନ୍ଧପଡ଼ାର ରଘୁରାମ ନାୟକ(୪୯) ଓ ଭୁବନେଶ୍ୱର ପଳାଶୁଣି ପ୍ରାଚୀବିହାରର ଜଗଜିତ ସିଂହ(୬୫) । ତେବେ ଜଗଜିତ ସିଂହ ବୃଦ୍ଧ ଓ ଅଧିକ ଦୁର୍ବଳ ହୋଇଥିବାରୁ ପୁଲିସ ତାଙ୍କୁ ନୋଟିସ୍ ଦେଇ ଛାଡ଼ିଛି । ପୁଲିସ ଅବଶିଷ୍ଟ ୧୪ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରିଛି । ଅଭିଯୁକ୍ତମାନଙ୍କ ନିକଟରୁ ନଗଦ ୧୩,୦୩୦ ଟଙ୍କା ସହ ୯ଟି ମୋବାଇଲ, ୨ଟି ମୋଟରସାଇକେଲ, ୩ଟି ଲଟେରୀ ବୋର୍ଡ, ୧ଟି କାଠ ଲଟେରୀ ଟେବୁଲ, ୩ଟି କାଠ ବେଞ୍ଚ, ୧ଟି ପ୍ଲାଏ ଟେବୁଲ, ୨ଟି କାଲ୍‌କୁଲେଟର, ୧ଟି ଇଙ୍କପେଡ୍, ୩ଟି ଲଟେରୀ ନମ୍ବର ଷ୍ଟାମ୍ପ, ୨ଟି ଲଟେରୀ ରେଜିଷ୍ଟର, ୨ଟି ସିଲିଂ ଫ୍ୟାନ ଓ ୧ଟି କାନ୍ଥଘଣ୍ଟା ପୁଲିସ ଜବତ କରିଛି । ଏନେଇ ଚାଉଳିଆଗଞ୍ଜ ଥାନାରେ କେସ୍ ନଂ-୫୬୧/୨୦୨୫ରେ ଏକ ମାମଲା ରୁଜୁ ହୋଇଛି । ସୂଚନା ଅନୁସାରେ, ରବିବାର ରାତିରେ ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ବେଆଇନ ଲଟେରୀ ଖେଳ ସଂକ୍ରାନ୍ତରେ ଜାଣିବାକୁ ପାଇଥିଲା । ରେଳୱେ ଓଭରବ୍ରିଜ ନିକଟ ଗୋଲବଜାରରେ ଏହି ଖେଳ ହେଉଥିବା ସୂଚନା ଥିଲା । ଗିରଫ ଅଭିଯୁକ୍ତମାନେ ଅଫ୍‌ଲାଇନ୍‌ରେ ଲଟେରୀ ଟିକେଟ ବିକ୍ରି କରୁଥିଲେ । ବିଜେତାଙ୍କ ନାମ ଅନ୍‌ଲାଇନ୍ ଜରିଆରେ playgoldwin365.com ୱେବସାଇଟ୍‌ରେ ପ୍ରକାଶ କରାଯିବାର ଥିଲା । ତେବେ ପୁଲିସ ଚଢ଼ଉ ଫଳରେ ସବୁକିଛି ଧରାପଡ଼ିଯାଇଛି । ପୁଲିସ ତଦନ୍ତ ଜାରି ରହିଥିବା ଚାଉଳିଆଗଞ୍ଜ ଥାନା ପକ୍ଷରୁ ସୂଚନା ମିଳିଛି ।

## ଜଳ ସମ୍ପଦ ବିଭାଗ କର୍ମଚାରୀଙ୍କ ବୈଠକ



**କଟକ,୨୭।୧୦/ଏନ୍‌ଏନ୍‌ଏସ୍:** ଜଳ ସମ୍ପଦ ବିଭାଗ ଅବସରପ୍ରାପ୍ତ କାର୍ଯ୍ୟରତ ୱାର୍କ ଚାର୍ଜଡ ଓ ୱେଜେସ୍ ରେଗୁଲାର କର୍ମଚାରୀ ସଂଘର୍ଷ ସମିତି, ଭୁବନେଶ୍ୱରଙ୍କ ତରଫରୁ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକର ଆବାହକ ମନୋଜ କୁମାର ପତି, ପ୍ରସନ୍ନ କୁମାର ପ୍ରଧାନ ଉପସ୍ଥିତ କର୍ମକର୍ତ୍ତାଙ୍କୁ ସାଧାରଣ ଅଭିବାଦନ ଜଣାଇଥିଲେ । ଏହି ଅବସରରେ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା । କର୍ମଚାରୀଙ୍କ ବକେୟା ପୈଠ ନକଲେ ଜଳସମ୍ପଦ ବିଭାଗ ବିଧାନସଭା ସମ୍ମୁଖରେ ବିଶାଳ ଗଣଧାରଣା ଏବଂ ଆମରଣ ଅନଶନ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା । ବୈଠକରେ ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ଭଞ୍ଜ, ଅଜିତ୍ କୁମାର ଦାସ, ସଭାପତି ବିଜୟ କୁମାର ମହାରଣା, ସନ୍ତୋଷ କୁମାର ପତି, ବିଶ୍ୱ ବିହାରୀ ବିଶ୍ୱାଳ, ଦିଲ୍ଲୀପ କୁମାର ଦାସ, ମଙ୍ଗଳ ପଣ୍ଡିତ ଓ ଉଦୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

ନିତିଦିନ NITIDIN

# ରଣଜୀ ଟ୍ରଫିରେ ୩ୟ ଦ୍ରୁତ ଦ୍ୱିଶତକ

## ଇତିହାସ ରଚିଲେ ପୃଥ୍ୱୀ ଶ’



**ଚଣ୍ଡୀଗଡ଼,୨୭।୧୦/ଏଜେନ୍ସି:** ପୂର୍ବତନ ଭାରତୀୟ ଅଣ୍ଡର-୧୯ କ୍ୟାପ୍ଟେନ୍ ପୃଥ୍ୱୀ ଶ’ ଚଳିତ ରଣଜୀ ଟ୍ରଫିରେ ଇତିହାସ ରଚିଛନ୍ତି। ମହାରାଷ୍ଟ୍ର ପକ୍ଷରୁ ଚଳିତ ସିଜନ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ପୃଥ୍ୱୀ ଚଣ୍ଡୀଗଡ଼ ବିପକ୍ଷରେ ଦ୍ୱିଶତକ ହାସଲ କରିଛନ୍ତି। ପ୍ରଥମ ଇନିଂସ୍‌ରେ ମାତ୍ର ୮ ରନ୍‌ରେ ଆଉଟ୍ ହୋଇଥିବା ପୃଥ୍ୱୀ ଦ୍ୱିତୀୟ ଇନିଂସ୍‌ରେ ୧୫୬ ବଲ୍‌ର ସାମ୍ନାକରି ସେ ୨୯ ଚୌକା ଓ ୫ ଛକା ସହାୟତାରେ ଅପରାଜିତ ୨୨୨ ରନ୍ କରିଛନ୍ତି। ଏହା ରଣଜୀ ଇତିହାସରେ ତୃତୀୟ ଦ୍ରୁତ ଦ୍ୱିଶତକ। ଏହି ମ୍ୟାଚ୍‌ରେ ୭୨ ବଲ୍‌ରେ ଶତକ ପୂରଣ କରିଥିବା ପୃଥ୍ୱୀ ୧୪୧ ବଲ୍‌ରେ ଦ୍ୱିଶତକ ହାସଲ କରିଥିଲେ। ରଣଜୀ ଟ୍ରଫିରେ ସବୁଠୁ ଦ୍ରୁତ ଶତକ ହାଇଦ୍ରାବାଦର ତନ୍ମୟ ଅଗ୍ରୱାଲ୍‌ଙ୍କ ନାମରେ ରହିଛି। ସେ ୨୦୨୪ରେ ଅରୁଣାଚଳ ପ୍ରଦେଶ ବିପକ୍ଷରେ ୧୧୯ ବଲ୍‌ରେ ଦ୍ୱିଶତକ ହାସଲ କରିଥିଲେ। ଏହି ଲିଷ୍ଟର ଦ୍ୱିତୀୟ ସ୍ଥାନରେ ଭାରତର ପୂର୍ବତନ କ୍ୟାପ୍ଟେନ୍ ତଥା ମୁଖ୍ୟ କୋଚ୍ ରବି ଶାସ୍ତ୍ରୀଙ୍କ ନାମ ରହିଛି। ୧୯୮୫ରେ ଶାସ୍ତ୍ରୀ ବରୋଦା ବିପକ୍ଷରେ ୧୨୩ ବଲ୍‌ରେ ଏହି କାରନାମା କରିଥିଲେ। ୨୨୨ ରନ୍‌ର ଏହି ଇନିଂସ୍‌ରେ ପୃଥ୍ୱୀ ୧୪୨.୩୧ ଷ୍ଟ୍ରାଇକ୍ ରେଟ୍‌ରେ ବ୍ୟାଟିଂ କରିଥିଲେ।

ପୃଥ୍ୱୀଙ୍କ ଏହି ଅପରାଜିତ ଦ୍ୱିଶତକ ସହାୟତାରେ ମହାରାଷ୍ଟ୍ର ଦ୍ୱିତୀୟ ଇନିଂସ୍‌ରେ ୩ ୱିକେଟ୍ ବିନିମୟରେ ୩୫୯ ରନ୍ କରିଛି। ଏହା ପୂର୍ବରୁ ମହାରାଷ୍ଟ୍ର ପ୍ରଥମ ଇନିଂସ୍‌ରେ ଋତୁରାଜ ଗାଏକଓ୍ୱାଡ୍‌ଙ୍କ ୧୧୬ ରନ୍ ବଳରେ ୩୧୩ ରନ୍ କରିଥିଲା। ଜବାବରେ ଚଣ୍ଡୀଗଡ଼ ୨୦୮ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା।

### ରଣଜୀ ଟ୍ରଫି: କରନ୍ ଓ ଆରାଧ୍ୟଙ୍କ ଶତକ

# ଓଡ଼ିଶା ବିପକ୍ଷରେ ଉତ୍ତର ପ୍ରଦେଶ ସ୍ଥିତି ଦୃଢ଼

**କଟକ,୨୭।୧୦/ଏଜେନ୍ସି:** କାନପୁରର ଗ୍ରୀନ୍ ପାର୍କ ଷ୍ଟାଡିୟମ୍‌ରେ ଖେଳାଯାଉଥିବା ରଣଜୀ ଟ୍ରଫି ଓଡ଼ିଶା ବିପକ୍ଷ ଏଲିଟ୍ ଗ୍ରୁପ୍-ଏ’ ମ୍ୟାଚ୍‌ରେ ଘରୋଇ ଉତ୍ତର ପ୍ରଦେଶ ନିଜ ସ୍ଥିତି ସୁଦୃଢ଼ କରିଛି। ଓଡ଼ିଶାର ପ୍ରଥମ ଇନିଂସ୍ ସ୍କୋର୍ ୨୪୩ ରନ୍ ଜବାବରେ ଟିମ୍ ସୋମବାର ତୃତୀୟ ଦିନ ଖେଳ ଶେଷ ବେଳକୁ ୬ ୱିକେଟ୍ ବିନିମୟରେ ୩୮୦ ରନ୍ କରି ୧୩୭ ରନ୍‌ରେ ଅଗ୍ରଣୀ ଲାଭ କରିଛି। ଲଞ୍ଚ ପରେ ବର୍ଷା ହେବାରୁ ଖେଳକୁ ଶୀଘ୍ର ବନ୍ଦ ରଖାଯାଇଥିଲା। ଖେଳ ବନ୍ଦ ରହିବାକୁ ବେଳକୁ ବିପରାଜ ନିଗମ ୧୪ ରନ୍‌ରେ ବ୍ୟାଟିଂ କରୁଥିଲେ।

ତୃତୀୟ ଦିନ ୨୬୨/୩ ସ୍କୋର୍‌ରୁ ଅସମାପ୍ତ ପ୍ରଥମ ଇନିଂସ୍ ଆରମ୍ଭ କରିଥିବା ଉତ୍ତର ପ୍ରଦେଶ ଆଉ ୭୯ ରନ୍ ଯୋଡ଼ିବା ପରେ ପ୍ରଥମ ୱିକେଟ୍ ହରାଇଥିଲା। ପୂର୍ବଦିନ ୮୩ ରନ୍‌ରେ ଅପରାଜିତ ଥିବା କ୍ୟାପ୍ଟେନ୍ କରନ୍ ଶର୍ମା ୧୨୧ ରନ୍ କରି ବାଦଲ ବିଶ୍ୱାଳଙ୍କ ବଲ୍‌ରେ ୱିକେଟ୍ ପଛରେ ଆଶୀର୍ବାଦ ସ୍ୱାଇଁଙ୍କ ହାତରେ କ୍ୟାଚ୍ ଆଉଟ୍ ହୋଇଥିଲେ। କରନ୍‌ଙ୍କ ୨୭୬ ବଲ୍‌ର ଇନିଂସ୍‌ରେ ୧୨ ଚୌକା ସାମିଲ ଥିଲା। ଆଉଟ୍ ପୂର୍ବରୁ ସେ ଆରାଧ୍ୟ ଯାଦବଙ୍କ ସହ ଚତୁର୍ଥ ୱିକେଟ୍ ପାଇଁ ୨୨୫ ରନ୍‌ର ପାର୍ଟନରଶିପ୍ କରିଥିଲେ। ଆରାଧ୍ୟ ୧୯୮ ବଲ୍‌ରେ ୧୨ ଚୌକା ଓ ଦୁଇ ଛକା ସହାୟତାରେ ୧୦୧ ରନ୍ କରିଥିବା ବେଳେ ରିଟାୟର୍ଡ ହର୍ଟ ହୋଇଥିଲେ। ଏହାପରେ ପ୍ରିୟମ୍ ଗର୍ଗ ୩୧ ରନ୍ କରି ସୁମିତ୍ ଶର୍ମାଙ୍କ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ। ପ୍ରଶାନ୍ତ ବୀର ୬ ରନ୍‌ରେ ରନ୍‌ଆଉଟ୍ ହୋଇ ଫେରିଥିଲେ। ଓଡ଼ିଶା ପକ୍ଷରୁ ଆଜି ବାଦଲ ବିଶ୍ୱାଳ ଏବଂ ସୁମିତ୍ ଶର୍ମା ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ପୂର୍ବଦିନ ପଦାର୍ପଣକାରୀ ସମ୍ବିତ ବରାଳ ତିନିଟି ୱିକେଟ୍ ଅକ୍ତିଆର କରିଥିଲେ।



# ମହିଳା ଟି-୨୦: ଓଡ଼ିଶାର ଦ୍ୱିତୀୟ ପରାଜୟ

**କଟକ,୨୭।୧୦/ଏନ୍ଏନ୍ଏସ୍:** ୧୯ ବର୍ଷରୁ କମ୍ ମହିଳା ଟି-୨୦ ଟ୍ରଫିରେ ଓଡ଼ିଶା ଲଗାତାର ଦ୍ୱିତୀୟ ପରାଜୟ ବରଣ କରିଛି। ସୋମବାର ନିଜର ଦ୍ୱିତୀୟ ମ୍ୟାଚ୍‌ରେ ଓଡ଼ିଶା ଉତ୍ତର ପ୍ରଦେଶଠାରୁ ୯ ୱିକେଟ୍‌ରେ ପରାଜିତ ହୋଇଛି। ଭିଲାଇର ସେକ୍ଟର-୧୦ ବିଏସ୍‌ପି କ୍ରିକେଟ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ପ୍ରଥମେ ୧୮.୨ ଓଭର୍‌ରେ ୫୭ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଅନୁଷ୍କା ମହାନ୍ତି ୧୫ ରନ୍ କରିଥିବା ବେଳେ ଉତ୍ତର ପ୍ରଦେଶର ଚାନ୍ଦିନୀ ଶର୍ମା ଓ ଖୁସି ତ୍ୟାଗୀ ୩-୩ ୱିକେଟ୍ ନେଇଥିଲେ। ଜବାବରେ ଉତ୍ତର ପ୍ରଦେଶ ୧୨.୫ ଓଭର୍‌ରେ ଏକ ୱିକେଟ୍ ବିନିମୟରେ ୫୮ ରନ୍ କରି ବିଜୟୀ ହୋଇଛି। ଟିମ୍ ପକ୍ଷରୁ ରିୟା ଭାଟି ଅପରାଜିତ ୨୯ ଏବଂ ଶଶୀ ବାଲାନ୍ ଅପରାଜିତ ୧୫ ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ପ୍ରିୟଦର୍ଶିନୀ ପ୍ରମାଣିକ ଏକମାତ୍ର ୱିକେଟ୍‌ଟି ନେଇଥିଲେ।

### ସିକେ ନାୟୁଡୁ ଟ୍ରଫି: ଓମ୍ ମୁଣ୍ଡେଙ୍କ ୮୪ ରନ୍

# ଦ୍ୱିତୀୟ ଦିନ ଓଡ଼ିଶା ୧୬୯/୩

**କଟକ,୨୭।୧୦/ଏନ୍ଏନ୍ଏସ୍:** ଭୁବନେଶ୍ୱରର କିଟ୍ କ୍ରିକେଟ୍ ଷ୍ଟାଡିୟମ୍‌ରେ ଖେଳାଯାଉଥିବା ୨୩ ବର୍ଷରୁ କମ୍ ପୁରୁଷ ସିକେ ନାୟୁଡୁ ଟ୍ରଫିର ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚ୍‌ର ଦ୍ୱିତୀୟ ଦିନ ଓଡ଼ିଶା ପ୍ରଥମ ଇନିଂସ୍‌ରେ ୩ ୱିକେଟ୍ ହରାଇ ୧୬୯ ରନ୍ କରିଛି। ଓପ୍ନର୍ ଓମ୍ ଟି ମୁଣ୍ଡେ ୮୪ ଏବଂ ପାନକଲା ଶଶାଙ୍କ ୪୮ ରନ୍ କରି ଆଉଟ୍ ହୋଇଛନ୍ତି। ପ୍ରଥମ ଦିନ ୯ ୱିକେଟ୍‌ରେ ୨୦୦ ରନ୍ କରିଥିବା ଆସାମର ପ୍ରଥମ ଇନିଂସ୍ ୨୧୬ ରନ୍‌ରେ ଶେଷ ହୋଇଥିଲା। ଟିମ୍ ପକ୍ଷରୁ ରାଜବୀର ସିଂହ ସର୍ବାଧିକ ୧୦୫ ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ରୀତେଶ ପ୍ରିୟରଞ୍ଜନ ୪ ଏବଂ ଆୟୁଷ ବାରିକ ୩ ୱିକେଟ୍ ଅକ୍ତିଆର କରିଛନ୍ତି।



### ପ୍ରତୀକା ରାଓ୍ୱଲ୍ ମହିଳା ବିଶ୍ୱକପ୍‌ରୁ ବାଦ୍

# ଭାରତୀୟ ଟିମ୍‌ରେ ଶେଫାଳୀ ବର୍ମା



**ମୁମ୍ବାଇ,୨୭।୧୦/ଏଜେନ୍ସି:** ଭାରତୀୟ ଓପ୍ନର୍ ପ୍ରତୀକା ରାଓ୍ୱଲ୍ ଚଳିତ ମହିଳା ଦିନିକିଆ ବିଶ୍ୱକପ୍‌ରୁ ବାଦ୍ ପଡ଼ିଛନ୍ତି। ରବିବାର ବାଂଲାଦେଶ ବିପକ୍ଷ ମ୍ୟାଚ୍ ଅବସରରେ ତାଙ୍କ ଆଣ୍ଠୁରେ ଆଘାତ ଲାଗିଥିଲା। ନଭି ମୁମ୍ବାଇର ଡିୱାଇ ପାଟିଲ୍ ସ୍ପୋର୍ଟ୍ସ ଏକାଡେମୀରେ ଖେଳାଯାଇଥିବା ଏହି ମ୍ୟାଚ୍ ଲଗାତାର ବର୍ଷା କାରଣରୁ ରଦ୍ଦ ହୋଇଥିଲା। ବାଂଲାଦେଶର ୨୧ତମ ଓଭର୍‌ରେ ପ୍ରତୀକା ବଲ୍ ଧରିବା ପାଇଁ ଦୌଡୁଥିବା ବେଳେ ଓଦା ପଡ଼ିଆରେ ଖସି ପଡ଼ିଥିଲେ। ସାଥୀ ଖେଳାଳିଙ୍କ ସହାୟତାରେ ସେ ଛୋଟେଇ ଛୋଟେଇ ପଡ଼ିଆ ବାହାରକୁ ଯାଇଥିଲେ। ବିସିସିଆଇ ଏକ ବୟାନ ଜାରିକରି ତାଙ୍କ ଆଘାତ ସମ୍ପର୍କରେ ସୂଚନା ଦେବା ସହିତ ମେଡିକାଲ୍ ଟିମ୍ ତାଙ୍କ ସ୍ଥିତି ଉପରେ ନଜର ରଖିଛନ୍ତି ବୋଲି କହିଛନ୍ତି। ୨୫ ବର୍ଷୀୟା ପ୍ରତୀକା ଟୁର୍ଣ୍ଣାମେଣ୍ଟରେ ଭାରତ ପକ୍ଷରୁ ୬ ମ୍ୟାଚ୍ ଖେଳି ୩୦୮ ରନ୍ କରିଛନ୍ତି ଏବଂ ସ୍ମୃତି ମନ୍ଧାନାଙ୍କ ପରେ ଟିମ୍‌ର ସବୁଠୁ ସଫଳ ବ୍ୟାଟର୍ ହୋଇଛନ୍ତି। ସେ ଅକ୍ଟୋବର ୨୩ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ୧୩୪ ବଲ୍‌ରେ ୧୨୨ ରନ୍‌ର ଶତକୀୟ ଇନିଂସ୍ ଖେଳି ସେମିଫାଇନାଲ୍‌ରେ ଭାରତର ସ୍ଥାନ ସୁନିଶ୍ଚିତ କରିଥିଲେ। ଏହା ବ୍ୟତୀତ ଅଷ୍ଟ୍ରେଲିଆ ବିପକ୍ଷରେ ସେ ଅର୍ଦ୍ଧଶତକୀୟ ଇନିଂସ୍ ମଧ୍ୟ ଖେଳିଥିଲେ। ପ୍ରତୀକା ଆହତ ହେବାପରେ ବାଂଲାଦେଶ ବିପକ୍ଷ ଅନ୍ତିମ ଲିଗ୍ ମ୍ୟାଚ୍‌ରେ ସ୍ମୃତି ମନ୍ଧାନାଙ୍କ ସହିତ ଅମନଜୋତ୍ କୌର୍ ଭାରତୀୟ ଇନିଂସ୍ ଓପନ୍ କରିଥିଲେ।

ପ୍ରତୀକାଙ୍କ ପୂର୍ବରୁ ୱିକେଟ୍‌କିପର୍ ବ୍ୟାଟର୍ ରିଚା ଘୋଷ ମଧ୍ୟ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ଆହତ ହୋଇଥିଲେ। ତାଙ୍କ ଆଙ୍ଗୁଠିରେ ଆଘାତ ଲାଗିଥିଲା। ତାଙ୍କ ସ୍ଥାନରେ ଉମା ଛେତ୍ରୀଙ୍କୁ ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ ସୁଯୋଗ ମିଳିଥିଲା। ଏହା ଉମା ଛେତ୍ରୀଙ୍କ ଦିନିକିଆ ଡେବ୍ୟୁ ଥିଲା। ସେହିପରି ଭାରତ ପକ୍ଷରୁ ମହିଳା ବିଶ୍ୱକପ୍ ଖେଳିବାରେ ଉମା ଆସାମ ଏବଂ ଉତ୍ତର-ପୂର୍ବାଞ୍ଚଳର ପ୍ରଥମ ମହିଳା ଖେଳାଳି ହୋଇଛନ୍ତି।

ମହିଳା ବିଶ୍ୱକପ୍‌ର ନକ୍‌ଆଉଟ୍ ପର୍ଯ୍ୟାୟ ପୂର୍ବରୁ ଆହତ ପ୍ରତୀକା ରାଓ୍ୱଲ୍‌ଙ୍କ ସ୍ଥାନରେ ଶେଫାଳୀ ବର୍ମାଙ୍କୁ ଭାରତୀୟ ଟିମ୍‌ରେ ସୁଯୋଗ ମିଳିଛି। ବିଶ୍ୱକପ୍ ଟେକ୍ନିକାଲ୍ କମିଟି ପ୍ରତୀକାଙ୍କ ସ୍ଥାନରେ ଟିମ୍‌ରେ ଶେଫାଳୀଙ୍କ ସାମିଲକୁ ମଞ୍ଜୁରୀ ପ୍ରଦାନ କରିଛି। ଭାରତ ସେମିଫାଇନାଲ୍‌ରେ ଅକ୍ଟୋବର ୩୦ରେ ଅଷ୍ଟ୍ରେଲିଆକୁ ଭେଟିବ। ଟୁର୍ଣ୍ଣାମେଣ୍ଟରେ ପ୍ରତୀକା ଜୋରଦାର ଫର୍ମରେ ଥିଲେ ଏବଂ ତାଙ୍କ ସ୍ଥାନ ପୂରଣ କରିବା ଶେଫାଳୀଙ୍କ ପାଇଁ ସହଜ ହେବନାହିଁ। ଖରାପ ଫର୍ମ କାରଣରୁ ତାଙ୍କୁ ବିଶ୍ୱକପ୍ ସ୍କ୍ୱାଡ୍‌ରେ ସ୍ଥାନ ମିଳିନଥିଲା। ମାତ୍ର ବିଶ୍ୱକପ୍ ପୂର୍ବରୁ ଇଣ୍ଡିଆ-ଏ’ ପକ୍ଷରୁ ଶେଫାଳୀ ନ୍ୟୁଜିଲାଣ୍ଡ ବିପକ୍ଷରେ ୪୯ ବଲ୍‌ରେ ୭୦ ରନ୍‌ର ଇନିଂସ୍ ଖେଳିଥିଲେ। ଏବେ ଚାଲିଥିବା ସିନିୟର ମହିଳା ଟି-୨୦ ଟ୍ରଫିରେ ସେ ସର୍ବାଧିକ ରନ୍ ସଂଗ୍ରହକାରୀ ବ୍ୟାଟର୍ ମଧ୍ୟ ହୋଇଛନ୍ତି। ଟୁର୍ଣ୍ଣାମେଣ୍ଟରେ ସେ ୫୬.୮୩ ହାରାହାରି ଏବଂ ୧୮୨ ଷ୍ଟ୍ରାଇକ୍ ରେଟ୍‌ରେ ମୋଟ ୩୪୧ ରନ୍ କରିଛନ୍ତି। ଏବେ ବିଶ୍ୱକପ୍ ଟିମ୍‌ରେ ସାମିଲ ଶେଫାଳୀଙ୍କ ପାଇଁ ସେମିଫାଇନାଲ୍‌ରେ ବଡ଼ ଇନିଂସ୍ ଖେଳି ଦାବି ଉପସ୍ଥାପନର ସୁଯୋଗ ରହିବ।



# ବର୍ଷର ବାକି ଟୁର୍ଣ୍ଣାମେଣ୍ଟ ଖେଳିବେନି ସିନ୍ଧୁ

**ନୂଆଦିଲ୍ଲୀ,୨୭।୧୦/ଏଜେନ୍ସି:** ଦୁଇ ଥରର ଅଲିମ୍ପିକ୍ ପଦକ ବିଜେତା ପିଭି ସିନ୍ଧୁ ଚଳିତ ବର୍ଷର ବାକି ସମସ୍ତ ବ୍ୟାଡ୍‌ମିଣ୍ଟନ୍ ୱାର୍ଲ୍ଡ ଫେଡେରେସନ୍ (ବିଡବ୍ଲ୍ୟୁଏଫ୍) ଟୁର୍ଣ୍ଣାମେଣ୍ଟରୁ ନାମ ପ୍ରତ୍ୟାହାର କରିନେଇଛନ୍ତି। ଗୋଡ଼ରେ ଲାଗିଥିବା ଆଘାତ କାରଣରୁ ସେ ଏହି ନିଷ୍ପତ୍ତି ନେଇଛନ୍ତି। ୩୦ ବର୍ଷୀୟା ହାଇଦ୍ରାବାଦୀ ଶଟ୍‌ଲର୍ କହିଛନ୍ତି, ଚିକିତ୍ସା ବିଶେଷଜ୍ଞ ଏବଂ ତାଙ୍କ ସହଯୋଗୀ ଷ୍ଟାଫ୍‌ଙ୍କ ପରାମର୍ଶକ୍ରମେ ସେ ଏହି ନିଷ୍ପତ୍ତି ନେଇଛନ୍ତି। ଏହି ଚିକିତ୍ସା ବିଶେଷଜ୍ଞଙ୍କ ମଧ୍ୟରେ ପ୍ରସିଦ୍ଧ ହାଡ଼ରୋଗ ବିଶେଷଜ୍ଞ ଡା. ଦିନ୍‌ଶାଁ ପାରଦୀୱାଲ ମଧ୍ୟ ସାମିଲ। ସେ କହିଛନ୍ତି, ଡା. ପାରଦୀୱାଲାଙ୍କ ପରାମର୍ଶ ନେବା ପରେ ଅନୁଭବ କଲି ଯେ ବର୍ଷର ବାକି ଟୁର୍ଣ୍ଣାମେଣ୍ଟରୁ ଓହରିବା ମୋ ପାଇଁ ସବୁଠୁ ଠିକ୍ ନିଷ୍ପତ୍ତି ହେବ। ୟୁରୋପୀୟ ଚରଣ ପୂର୍ବରୁ ମୋ ପାଦରେ ଲାଗିଥିବା ଆଘାତ ଏବେ ସୁଦ୍ଧା ସମ୍ପୂର୍ଣ୍ଣ ଠିକ୍ ହୋଇନାହିଁ। ଆଘାତ ଯେକୌଣସି ଖେଳାଳିଙ୍କ କ୍ୟାରିୟର୍‌ର ପ୍ରମୁଖ ଅଂଶ ହୋଇଥାଏ। ତେବେ ଏହାକୁ ସ୍ୱୀକାର କରିବା ସହଜ ହୋଇନଥାଏ। ଏପରି ପରିସ୍ଥିତି ଆପଣଙ୍କ ଧୈର୍ଯ୍ୟର ପରୀକ୍ଷା ନେଇଥାଏ ଏବଂ ଆପଣଙ୍କୁ ମଜଭୁତ ହୋଇ ପ୍ରତ୍ୟାବର୍ତ୍ତନ କରିବାକୁ ପ୍ରେରିତ କରିଥାଏ। ଗତବର୍ଷ ପ୍ୟାରିସ୍ ଅଲିମ୍ପିକ୍‌ର ପ୍ରାରମ୍ଭିକ ରାଉଣ୍ଡରୁ ବାଦ୍ ପଡ଼ିବା ପରେ ଚଳିତ ବର୍ଷ ମଧ୍ୟ ସିନ୍ଧୁଙ୍କ ପାଇଁ ଭଲ ନଥିଲା। କେତେକ ପ୍ରତିଯୋଗିତାର ପ୍ରଥମ ରାଉଣ୍ଡରୁ ସେ ବାଦ୍ ପଡ଼ିଥିବା ବେଳେ ଏହି ଅବସରରେ ସେ ଗୋଟିଏ ବି ଟାଇଟଲ୍ ଜିତିପାରି ନାହାନ୍ତି।



# ପ୍ରଥମ ଟି-୨୦ରେ ଜାମ୍ପାଙ୍କ ସ୍ଥାନରେ ସଂଘା

**କାନବେରା,୨୭।୧୦/ଏଜେନ୍ସି:** ଅକ୍ଟୋବର ୨୯ରୁ ଆରମ୍ଭ ହେବାକୁ ଥିବା ଭାରତ ବିପକ୍ଷ ୫ ମ୍ୟାଚ୍‌ର ଟି-୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରୁ ଆଦାମ୍ ଜାମ୍ପା ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ଲେଗ୍ ସ୍ପିନର୍ ତନବୀର ସଂଘାଙ୍କୁ ଅଷ୍ଟ୍ରେଲିଆ ଟିମ୍‌ରେ ସାମିଲ କରାଯାଇଛି। ଜାମ୍ପା ବ୍ୟକ୍ତିଗତ କାରଣରୁ ପ୍ରଥମ ମ୍ୟାଚ୍‌ରୁ ଓହରି ଯାଇଛନ୍ତି। କ୍ରିକେଟ୍ ଅଷ୍ଟ୍ରେଲିଆ ସୋମବାର କହିଛି, ସଂଘା କାନ୍‌ବେରାରେ ଟିମ୍‌ରେ ଯୋଗଦେବେ। ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରଥମ ଟି-୨୦ ମ୍ୟାଚ୍ ବୁଧବାର (ଅକ୍ଟୋବର ୨୯) କାନ୍‌ବେରାର ମାନୁକା ଓଭାଲ୍‌ରେ ଖେଳାଯିବ। ୨୩ ବର୍ଷୀୟ ତନବୀର ସଂଘା ଶେଷଥର ପାଇଁ ୨୦୨୩ରେ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ଏହି ଅବସରରେ ସେ ୭ ମ୍ୟାଚ୍‌ରେ ୨୦ ୱିକେଟ୍ ନେଇଥିଲେ। ଏଥିରେ ୪/୩୧ ତାଙ୍କର ସର୍ବଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଏହି ମ୍ୟାଚ୍ ସାଉଥ୍ ଆଫ୍ରିକା ବିପକ୍ଷରେ ଡର୍ବାନ୍‌ରେ ଖେଳାଯାଇଥିଲା।

### ଭାରତ ଟେଷ୍ଟ ସିରିଜ୍ ପାଇଁ ସାଉଥ୍ ଆଫ୍ରିକା ଟିମ୍ ଘୋଷିତ

# ଫେରିଲେ କ୍ୟାପ୍ଟେନ୍ ଟେମ୍ବା ବାଭୁମା



**ନୂଆଦିଲ୍ଲୀ,୨୭।୧୦/ଏଜେନ୍ସି:** ଭାରତ ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ପାଇଁ ସୋମବାର ସାଉଥ୍ ଆଫ୍ରିକା ଟିମ୍ ଘୋଷଣା ହୋଇଛି। ଆଘାତରୁ ସୁସ୍ଥ ହେବାପରେ କ୍ୟାପ୍ଟେନ୍ ଟେମ୍ବା ବାଭୁମାଙ୍କର ଟିମ୍‌କୁ ପ୍ରତ୍ୟାବର୍ତ୍ତନ ଘଟିଛି। ପାକିସ୍ତାନରେ ଟେଷ୍ଟ ସିରିଜ୍ ଖେଳିଥିବା ସାଉଥ୍ ଆଫ୍ରିକା ଟିମ୍‌ର ଅଧିକାଂଶ ଖେଳାଳିଙ୍କୁ ଟିମ୍‌ରେ ବଜାୟ ରଖାଯାଇଥିବା ବେଳେ ଡେଭିଡ୍ ବେଡିଙ୍ଗମ୍‌ଙ୍କ ସ୍ଥାନରେ ବାଭୁମାଙ୍କୁ ସାମିଲ କରାଯାଇଛି। ଭାରତ ଓ ସାଉଥ୍ ଆଫ୍ରିକା ମଧ୍ୟରେ ପ୍ରଥମ ଟେଷ୍ଟ ନଭେମ୍ବର ୧୪ରୁ କୋଲ୍‌କାତାରେ ଏବଂ ଦ୍ୱିତୀୟ ଟେଷ୍ଟ ନଭେମ୍ବର ୨୨ରୁ ଗୁଆହାଟୀରେ ଖେଳାଯିବ। ଗତ ସେପ୍ଟେମ୍ବରରେ ବାଭୁମାଙ୍କୁ ଇଂଲଣ୍ଡରେ ଆଘାତ ଲାଗିଥିଲା। ଏହାପରେ ସେ ନୂଆ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ଶିପ୍ (ଡବ୍ଲ୍ୟୁଟିସି) ସାଇକ୍ଲରେ ପାକିସ୍ତାନ ବିପକ୍ଷ ଟେଷ୍ଟ ସିରିଜ୍ ଖେଳିପାରି ନଥିଲେ। ଏହି ସିରିଜ୍ ୧-୧ରେ ଡ୍ର’ ହୋଇଥିଲା। ସେହିପରି ଏହି ସପ୍ତାହରେ ପାକିସ୍ତାନରେ ଆରମ୍ଭ ହେବାକୁ ଥିବା କୌଣସି ହ୍ୱାଇଟ୍ ବଲ୍ ମ୍ୟାଚ୍‌ରେ ମଧ୍ୟ ବାଭୁମା ଖେଳିବେ ନାହିଁ।

**ସାଉଥ୍ ଆଫ୍ରିକା ସ୍କ୍ୱାଡ୍:** ଟେମ୍ବା ବାଭୁମା (କ୍ୟାପ୍ଟେନ୍), ଏଡେନ୍ ମାର୍କରମ୍, ରିଆନ୍ ରିକେଲ୍‌ଟନ୍, ଟ୍ରିଷ୍ଟନ୍ ଷ୍ଟବ୍ସ, କାଇଲ୍ ଭେରିନ୍, ଡେୱାଲ୍ଡ ବ୍ରେଭିସ୍, ଜୁବୈର ହମ୍‌ଜା, ଟୋନୀ ଡି ଜର୍ଜି, କର୍ବିନ୍ ବଶ୍, ୱିଆନ୍ ମୁଲ୍ଡର୍, ମାର୍କୋ ଜାନ୍‌ସେନ୍, କେଶବ ମହାରାଜ, ସେନୁରନ୍ ମୁଥୁସ୍ୱାମୀ, କାଗିସୋ ରବାଡା, ସାଇମନ୍ ହାର୍ମର୍।

# ପ୍ରଥମ ଟି-୨୦: ୱେଷ୍ଟଇଣ୍ଡିଜ୍ ୧୬ ରନ୍‌ରେ ବିଜୟୀ



**ଚଟ୍ଟୋଗ୍ରାମ,୨୭।୧୦/ଏଜେନ୍ସି:** ୱେଷ୍ଟଇଣ୍ଡିଜ୍ ଓ ବାଂଲାଦେଶ ମଧ୍ୟରେ ତିନି ଟି-୨୦ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ୱେଷ୍ଟଇଣ୍ଡିଜ୍ ନିଜ ନାମରେ କରିଛି। ଏହା ସହିତ କ୍ୟାରିବିୟାନ୍ ଟିମ୍ ୧-୦ରେ ସିରିଜ୍ ଆଗୁଆ ହୋଇଛି। ଚଟ୍ଟୋଗ୍ରାମର ମତିଉର୍ ରହମାନ୍ ଷ୍ଟାଡିୟମ୍‌ରେ ସୋମବାର ଖେଳାଯାଇଥିବା ମ୍ୟାଚ୍‌ରେ ଇଣ୍ଡିଜ୍ କ୍ୟାପ୍ଟେନ୍ ଶାଇ ହୋପ୍ ଟସ୍ ଜିତି ବ୍ୟାଟିଂ ନେଇଥିଲେ। ଟିମ୍ ନିର୍ଦ୍ଧାରିତ ଓଭର୍‌ରେ ୩ ୱିକେଟ୍ ବିନିମୟରେ ୧୬୫ ରନ୍ କରିଥିଲା। ଅଲିକ୍ ଅଥାନେଜ୍ ୩୪, ବ୍ରେଣ୍ଡନ୍ କିଙ୍ଗ୍ ୩୩ ଏବଂ ଶେରଫେନ୍ ରଦରଫୋର୍ଡ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିଲେ। ୮୨ ରନ୍‌ରେ ୩ ୱିକେଟ୍‌ର ପତନ ପରେ କ୍ୟାପ୍ଟେନ୍ ଶାଇ ହୋପ୍‌ଙ୍କ ସହ ରୋଭମାନ୍ ପଓ୍ୱେଲ୍ ଅବିଭାଜିତ ଚତୁର୍ଥ ୱିକେଟ୍ ପାଇଁ ୪୬ ବଲ୍‌ରେ ୮୩ ରନ୍‌ର ପାର୍ଟନରଶିପ୍ କରିଥିଲେ। ହୋପ୍ ୨୮ ବଲ୍‌ରେ ଗୋଟିଏ ଚୌକା ଓ ଚାରି ଛକା ସହାୟତାରେ ସର୍ବାଧିକ ୪୬ ରନ୍ ଏବଂ ପଓ୍ୱେଲ୍ ୨୮ ବଲ୍‌ରେ ଗୋଟିଏ ଚୌକା ଓ ଚାରି ଛକା ସହାୟତାରେ ୪୪ ରନ୍ କରି ଅପରାଜିତ ରହିଥିଲେ। ବାଂଲାଦେଶ ପକ୍ଷରୁ ତସ୍କିନ୍ ଅହମଦ ୨ଟି ଏବଂ ରିଶାଦ୍ ହୁସେନ ଗୋଟିଏ ୱିକେଟ୍ ନେଇଥିଲେ।

୧୬୬ ରନ୍‌ର ପିଛା କରୁଥିବା ବାଂଲାଦେଶ ୫୭ ରନ୍ ମଧ୍ୟରେ ୫ ୱିକେଟ୍ ହରାଇଥିଲା। ଏହାପରେ ପୂରା ଟିମ୍ ୧୯.୪ ଓଭର୍‌ରେ ୧୪୯ ରନ୍ ମଧ୍ୟରେ ସୀମିତ ହୋଇଯାଇଥିଲା। ଟିମ୍ ପକ୍ଷରୁ ସଞ୍ଜିମ୍ ହସନ୍ ଶାକିବ୍ ସର୍ବାଧିକ ୩୩ ରନ୍‌ର ଇନିଂସ୍ ଖେଳିଥିଲେ। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଜାୟଡେନ୍ ସିଲ୍ସ ଓ ଜେସନ୍ ହୋଲ୍ଡର ୩-୩ ୱିକେଟ୍ ନେଇଥିବା ବେଳେ ଅକିଲ୍ ହୁସେନ୍‌ଙ୍କୁ ୨ଟି ସଫଳତା ମିଳିଥିଲା। ଖାରୀ ପିୟରେ ଓ ରୋମାରିଓ ଶେଫର୍ଡଙ୍କୁ ୧-୧ ୱିକେଟ୍ ମିଳିଥିଲା। ଦୁଇ ଟିମ୍ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଅକ୍ଟୋବର ୨୯ ତାରିଖରେ ଖେଳାଯିବ।

# ସିଡ୍‌ନୀ ହସ୍ପିଟାଲ୍‌ର ଆଇସିୟୁରେ ଶ୍ରେୟସ୍ ଆୟର୍

**ମୁମ୍ବାଇ,୨୭।୧୦/ଏଜେନ୍ସି:** ଭାରତୀୟ ଦିନିକିଆ ଟିମ୍‌ର ଭାଇସ୍ କ୍ୟାପ୍ଟେନ୍ ଶ୍ରେୟସ୍ ଆୟର୍‌ଙ୍କୁ ସିଡ୍‌ନୀର ଏକ ହସ୍ପିଟାଲ୍‌ର ଆଇସିୟୁରେ ଭର୍ତ୍ତି କରାଯାଇଛି। ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ମ୍ୟାଚ୍ ଅବସରରେ ତାଙ୍କ କଙ୍କାଳରେ ଆଘାତ ଲାଗିବା କାରଣରୁ ଇଣ୍ଟରନାଲ୍ ବ୍ଲିଡିଂ ହେଉଛି। ଆୟର୍ ଶନିବାର ତୃତୀୟ ମ୍ୟାଚ୍‌ରେ ଆୟର୍ ବ୍ୟାକ୍‌ୱାର୍ଡ ପଏଣ୍ଟରେ ପଛକୁ ଦୌଡ଼ି ଆଲେକ୍ସ କେରୀଙ୍କ ଏକ ଚମତ୍କାର କ୍ୟାଚ୍ ନେଇଥିଲେ। ଏହି ଅବସରରେ ତାଙ୍କ ବାମ କଙ୍କାଳରେ ଆଘାତ ଲାଗିଥିଲା। ଏହାପରେ ସେ ଡ୍ରେସିଂ ରୁମ୍‌କୁ ଫେରିଥିଲେ ଏବଂ ତାଙ୍କୁ ତୁରନ୍ତ ହସ୍ପିଟାଲ୍ ନିଆଯାଇଥିଲା। ସ୍କାନ୍ ପରେ ତାଙ୍କ ପ୍ଲୀହା (ସ୍ପିନ୍)ରେ ଆଘାତ ଲାଗିଥିବା ଏବଂ ଇଣ୍ଟରନାଲ୍ ବ୍ଲିଡିଂ ହେଉଥିବା ଜଣାପଡ଼ିଥିଲା। ପରେ ତାଙ୍କୁ ତୁରନ୍ତ ଆଇସିୟୁରେ ଭର୍ତ୍ତି କରାଯାଇଛି। ଏବେ ତାଙ୍କ ଅବସ୍ଥା ସ୍ଥିର ରହିଛି। ତାଙ୍କୁ ଅତିକମ୍‌ରେ ସାତଦିନ ପର୍ଯ୍ୟନ୍ତ ଅବ୍‌ଜର୍ଭେସନ୍‌ରେ ରଖାଯିବ। ଇଣ୍ଟରନାଲ୍ ବ୍ଲିଡିଂ କାରଣରୁ ତାଙ୍କୁ ସମ୍ପୂର୍ଣ୍ଣ ସୁସ୍ଥ ହେବାକୁ ଅଧିକ ସମୟ ଲାଗିପାରେ। ଫଳରେ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟ୍‌କୁ ତାଙ୍କ ପ୍ରତ୍ୟାବର୍ତ୍ତନ ନେଇ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ସମ୍ପର୍କରେ କହିବା କଷ୍ଟକର। ବିସିସିଆଇ ପକ୍ଷରୁ ସୋମବାର କୁହାଯାଇଛି, ସିଡ୍‌ନୀ ଓ ଭାରତର ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶକ୍ରମେ ବିସିସିଆଇ ମେଡିକାଲ୍ ଟିମ୍ ତାଙ୍କ ଉପରେ ତୀକ୍ଷ୍ଣ ନଜର ରଖିଛି। ଭାରତୀୟ ଟିମ୍ ଡାକ୍ତର ଆଗାମୀ କିଛିଦିନ ଶ୍ରେୟସ୍‌ଙ୍କ ସହ ସିଡ୍‌ନୀରେ ରହିବେ। ଫଳରେ ତାଙ୍କର ଦୈନନ୍ଦିନ ଉନ୍ନତି ସମ୍ପର୍କରେ ଜଣାପଡ଼ିବ। ରିପୋର୍ଟ ଅନୁସାରେ ତାଙ୍କ ପିତା-ମାତାଙ୍କ ଭିସା କରାଯାଇଛି, ଯାହା ଫଳରେ ସେ ସିଡ୍‌ନୀ ଯାଇ ତାଙ୍କୁ ଭେଟିପାରିବେ।








Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra